

ଅଙ୍ଗଦ ଭୂମିକାରେ ଜାହିଦ୍

▶ପୃଷ୍ଠା ୧୧ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-14 ◆WEDNESDAY ◆08 JULY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୧୪ ◆ବୁଧବାର ◆୦୮ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ୭ ପାହାଡ଼ ଚଢ଼ି ୧୧୬ ବର୍ଷୀୟା ବୃଦ୍ଧାଙ୍କ ତିରୁମାଲା ଦର୍ଶନ



■ତିରୁମାଲା, ୭।୭ (ଏଜେନ୍ସି): ଶ୍ରଦ୍ଧା ଓ ଭକ୍ତି ଆଗରେ ବୟସ ଯେ କେବଳ ଏକ ସଂଖ୍ୟା ମାତ୍ର, ତାହା ପ୍ରମାଣ କରି ଦେଖାଇଛନ୍ତି କର୍ଣ୍ଣାଟକର ଜଣେ ୧୧୬ ବର୍ଷୀୟା ବୃଦ୍ଧା। କର୍ଣ୍ଣାଟକର ଏହି ବୟୋଜ୍ୟେଷ୍ଠ ଶ୍ରଦ୍ଧାଳୁ ନବନୀତମ୍ମା ପାଦରେ ଚାଲି ଚାଲି ତିରୁପତିର ସପ୍ତଗିରି ବା ୭ଟି ପାହାଡ଼ ଅତିକ୍ରମ କରି ପ୍ରଭୁ ଭେଙ୍କଟେଶ୍ୱରଙ୍କ ଦର୍ଶନ କରିଛନ୍ତି। ନବନୀତମ୍ମା ନିଜ ପରିବାର ସଦସ୍ୟଙ୍କ ସହ ତିରୁମାଲା ଯାତ୍ରା କରିଥିଲେ। ପାଦରେ ଚାଲି ଚାଲି ପାହାଡ଼ ଚଢ଼ିବାକୁ ସଂକଳ୍ପ କରିଥିଲେ। ଏହି ଦୁର୍ଲଭ ଭକ୍ତିର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ପରିବାର ସଦସ୍ୟଙ୍କ ସହଯୋଗରେ ଧୀରେ ଧୀରେ ପାହାଡ଼ ଚଢ଼ିଥିଲେ। ଏହି ନିଷ୍ଠାକୁ ସମ୍ମାନ ଜଣାଇ ତିରୁମାଲା ତିରୁପତି ଦେବସ୍ଥାନମ ପକ୍ଷରୁ ତାଙ୍କୁ ଓ ତାଙ୍କ ପରିବାର ବର୍ଗଙ୍କୁ ଭିଆଇପି ବ୍ରେକ୍ ଦର୍ଶନର ସୁଯୋଗ ପ୍ରଦାନ କରାଯାଇଥିଲା।

ହାର୍ ମାନିଲା ବୟସ

## ୭୫ ବର୍ଷ ବୟସରେ ସଂସ୍କୃତରେ ସ୍ନାତକୋତ୍ତର ପରୀକ୍ଷା

■ ନୂଆଦିଲ୍ଲୀ, ୭।୭ (ଏଜେନ୍ସି): ଶିକ୍ଷା ପ୍ରତି ଆଗ୍ରହ ଥିଲେ ବୟସ କେବେ ବାଧା ହୋଇପାରେ ନାହିଁ। ଏହି କଥାକୁ ସତ୍ୟ ପ୍ରମାଣ କରିଛନ୍ତି ହିମାଚଳ ପ୍ରଦେଶର କାଙ୍ଗ୍ରା ଜିଲ୍ଲାର ୭୫ ବର୍ଷୀୟ ମିଲ୍‌ଖି ରାମ। ସେ ବର୍ତ୍ତମାନ ସୁଦ୍ଧା ୩୨ଟି ଶିକ୍ଷାଗତ ଡିଗ୍ରୀ ହାସଲ କରିଛନ୍ତି ଓ ନିକଟରେ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ହମିରପୁର ଅଧ୍ୟୟନ କେନ୍ଦ୍ରରେ ସଂସ୍କୃତରେ ସ୍ନାତକୋତ୍ତର ପରୀକ୍ଷା ଦେଇଛନ୍ତି।

ମିଲ୍‌ଖି ରାମ ୧୯୭୬ରେ ସ୍ନାତକ ହାସଲ କରିଥିଲେ ଓ ବନ ବିଭାଗରେ ଚାକିରି କରିଥିଲେ। ଏହା ସତ୍ତ୍ୱେ ସେ ଶିକ୍ଷାରୁ ବିରତ ହୋଇ ନ ଥିଲେ। ୨୦୧୦ରେ ଗ୍ରେଡ୍–୧ ଅଧିକାରୀ ଭାବେ ଅବସର ନେବା ବେଳକୁ ସେ ୨୬ଟି ଡିଗ୍ରୀ ହାସଲ କରିସାରିଥିଲେ। ସେ ବିଏଡ୍, ଏଲ୍‌ଏଲ୍‌ବି, ସାମ୍ବାଦିକତା, ଏମ୍‌ବିଏ, ଏମ୍‌ଫିଲ୍, ହିନ୍ଦୀରେ ପିଏଚ୍‌ଡି ସମେତ ଅନେକ ଡିଗ୍ରୀ ପାଇ ସାରିଛନ୍ତି। ସେ କହିଛନ୍ତି ଯେ ଶିକ୍ଷା ଏମିତି ଏକ ସମ୍ପଦ, ଯାହାକୁ କେହି କେବେ ଛଡ଼ାଇ ନେଇପାରିବେ ନାହିଁ। ଯୁବପିଢ଼ି ଜ୍ଞାନାର୍ଜନକୁ ▶ପୃଷ୍ଠା-୧୦



## ସିଆର୍‌ଇଏ ରିପୋର୍ଟ

# ଆଗକୁ ଭୟଙ୍କର ବିପଦ

## ଆସନ୍ତା ବର୍ଷ ୧୮ ଟେରାୱାଟ ବିଜୁଳି ନିଅଣ୍ଟ ଆଶଙ୍କା

■ ନୂଆଦିଲ୍ଲୀ, ୭।୭ (ଏଜେନ୍ସି): ଜଳବାୟୁ ପରିବର୍ତ୍ତନର ବଢ଼ୁଥିବା ପ୍ରଭାବ ମଧ୍ୟରେ 'ସୁପର ଏଲ୍-ନିନୋ' ଭାରତର ବିଦ୍ୟୁତ୍ କ୍ଷେତ୍ର ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିପାରେ। ଯଦି ଶକ୍ତିଶାଳୀ ଏଲ୍-ନିନୋ ପରିସ୍ଥିତି ସୃଷ୍ଟି ହୁଏ, ତେବେ ୨୦୨୭ ସୁଦ୍ଧା ଭାରତରେ ପ୍ରାୟ ୧୮ ଟେରାୱାଟ୍ (ଟିଡ଼ବ୍ଲୁ୍ୟଏଚ୍) ବା ୧୮ ବିଲିଅନ କିଲୋୱାଟ ବିଦ୍ୟୁତ୍ ନିଅଣ୍ଟ ଦେଖାଦେବାର ଆଶଙ୍କା ରହିଛି। ଏହାର ପରିଣାମ ସ୍ୱରୂପ କୋଇଲା ବ୍ୟବହାର ଓ ଅଙ୍ଗାର ନିର୍ଗମନ ଯୋଗୁଁ ଅତ୍ୟଧିକ ଉତ୍ତାପଜନିତ ସ୍ୱାସ୍ଥ୍ୟ ସମସ୍ୟା ବଢ଼ିପାରେ।

ସେଣ୍ଟର ଫର୍ ରିସର୍ଚ୍ଚ ଅନ୍ ଏନର୍ଜି ଆଣ୍ଡ କ୍ଲିନ୍ ଏୟାର (ସିଆର୍‌ଇଏ) ରିପୋର୍ଟ ଅନୁସାରେ ଜୁଲାଇ ୨୦୨୬ରୁ ଜୁନ୍ ୨୦୨୭ ମଧ୍ୟରେ ଏଲ୍ ନିନୋ ପ୍ରଭାବ ଯୋଗୁଁ କେବଳ ଶୀତଳୀକରଣ (କୁଲିଂ) ପାଇଁ ପ୍ରାୟ ୧୦ ଟେରାୱାଟ୍-ଘଣ୍ଟା (ଟିଡ଼ବ୍ଲୁଏଚ୍) ଅତିରିକ୍ତ



ବିଦ୍ୟୁତ୍ କ୍ଷେତ୍ର ପାଇଁ ଆହ୍ୱାନ ସୁପର ଏଲ୍-ନିନୋ

ବିଦ୍ୟୁତ ଆବଶ୍ୟକ ହୋଇପାରେ। ଏହା ଦିଲ୍ଲୀର ବାର୍ଷିକ ବିଦ୍ୟୁତ ବ୍ୟବହାରର ପ୍ରାୟ ଏକ-ଚତୁର୍ଥାଂଶ ସହ ସମାନ। ବଢ଼ୁଥିବା ଚାହିଦା ଓ କମୁଥିବା ଉତ୍ପାଦନକୁ ମିଶାଇଲେ ଦେଶରେ ପ୍ରାୟ ୧୮ ଟେରାୱାଟ୍-ଘଣ୍ଟା ବିଦ୍ୟୁତ ନିଅଣ୍ଟ ସୃଷ୍ଟି ହେବାର ଆଶଙ୍କା ରହିଛି। ଏହି ନିଅଣ୍ଟ ଭରଣା ପାଇଁ ଦେଶକୁ କୋଇଲା ଭିତ୍ତିକ ତାପଜ ବିଦ୍ୟୁତ କେନ୍ଦ୍ର ଉପରେ ଅଧିକ ନିର୍ଭର କରିବାକୁ ପଡ଼ିବ ଏବଂ ଏଥିରୁ ପ୍ରାୟ ୧୭ ନିୟୁତ ଟନ୍ କାର୍ବନ ଡାଇଅକ୍ସାଇଡ୍ (ସିଓ୨) ବାୟୁମଣ୍ଡଳକୁ ନିର୍ଗମନ ହେବାର ସମ୍ଭାବନା ରହିଛି। ସବୁଠାରୁ ଗୁରୁତର ପରିସ୍ଥିତିରେ ଅତିରିକ୍ତ ୨୪ ଟେରାୱାଟ୍-ଘଣ୍ଟା କୋଇଲା ଆଧାରିତ ବିଦ୍ୟୁତ ଉତ୍ପାଦନର ଆବଶ୍ୟକତା ପଡ଼ିପାରେ ବୋଲି ରିପୋର୍ଟରେ କୁହାଯାଇଛି।

ଏଲ୍-ନିନୋ ସମୟରେ ତାପମାତ୍ରା ସାଧାରଣ ସ୍ତରଠାରୁ ଅଧିକ ରହିଥାଏ। ଫଳରେ ଏୟାର କଣ୍ଡିସନର, କୁଲର ଓ ଅନ୍ୟାନ୍ୟ ଶୀତଳୀକରଣ ଉପକରଣର ବ୍ୟବହାର ବଢ଼ିଯାଏ, ଯାହା ବିଦ୍ୟୁତ୍ ଚାହିଦାକୁ ଦ୍ରୁତ ଗତିରେ ବୃଦ୍ଧି କରିଥାଏ। ପୁଣି ବର୍ଷାରେ ଅନିୟମିତତା ଯୋଗୁଁ ଜଳବିଦ୍ୟୁତ୍ ଉତ୍ପାଦନ ମଧ୍ୟ ପ୍ରଭାବିତ ହୋଇପାରେ। ଏହି ଦୁଇ କାରଣ ଯୋଗୁଁ ବିଦ୍ୟୁତ୍ ଯୋଗାଣ ଓ ଚାହିଦା ମଧ୍ୟରେ ବଡ଼ ବ୍ୟବଧାନ ସୃଷ୍ଟି କରିପାରେ। ବିଦ୍ୟୁତ୍ ନିଅଣ୍ଟ ପୂରଣ ପାଇଁ ଦେଶକୁ କୋଇଲା ଆଧାରିତ ବିଦ୍ୟୁତ୍ କେନ୍ଦ୍ର ଉପରେ ଅଧିକ ନିର୍ଭର କରିବାକୁ ପଡ଼ିପାରେ। ଏହା ଫଳରେ କୋଇଲା ବ୍ୟବହାର ବଢ଼ିବା ସହ ଅଙ୍ଗାର ନିର୍ଗମନ ମଧ୍ୟ ବୃଦ୍ଧି ପାଇବ। ▶ପୃଷ୍ଠା-୧୦

## ୱାୟନାଡ୍‌ରେ ଭୂସ୍ଖଳନ; ୫ ମୃତ



ସୁଡ଼ଙ୍ଗ ନିର୍ମାଣ ସ୍ଥଳରେ ଧସିଲା ଅତଡ଼ା, ୧୦ ନିଖୋଜ

■ ୱାୟାନାଡ, ୭।୭ (ଏଜେନ୍ସି): କେରଳର ୱାୟାନାଡ ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ଭୟଙ୍କର ଭୂସ୍ଖଳନ ଘଟି ୫ ଜଣ ପ୍ରାଣ ହରାଇଛନ୍ତି ଏବଂ ଅନେକ ଲୋକ ମାଟି ତଳେ ଚାପି ହୋଇ ରହିଥିବା ଆଶଙ୍କା କରାଯାଉଛି। ଗତରାତିରୁ ଜାରି ରହିଥିବା ମୂଷଳଧାରା ବର୍ଷା ଆଜି ସକାଳେ ଏହି ବିପର୍ଯ୍ୟୟର ରୂପ ନେଇଛି। କଲ୍ଲାଡି ଅଞ୍ଚଳର ମୀନାକ୍ଷୀ ବ୍ରିଜ୍ ନିକଟରେ ଥିବା ଆନାକୋମ୍‌ପୋୟିଲ୍-ମେପାଡି ସୁଡ଼ଙ୍ଗ ପଥ ପ୍ରକଳ୍ପ ସ୍ଥଳରେ ଭୂସ୍ଖଳନ ଘଟିଛି। ଏହି ସୁଡ଼ଙ୍ଗ ପଥଟି ମାଲାପୁରମ୍ ଏବଂ ୱାୟାନାଡ ଜିଲ୍ଲାକୁ ସଂଯୋଗ କରିବା ପାଇଁ ନିର୍ମାଣ କରାଯାଉଥିଲା। ସେଠାରେ ଅନେକ ନିର୍ମାଣ ଶ୍ରମିକ ଉପସ୍ଥିତ ଥିଲେ।

ଗତ ୨୪ ଘଣ୍ଟା ମଧ୍ୟରେ ଏହି ଅଞ୍ଚଳରେ ପ୍ରାୟ ୨୬୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। କମ୍ ସମୟରେ ଏତେ ପରିମାଣରେ ବର୍ଷା ଏହି ପ୍ରଳୟଙ୍କରୀ ଭୂସ୍ଖଳନର ମୁଖ୍ୟ କାରଣ ବୋଲି କୁହାଯାଉଛି। ବିପର୍ଯ୍ୟୟ ପରେ ତୁରନ୍ତ ଏନ୍‌ଡିଆର୍‌ଏଫ୍ ଏବଂ ଅଗ୍ନିଶମ ବାହିନୀ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଛି। କେରଳ ରାଜସ୍ୱ ମନ୍ତ୍ରୀ ଏପି. ଅନିଲ କୁମାରଙ୍କ ଅନୁଯାୟୀ ଉଦ୍ଧାରକାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ବର୍ତ୍ତମାନ ସୁଦ୍ଧା ୬ ରୁ ୮ ଜଣ ଆହତଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମାତ୍ର ପ୍ରାୟ ୭ ରୁ ୧୦ ଜଣ ଏବେ ମଧ୍ୟ ନିଖୋଜ ଅଛନ୍ତି। ମୁଖ୍ୟମନ୍ତ୍ରୀ ଭିଡି. ସତୀଶନ ଏକ ଜରୁରୀକାଳୀନ ବୈଠକ କରି ସ୍ଥିତିର ସମୀକ୍ଷା କରିଛନ୍ତି। କେରଳ ମନ୍ତ୍ରୀ ଟି. ସିଦ୍ଦିକ ଏହାକୁ ଏକ ମଣିଷକୃତ ଭୂସ୍ଖଳନ ବୋଲି ଅଭିହିତ କରି କୋଙ୍କଣ ରେଳବାଇ ଏବଂ ଠିକାଦାରଙ୍କୁ ଏଥିପାଇଁ ଦାୟୀ କରିଛନ୍ତି। ୨୦୨୪ରେ ୱାୟାନାଡ଼ରେ ଭୂସ୍ଖଳନ ଯୋଗୁଁ ୩୦୦ ଲୋକ ପ୍ରାଣ ହରାଇଥିଲେ।



ବିଜୁଙ୍କ ଯୋଗୁଁ ଭାରତ-ଇଣ୍ଡୋନେସିଆ ସମ୍ପର୍କ ନିବିଡ଼

ବିଜୁଙ୍କୁ ଇଣ୍ଡୋନେସିଆ ଦେଇଛି 'ଭୂମିପୁତ୍ର' ସମ୍ମାନ

## ଇଣ୍ଡୋନେସିଆରେ ବିଜୁଙ୍କ ମହାନତା ବଖାଣିଲେ ମୋଦୀ

■ ଭୁବନେଶ୍ୱର, ୭।୭ (ସମିସ): ମହାନ ସ୍ୱାଧୀନତା ସଂଗ୍ରାମୀ ପ୍ରବାଦ ପୁରୁଷ ବିଜୟାନନ୍ଦ(ବିଜୁ) ପଟ୍ଟନାୟକଙ୍କ ଦେଶପ୍ରେମ, ବୀରତ୍ୱ ଗାଥା ସମଗ୍ର ଦେଶରେ ଆଜିବି ଶ୍ରଦ୍ଧାର ସହ ଉଚ୍ଚାରଣ କରାଯାଏ। ଭାରତର ସ୍ୱାଧୀନତା ସହ ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଭୂମିକାକୁ ଆଜି ବି ଇଣ୍ଡୋନେସିଆବାସୀ ସମ୍ମାନର ସହ ମନେ ପକାନ୍ତି। ଇଣ୍ଡୋନେସିଆ ଗସ୍ତ ଅବସରରେ ଭାରତ-ଇଣ୍ଡୋନେସିଆର ସମ୍ପର୍କକୁ ନିବିଡ଼ କରିବାରେ ବିଜୁଙ୍କ ଅବଦାନକୁ ସ୍ମରଣ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ରାଜଧାନୀ ଜାକର୍ତ୍ତାରେ ଇଣ୍ଡୋନେସିଆ ସଂସଦକୁ ସମ୍ବୋଧିତ କରି ବିଜୁ ବାବୁଙ୍କ ଅଦମ୍ୟ ସାହସ ଯୋଗୁଁ ଉଭୟ ଭାରତ ଏବଂ ଇଣ୍ଡୋନେସିଆ ନିକଟତର ହୋଇପାରିଥିଲେ ବୋଲି ଉଲ୍ଲେଖ କରି ଇଣ୍ଡୋନେସିଆ ମୁକ୍ତି ସଂଗ୍ରାମରେ ବିଜୁ ବାବୁଙ୍କର ଭୂମିକାକୁ ପ୍ରଧାନମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଛନ୍ତି।

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ଉଭୟ ରାଷ୍ଟ୍ର ପ୍ରାୟ ସମାନ ସମୟରେ ସ୍ୱାଧୀନତା ପାଇଥିଲେ। ୧୯୪୫ରେ ଇଣ୍ଡୋନେସିଆ ସ୍ୱାଧୀନ ହୋଇଥିଲା ଓ ୧୯୪୭ରେ ଭାରତ ପରାଧୀନତାରୁ ମୁକ୍ତ ହୋଇଥିଲା। ଯେତେବେଳେ ସ୍ୱାଧୀନ ରାଷ୍ଟ୍ର ଭାବରେ ସାର୍ବଭୌମତ୍ୱର କଥା ଆସିଲା, ଭାରତ ଜାତିସଂଘରେ ଇଣ୍ଡୋନେସିଆର ସ୍ୱାଧୀନତା ଆନ୍ଦୋଳନକୁ ସମର୍ଥନ କରିବାରେ ଏକ ଦୃଢ଼ ସ୍ୱର ପାଲଟିଥିଲା। ଇଣ୍ଡୋନେସିଆର ସ୍ୱାଧୀନତା ଆନ୍ଦୋଳନ ସମୟରେ ଆଦରଣୀୟ ବିଜୁ ପଟ୍ଟନାୟକ ଯେଉଁ ଭୂମିକା ଗ୍ରହଣ କରିଥିଲେ, ଯେପରି ତତ୍କାଳୀନ ପ୍ରଧାନମନ୍ତ୍ରୀ ସୁତାନ ସାହାରିୟର ଏବଂ ଉପରାଷ୍ଟ୍ରପତି ମହମ୍ମଦ ହଟ୍ଟାଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରି ଭାରତ ଆଣିଥିଲେ, ତାହା ଅତ୍ୟନ୍ତ ସାହସିକ ଥିଲା। ଏହାଦ୍ୱାରା ଦୁଇ ରାଷ୍ଟ୍ର ନିକଟତର ହୋଇଥିଲେ ବୋଲି ▶ପୃଷ୍ଠା-୧୦

## ଜମି କିଣା ବିକା: ନଗଦ କାରବାରରେ ଲାଗିବ ଅଙ୍କୁଶ

■ଭୁବନେଶ୍ୱର, ୭।୭ (ସମିସ): ରାଜ୍ୟରେ ସମସ୍ତ ଜମି କିଣା ବିକାକୁ ସମ୍ପୂର୍ଣ୍ଣ କ୍ୟାସ୍‌ଲେସ କରାଯିବ। ନଗଦ ଟଙ୍କାରେ ଜମି କିଣାବିକା ହୋଇ ପାରିବ ନାହିଁ। ଏଥିପାଇଁ ଯୋଜନା ହୋଇଛି ବୋଲି ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ।

ମନ୍ତ୍ରୀ କହିଛନ୍ତି ଯେ ଏଣିକି ରାଜ୍ୟରେ ଜମି କିଣା ବିକା ସମ୍ପୂର୍ଣ୍ଣ କ୍ୟାସଲେସ ହେବ। କିଣାବିକା ସମୟରେ ନଗଦରେ ଗୋଟିଏ ପଇସା ବି କାରବାର ହୋଇ ପାରିବ ନାହିଁ। ପୂର୍ବରୁ ୧୫ ହଜାର ଯାଏଁ ନଗଦ କାରବାର ବ୍ୟବସ୍ଥା ଥିଲା। ମାତ୍ର ଏବେ ତାହାକୁ ହଟାଇବାକୁ ନିଷ୍ପତ୍ତି ନିଆଯାଇଛି। ଜମି ପଞ୍ଜୀକରଣ କାର୍ଯ୍ୟାଳୟକୁ ଦଲାଲ ମୁକ୍ତ କରିବାକୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଯଦି କେହି ନିୟମକୁ ଉଲ୍ଲଂଘନ କରୁଥିବାର ନଜର ଆସନ୍ତି, ତେବେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିପରି ଜମି କିଣା ବିକା ପାଇଁ ଆଉ ବାରମ୍ବାର ରେଜିଷ୍ଟ୍ରେସନ ଅଫିସକୁ ଆସିବାକୁ ପଡ଼ିବନି। କେବଳ ଜମି ମାଲିକ ଚିହ୍ନଟ ପାଇଁ ଯିବାକୁ ହେବ। ରେଜିଷ୍ଟ୍ରେସନ ପରେ ଦଲିଲ ମଧ୍ୟ ଅନଲାଇନରେ ପାଇବେ। ଏନେଇ ରାଜସ୍ୱ ବିଭାଗ ପକ୍ଷରୁ ଖୁବଶୀଘ୍ର ଏସଓପି ଜାରି ହେବ। ଏହାସହ ରାଜସ୍ୱ ଅଧିକାରୀଙ୍କୁ ସ୍ୱତନ୍ତ୍ର ଟ୍ରେନିଂ ମଧ୍ୟ ଦିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

## ବିକାଶ ଓ ପରିବେଶ ପରସ୍ପରର ପରିପୂରକ: ମୁଖ୍ୟମନ୍ତ୍ରୀ




■ ଭୁବନେଶ୍ୱର, ୭।୭ (ସମିସ): ବିକାଶ ଓ ପରିବେଶ ପରସ୍ପରର ପରିପୂରକ। ବିଶ୍ୱବ୍ୟାପୀ ଜଳବାୟୁ ପରିବର୍ତ୍ତନ ଓ ବିକଟ ଗ୍ରୀଷ୍ମ ଲହରର ମୁକାବିଲା ପାଇଁ ବ୍ୟାପକ ବୃକ୍ଷରୋପଣ ହିଁ ଏକମାତ୍ର ଦୀର୍ଘକାଳୀନ ସମାଧାନ। ଏହି ଦୂରଦର୍ଶୀ ଆଭିମୁଖ୍ୟ ସହ ବନ ସୁରକ୍ଷା ଓ ସବୁଜବଳୟ ସୃଷ୍ଟିରେ ଓଡ଼ିଶା ଆଜି ସାରା ଦେଶରେ ଏକ ଅଗ୍ରଣୀ ରାଜ୍ୟ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛି। ବିଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ ୫୫୮ ବର୍ଗ କିଲୋମିଟର ବନ ଓ ବୃକ୍ଷ ଆବରଣ ବୃଦ୍ଧି ପାଇଛି, ଯାହା ଫଳରେ ସମଗ୍ର ଭାରତବର୍ଷରେ ଓଡ଼ିଶା ଆଜି ଗୌରବଜନକ ତୃତୀୟ ସ୍ଥାନ ଅଧିକାର କରିଛି ବୋଲି କପିଳେଶ୍ୱର ଠାରେ ଆୟୋଜିତ ରାଜ୍ୟସ୍ତରୀୟ ବନ ମହୋତ୍ସବରେ କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଏହି ଅବସରରେ ସେ କହିଛନ୍ତି ଯେ ରାଜ୍ୟର ନଦୀଗୁଡ଼ିକୁ ଚିରସ୍ରୋତା କରିବା ପାଇଁ "ସବୁଜ ମହାନଦୀ ମିଶନ' ଅଧୀନରେ

### ୭ ପ୍ରମୁଖ ନଦୀ ପାର୍ଶ୍ୱରେ କରାଯିବ ଚାରାରୋପଣ

ମହାନଦୀ, ତେଲ୍, ଇବ୍, ବ୍ରାହ୍ମଣୀ, ଋଷିକୁଲ୍ୟା, ବୈତରଣୀ ଓ ବଂଶଧାରା ନଦୀ ପାର୍ଶ୍ୱରେ ୧.୫ କିଲୋମିଟର ପ୍ରଶସ୍ତ ସବୁଜ ବଳୟ ସୃଷ୍ଟି କରାଯାଉଛି। ୨୦୨୫-୨୬ ଆର୍ଥିକ ବର୍ଷରେ ୭୭୪ ହେକ୍ଟର ଅଞ୍ଚଳରେ ୫.୬୫ ଲକ୍ଷ ଚାରା ରୋପଣ କରାଯାଇଥିବା ବେଳେ ୨୦୨୬-୨୭ ବର୍ଷରେ ୨୭୦୨ ହେକ୍ଟର ଅଞ୍ଚଳରେ ▶ପୃଷ୍ଠା-୧୦

### ୧୬ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଜନଗଣନା ପ୍ରସ୍ତୁତି

## ଜାତି ଲେଖିବା ଲାଗି 'ଓପନ୍ କଲମ୍'

■ ନୂଆଦିଲ୍ଲୀ, ୭।୭ (ଏଜେନ୍ସି): ଦେଶର ୧୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଆରମ୍ଭ ହୋଇଛି ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ପୂର୍ବାଭ୍ୟାସ (ରିହର୍ସାଲ) । ପ୍ରଥମଥର ପାଇଁ ଜନଗଣନା ଫର୍ମରେ ନାଗରିକମାନେ ନିଜ ଜାତିର ନାମ ନିଜେ ଲେଖିବା ପାଇଁ ଏକ 'ଓପନ୍ କଲମ୍' ବ୍ୟବସ୍ଥା ରଖାଯାଇଛି। ଏହା ଦ୍ୱାରା ଲୋକମାନେ କୌଣସି ପୂର୍ବନିର୍ଦ୍ଧାରିତ ତାଲିକାରେ ସୀମିତ ନ ରହି ନିଜ ଜାତିର ପରିଚୟ ଉଲ୍ଲେଖ କରିପାରିବେ।

ଜାତିଗତ ଜନଗଣନାକୁ ନେଇ ଦୀର୍ଘ ଦିନ ଧରି ରାଜନୈତିକ ଓ ସାମାଜିକ ସ୍ତରରେ ଚର୍ଚ୍ଚା ହୋଇଆସୁଛି। ଦେଶର ବିଭିନ୍ନ ଜାତି ଓ ଉପଜାତିର ପ୍ରକୃତ ଜନସଂଖ୍ୟା ସମ୍ପର୍କରେ ନିର୍ଦ୍ଦିଷ୍ଟ ଓ ସର୍ବଶେଷ ତଥ୍ୟ ନଥିବାରୁ ସାମାଜିକ ନ୍ୟାୟ, ସଂରକ୍ଷଣ ନୀତି ଏବଂ କଲ୍ୟାଣମୂଳକ ଯୋଜନାର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନରେ ସମସ୍ୟା ସୃଷ୍ଟି ହେଉଛି ବୋଲି ବିଭିନ୍ନ ସମୟରେ ଅଭିଯୋଗ ହେଉଛି। ଏପରି ସ୍ଥିତିରେ ଜାତିଗତ ତଥ୍ୟ ସଂଗ୍ରହକୁ ଅନେକ ଐତିହାସିକ ପଦକ୍ଷେପ ବୋଲି ବର୍ଣ୍ଣନା କରୁଛନ୍ତି। ଜାତିଗତ ଜନଗଣନାରୁ ମିଳିବାକୁ ଥିବା ତଥ୍ୟ ଭବିଷ୍ୟତରେ ସାମାଜିକ ନ୍ୟାୟ, ସଂରକ୍ଷଣ ନୀତି, ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି ଓ ବିଭିନ୍ନ କଲ୍ୟାଣକାରୀ ଯୋଜନା ପ୍ରସ୍ତୁତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରେ। ତେଣୁ ଏହି ପୂର୍ବାଭ୍ୟାସକୁ ଦେଶର ଆଗାମୀ ଜନଗଣନା ପ୍ରକ୍ରିୟାର ଏକ ମାଇଲଖୁଣ୍ଟ ବୋଲି ଦେଖାଯାଉଛି।

ଅନ୍ୟପକ୍ଷରେ ବିଶେଷଜ୍ଞ ଓ ସାମାଜିକ ବିଶ୍ଳେଷକମାନେ ଏହି ପ୍ରକ୍ରିୟା ଉପରେ ସତର୍କ ଭାବରେ କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଯଦି ଜାତିର ନାମ ଲେଖିବା ପାଇଁ ଖୋଲା କଲମ୍ ରହିବ, ତେବେ ବିଭିନ୍ନ ବନାନ, ସ୍ଥାନୀୟ ନାମ ଓ ଉପଜାତିର ଭିନ୍ନ ଭିନ୍ନ ପରିଚୟ ଯୋଗୁଁ ତଥ୍ୟର ଶ୍ରେଣୀକରଣ ଏକ ବଡ଼ ଚ୍ୟାଲେଞ୍ଜ ହୋଇପାରେ। ତେଣୁ ସଂଗୃହୀତ ତଥ୍ୟର ଯାଞ୍ଚ, ମାନକୀକରଣ ଓ ବିଶ୍ଳେଷଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ପଡ଼ିବ।

### ପଞ୍ଚାୟତ ଗୃହ ନିର୍ମାଣ ନ ହେବା ପ୍ରତିବାଦ

## ୧୦କିମି ଚାଲି ଚାଲି ଘେରିଲେ ବିଧାୟକଙ୍କ ଘର

■ ବେତନଟୀ, ୭।୭ (ସମିସ): ଦୁଇଦୁଇଥର ବିଧାୟକ ଭାବେ ନିର୍ବାଚିତ ହୋଇ ମଧ୍ୟ ଜନସାଧାରଣଙ୍କ ନ୍ୟାଯ୍ୟ ଦାବି ପୂରଣ କରି ନପାରି ବଡ଼ସାହି ବିଧାୟକ ସନାତନ ବିଜୁଳିଙ୍କୁ ଆଜି ହଟହଟା ହେବାକୁ ପଡିଛି। ବଡ଼ସାହି ବିଧାନସଭା ନିର୍ବାଚନ ମଣ୍ଡଳୀର କେନ୍ଦୁଆ ପଞ୍ଚାୟତର ଶତାଧିକ ପୁରୁଷ ମହିଳା ମଙ୍ଗଳବାର ୧୦ କିଲୋମିଟର ଚାଲିଚାଲି ବାଲେଶ୍ୱର ସୀମାନ୍ତ କଳମାସ୍ଥିତ ବିଧାୟକଙ୍କ ବାସଭବନରେ ପହଞ୍ଚିଥିଲେ। ତେବେ ବିଧାୟକଙ୍କୁ ନପାଇ ସମସ୍ତେ ବିକ୍ଷୋଭ କରିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ



ଲାଗିଛି। ଏହାକୁ ନେଇ ଲୋକେ ଡବଲ ଇଞ୍ଜିନ ସରକାରଙ୍କୁ ଟ୍ରୋଲ କରୁଛି।

ସୂଚନାଯୋଗ୍ୟ ଯେ ଅବିଭକ୍ତ ବୈଶିଙ୍ଗା ପଞ୍ଚାୟତ ଭାଗ ହୋଇ ୨୦୧୬ ମସିହାରେ କେନ୍ଦୁଆ ପଞ୍ଚାୟତ ସୃଷ୍ଟି ହୋଇଥିଲା। ବୈଶିଙ୍ଗା ପଞ୍ଚାୟତ କାର୍ଯ୍ୟାଳୟଟି ନୂତନ ଭାବେ ନିର୍ମିତ ରାଜୀବ ଗାନ୍ଧୀ ସେବା ଗୃହରେ କାର୍ଯ୍ୟକାରୀ ହେବା ପରେ ପୁରୁଣା ଗୃହରେ କେନ୍ଦୁଆ କାର୍ଯ୍ୟାଳୟ ଚାଲୁ ରହିଛି। ବେତନଟୀ ବ୍ଲକ ଅଧୀନରେ ଆଉ ଗୋଟିଏ ସନ୍ତରା ପଞ୍ଚାୟତ ଭାଙ୍ଗି ହାତୀଝୁରୀ ପଞ୍ଚାୟତ ସୃଷ୍ଟି ହୋଇଥିଲା। ଏହି ଦୁଇଟି ନୂତନ ପଞ୍ଚାୟତର ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ସରକାରଙ୍କ ତହବିଲରୁ ୩୫ ଲକ୍ଷ ଟଙ୍କା ଲେଖାଏଁ ମଞ୍ଜୁରୀ ମିଳିବା ପରେ ହାତୀଝୁରୀ ପଞ୍ଚାୟତ ଗୃହ ନିର୍ମାଣ

### ଦେଖାଦେଲେନି ବଡ଼ସାହି ବିଧାୟକ

ହେଲା ସତ, ମାତ୍ର କେନ୍ଦୁଆ ପଞ୍ଚାୟତ ଗୃହ ନିର୍ମାଣ ହୋଇ ପାରିଲା ନାହିଁ। ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ଗୃହ ପାଇଁ ସ୍ଥାନ ନିରୁପଣ ହୋଇଥିଲେ ମଧ୍ୟ ବିଧାୟକଙ୍କ ପ୍ରଥମ ପାଳିରେ ନିର୍ମିତ ହୋଇ ପାରିଲାନାହିଁ। ପରବର୍ତ୍ତୀ ସମୟରେ ବଡ଼ସାହି କ୍ଷେତ୍ରରେ ବିଧାୟକ ଭାବେ ସନାତନ ବିଜୁଳି ୨୦୨୪ରେ ଦ୍ୱିତୀୟ ବାର ନିର୍ବାଚିତ ହେବା ପରେ ନଭେମ୍ବରରେ ବୈଶିଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ପରିସର ମଧ୍ୟରେ ଏହି ଗୃହ ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ସମସ୍ତେ ଆଶା କରିଥିଲେ ଖୁବଶୀଘ୍ର ଗୃହ ନିର୍ମାଣ ହୋଇ ପାରିବ। ମାତ୍ର ଆଜି ପର୍ଯ୍ୟନ୍ତ ଏହାର ସମାଧାନ ହୋଇ ନ ପାରିବାରୁ ଆଜି ସକାଳ ୯ଟା ବେଳେ ଶତାଧିକ ମହିଳା, ପୁରୁଷ, ଶିଶୁ ଏକତ୍ରିତ ହୋଇ ବୈଶିଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ପଦଯାତ୍ରାରେ ୧୦ କିଲୋମିଟର ବାଟ ଚାଲିଚାଲି କଳମା ସ୍ଥିତ ବିଧାୟକଙ୍କ ବାସଭବନ ଆଗରେ ▶ପୃଷ୍ଠା-୧୦

# ସୋନମ ୱାଙ୍ଗଚୁକଙ୍କ ଆମରଣ ଅନଶନକୁ ପୂରିଲା ୧୦ ଦିନ

ନୂଆଦିଲ୍ଲୀ, ୭।୭(ଏଜେନ୍ସି): ଦିଲ୍ଲୀର ଯନ୍ତର ମନ୍ତରଠାରେ କକ୍ରୋଚ ଜନତା ପାର୍ଟି (ସିଜେପି) ପକ୍ଷରୁ ଚାଲିଥିବା ବିକ୍ଷୋଭ ପ୍ରଦର୍ଶନ ମଙ୍ଗଳବାର ୧୮ ଦିନରେ ପ୍ରବେଶ କରିଛି। ଏହି ଆନ୍ଦୋଳନ ପରୀକ୍ଷା ପରିଚାଳନାରେ ହୋଇଥିବା ଅନିୟମିତତା ପାଇଁ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବା ସହ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରି କରାଯାଉଛି। ବିଶିଷ୍ଟ ସମାଜସେବୀ ତଥା ପରିବେଶବିତ୍ ସୋନମ ୱାଙ୍ଗଚୁକ ଆନ୍ଦୋଳନକୁ ସମର୍ଥନ କରିଛନ୍ତି। ପ୍ରତିବାଦ ସ୍ଥଳରେ ତାଙ୍କର ଆମରଣ ଅନଶନ ଆଜି



୧୦ମ ଦିନରେ ପହଞ୍ଚିଛି। ସିଜେପି ପ୍ରତିଷ୍ଠାତା ଅଭିଜିତ ଦିପକେ ସୋସିଆଲ ମିଡିଆରେ ଏକ୍ସରେ ଏ ବିଷୟରେ ସୂଚନା ଦେଇଛନ୍ତି। ଅନଶନ ଆରମ୍ଭ କରିବା ପରଠାରୁ ୱାଙ୍ଗଚୁକଙ୍କ ଓଜନ ୬ କେଜିରୁ ଅଧିକ ହ୍ରାସ ପାଇଛି ଏବଂ ତାଙ୍କର ରକ୍ତଚାପ ବହୁତ କମ୍ ରହୁଛି ବୋଲି ସେ କହିଛନ୍ତି। ସଂଯୁକ୍ତ କିଷାନ ମୋର୍ଚ୍ଚାର ଏକ ପ୍ରତିନିଧି ଦଳ ଯନ୍ତର ମନ୍ତର ପରିଦର୍ଶନ କରି ଏହି ଆନ୍ଦୋଳନକୁ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି। କୃଷକ ସଂଗଠନ ପକ୍ଷରୁ କେନ୍ଦ୍ର ମନ୍ତ୍ରୀଙ୍କ ଇସ୍ତଫା ସମେତ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)କୁ ରଦ୍ଦ କରିବା, ପରୀକ୍ଷା ଦୁର୍ନୀତି ଯୋଗୁଁ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ପରିବାରକୁ କ୍ଷତିପୂରଣ ଦେବା ଏବଂ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଦୋହରାଯାଇଛି। ଅନ୍ୟପଟେ, ଅଲ ଇଣ୍ଡିଆ ଷ୍ଟୁଡେଣ୍ଟ୍ସ ଆସୋସିଏସନ (ଏଆଇଏସ୍ଏ) ର ସଦସ୍ୟମାନେ ମଧ୍ୟ ଏକ ପୃଥକ ମଞ୍ଚରେ ସେମାନଙ୍କର ଅନଶନ ଜାରି ରଖିଛନ୍ତି। ସେପଟେ ଆନ୍ଦୋଳନ ମଧ୍ୟରେ ସିଜେପି ପାଇଁ ଏକ ବଡ଼ ଆଶ୍ୱସ୍ତିର ଖବର ଆସିଛି। ଦିଲ୍ଲୀ ହାଇକୋର୍ଟ ସିଜେପିର ମୂଳ ଏକ୍ସ ହ୍ୟାଣ୍ଡେଲକୁ ପୁନଃସ୍ଥାପିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ହ୍ୟାଣ୍ଡେଲକୁ ଗତ ମେ ମାସରେ ବନ୍ଦ କରାଯାଇଥିଲା। କେନ୍ଦ୍ର ସରକାର କୋର୍ଟଙ୍କୁ ଜଣାଇଥିଲେ ଯେ, ଜୁନ୍ ୨୧ରେ ନିଟ୍ ପୁନଃ-ପରୀକ୍ଷା ଶେଷ ହୋଇଥିବାରୁ ଏହି ପ୍ରତିବନ୍ଧକ ହଟାଇ ଦିଆଯାଇଛି। ଅଭିଜିତ ଦିପକେ ଏହାକୁ ବିଜୟ ଭାବେ ଘୋଷଣା କରିଛନ୍ତି।

**ସିଜେପିର ଏକ୍ସ ଆକାଉଣ୍ଟ ସକ୍ରିୟ କର: ହାଇକୋର୍ଟଙ୍କ ନିର୍ଦ୍ଦେଶ**

# ଜେଲ୍ ଗଲେ ୩୦୦ କୋଟିର ମାଲିକ ଡିଏସ୍‌ପି

ହାଇଦ୍ରାବାଦ, ୭।୭(ଏଜେନ୍ସି): ତେଲେଙ୍ଗାନାରେ ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କ ବିପୁଳ ପରିମାଣର ଆୟ ବହିର୍ଭୂତ ସମ୍ପତ୍ତି ଠାବ ହୋଇଛି। ହାଇଦ୍ରାବାଦର ପୁଲିସ କମ୍ପ୍ୟୁଟର ସର୍ଭିସେସ (ପିସିଏସ୍) ରେ କାର୍ଯ୍ୟରତ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ ପୁଲିସ (ଡିଏସପି) ସଙ୍କିରେଡ୍ଡୀ ଭୀମ ରେଡ୍ଡୀଙ୍କୁ ୩୦୦ କୋଟି ଟଙ୍କାର ବେଆଇନ ସମ୍ପତ୍ତି ମାମଲାରେ ତେଲେଙ୍ଗାନା ଦୁର୍ନୀତି ନିବାରଣ ବ୍ୟୁରୋ (ଏସିବି) ଗିରଫ କରିଛି। ଗତ ସୋମବାର ଏସିବି ଅଧିକାରୀମାନେ



ଭୀମ ରେଡ୍ଡୀଙ୍କୁ ତାଙ୍କ ଇବ୍ରାହିମବାଗ ସ୍ଥିତ ବାସଭବନରୁ ଗିରଫ କରିଥିଲେ। ଏହା ପୂର୍ବରୁ ଜୁଲାଇ ୨ରେ ତେଲେଙ୍ଗାନା ଏବଂ କର୍ଣ୍ଣାଟକର ପ୍ରାୟ ୧୬ଟି ସ୍ଥାନରେ ଏକକାଳୀନ ଚଢଉ କରାଯାଇଥିଲା। ଏହି ମାମଲାରେ ଏକ ହାତଲେଖା ବ୍ୟକ୍ତିଗତ ଡାଏରୀ ସବୁଠାରୁ ବଡ଼ ପ୍ରମାଣ ଭାବେ ସାମ୍ନାକୁ ଆସିଛି। ଚାରିଧାମ ଯାତ୍ରାରେ ଯିବା ପୂର୍ବରୁ ଭୀମ ରେଡ୍ଡୀ ଏହି ଡାଏରୀରେ ନିଜର ସମସ୍ତ ସମ୍ପତ୍ତି, ବିନିଯୋଗ ଏବଂ ବେନାମୀ ମାଲିକମାନଙ୍କର ବିବରଣୀ ଲିପିବଦ୍ଧ କରିଥିଲେ। ଡାଏରୀର ଏକ ସ୍କାନ କପି ନିଜ ପୁଅମାନଙ୍କ ସହ ହ୍ୱାଟସଆପ୍‌ରେ ମଧ୍ୟ ସେୟାର କରିଥିଲେ। ତାହାହିଁ ତଦନ୍ତକାରୀ ସଂସ୍ଥାକୁ ବିଭିନ୍ନ ସମ୍ପତ୍ତିର ଖୋଜ୍ ଖବର ପାଇବାରେ ସାହାଯ୍ୟ କରିଥିଲା। ତଦନ୍ତ ବେଳେ ଭୀମଙ୍କ ଘରୁ ୩.୬୦ ଲକ୍ଷ ଟଙ୍କା ଏବଂ ତାଙ୍କର ଏକ ବେନାମୀ ଘରୁ ୪୦ ଲକ୍ଷ ଟଙ୍କା ମିଳିଛି। ଏହା ବ୍ୟତୀତ ୨ କିଲୋ ସୁନା ଏବଂ ୨୦ କିଲୋ ରୁପା ସହିତ ବ୍ୟାଙ୍କରେ ପ୍ରାୟ ୨୦ ଲକ୍ଷ ଟଙ୍କାର ବାଲାନ୍ସ ରହିଥିବା ଜଣାପଡ଼ିଛି। ଏହାସହ ହାଇଦ୍ରାବାଦର ବିଭିନ୍ନ ଅଞ୍ଚଳରେ ବିଳାସପୂର୍ଣ୍ଣ ଭିଲ୍ଲା, କମର୍ସିଆଲ କମ୍ପ୍ଲେକ୍ସ ଏବଂ ଏକାଧିକ ଆପାର୍ଟମେଣ୍ଟ, କର୍ଣ୍ଣାଟକରେ ପ୍ରାୟ ୪୪ ଏକର ଏବଂ ତେଲେଙ୍ଗାନାର ବିଭିନ୍ନ ସ୍ଥାନରେ ୧୦ ଏକରରୁ ଅଧିକ ଚାଷ ଜମି ଓ ପ୍ଲଟ୍, ଶ୍ରୀରାଘବେନ୍ଦ୍ର ରକ୍ ସ୍ୟାଣ୍ଡ ମିନେରାଲ୍ସ ନାମକ ଏକ ସଂସ୍ଥାରେ ୭୫ ଲକ୍ଷ ଟଙ୍କାର ନିବେଶ ରହିଥିବା ଜଣାପଡ଼ିଛି। ବର୍ତ୍ତମାନ ତାଙ୍କୁ ସ୍ୱତନ୍ତ୍ର ଏସିବି କୋର୍ଟରେ ହାଜର କରାଯିବା ନେଇ ପ୍ରକ୍ରିୟା ଜାରି ରହିଛି।

# ଚୀନରେ ପ୍ରଳୟଙ୍କରୀ ଝଡ଼ରେ ୮ ମୃତ

ବେଜିଂ, ୭।୭(ଏଜେନ୍ସି): ଚୀନରେ ପ୍ରବଳ ବର୍ଷା ଏବଂ ଝଡ଼ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ଘଟିଥିବା ବେଳେ ୮ ଜଣଙ୍କର ମୃତ୍ୟୁ ହୋଇଛି। ଏହି ସଙ୍କଟ ସମୟରେ ସାମୁଦ୍ରିକ ବାତ୍ୟା 'ବାଭି' ଚୀନର ଉପକୂଳ ଆଡ଼କୁ ମାଡ଼ି ଆସୁଥିବାରୁ ସ୍ଥିତି ଅଧିକ ଗମ୍ଭୀର ହେବାର ଆଶଙ୍କା କରାଯାଉଛି। ଚୀନର ଜାତୀୟ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସୂଚନା ଅନୁଯାୟୀ, ଦକ୍ଷିଣ-ପୂର୍ବ ଅଞ୍ଚଳ ଗୁଆଙ୍ଗସି ଏବଂ ପୂର୍ବ ପ୍ରଦେଶ ଜିଆଙ୍ଗସୁ ଓ ଶାନଡୋଙ୍ଗରେ ଅତି ପ୍ରବଳରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ପ୍ରଦେଶଗୁଡ଼ିକୁ ସମ୍ଭାବ୍ୟ ବିପତ୍ତି ପାଇଁ ସତର୍କ ରହିବାକୁ ଏବଂ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

# କେତନଙ୍କ ସହ ନିର୍ବନ୍ଧ ପରେ ଚେତନଙ୍କୁ ଗୁପ୍ତ ବିବାହ କରିଥିଲେ ସିୟା

ପୁନେ, ୭।୭(ଏଜେନ୍ସି): ପୁନେର ପ୍ରତିଷ୍ଠିତ ବ୍ୟବସାୟୀ କେତନ ଅଗ୍ରୱାଲଙ୍କ ମୃତ୍ୟୁ ମାମଲାରେ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ତଦନ୍ତରୁ ଜଣାପଡ଼ିଛି ଯେ, ମୁଖ୍ୟ ଅଭିଯୁକ୍ତ ସିୟା ଗୋୟଲ ତାଙ୍କ ନିର୍ବନ୍ଧ ପରେ ଏବଂ ହତ୍ୟାକାଣ୍ଡର ପ୍ରାୟ ୪ ମାସ ପୂର୍ବରୁ ନିଜ ପ୍ରେମିକ ଚେତନ ଚୌଧୁରୀଙ୍କୁ ଗୁପ୍ତରେ ବିବାହ କରିଥିଲେ। ୨୦ ବର୍ଷୀୟା ସିୟା ଏବଂ ୨୫ ବର୍ଷୀୟ କେତନଙ୍କ ବିବାହ ଆସନ୍ତା ନଭେମ୍ବରରେ ହେବାକୁ ସ୍ଥିର ହୋଇଥିଲା। କିନ୍ତୁ ଗତ ଫେବୃଆରୀରେ କେତନଙ୍କ ସହ ନିର୍ବନ୍ଧ ସରିବା ପରେ ସିୟା ନିଜ ପ୍ରେମିକ ଚେତନଙ୍କୁ ଏକ ସ୍ଥାନୀୟ ରେଜିଷ୍ଟ୍ରାର ଅଫିସରେ ବିବାହ କରିଥିବା ପୁଲିସ ସନ୍ଦେହ କରୁଛି। ପୁଲିସ ବର୍ତ୍ତମାନ ଏହି ବିବାହ ପ୍ରମାଣପତ୍ରର ସତ୍ୟାସତ୍ୟ ଯାଞ୍ଚ କରୁଛି। ଏପରି ହେଲେ କେତନଙ୍କ ସହ ହୋଇଥିବା ନିର୍ବନ୍ଧ ଆଇନଗତ ଭାବେ ଅବୈଧ ପ୍ରମାଣିତ ହେବ।

ଗତ ଜୁନ୍ ୧୮ ରେ ପୁନେର ଲୋହଗଡ଼ ଦୁର୍ଗ ବୁଲିବାକୁ ଯାଇଥିବା ସମୟରେ କେତନ ଏକ ପାହାଡ଼ ଉପରୁ ଖସିପଡ଼ି ପ୍ରାଣ ହରାଇଥିଲେ ବୋଲି ତାଙ୍କ ସହ ଥିବା ଭାବି ପତ୍ନୀ ସିୟା କହିଥିଲେ। ପରେ ସିୟା କେତନଙ୍କୁ ବିବାହ କରିବାକୁ ଚାହୁଁନଥିବାରୁ ଏହି ସମ୍ପୂର୍ଣ୍ଣ ହତ୍ୟାକାଣ୍ଡର ନକ୍ସା ପ୍ରସ୍ତୁତ କରିଥିଲେ ବୋଲି



ଜଣାପଡ଼ିଥିଲା। ହତ୍ୟା ଦିନ ପ୍ରେମିକ ଚେତନ ମଧ୍ୟ ସେମାନଙ୍କ ପଛେ ପଛେ ଯାଇ ଏହି ଯୋଜନାକୁ କାର୍ଯ୍ୟକାରୀ କରିବାରେ ସହାୟତା କରିଥିଲେ। ତେବେ ସିୟା ଓ ଚେତନଙ୍କ ବିବାହ ସମୟରେ ସାକ୍ଷୀ ଭାବେ ଦସ୍ତଖତ କରିଥିବା ସିୟାଙ୍କ ଦୁଇ କଲେଜ ବନ୍ଧୁଙ୍କୁ ପୁଲିସ ବର୍ତ୍ତମାନ ଜେରା କରୁଛି। ଏକ ବ୍ୟକ୍ତିଗତ ଇନଷ୍ଟାଗ୍ରାମ ଆକାଉଣ୍ଟରୁ ଡିଲିଟ୍ ହୋଇଥିବା କିଛି ଫଟୋ ଉଦ୍ଧାର କରିବାକୁ ପୁଲିସର ଟେକ୍ନିକାଲ୍ ଟିମ୍ ପ୍ରୟାସ କରୁଛି। ଏହି ଫଟୋଗୁଡ଼ିକରେ ସିୟା ଏବଂ ଚେତନ ବରମାଳା ପିନ୍ଧିଥିବାର ଦେଖିବାକୁ ମିଳିଥିଲା ବୋଲି ସୂଚନା ମିଳିଛି। ଏହି ମାମଲାରେ ସିୟା ଏବଂ ଚେତନଙ୍କୁ ଗିରଫ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ସେପଟେ କେତନଙ୍କ ପରିବାର ଏହି ଘଟଣାରେ ଗଭୀର ମର୍ମାହତ ହୋଇପଡ଼ିଛନ୍ତି। ନିକଟରେ ଦୁଃଖରେ ମ୍ରିୟମାଣ କେତନଙ୍କ ଜେଜେବାପାଙ୍କର ମଧ୍ୟ ହୃଦଘାତରେ ମୃତ୍ୟୁ ଘଟିଛି।

**ରାମ ମନ୍ଦିର ଚାନ୍ଦା ଚୋରି**

# ୧୨୪ କୋଟି ଖର୍ଚ୍ଚର ଯାଞ୍ଚ ହେବ

ଅଯୋଧ୍ୟା, ୭।୭ (ଏଜେନ୍ସି): ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ଦ୍ୱାରା ଆୟୋଜିତ ବିଭିନ୍ନ ହାଇ-ପ୍ରୋଫାଇଲ୍ କାର୍ଯ୍ୟକ୍ରମରେ ହୋଇଥିବା ୧୨୪ କୋଟିରୁ ଅଧିକ ଟଙ୍କାର ବ୍ୟୟକୁ ନେଇ ଏବେ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍ଆଇଟି) ନିଜର ତଦନ୍ତ ପରିସରକୁ ବୃଦ୍ଧି କରିଛି। ଏହି ତଦନ୍ତରେ ମୁଖ୍ୟତଃ ଜାନୁଆରୀ ୨୦୨୪ର ପ୍ରାଣ ପ୍ରତିଷ୍ଠା ଉତ୍ସବ, ୨୦୨୫ ମହାକୁମ୍ଭର ବ୍ୟବସ୍ଥା ଏବଂ ନଭେମ୍ବର ୨୦୨୫ରେ ଅନୁଷ୍ଠିତ ପତାକା ଉତ୍ତୋଳନ ଉତ୍ସବର ଖର୍ଚ୍ଚ ସାମିଲ ରହିଛି। ପ୍ରତିଷ୍ଠା ଉତ୍ସବରେ ପ୍ରାୟ ୮, ୦୦୦ ଅତିଥି ଯୋଗ ଦେଇଥିଲେ। ଏସ୍ଆଇଟିର ସୂଚନା ଅନୁଯାୟୀ, ୨୨ ଜାନୁଆରୀ ୨୦୨୪ରେ ଅନୁଷ୍ଠିତ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଇଁ ପ୍ରାୟ ୧୧୩ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ସେଥିମଧ୍ୟରେ ଶେଡ୍ ଏବଂ ଟେଣ୍ଟ ସିଟି ନିର୍ମାଣ ପାଇଁ ୩୫.୯୭ କୋଟି, ପ୍ରଚାର ଓ ବିଜ୍ଞାପନ ପାଇଁ ୨୧.୭୭ କୋଟି, ସାଜସଜ୍ଜା ଓ ଆଲୋକୀକରଣ ବାବଦକୁ ୧୪.୬୨ କୋଟି, ଖାଦ୍ୟ, ଅନ୍ନ ବଣ୍ଟନ ପାଇଁ ୫.୧୧ କୋଟି ଟଙ୍କା ବ୍ୟୟ ହୋଇଥିବା ଜଣାପଡ଼ିଛି। ଏସ୍ଆଇଟି ବର୍ତ୍ତମାନ ଗତ ଦୁଇ ବର୍ଷର ଆର୍ଥିକ ରେକର୍ଡଗୁଡ଼ିକର ଅଡିଟ୍ କରୁଛି। ନଭେମ୍ବର ୨୦୨୫ରେ ହୋଇଥିବା ପତାକା ଉତ୍ତୋଳନ ଉତ୍ସବ ପାଇଁ ୧୦.୧୨ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡ଼ିଛି। ଜଣେ ଅତିଥି ପିଛା ହାରାହାରି ୧୬, ୦୦୦ ଟଙ୍କା ବ୍ୟୟ ହୋଇଛି। ଏହା ବ୍ୟତୀତ ପ୍ରତିଷ୍ଠା ଦ୍ୱାଦଶୀ ପାଇଁ ୮୩ ଲକ୍ଷ ଏବଂ ମହାକୁମ୍ଭ ସମୟରେ ଶ୍ରଦ୍ଧାଳୁଙ୍କ ବ୍ୟବସ୍ଥା ପାଇଁ ୪୩ ଲକ୍ଷ ଟଙ୍କାର ଖର୍ଚ୍ଚ ମଧ୍ୟ



**■ ଟ୍ରଷ୍ଟର ସଭ୍ୟପଦରୁ ମଧ୍ୟ ହଟିଲେ ଚମ୍ପତ, ଅନିଲ, ଗୋପାଳ**
**■ ହେରଫେର ପାଇଁ ଅନିଲ ମିଶ୍ର ଓ ବ୍ୟାଙ୍କକୁ ଦୋଷ ଦେଲେ ଚମ୍ପତ**

ତଦନ୍ତ ପରିସରଭୁକ୍ତ। ତଦନ୍ତକାରୀ ଦଳ କେବଳ ନଗଦ ଖର୍ଚ୍ଚ ସହିତ ଶ୍ରଦ୍ଧାଳୁଙ୍କ ଦ୍ୱାରା ଦାନ କରାଯାଇଥିବା ମୂଲ୍ୟବାନ ଧାତୁର ମଧ୍ୟ ଯାଞ୍ଚ କରୁଛନ୍ତି। ଟ୍ରଷ୍ଟର ରେକର୍ଡ ଅନୁଯାୟୀ, ନଭେମ୍ବର ୨୦୨୪ରୁ ଫେବୃଆରୀ ୨୦୨୫ ମଧ୍ୟରେ ୨.୩ କିଲୋଗ୍ରାମ ସୁନା ଏବଂ ୮୩.୩ କିଲୋଗ୍ରାମ ରୁପା ଦାନ ଆକାରରେ ମିଳିଥିଲା। ମହାକୁମ୍ଭ ସମୟରେ ଅତିରିକ୍ତ ୧.୫ କିଲୋ ସୁନା ଓ ୨୮ କିଲୋ ରୁପା ମଧ୍ୟ ମିଳିଥିଲା। ଏହି ଦୁର୍ନୀତି ଅଭିଯୋଗ ପରେ ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟ ଏବଂ ଟ୍ରଷ୍ଟି ଅନିଲ ମିଶ୍ର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଇତିମଧ୍ୟରେ ମନ୍ଦିର ଟ୍ରଷ୍ଟ ପକ୍ଷରୁ କୁହାଯାଇଛି ଯେ କର୍ମକର୍ତ୍ତା ପଦରୁ ଚମତନତ ରାୟ ଓ ଅନିଲ ମିଶ୍ରଙ୍କ ଇସ୍ତଫା ଗ୍ରହଣ କରିବା ପରେ ସେମାନେ ଟ୍ରଷ୍ଟ ଆଉ ସଭ୍ୟ ମଧ୍ୟ ନାହାନ୍ତି। ଅନ୍ୟତମ ଟ୍ରଷ୍ଟି ଗୋପାଳ ରାଓଙ୍କୁ ମଧ୍ୟ ହଟାଇ ଦିଆଯାଇଛି।

ଅନ୍ୟପକ୍ଷରେ ଆଜି ପ୍ରଥମ ଥର ଲାଗି ଚମ୍ପତ ରାୟ ଏହି ଘଟଣା ନେଇ ମୁହଁ ଖୋଲିଛନ୍ତି। ସେ କହିଛନ୍ତି ଯେ 'ଗଣତି ପ୍ରକ୍ରିୟା ପାଇଁ ମିଳିତ ନିର୍ଦ୍ଦେଶାବଳୀ' ନାମକ ଦଲିଲ ସହିତ ତାଙ୍କର କୌଣସି ସମ୍ପର୍କ ନାହିଁ। ସେହି ଦସ୍ତାବିଜରେ ତାଙ୍କର ସ୍ୱାକ୍ଷର ନାହିଁ। ସେଥିରେ ଟ୍ରଷ୍ଟ କୋଷାଧ୍ୟକ୍ଷ ଅନିଲ ମିଶ୍ର ଏବଂ ଏସ୍‌ବିଆଇ ବ୍ୟାଙ୍କ, ଅଯୋଧ୍ୟା ଶାଖାର ତତ୍କାଳୀନ ମୁଖ୍ୟ ପରିଚାଳକ ଗୋବିନ୍ଦ ମିଶ୍ରଙ୍କ ସ୍ୱାକ୍ଷର ରହିଛି। ତାଙ୍କ ଅଗୋଚରରେ ଏହି ଚୁକ୍ତିନାମା କାର୍ଯ୍ୟକାରୀ କରାଯାଇଥିଲା ଏବଂ ସେ ଗତ ଜୁନ୍‌ରେ ଏହା ଜାଣିବାକୁ ପାଇଥିଲେ। ସମଗ୍ର ଅନିୟମିତତା ପାଇଁ ସେ ଅନିଲ ଓ ବ୍ୟାଙ୍କକୁ ଦୋଷ ଦେଇଛନ୍ତି।

# ଡିଏମ୍‌କେରେ ଯୋଗ ଦେଲେ ୩୦ କୋଟି ନଚେତ୍ ମୃତ୍ୟୁ

ଚେନ୍ନଇ, ୭।୭(ଏଜେନ୍ସି): ତାମିଲନାଡୁରେ ଟିଭିକେ ଦଳର ଜଣେ ବିଧାୟକ ବିରୋଧୀ ଡିଏମକେ ଉପରେ ଘୋଡ଼ା ବେପାର ରାଜନୀତି ଏବଂ ହତ୍ୟା ଧମକ ଭଳି ଗୁରୁତର ଅଭିଯୋଗ ଆଣିଛନ୍ତି। ଶ୍ରୀଭଇକୁନ୍ତମ୍‌ରୁ ଟିଭିକେ ବିଧାୟକ ଜି. ସର୍ଭନନ୍ ଏହି ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ତାଙ୍କୁ ଟିଭିକେ ଛାଡ଼ି ଡିଏମକେରେ ସାମିଲ ହେବା ପାଇଁ ୩୦ କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଥିଲା। ଏପରିକି ୧୦୦ କୋଟି ଯାଏଁ ମଧ୍ୟ ଯଚା ଯାଇଥିଲା। ସେ ଏହାକୁ ମନା କରିଥିଲେ। ପରେ ପ୍ରସ୍ତାବ ଅଗ୍ରାହ୍ୟ କଲେ ତାଙ୍କୁ ଜୀବନରୁ ମାରିଦେବା ପାଇଁ ମଧ୍ୟ ଧମକ ମିଳିଥିବା ସେ ଦାବି କରିଛନ୍ତି। ତାଙ୍କ କଥାକୁ ପ୍ରମାଣ କରିବାକୁ ତାଙ୍କ ପାଖରେ ଯଥେଷ୍ଟ ଦୃଢ଼ ପ୍ରମାଣ ରହିଛି ବୋଲି ସେ ସ୍ପଷ୍ଟ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଏହି ମାମଲାରେ ଡିଏମକେ ପକ୍ଷରୁ କୌଣସି ଆଧିକାରିକ ପ୍ରତିକ୍ରିୟା ମିଳିପାରି ନାହିଁ। ତେବେ ଜଣେ ବିଧାୟକଙ୍କ ଏଭଳି ଅଭିଯୋଗ ରାଜନୀତିରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।



## ମୋଦୀଙ୍କୁ ଇଣ୍ଡୋନେସିଆର ସର୍ବୋଚ୍ଚ ବେସାମରିକ ସମ୍ମାନ

ଜାକର୍ତ୍ତା, ୭।୭(ଏଜେନ୍ସି): ଜାକର୍ତ୍ତାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଇଣ୍ଡୋନେସିଆର ସର୍ବୋଚ୍ଚ ବେସାମରିକ ସମ୍ମାନ 'ବିନ୍ତାଙ୍ଗ ଆଦିପୂର୍ଣ୍ଣ' ପ୍ରଦାନ କରାଯାଇଛି। ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରବୋୱୋ ସୁବିଆନ୍ତୋ ମୋଦୀଙ୍କୁ ଏହି ପଦକ ପ୍ରଦାନ କରିଛନ୍ତି। ଇଣ୍ଡୋନେସିଆ ଗଣରାଜ୍ୟର ଏକତା, ନିରନ୍ତରତା ଏବଂ ସମୃଦ୍ଧି କ୍ଷେତ୍ରରେ ଅସାଧାରଣ ସେବା ପ୍ରଦାନ କରିଥିବା ବ୍ୟକ୍ତିବିଶେଷଙ୍କୁ ଏହି ସମ୍ମାନଜନକ ପଦକରେ ସମ୍ମାନିତ କରାଯାଇଥାଏ। ପ୍ରଧାନମନ୍ତ୍ରୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବା ଉଭୟ ଦେଶ ମଧ୍ୟରେ ଥିବା ଗଭୀର ବନ୍ଧୁତା ଏବଂ ଦ୍ୱିପାକ୍ଷିକ ସମ୍ପର୍କର ସୁଦୃଢ଼ତାକୁ ପ୍ରତିପାଦିତ କରୁଛି। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ମୋଦୀ ନିଜର ଇଣ୍ଡୋନେସିଆ ଗସ୍ତ ସମୟରେ ଏହି ଗୌରବଜନକ ଉପାଧିରେ ଭୂଷିତ ହୋଇଛନ୍ତି।

# ହର୍ମୁଜରେ ୩ ଜାହାଜ ଉପରେ ଇରାନର କ୍ଷେପଣାସ୍ତ୍ର ମାଡ଼

ନୂଆଦିଲ୍ଲୀ, ୭।୭(ଏଜେନ୍ସି): ହର୍ମୁଜ ପ୍ରଣାଳୀରେ ଉତ୍ତେଜନା ପୁଣି ବୃଦ୍ଧି ପାଇଛି। ଇରାନର ରିଭୋଲ୍ୟୁସ୍ନାରୀ ଗାର୍ଡ ସେଠାରେ ଗତି କରୁଥିବା ୩ଟି ବାଣିଜ୍ୟିକ ଜାହାଜ ଉପରକୁ କ୍ଷେପଣାସ୍ତ୍ର ନିକ୍ଷେପ କରିଥିବା ଜଣାପଡ଼ିଛି। ଏହି ଆକ୍ରମଣରେ ଜାହାଜଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏକ ତୈଳବାହୀ ଜାହାଜରେ ନିଆଁ ଲାଗିଛି। ଆମେରିକା ଏବଂ ଇରାନ ମଧ୍ୟରେ ସାମୁଦ୍ରିକ ଆକ୍ରମଣ ବନ୍ଦ କରିବା ପାଇଁ ମାତ୍ର ତିନି ସପ୍ତାହ ପୂର୍ବରୁ ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଥିଲା। କିନ୍ତୁ ସୋମବାର ଓ ମଙ୍ଗଳବାର ଘଟିଥିବା ଏହି ଆକ୍ରମଣ ଶାନ୍ତି ଚୁକ୍ତିକୁ ସଙ୍କଟ ମଧ୍ୟକୁ ଠେଲି ଦେଇଛି।

ସୂଚନାଯୋଗ୍ୟ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିକଟରେ ଇରାନର ସୁପ୍ରିମ ଲିଡର ଅଲି ଖାମେନେଇଙ୍କ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ଇରାନକୁ ସପ୍ତାହେ ଛୁଟି ଦିଆଯାଇଥିବା ବୋଲି କହି କଟାକ୍ଷ କରିଥିଲେ। ତାହାର ଏହା ଜବାବ ବୋଲି ଆଲୋଚନା ହୋଇଛି। ମଙ୍ଗଳବାର ସକାଳେ ଓମାନ ଉପକୂଳ ନିକଟସ୍ଥ ଲିମା ଅଞ୍ଚଳରେ ଏକ ଟ୍ୟାଙ୍କର ଉପରେ ଏକ ଅଜ୍ଞାତ କ୍ଷେପଣାସ୍ତ୍ର ମାଡ଼ ହୋଇଥିଲା। ଫଳରେ ଏହାର ବାମ ପାର୍ଶ୍ୱରେ ନିଆଁ ଲାଗିଯାଇଥିଲା। ବ୍ରିଟିଶ ସାମରିକ ସଂସ୍ଥା ଏହି ସୂଚନା ପ୍ରଦାନ କରିଛି। ଇରାନ ସରକାରୀ ଟେଲିଭିଜନ ଅନୁସାରେ, କାତାରର ଏକ ଏଲଏନଜି ଟ୍ୟାଙ୍କର ବାରମ୍ବାର ଚେତାବନୀକୁ ଅଣଦେଖା କରିବାରୁ ତାକୁ ଟାର୍ଗେଟ କରାଯାଇଛି।



**ଏହାର କଡ଼ା ଜବାବ ଦିଆଯିବ: ଟ୍ରମ୍ପ**

ଆମେରିକା ପକ୍ଷରୁ ରାଷ୍ଟ୍ରପତି ଟ୍ରମ୍ପ ଏହି ଘଟଣାର କଡ଼ା ଜବାବ ଦେବାକୁ ସଙ୍କେତ ଦେଇଛନ୍ତି। ସେ କହିଛନ୍ତି ଯେ, 'ଆମେ ମାତ୍ର ଏକ ଘଣ୍ଟା ମଧ୍ୟରେ ସେମାନଙ୍କର ସେତୁଗୁଡ଼ିକୁ ଧ୍ୱଂସ କରିଦେଇପାରିବୁ।' ସୌଭାଗ୍ୟବଶତଃ ଏହି ଆକ୍ରମଣରେ ଏପର୍ଯ୍ୟନ୍ତ କୌଣସି ପ୍ରାଣହାନି ହୋଇଥିବା ଖବର ମିଳିନାହିଁ। ତଥାପି ଏହି ଅଞ୍ଚଳ ଦେଇ ଯାଉଥିବା ଜାହାଜଗୁଡ଼ିକୁ ଅତ୍ୟନ୍ତ ସତର୍କତାର ସହ ଗତି କରିବାକୁ ପରାମର୍ଶ ଦିଆଯାଇଛି।

# ଫ୍ରାନ୍ସ ରାଷ୍ଟ୍ରପତିଙ୍କ ସିରିଆ ଗସ୍ତବେଳେ ବିସ୍ଫୋରଣ

ଦାମାସକସ, ୭।୭(ଏଜେନ୍ସି): ଫ୍ରାନ୍ସ ରାଷ୍ଟ୍ରପତି ମାକ୍ରୋନ ସିରିଆ ଗସ୍ତରେ କରିଛନ୍ତି। ମାକ୍ରୋନ ରାଷ୍ଟ୍ରପତି ଅହମ୍ମଦ ଅଲ-ଶାରାଙ୍କୁ ଭେଟୁଥିବା ସମୟରେ ମଧ୍ୟ ଦାମାସକସରେ ବିସ୍ଫୋରଣ ହୋଇଥିଲା। ସିରିଆର ସରକାରୀ ଗଣମାଧ୍ୟମ ଅନୁଯାୟୀ, ଦାମାସକସର କେନ୍ଦ୍ରସ୍ଥଳରେ ଥିବା ଫୋର୍ ସିଜନ୍ସ ହୋଟେଲ ନିକଟରେ ଏହି ଆକ୍ରମଣ ହୋଇଛି। ସୂଚନାଯୋଗ୍ୟ ଯେ, ରାଷ୍ଟ୍ରପତି ମାକ୍ରୋନ ଏହି ହୋଟେଲରେ ରହୁଥିବା ବେଳେ ବିସ୍ଫୋରଣ ସମୟରେ ସେ ରାଷ୍ଟ୍ରପତି ଭବନରେ ଥିଲେ। ସୁରକ୍ଷା ଅଧିକାରୀଙ୍କ ସୂଚନା ଅନୁଯାୟୀ, ଦୁଇଟି ବିସ୍ଫୋରକ ସାମଗ୍ରୀ ମଧ୍ୟରୁ ଗୋଟିଏ ଡଷ୍ଟବିନ୍‌ରେ



ଏବଂ ଅନ୍ୟଟି ଏକ ପାର୍କିଂ କରାଯାଇଥିବା କାର୍‌ରେ ରଖାଯାଇଥିଲା। ଏହି ଘଟଣାରେ ୪ଜଣ ଆହତ ହୋଇଛନ୍ତି, ଯେଉଁଥିରେ କିଛି ପୁଲିସ ଅଧିକାରୀ ମଧ୍ୟ ସାମିଲ ଅଛନ୍ତି। ବର୍ତ୍ତମାନ ସୁଦ୍ଧା କୌଣସି ଗୋଷ୍ଠୀ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିନାହାଁନ୍ତି। ଫ୍ରାନ୍ସ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଏମାନୁଏଲ ମାକ୍ରୋନ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି ଏବଂ ସେ ରାଷ୍ଟ୍ରପତି ଅଲ-ଶାରାଙ୍କ ସହ ନିଜର ଆଲୋଚନା ଜାରି ରଖିଛନ୍ତି। ୨୦୨୪ରେ ବଶର ଅଲ-ଅସଦ୍‌ଙ୍କ ଶାସନର ପତନ ପରେ ଅଲ-ଶାରା କ୍ଷମତାକୁ ଆସିବା ପରେ ମାକ୍ରୋନ ହେଉଛନ୍ତି ସିରିଆ ଗସ୍ତ କରିଥିବା ପ୍ରଥମ ପ୍ରମୁଖ ପାଶ୍ଚାତ୍ୟ ନେତା।

# ବର୍ଷା ଯୋଗୁଁ ମହାରାଷ୍ଟ୍ର, ଗୁଜରାଟରେ ୨୦ ମୃତ

ରତ୍ନଗିରି, ୭।୭(ଏଜେନ୍ସି): ପ୍ରବଳ ମୌସୁମୀ ବର୍ଷା ଯୋଗୁଁ ଦେଶର ବିଭିନ୍ନ ସ୍ଥାନରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ମହାରାଷ୍ଟ୍ର ଓ ଗୁଜରାଟରେ ୨୦ରୁ ଅଧିକ ଲୋକ ପ୍ରାଣ ହରାଇଲେଣି। ରତ୍ନଗିରି ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ଖେଡ୍ ତହସିଲ ଅଞ୍ଚଳରେ ଭୂସ୍ଖଳନ ଯୋଗୁଁ ୫ଟି ଘର ପୋତି ହୋଇଯାଇଛି। ଉଦ୍ଧାରକାରୀ ଦଳ ୭୫ ବର୍ଷୀୟା କଳ୍ପନା ସେଲାରଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ତେବେ ଏହି ଘଟଣାରେ ଅନ୍ୟ ଦୁଇ ଜଣ ବ୍ୟକ୍ତି ବର୍ତ୍ତମାନ ସୁଦ୍ଧା ମାଟି ତଳେ ଫସି ରହିଥିବା ଆଶଙ୍କା କରାଯାଉଛି। ସେହିପରି ଗୁଜରାଟର ସୌରାଷ୍ଟ୍ର ଏବଂ ଦକ୍ଷିଣ ଭାଗରେ ବର୍ଷା ବିପ୍ରାତ ଜାରି ରହିଛି।। ଅମ୍ରେଲିର ରାଜୁଲାଠାରେ ସର୍ବାଧିକ ୧୦ ଇଞ୍ଚ ବର୍ଷା ରେକର୍ଡ କରାଯାଇଛି। ଅମ୍ରେଲିରେ ଏକ ଚାଳିଆ ଭୁଶୁଡି ପଡ଼ିବାରୁ ଜଣେ ୨୯ ବର୍ଷୀୟା ମହିଳାଙ୍କର ମୃତ୍ୟୁ ଘଟିଛି। ଏହାସହ ପ୍ରାୟ ୨, ୮୦୪ଟି ଗାଁରେ ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହୋଇଛି। ରାଜ୍ୟରେ ଆଜି ୬ ଜଣଙ୍କର ମୃତ୍ୟୁ ଘଟିଛି। ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଏନ୍‌ଡିଆର୍‌ଏଫ୍ ଓ ଏସ୍‌ଡିଆର୍‌ଏଫ୍ ଟିମକୁ ନିୟୋଜିତ କରାଯାଇଥିବା ବେଳେ ୬ଟି ବନ୍ଧ ପାଇଁ 'ହାଇ ଆଲର୍ଟ' ଜାରି ହୋଇଛି। ଇତିମଧ୍ୟରେ ବର୍ଷା ଯୋଗୁଁ ଦିଲ୍ଲୀ ।।ରେ ଜଳବନ୍ଦୀ ସମସ୍ୟା ଦେଖାଦେଇଛି। ଗୁରୁଗ୍ରାମରେ ଜାତୀୟ ରାଜପଥର ଏକ ଅଂଶ ଦବିଯିବାରୁ ୧୦ କିଲୋମିଟର ପର୍ଯ୍ୟନ୍ତ ଟ୍ରାଫିକ୍ ଜାମ ସୃଷ୍ଟି ହୋଇଛି।

# ପଶ୍ଚିମ ବଙ୍ଗରେ ତେଜୁଛି ରାଜନୀତି; ଶୁଭେନ୍ଦୁଙ୍କ ପାଇଁ ଅଗ୍ନି ପରୀକ୍ଷା


ବାରୁଇପୁର, ୭।୭(ଏଜେନ୍ସି): ପଶ୍ଚିମବଙ୍ଗର ବାରୁଇପୁର ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅତି ନିର୍ମମ ଭାବେ ଦୁଷ୍କର୍ମ ଓ ହତ୍ୟା କରାଯିବା ଘଟଣା ସମଗ୍ର ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ଏହି ନାରକୀୟ କାଣ୍ଡ ଏବେ ଶୁଭେନ୍ଦୁ ଅଧିକାରୀଙ୍କ ନେତୃତ୍ୱାଧୀନ ବିଜେପି ସରକାର ପାଇଁ ଏକ ବଡ଼ ଆହ୍ୱାନ ଭାବେ ଉଭା ହୋଇଛି। ସୂଚନାଯୋଗ୍ୟ, ୧୧ ବର୍ଷୀୟା ପୀଡ଼ିତା ନାବାଳିକା ଜଣକ ଗତ ଶନିବାର ନିଖୋଜ ହୋଇଥିଲେ। ସ୍ଥାନୀୟ ସିସିଟିଭି ଫୁଟେଜରେ ତାଙ୍କୁ ଶେଷ ଥର ପାଇଁ କିଛି ଯୁବକଙ୍କ ସହ ଦେଖିବାକୁ ମିଳିଥିଲା। ରବିବାର ସକାଳେ ତାଙ୍କ ମୃତଦେହ ଏକ ପୋଖରୀରୁ ଏକ ବସ୍ତା ଭିତରୁ ଜବତ କରାଯାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ଅନୁଯାୟୀ, ନାବାଳିକାଙ୍କ ସହ ଦୁଷ୍କର୍ମ କରିବା ପରେ ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଦିଆଯାଇଥିଲା। ତାଙ୍କ ଶରୀର ସାରା କାମୁଡ଼ା ଚିହ୍ନ ରହିଥିଲା। ଏପରିକି ତାଙ୍କୁ ଜୀବନ୍ତ ଅବସ୍ଥାରେ ପୋଖରୀକୁ ଫିଙ୍ଗି ଦିଆଯାଇଥିଲା। ଫଳରେ ତାଙ୍କ ଫୁସଫୁସ ଓ ପେଟରେ ପାଣି ପଶିଯାଇ ମୃତ୍ୟୁ ହୋଇଥିଲା। ଏହା ଜଣା ପଡ଼ିବା ପରେ ପୁଲିସ ତତ୍ପରତା ସହକାରରେ ତଦନ୍ତ କରୁନଥିବା ଅଭିଯୋଗ କରି ସ୍ଥାନୀୟ ଲୋକେ ବ୍ୟାପକ ଭଙ୍ଗାରୁଜା ଓ ରାସ୍ତାରୋକ କରିଥିଲେ। ଉତ୍ତ୍ୟକ୍ତ ଲୋକେ ଜଣେ ସନ୍ଦିଗ୍ଧକୁ ମଧ୍ୟ ପିଟି ପିଟି ମାରିଦେବା ପରେ ଘଟଣା ବଢ଼ିଥିଲା। ଅନ୍ୟପଟେ, ଜଣେ ସ୍ଥାନୀୟ ବିଜେପି ନେତା ଅଭିଯୁକ୍ତଙ୍କୁ ଖସାଇ ଦେବାରେ ସାହାଯ୍ୟ କରୁଥିବା ନେଇ ଗୁଜବ ଉଠିବା ପରେ ପରିସ୍ଥିତି ଜଟିଳ ହୋଇଥିଲା। ଏହି ଘଟଣାକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ

**ବାରୁଇପୁର ଦୁଷ୍କର୍ମ ଓ ହତ୍ୟାକାଣ୍ଡ**



ମମତା ବାନାର୍ଜୀ କାଲିଘାଟରେ ଏକ ମହମବତି ଶୋଭାଯାତ୍ରା କରିବା ସହ ଘଟଣାର ତୀବ୍ର ନିନ୍ଦା କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ତାଙ୍କୁ ପୀଡିତାଙ୍କ ପରିବାରକୁ ଭେଟିବାକୁ ଦିଆଯାଉ ନାହିଁ ଏବଂ ତାଙ୍କୁ ଗୃହବନ୍ଦୀ କରି ରଖାଯାଇଛି। କିନ୍ତୁ ବିଜେପି ଏହାକୁ ନିୟମିତ ସୁରକ୍ଷା ବ୍ୟବସ୍ଥା ବୋଲି କହିଛି ଏବଂ ଟିଏମସି ଅଯଥା ବିବାଦ ସୃଷ୍ଟି କରିବାକୁ ଚେଷ୍ଟା କରୁଥିବା ଅଭିଯୋଗ କରିଛି। ସୋମବାର ମମତାଙ୍କ ଗୋଷ୍ଠୀର ଏକ ଟିଏମସି ପ୍ରତିନିଧି ଦଳ ପୀଡିତାଙ୍କ ପିତାମାତାଙ୍କୁ ଭେଟିଥିଲେ। ବାରୁଇପୁର ଗସ୍ତ ପାଇଁ ସମୟ ବାହାର ନକରିଥିବାରୁ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁଙ୍କ ଉପରେ ଖୁବ ବର୍ଷିଥିଲେ। ଅନ୍ୟପଟେ, ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ପୀଡିତାଙ୍କ ପିତାଙ୍କ ସହ ଫୋନରେ କଥା ହୋଇ କଠୋର କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେଇଛନ୍ତି। ଏହି ମାମଲାରେ ପୁଲିସ ବର୍ତ୍ତମାନ ସୁଦ୍ଧା ମୁଖ୍ୟ ଅଭିଯୁକ୍ତ ଆନନ୍ଦ ସର୍ଦ୍ଦାର ସମେତ ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କ ବିରୋଧରେ ଦୁଷ୍କର୍ମ, ହତ୍ୟା ଏବଂ ପକ୍ସୋ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଜାତୀୟ ମହିଳା କମିଶନ ମଧ୍ୟ ଏହି ଘଟଣାରେ ସ୍ୱତଃ ପ୍ରବୃତ୍ତ ସଜ୍ଞାନ ନେଇ ୭ ଦିନ ମଧ୍ୟରେ ରିପୋର୍ଟ ମାଗିଛନ୍ତି।

# ଭୁବନେଶ୍ୱର ବିମାନବନ୍ଦରରେ ୫କୋଟିର ମାରିଜୁଆନା ଜବତ



### ସି-ଫୁଡ୍‌ରେ ବ୍ୟାଙ୍କକରୁ ଆସିଥିଲା, ୨ ଯାତ୍ରୀ ଅଟକ

ଭୁବନେଶ୍ୱର, ୭।୭(ସମିସ): ଡିଆରଆଇ ଏବଂ କଷ୍ଟମ୍ ବିଭାଗକୁ ଚକମା ଦେବାକୁ ସି-ଫୁଡ୍(ସାମୁଦ୍ରୀକ ଖାଦ୍ୟ) ପ୍ୟାକେଟ୍‌ରେ ବାଙ୍କକ୍‌ରୁ ଓଡ଼ିଶାକୁ ମାରିଜୁଆନା ଚାଲାଣ ହେଉଥିଲା। କିନ୍ତୁ ମଙ୍ଗଳବାର ଭୁବନେଶ୍ୱର ବିମାନ ବନ୍ଦରରେ ବ୍ୟାଙ୍କକ୍‌ରୁ ଫେରୁଥିବା ଦୁଇ ଜଣ ୨ଯାତ୍ରୀ ମାରିଜୁଆନା ସହ ଧରାପଡ଼ିଗଲେ। ଡିଆରଆଇ ଏବଂ କଷ୍ଟମ୍ ଚେକିଂ ବେଳେ ସେମାନଙ୍କ ଠାରୁ ୫କୋଟି ଟଙ୍କାର ମାରିଜୁଆନା ଜବତ କରାଯାଇଛି। ଏହି ମାରିଜୁଆନାକୁ ଏହି ଇ ଯାତ୍ରୀ ସି-ଫୁଡ୍ ପ୍ୟାକେଟ୍‌ରେ ଲୁଚାଇ ଆଣୁଥିଲେ। ଏହାକୁ କୋଲକତା ଚାଲାଣ କରାଯାଇଥାନ୍ତା ବୋଲି ଜେରା ବେଳେ ଜଣାପଡ଼ିଛି।

ମଙ୍ଗଳବାର ସକାଳେ ବିମାନ ଯୋଗେ ବହୁସଂଖ୍ୟାରେ ଯାତ୍ରୀ ବ୍ୟାଙ୍କକରୁ ଭୁବନେଶ୍ୱର ଆସୁଥିଲେ। ଲକେଜ୍ ଚେକିଂ ବେଳେ ଜଣେ ଓଡ଼ିଆ ଏବଂ ଜଣେ କଲିକତା ଯାତ୍ରୀଙ୍କ ଉପରେ ବିମାନବନ୍ଦର କର୍ମଚାରୀଙ୍କ ସନ୍ଦେହ ହୋଇଥିଲା। ଏହାପରେ ସେମାନଙ୍କ ବ୍ୟାଗ୍ ଚେକିଂ ହୋଇଥିଲା। ଏଥିରେ କିଛି ସି-ଫୁଡ୍‌ର ଖାଦ୍ୟ ପ୍ୟାକେଟ୍ ମିଳିଥିଲା। ଏହି ପ୍ୟାକେଟ୍‌କୁ ଖୋଲାଯିବା ପରେ ଏଥିରୁ କୋଟି କୋଟି ଟଙ୍କାର ମାରିଜୁଆନା ମିଳିଥିଲା। ଏହାପରେ ସେମାନଙ୍କୁ ଅଟକ ରଖି ପଚରାଉଚରା କରାଯାଇଥିଲା। ସେମାନେ ଏହାକୁ କୋଲକାତା ନେଇଥାନ୍ତେ ବୋଲି ସ୍ୱୀକାର କରିଥିବା ଜଣାପଡ଼ିଛି।

ଭୁବନେଶ୍ୱର ବିମାନବନ୍ଦର ମାରିଜୁଆନା ଚାଲାଣର ଏକ ପ୍ରମୁଖ ପେଣ୍ଠସ୍ଥଳ ପାଲଟିଛି। ନିୟମିତ ଭାବେ ଏଠାରେ ମାରିଜୁଆନା ଜବତ ହେଉଛି। ମାମଲା ସଂଖ୍ୟା ଦିନକୁ ଦିନ ବଢିବା ଚିନ୍ତାଚନକ ବିଷୟ ପାଲଟିଲାଣି। ବିଗତ ୬ମାସ ମଧ୍ୟରେ ପ୍ରାୟ ୪୦ରୁ ଉଦ୍ଧ୍ୱର୍ କୋଟି ଟଙ୍କାର ମାରିଜୁଆନା ଜବତ ହୋଇଥିବା ସୂଚନା ମିଳିଛି।

# ବୈତରଣୀ କମୁଛି, ମହାନଦୀ ଫୁଲୁଛି

### ହୀରାକୁଦରେ ପଶୁଛି ୨ ଲକ୍ଷ କ୍ୟୁସେକ ଜଳ

ଭୁବନେଶ୍ୱର/ସମ୍ବଲପୁର,୭।୭(ସମିସ): ଦୁର୍ବଳ ହେଉଛି ବଙ୍ଗୋପସାଗରରେ ସୃଷ୍ଟ ଅବପାତ। ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ସଂଲଗ୍ନ ଉତ୍ତର ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳରେ ସୃଷ୍ଟି ହୋଇଥିବା ଅବପାତ ଦୁର୍ବଳ ହୋଇ ସଦୃଶ ଲଘୁଚାପରେ ପରିଣତ ହୋଇଛି। ଏହି ଲଘୁଚାପ ଦୁର୍ବଳ ହେବା ପରେ ପାଗରେ ପରିବର୍ତ୍ତନ ଆସିବା ସହ ବର୍ଷାର ପରିମାଣ ମଧ ହ୍ରାସ ପାଇଛି। ବୁଧବାର କେନ୍ଦୁଝର ଓ ମୟୁରଭଞ୍ଜ ଜିଲ୍ଲାକୁ ହାଲୁକରୁ ମଧ୍ୟମ ଧରଣର ବର୍ଷା ନେଇ ଆକଳନ କରାଯାଇଛି। ୧୨ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ କିଛି କିଛି ଅଞ୍ଚଳରେ କାଁ ଭାଁ ବର୍ଷା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।



ଅନ୍ୟପଟେ ରାଜ୍ୟରେ ଲଗାଣ ବର୍ଷା ପରେ ବୈତରଣୀ ନଦୀରେ ଛୋଟ ବନ୍ୟା ସ୍ଥିତି ସୃଷ୍ଟି ହୋଇଥିଲେ ମଧ ପରିସ୍ଥିତି ଧୀରେ ଧୀରେ ସୁଧୁରୁଛି। ବୈତରଣୀର ଜଳସ୍ତର କମିବା ସହ ଆଖୁଆପଦାରେ ଜଳସ୍ତର ସତର୍କ ସଙ୍କେତ ତଳକୁ ଖସିଆସିଛି। ତେଣୁ ବର୍ତ୍ତମାନ ବୈତରଣୀରେ ବନ୍ୟା ପରିସ୍ଥିତି ନାହିଁ ବୋଲି ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ କହିଛନ୍ତି। ଆଖୁଆପଦାରେ ମଙ୍ଗଳବାର ଜଳସ୍ତର ବିପଦସଙ୍କେତ ତଳେ ଅର୍ଥାତ୍ ୧୭.୬୧ ମିଟରକୁ ଖସିଛି। ଯାଜପୁର ଜିଲ୍ଲାର ୪ରୁ ୫ଟି ପଞ୍ଚାୟତର କିଛି ଚାଷଜମିରେ ବନ୍ୟାଜଳ ପ୍ରବେଶ କରିଥିବା ସୂଚନା ମିଳିଛି।

ବର୍ତ୍ତମାନ ହୀରାକୁଦରେ ଜଳସ୍ତର ୬୨୮.୫୬ ଫୁଟ ରହିଛି, ଯାହାକି ଗତବର୍ଷର ଜଳସ୍ତର ୬୨୯ ଫୁଟ ତୁଳନାରେ କମ୍। ବର୍ତ୍ତମାନ ପ୍ରାୟ ୨,୬୩,୮୮୨ କ୍ୟୁସେକ ଜଳ ହୀରାକୁଦକୁ ପ୍ରବେଶ କରୁଥିବା ବେଳେ ବୁଧବାର ସୁଦ୍ଧା ଏହା ପ୍ରାୟ ଅଢ଼େଇ ଲକ୍ଷ କ୍ୟୁସେକରେ ପହଞ୍ଚିପାରେ। ଉପରମୁଣ୍ଡରେ ବର୍ଷା ଏବଂ ଛତିଶଗଡ଼ର କଲମା ବ୍ୟାରେଜର ଗେଟ୍ ଖୋଲାଯିବା ପରେ ଜଳପ୍ରବାହ ଆହୁରି ବଢ଼ିବାର ସମ୍ଭାବନା ରହିଛି। ଜୁଲାଇ ୯ ତାରିଖ ସୁଦ୍ଧା ହୀରାକୁଦର ଜଳସ୍ତର ୬୨୯ ଫୁଟ ଛୁଇଁଲେ କେତୋଟି ଗେଟ୍ ଖୋଲାଯିବ ସେନେଇ ଆସନ୍ତାକାଲି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ । ସେହିପରି ମୁଣ୍ଡଳିରେ ଜଳପ୍ରବାହ ପର୍ଯ୍ୟାୟକ୍ରମେ ବଢ଼ି ପ୍ରାୟ ସାଢ଼େ ୪ ଲକ୍ଷ କ୍ୟୁସେକରେ ପହଞ୍ଚି ସ୍ଥିର ରହିବ ବୋଲି ଆକଳନ କରାଯାଇଛି। ପ୍ରଥମେ ବର୍ଷାଜଳ ନରାଜ ଦେଇ ନିଷ୍କାସନ କରାଯିବ ତା'ପରେ ହୀରାକୁଦରୁ ଜଳ ଛଡ଼ାଯିବ। ତେଣୁ ତଳମୁଣ୍ଡର ଜିଲ୍ଲାଗୁଡ଼ିକରେ ବଡ଼ ଧରଣର ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ନାହିଁ ବୋଲି ଜଳ ସମ୍ପଦ ବିଭାଗ ଆଶ୍ୱସ୍ତ କରିଛି। ମହାନଦୀରେ ଜଳସ୍ତର ବଢ଼ିବା ପରେ କଟକ ବଡମ୍ବା ଭଟ୍ଟାରିକା ମନ୍ଦିର ବେଢାରେ ପ୍ରଥମ ବନ୍ୟାଜଳ ପ୍ରବେଶ କରିଛି।

# ରାଜ୍ୟ ପୁଲିସକୁ ଶନି ଚଳନ

### ଖାକିରେ କଳାଦାଗ ଲଗାଇଛି ଥାନାରେ ଥାର୍ଡ ଡ଼ିଗ୍ରୀ

ଭୁବନେଶ୍ୱର, ୭।୭(ସମିସ): ରାଜ୍ୟ ପୁଲିସ ସବୁକିଛି ଠିକ୍ ଚାଲିନାହିଁ। ଶନି ଦଶା ପଡ଼ିଲା ପରି ବିଭିନ୍ନ ପ୍ରସଙ୍ଗକୁ ନେଇ ପୁଲିସ ନିନ୍ଦିତ ହୋଇଛି ଓ ଲୋକଙ୍କ ଭରସା ପୁଲିସ ଉପରୁ ଉଠିବାକୁ ବସିଛି। ରାଜ୍ୟରେ ଆଇନଶୃଙ୍ଖଳା ଭୟଙ୍କର ଭାବରେ ନିମ୍ନଗାମୀ ହୋଇଛି। ଥାନାରେ ଥାର୍ଡ ଡ଼ିଗ୍ରୀ, ଏପରିକି ପୁଲିସ ମାଡ଼ରେ ହାଜତରେ ଅଭିଯୁକ୍ତ ମୃତ୍ୟୁବରଣ କରୁଥିବା ଅଭିଯୋଗ ଆସିଛି। ଶାରୀରିକ ସମ୍ପର୍କ ରଖିବାକୁ ମହିଳା ଅଭିଯୋଗକାରୀଙ୍କୁ କିଛି ପୁଲିସ ବାଧ କରୁଛନ୍ତି। ଥାନା ପରିସରରେ ମହିଳା ଆଇଆଇସି ଫାଶୀ ଲଗାଇ ଆତ୍ମହତ୍ୟା କରୁଛନ୍ତି। ବରିଷ୍ଠ ଅଧିକାରୀଙ୍କ ବିରୋଧରେ ଚାକିରି ବିକ୍ରିଠାରୁ ଘରେ ତଳିଆ କର୍ମଚାରୀଙ୍କୁ ବେଠି ଖଟାଇବା ପରି ସାଂଘାତିକ ଅଭିଯୋଗ ହୋଇଛି । ବ୍ୟବସ୍ଥାରେ ଖାପ ଖୁଆଇ ନ ପାରି ବରିଷ୍ଠ ଆଇପିଏସ୍ ପଦତ୍ୟାଗ କରୁଛନ୍ତି। ପୁଲିସ ବ୍ୟବସ୍ଥାରେ ବର୍ତ୍ତମାନ ସୃଷ୍ଟି ହୋଇଥିବା ସ୍ଥିତି ପୂର୍ବରୁ କେବେ ସୃଷ୍ଟି ହୋଇଥିବା ଦେଖାଯାଇ ନାହିଁ। ଏପରି ସ୍ଥିତି ଅତୀତରେ କେବେ ଦେଖାଯାଇ ନ ଥିଲା ।

 କଟକ ଚାଉଳିଆଗଞ୍ଜ ଥାନା ପରିସରରେ ଇନ୍ସପେକ୍ଟର ବିଯୁଟି ମହାନ୍ତି ଫାଶି ଲଗାଇ ଆତ୍ମହତ୍ୟା କଲେ। ଥାନା ଭିତରେ ଜଣେ ପୁଲିସ ବିଭାଗର ଜଣେ ଗେଜେଟେଡ୍ ଅଫିସର କେବେ ବି ଆତ୍ମହତ୍ୟା କରିଥିବା ପ୍ରାୟ କେହି ଶୁଣି ନାହାନ୍ତି। ରାଜ୍ୟ ପୁଲିସର ଏଭଳି ଦୁଃଖଦ କାହାଣୀ ମନରୁ ଲିଭି ନଥିଲା ବେଳେ ଭୁବନେଶ୍ୱରରେ ଡିସିପିଙ୍କ ଇସ୍ତଫା କଥା ସାମ୍ନାକୁ ଆସିଲା। କମିଶନରେଟ୍

- ନିଶା କାରବାରରେ ପୁଲିସ ବାବୁଙ୍କ ସମ୍ପୃକ୍ତି
- 'ଫେବର' ମାଗୁଛନ୍ତି ପୁଲିସ ଅଧିକାରୀ
- ଥାନା ଭିତରେ ଆଇଆଇସିଙ୍କ ଆତ୍ମହତ୍ୟା
- ଚାକିରି ଛାଡୁଛନ୍ତି ଆଇପିଏସ୍ ଅଧିକାରୀ

ପୁଲିସ ଇତିହାସରେ ଏଭଳି ଅଚାନକ ଭାବେ କୌଣସି ଆଇପିଏସ୍ ଅଧିକାରୀ କେବେ ବି ଇସ୍ତଫା ଦେଇ ନ ଥିଲେ। ଡିସିପି ଜଗମୋହନ ମୀନା ଚାକିରିରେ ଏଭଳି ବୀତସ୍ପୃହ ହେଲେ ଯେ ସମ୍ମାନଜନକ ଆଇପିଏସ୍ ଚାକିରି ଛାଡି ବେସରକାରୀ ଚାକିରି କରିବାକୁ ମନ ବଳାଇଲେ।

ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ ହାଜତମୃତ୍ୟୁ ଏବଂ ଥାର୍ଡ ଡିଗ୍ରୀ ମାମଲା ରେକଡର୍ ଭାଙ୍ଗିଛି। ଗଞ୍ଜାମ କବିସୂର୍ଯ୍ୟନଗର ହାଜତ ମୃତ୍ୟୁ ମାମଲାରେ ଜଣେ ଯୁବ ଆଇପିଏସ୍ ଅଫିସରଙ୍କୁ ବଦଳି କରାଯାଇଛି। କେନ୍ଦ୍ରପଡ଼ା ତାଳଚୁଆ ମେରାଇନ୍ ଥାନାରେ ଥାର୍ଡ ଡିଗ୍ରୀ ଘଟଣାରେ ଅଭିଯୁକ୍ତ ଆଇଆଇସି ସନ୍ଧ୍ୟାରାଣୀ ଜେନା ନିଲମ୍ବିତ ହୋଇ ଆଗୁଆ ଜାମିନ ପାଇଁ ଆବେଦନ କରିଥିବା ସୂଚନା ମିଳିଛି। ମହିଳା ଅଭିଯୋଗକାରୀଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ପ୍ରସ୍ତାବ ଦେଇ ଖଣ୍ଡପଡ଼ା ପୂର୍ବତନ ଏସ୍‌ଡିପିଓ ମଦନମୋହନ ପ୍ରଧାନ ଏବଂ ଶରଣକୂଳ ଥାନା ପୂର୍ବତନ ଆଇଆଇସି ସୁଜିତ କୁମାର ଦାସ ଫେରାର ହୋଇଛନ୍ତି ଓ ଏବେ ଆଗୁଆ ଜାମିନ ପାଇଁ ଆବେଦନ କରିଥିବା ସୂଚନା ମିଳିଛି ।

ନିଶା କାରବାର ଏବଂ ଗୋମାଫିଆଙ୍କ ସହ ହାତ ମିଳାଇବା ଅଭିଯୋଗରେ ଏକାଧିକ ପୁଲିସ କର୍ମଚାରୀ ନିଜ ଚାକିରି ହରାଇବାରେ ଲାଗିଛନ୍ତି। ଝାରବନ୍ଧ ଥାନା ଅଧିକାରୀ ଶୁକ୍ରା ମାଧି ଗଞ୍ଜେଇ ମାଫିଆଙ୍କ ସହ ହାତ ମିଳାଇବା ନେଇ ଅଭିଯୋଗରେ କାର୍ଯ୍ୟରୁ ନିଲମ୍ବିନ ହୋଇଛନ୍ତି। ଥାନାରେ ଲାଞ୍ଚ କାରବାର ତ ସାଧାରଣ ଘଟଣାରେ ପରିଣତ ହୋଇଛି। ୨୦୨୬ ମସିହାରେ ପୁଲିସ ଯେତିକି ବଦନାମ ହୋଇଛି କେଉଁ ବର୍ଷ ଏଭଳି ହୋଇନାହିଁ ବୋଲି ନାମ ଗୋପନ ରଖିବା ସର୍ତ୍ତରେ କିଛି ପୁଲିସ କର୍ମଚାରୀମାନେ ମତ ପ୍ରକାଶ କରିଛନ୍ତି।

ପୁଲିସ ଉପସ୍ଥିତିରେ ବାଲିଅନ୍ତା ଭିଡ଼ ହତ୍ୟା ମାମଲାରେ ଅତିରିକ୍ତ ଡିଜି ଦୟାଲ ଗଙ୍ଗୱାରଙ୍କ ପ୍ରଥମ ୱିକେଟ୍ ଗଳିଥିଲା। ପ୍ରଥମ ଥର ପାଇଁ ଜଣେ ଏଡିଜି ସ୍ତରୀୟ ଅଧିକାରୀଙ୍କୁ ନିଲମ୍ବନ କରାଗଲା। ସେପଟେ ଜେଲ ବିଭାଗ ଡିଜିଙ୍କ ବିରୋଧରେ ଖୋଦ ଶାସକ ଦଳର ଜଣେ ସାଂସଦ ଥାନାରେ ଏତଲା ଘଟଣା ଛୋଟ ବୋଲି କୁହାଯାଇ ପାରିବ ନାହିଁ। କଏଦୀ ଖସାଇବା ମାମଲାରେ ତାଙ୍କର ହାତ ଥିବା ଦର୍ଶାଇ ଅଭିଯୋଗ କରିଥିଲେ ମଧ ଏପର୍ଯ୍ୟନ୍ତ ଏହାର ତଦନ୍ତ ଆରମ୍ଭ ହୋଇନାହିଁ। ଯଦି ଏହାର ତଦନ୍ତ ଆରମ୍ଭ କରାଯାଏ ତେବେ ବହୁ ଲୋକେ ଅଡୁଆରେ ପଡ଼ି ପାରନ୍ତି ବୋଲି ଚର୍ଚ୍ଚା ହେଉଛି।

# ଲୋକଙ୍କ ସ୍ୱର ଚାପିବାକୁ ବିଜେପିର ଉଦ୍ୟମ: ବିଜେଡି

### ଅନ୍ୟାୟ ବନ୍ଦ ନ ହେଲେ ସାରା ରାଜ୍ୟରେ ଆନ୍ଦୋଳନ ଚେତାବନୀ

ଭୁବନେଶ୍ୱର,୭।୭(ସମିସ): ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ପାଇଁ ଜନସାଧାରଣଙ୍କ ସମାଲୋଚନାର ଶିକାର ହେଉଛି ବିଜେପି ସରକାର। ସୋସିଆଲ ମିଡିଆରେ ବିଜେପି ବିରୋଧରେ ମତ ପ୍ରକାଶ କରୁଥିବା ଲୋକଙ୍କୁ ବିଜେପିର ଆକ୍ରୋଶର ଶିକାର ହେବାକୁ ପଡୁଛି। ଏହା ଏକପ୍ରକାର ଏକଛତ୍ରବାଦ ଓ ଏହା ବନ୍ଦ ନ ହେଲେ ସାରା ରାଜ୍ୟରେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛି ବିଜେଡି ।

ମଙ୍ଗଳବାର ଶଙ୍ଖ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ପ୍ରତାପ ଜେନା କହିଛନ୍ତି ଯେ ନିଜ କାର୍ଯ୍ୟ ପାଇଁ ସୋସିଆଲ ମିଡିଆରେ ଲୋକେ ବିଜେପିକୁ ସମାଲୋଚନା କରୁଛନ୍ତି। ଯେଉଁମାନେ ସୋସିଆଲ ମିଡିଆରେ ବିଜେପି ବିରୋଧରେ ମତପ୍ରକାଶ କରୁଛନ୍ତି, ସେମାନଙ୍କୁ ଗିରଫ କରିବା ସହ ଥାନାକୁ ଡାକି ଭୟଭୀତ କରାଯାଉଛି। ସେମାନଙ୍କ ସୋସିଆଲ ମିଡ଼ିଆ ଆଇଡ଼ି ନିଷ୍କ୍ରିୟ କରାଯାଉଛି, ଲୋକଙ୍କ ସ୍ୱର ଚାପି ଦେବାକୁ ଉଦ୍ୟମ ହେଉଛି। ରାଜ୍ୟସଭା ସାଂସଦ ସୁଲତା ଦେଓ ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁଙ୍କ ସୋସିଆଲ ମିଡ଼ିଆ ଆଇଡ଼ି ବନ୍ଦ କରିଦିଆଯାଇଛି। ବିଜେପି ସରକାରଙ୍କୁ ବିରୋଧ କରିବାରୁ କଟକର ବିଶ୍ୱଜିତ ସାହୁଙ୍କୁ ଟାର୍ଗେଟ କରି ଗିରଫ କରାଯାଇଛି । ମାତ୍ର ଅନ୍ୟ ଦଳର ନେତାଙ୍କ ଚରିତ୍ର ସଂହାର କରୁଥିବା ବିଜେପି ଆଇଟି ସେଲ ଲୋକଙ୍କୁ କାହିଁକି ଗିରଫ କରାଯାଉ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି।

ବରିଷ୍ଠ ସାଧାରଣ ସମ୍ପାଦକ ପ୍ରଣବ ବଳବନ୍ତରାୟ କହିଛନ୍ତି ଯେ ଡବଲ ଇଞ୍ଜିନ ସରକାରଙ୍କୁ ସମାଲୋଚନା କରିଲେ ଆକ୍ରୋଶର ଶିକାର ହେବାକୁ ପଡୁଛି ।



ସରକାର ଓ ବିଜେପି ବିରୋଧରେ ତୁଣ୍ଡ ଖୋଲିଲେ କାର୍ଯ୍ୟାନୁଷ୍ଠାନ ହେଉଛି; ମାତ୍ର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିରୋଧରେ ଅପପ୍ରଚାର କରୁଥିବା ଲୋକଙ୍କ ବିରୋଧରେ ପଦକ୍ଷେପ ନିଆଯାଉନାହିଁ। ରାଜ୍ୟରେ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଆଇନ ଶୃଙ୍ଖଳା ପରିସ୍ଥିତିକୁ ସଜାଡ଼ିବା ପ୍ରତି ଧ୍ୟାନ ନ ଦେଇ ସୋସିଆଲ ମିଡିଆରେ ମତପ୍ରକାଶ କରୁଥିବା ଲୋକଙ୍କୁ ଗିରଫ କରି ପୁଲିସ ବାହାବା ନେଉଛି।

ମୁଖପାତ୍ର ଡ. ଲେନିନ୍ ମହାନ୍ତି କହିଥିଲେ ଯେ ପୁଲିସର ଦି'ଟା ଆଇନ । ସରକାରଙ୍କୁ ସମାଲୋଚନା କଲେ କାର୍ଯ୍ୟାନୁଷ୍ଠାନ, ମାତ୍ର ବିରୋଧୀଙ୍କୁ ଗାଳିଗୁଲଜ କଲେ ସୁରକ୍ଷା ପ୍ରଦାନ। ରାଜ୍ୟସଭା ସାଂସଦ ସୁଲତା ଦେଓ ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁଙ୍କ ବିରୁଦ୍ଧରେ କୁତ୍ସିତ ଟିପ୍ପଣୀ ଦେଉଥିବା ଲୋକଙ୍କୁ ପୁଲିସ ସୁରକ୍ଷା ଦେଉଛି। ଆଇଟି ସେଲ୍‌କୁ ବ୍ୟବହାର କରି ବିଜେପି ରାଜ୍ୟରେ ରାଜନୈତିକ ବିରୋଧୀମାନଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରୁଛି । ଯିଏ ତାହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଛନ୍ତି, ତାଙ୍କୁ ଗିରଫ କରାଯାଉଛି। ସରକାର ଯଦି ଏଥିରୁ କ୍ଷାନ୍ତ ନ ରୁହେ, ତେବେ ଆଗାମୀ ଦିନରେ ବିଜେଡି ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବୋଲି ସେ କହିଛନ୍ତି।

# ଶିଶୁ ବାଟିକାରେ ଶିକ୍ଷକ ନିଯୁକ୍ତି ଚିଠି ଜାଲ୍

ଭୁବନେଶ୍ୱର, ୭।୭(ସମିସ): ଅର୍ଥ ବିଭାଗର ଅନୁମୋଦନ କ୍ରମେ ଶିଶୁ ବାଟିକା ଶ୍ରେଣୀରେ ୭୨୩୪ ଜଣ ଶିକ୍ଷକ ନିଯୁକ୍ତି ହେବା ନେଇ ଗତକାଲି ଏକ ଚିଠି ଭାଇରାଲ୍ ହୋଇଥିଲା। ମାତ୍ର ଚିଠି ସମ୍ପୂର୍ଣ୍ଣ ଜାଲ ବୋଲି ଆଜି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସ୍ପଷ୍ଟ କରିଛି। ବିଭାଗ ପକ୍ଷରୁ କୁହାଯାଇଛି ଯେ ଚିଠି ସଂଖ୍ୟା

### ସ୍ପଷ୍ଟୀକରଣ ସହ କାର୍ଯ୍ୟାନୁଷ୍ଠାନ ଆରମ୍ଭ କଲା ଗଣଶିକ୍ଷା ବିଭାଗ

୧୦୯୧୧/ଏଫ୍, ତା୨୪.୦୪.୨୦୨୬ ନାମରେ ଏକ ଅନଧିକୃତ ଚିଠି ବିଭିନ୍ନ ସୋସିଆଲ ମିଡିଆରେ ପ୍ରଚାର କରାଯାଉଛି। ଓସେପା ଅଧୀନରେ ୭୨୩୪ ଶିଶୁ ବାଟିକା ଶିକ୍ଷକ ପଦ ସୃଷ୍ଟି ଓ ନିଯୁକ୍ତି ଏବଂ ମାସିକ ୨୬ହଜାର ପ୍ରଦାନ ପାଇଁ ଅର୍ଥ ବିଭାଗ ଅନୁମୋଦନ କରିଥିବା ମିଥ୍ୟା ଦାବି କରାଯାଇଛି। ଏହା ଜାଲ୍ ଓ ଅନଧିକୃତ । ଅର୍ଥ ବିଭାଗ ଏପରି କୌଣସି ପ୍ରସ୍ତାବକୁ ଅନୁମୋଦନ ଦେଇନାହିଁ। ପତ୍ର ସଂଖ୍ୟା, ବିଷୟବସ୍ତୁ ଓ ଅନୁମୋଦନ ସମ୍ପୂର୍ଣ୍ଣ ମିଥ୍ୟା ଏବଂ ସରକାରୀ ଅଭିଲେଖାରେ ଏହାର କୌଣସି ଆଧାର ନାହିଁ। ଜାଲ୍ ସରକାରୀ ପତ୍ର ପ୍ରସ୍ତୁତ କରି ପ୍ରଚାର କରିବା ଏକ ଗୁରୁତର ଅପରାଧ ଏବଂ ଏହି ଘଟଣା ଉପରେ ଉପଯୁକ୍ତ ଆଇନଗତ ପଦକ୍ଷେପ ଗ୍ରହଣ ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିବା ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

## ମ୍ୟାଲେରିଆରେ ଚତୁର୍ଥ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ

# ବାଇକ୍‌ରେ ମୃତଦେହ ବୋହିଲେ ପରିବାର



ରାୟଗଡ,୭।୭(ସମିସ): ରାୟଗଡ ଜିଲ୍ଲାରେ ପୁଣି ମ୍ୟାଲେରିଆ ଜଣେ ଛାତ୍ରଙ୍କ ଜୀବନ ନେଇଛି। ଛାତ୍ରଙ୍କ ମୃତ୍ୟୁ ପରେ କୌଣସି ଗାଡି ନ ମିଳିବାରୁ ପରିବାର ଲୋକେ ବାଧ୍ୟ ହୋଇ ବାଇକ୍‌ରେ ମୃତଦେହ ଘରକୁ ନେଇଥିବା ଦେଖିବାକୁ ମିଳିଛି। ଏହି ଘଟଣା ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ମୃତ ଛାତ୍ର ହେଲେ କୋଲନରା ବ୍ଲକ ସୂରୀ ପଞ୍ଚାୟତ ଅଧୀନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀର ଛାତ୍ର ଚନ୍ଦୁ ଉଲାକା (୧୦)। ସେ ମଙ୍ଗଳ ବିଭାଗ ଛାତ୍ରାବାସରେ ରହି ପାଠ ପଢୁଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବୁଦ୍ଧଦେବ ତାଡିଙ୍ଗି କହିଛନ୍ତି ଯେ, ଗତ ଶୁକ୍ରବାର ଦିନ ଚନ୍ଦୁ ବିଦ୍ୟାଳୟକୁ ଆସିଥିବା ବେଳେ ତାହାର ସ୍ୱାସ୍ଥ୍ୟବସ୍ଥା ଭଲ ଥିଲା। ଗତ ସୋମବାର ଦିନ ସ୍ଥାନୀୟ ଆଶା ଦିଦି, ଏଏନଏମ ଓ ସୁପରଭାଇଜର ଟିମ୍ ବିଦ୍ୟାଳୟକୁ ଆସି ଛାତ୍ରଛାତ୍ରୀଙ୍କ ରକ୍ତ ପରୀକ୍ଷା କରିଥିଲେ। ଏଥିରେ ଦୁଇଜଣ ଛାତ୍ର ମେଲେରିଆ ପଜିଟିଭ୍ ଚିହ୍ନଟ ହୋଇଥିଲେ। ଏଥିରେ ଚନ୍ଦୁର ପଜିଟିଭ ବାହାରିଥିଲା। ଦୁଇ ଛାତ୍ରଙ୍କୁ ମେଲେରିଆ ଔଷଧ ଦିଆଯାଇଥିଲା। ତେବେ ମଙ୍ଗଳବାର ଦିନ ଚନ୍ଦୁର ବାପା ରମେଶ ଉଲାକା ଓ ପରିବାର ଲୋକେ ବିଦ୍ୟାଳୟକୁ ଆସ ଚନ୍ଦୁକୁ ଘରକୁ ନେଇ ଚିକିତ୍ସା କରିବା ପାଇଁ କହିଥିଲେ। ସେ ମନା କରିବାରୁ ଲିଖିତ ଭାବେ ନିଜ ଦାୟିତ୍ୱରେ ନେବା ପାଇଁ କହି ପରିବାର ଲୋକେ ଚନ୍ଦୁକୁ ଲାଲବି ଗାଁକୁ ନେଇ ଯାଇଥିଲେ। ଆଜି ଅପରାହ୍ନରେ ଚନ୍ଦୁକୁ କୋଲନରା ସିଏଚସିକୁ ଅଣାଯାଇଥିବା ବେଳେ ସାଢେ ୩ ଟା ବେଳେ ତାର ମୃତ୍ୟୁ ଘଟିଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମୃତଦେହ ଘରକୁ ନେବା ପାଇଁ କୌଣସି ଗାଡ଼ିର ବ୍ୟବସ୍ଥା କରାଯାଇ ନ ଥିଲା। ଫଳରେ ପରିବାର ଲୋକେ ବାଧ ହୋଇ ଶବକୁ ବାଇକ୍‌ରେ ନିଜ ଗାଁକୁ ନେଇଥିଲେ। ମଙ୍ଗଳ ବିଭାଗ ଛାତ୍ରାବାସରେ ରହୁଥିବା ଛାତ୍ରଛାତ୍ରୀ ଅସୁସ୍ଥ ହେଲେ ସେମାନଙ୍କୁ ତୁରନ୍ତ ଡାକ୍ତରଖାନାକୁ ନେଇ ଚିକିତ୍ସା କରିବାକୁ ପ୍ରଶାସନ ପକ୍ଷରୁ ବାରମ୍ବାର ନିର୍ଦ୍ଦେଶ ଥିଲେ ମଧ ତାହା ଠିକ୍ ଭାବେ ପାଳନ ହେଉ ନଥିବା ଅଭିଯୋଗ ହେଉଛି।

# ଏଣିକି ନିୟମ ଭାଙ୍ଗିଲେ ଜବତ ହେବ ଗାଡ଼ି

କଟକ,୭।୭(ସମିସ): ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନ ପାଇଁ ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଆଗରୁ ନିୟମ ଉଲ୍ଲଙ୍ଘନ ପାଇଁ ଅଧିକାଂଶ କ୍ଷେତ୍ରରେ ଚାଲାଣ ଜାରି କରି ଗାଡ଼ି ଛାଡ଼ି ଦିଆଯାଉଥିଲା ବେଳେ ଏଣିକି ଗାଡ଼ି ଜବତ କରାଯିବ। ନିୟମ ଉଲ୍ଲଙ୍ଘନ କରି ଚଳାଚଳ କରୁଥିବା ମୋଟର ଯାନଗୁଡ଼ିକ ବିରୋଧରେ ମୋଟର ଯାନ ଆଇନ ଧାରା ୧୯୨ ଅଧୀନରେ ଅନେକ ଚାଲାଣ ଜାରି ହୋଇଥିଲେ ସୁଦ୍ଧା ଧାରା ୨୦୭ ଅନୁଯାୟୀ ଗାଡ଼ି ଜବତ ସଂଖ୍ୟା କମ୍ ରହିଛି। ଗତ ଏପ୍ରିଲ ପହିଲାରୁ ଜୁନ ୩୦ ପର୍ଯ୍ୟନ୍ତ ୩ମାସ ଅବଧି ସମୟରେ ହୋଇଥିବା ସ୍ୱତନ୍ତ୍ର ଏନଫୋର୍ସମେଣ୍ଟରେ ସାରା ରାଜ୍ୟରେ ୧,୬୪,୮୮୨ ଚାଲାଣ ଜାରି ହୋଇଥିବା ବେଳେ ମାତ୍ର ୪୨୮ଟି ଗାଡ଼ି ଜବତ ହୋଇଛି। ଏଣିକି ଯଦି ବିନା ଫିଟନେସରେ ଚଳାଚଳ କରୁଥିବା ଗାଡ଼ି ଜବତ ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ସେହିଭଳି ପଞ୍ଜୀକରଣ, ପରମିଟ୍ କିମ୍ବା ବୀମା ନିୟମ ଉଲ୍ଲଙ୍ଘନ କ୍ଷେତ୍ରରେ ମଧ କଡ଼ା ଆଭିମୁଖ୍ୟ ପୋଷଣ କରିବା ପାଇଁ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀ, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଓ




ଏନଫୋର୍ସମେଣ୍ଟ ଅଧିକାରୀଙ୍କୁ ସର୍କୁଲାର ଜାରି କରି ଅବଗତ କରାଇଛି ରାଜ୍ୟ ପରିବହନ ପ୍ରାଧିକରଣ। ପୂର୍ବରୁ କେବଳ ଜରିମାନା ଜାରି ହେଉଥିବା ବେଳେ ପରେ ପଞ୍ଜୀକରଣ ରଦ୍ଦ ଭଳି ଆଭିମୁଖ୍ୟ ନିଆଯାଇଆସୁଛି। କେବଳ ଚାଲାଣ ଜାରି କରି ଅଯୋଗ୍ୟ ଏବଂ ଅନୁପଯୁକ୍ତ ଗାଡ଼ିକୁ ଛାଡ଼ିଦେବା ଦ୍ୱାରା ସଡ଼କ ସୁରକ୍ଷା ଉଦ୍ଦେଶ୍ୟ ସାଧିତ ହେଉନାହିଁ। ଏହି ବେଆଇନ ଗାଡ଼ି ଚଳାଚଳ ଯୋଗୁଁ ଅନେକ ସମୟରେ ମର୍ମନ୍ତୁଦ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି ବୋଲି ପ୍ରାଧୀକରଣ ପକ୍ଷରୁ କୁହାଯାଇଛି।

ରାଜ୍ୟରେ ସଡ଼କ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ପୁଲିସ ପ୍ରଶାସନ ସହ ସମନ୍ୱୟ ରକ୍ଷା କରାଯିବା ସହ ବାହାନ ଏବଂ ଇ-ଚାଲାଣ ଡ୍ୟାସବୋର୍ଡରେ ଆଲର୍ଟ ବ୍ୟବସ୍ଥାର ସହାୟତା ମଧ ନିଆଯାଉଛି। ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ କୁହାଯାଇଛି ଯେ ସଡ଼କ ଦୁର୍ଘଟଣା ହ୍ରାସକୁ ମିସନ ଭାବରେ ଗ୍ରହଣ କରିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି। ଏଭଳି କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ନ ହେବାକୁ ସମସ୍ତ ସଡ଼କ ବ୍ୟବହାରକାରୀ ସଡ଼କ ସୁରକ୍ଷା ନିୟମ ପାଳନ କରିବାକୁ ଅନୁରୋଧ କରାଯାଉଛି।

### ଦୁଇ ଦିନରେ ୪୭୮ ଚାଲାଣ

କଟକ,୭।୭(ସମିସ): ବିନା ଫିଟନେସରେ ଚାଲୁଥିବା ଗାଡ଼ି ବିରୋଧରେ ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ଅଭିଯାନରେ ଦୁଇଦିନ ମଧ୍ୟରେ (ଜୁଲାଇ ୫ ଓ ୬) ମୋଟ ୩,୦୫୭ଟି ଗାଡ଼ି ଯାଞ୍ଚ କରାଯାଇ ୪୭୮ଟି ଚାଲାଣ କଟାଯାଇଛି। ବିନା ପରମିଟ୍‌ରେ ଗାଡ଼ି ଚାଳନା ଯୋଗୁଁ ୬୫ଟି ଏବଂ ଉଭୟ ନିୟମ ଉଲ୍ଲଙ୍ଘନ କରିଥିବା ଯୋଗୁଁ ୧୭୨ଟି ଗାଡ଼ି ବିରୋଧରେ ଇ-ଚାଲାଣ ଜାରି ହୋଇଛି। ଦୁଇ ଦିନ ମଧ୍ୟରେ ଭୁବନେଶ୍ୱର-୧ ଆରଟିଓ ୩୦୫ଟି ଗାଡ଼ି ଯାଞ୍ଚ କରିଥିବା ବେଳେ ଗଞ୍ଜାମ ଆରଟିଓ ୨୯୭ଟି, କଟକ ଆରଟିଓ ୨୦୧ଟି, ଚଣ୍ଡିଖୋଲ ଆରଟିଓ ୧୯୮ଟି ଏବଂ ମୟୂରଭଞ୍ଜ ଆରଟିଓ ୧୪୮ଟି ଗାଡ଼ି ଯାଞ୍ଚ କରିଛନ୍ତି। ବିନା ପଞ୍ଜୀକରଣ କିମ୍ବା ଫିଟନେସ ପରି ନିୟମ ଉଲ୍ଲଙ୍ଘନ ପାଇଁ ଦୁଇ ଦିନ ମଧ୍ୟରେ ଭୁବନେଶ୍ୱର-୧ ଆରଟିଓ ପକ୍ଷରୁ ୭୨ଟି ଚାଲାଣ ଜାରି କରାଯାଇଥିବା ବେଳେ କଟକ ଆରଟିଓ ୬୧ଟି, ଚଣ୍ଡିଖୋଲ ଆରଟିଓ ୩୫ଟି, ବାଲେଶ୍ୱର ଆରଟିଓ ୨୪ଟି ଏବଂ ଝାରସୁଗୁଡ଼ା ଆରଟିଓ ୧୫ଟି ଚାଲାଣ ଜାରି କରିଛନ୍ତି। ସେହିପରି ବିନା ପରମିଟ୍‌ରେ ଗାଡ଼ି ଚାଳନା ବିରୋଧରେ ଝାରସୁଗୁଡ଼ା ଆରଟିଓ ୭ଟି, କେନ୍ଦ୍ରାପଡ଼ା ଏବଂ କେନ୍ଦୁଝର ଆରଟିଓ ୬ଟି ଲେଖାଏଁ ଏବଂ କଟକ ଓ ଗଞ୍ଜାମ ଆରଟିଓ ପକ୍ଷରୁ ୫ଟି ଲେଖାଏଁ ଚାଲାଣ ଜାରି କରାଯାଇଛି।

# ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରସଂସଦ ନିର୍ବାଚନ ଉଷ୍ମତା

ଭୁବନେଶ୍ୱର, ୭।୭(ସମିସ): ଚଳିତ ବର୍ଷ ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରସଂସଦ ନିର୍ବାଚନ ପାଇଁ ଉଷୁମ ହେଲାଣି ଶିକ୍ଷାୟତନ। ନିର୍ବାଚନ ନେଇ ବିଭିନ୍ନ ଛାତ୍ର ସଂଗଠନ ପ୍ରସ୍ତୁତି ଆରମ୍ଭ କଲେଣି। ରାଜ୍ୟରେ ସରକାର ଆସିଲେ ଛାତ୍ରସଂସଦ ନିର୍ବାଚନ କରାଯିବ ବୋଲି ବିଜେପି ଦେଇଥିବା ପ୍ରତିଶ୍ରୁତି ଏଯାଏ ପୂରଣ ହୋଇପାରି ନାହିଁ। ଗତ ୨ ବର୍ଷ ହେଲା ନିର୍ବାଚନ ହୋଇ ନ ଥିବାବେଳେ ଚଳିତ ବର୍ଷ ନିର୍ବାଚନ ହେବ ବୋଲି କୁହାଯାଉଛି । ଫଳରେ ଶିକ୍ଷାବର୍ଷ ଆରମ୍ଭରୁ ବିଭିନ୍ନ ଛାତ୍ର ସଂଗଠନ ମଧ୍ୟରେ ନିର୍ବାଚନ କସରତ ଆରମ୍ଭ ହେଲାଣି।

### ହେଲ୍ପ ଡେସ୍କ ଓ ବିଭିନ୍ନ କାର୍ଯ୍ୟକ୍ରମ କରି ନବାଗତଙ୍କ ସହ ଯୋଡ଼ି ହେବାକୁ ପ୍ରୟାସ

୨୦୨୪-୨୫ ଶିକ୍ଷାବର୍ଷରେ ଛାତ୍ରସଂସଦ ନିର୍ବାଚନ କରିବାକୁ ବିଚାର କରୁଥିବା କହି ଶେଷ ମୁହୂର୍ତ୍ତରେ ନିର୍ବାଚନ କରାଇ ନ ଥିଲେ ବିଜେପି ସରକାର। ସମୟ ଅଭାବ ଓ କ୍ୟାମ୍ପସ୍‌ରେ ଶୈକ୍ଷିକ ବାତାବରଣ ସୁଦୃଢ଼ କରିବାକୁ ପ୍ରାଥମିକତା ଦିଆଯାଉଥିବା କହି ନିର୍ବାଚନ ଏଡ଼ାଇ ଯାଇଥିଲେ। ସେହିପରି ୨୦୨୫-୨୬ ଶିକ୍ଷାବର୍ଷରୁ କ୍ୟାମ୍ପସ୍‌ରେ ନିର୍ବାଚନ ହେବ ବୋଲି ସରକାର ଓ ଉଚ୍ଚଶିକ୍ଷାମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ମଧ ଶେଷ ମୂହୁର୍ତ୍ତରେ ଅସମ୍ଭବ ନିରବତା ଅବଲମ୍ବନ କରିଥିଲେ । ଚଳିତ ବର୍ଷ ସରକାର ନିର୍ବାଚନ ହେବା ନେଇ ସ୍ପଷ୍ଟ କରି ନ ଥିଲେ ମଧ ଦୁଇବର୍ଷ ହେଲା ଛାତ୍ରଛାତ୍ରୀଙ୍କୁ ପ୍ରତିଶ୍ରୁତି ଦେଉଥିବାରୁ ଚଳିତ ବର୍ଷ ନିର୍ବାଚନ ହେବ ବୋଲି ଛାତ୍ର ସଂଗଠନମାନେ ଆଶା ରଖିଛନ୍ତି। ଶିକ୍ଷାବର୍ଷ ଆରମ୍ଭରୁ ଛାତ୍ରଛାତ୍ରୀଙ୍କ ସହ ଯୋଡ଼ି ହେବା ଲାଗି ବିଭିନ୍ନ ଦଳର ଛାତ୍ର ସଂଗଠନ ବିଭିନ୍ନ କାର୍ଯ୍ୟକ୍ରମ କରୁଛନ୍ତି। ସ୍ନାତକ ନାମଲେଖା ଆରମ୍ଭ ହୋଇଥିବାବେଳେ ନବାଗତ ଛାତ୍ରଛାତ୍ରୀଙ୍କ ସହ ସମ୍ପର୍କ ଯୋଡ଼ିବା ଓ ସହଯୋଗ ପାଇଁ ଛାତ୍ର ସଂଗଠନଗୁଡ଼ିକ ହେଲ୍ପ ଡେସ୍କ ଖୋଲିଛନ୍ତି। ସ୍ୱାଗତ କରିବା ବେଳେ ସଂଗଠନର ପୁସିଂ କାର୍ଡ ପ୍ରଦାନ କରୁଛନ୍ତି। ଆଗକୁ ଚାରାରୋପଣ, ବନ୍ଧୁମିଳନ ପରି ବିଭିନ୍ନ କାର୍ଯ୍ୟକ୍ରମ କରି ଶିକ୍ଷାର୍ଥୀଙ୍କୁ ଆକୃଷ୍ଟ କରିବା ପାଇଁ ମଧ ଯୋଜନା ପ୍ରସ୍ତୁତ କରିଛନ୍ତି। ଇତି ମଧ୍ୟରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଛାତ୍ରଛାତ୍ରୀଙ୍କୁ ଯୋଡ଼ିବା ପାଇଁ ସଦସ୍ୟତା ଅଭିଯାନ ଆରମ୍ଭ କରିଛି। ସଂଗଠନ ସୁଦୃଢ଼ ନ ଥିବା ଶିକ୍ଷାନୁଷ୍ଠାନରେ ବଳ ଗୋଟାଇବା ପାଇଁ ପ୍ରୟାସ ଆରମ୍ଭ କରିଛି। ପୂର୍ବରୁ ବିସିଜେଡି ସମେତ ଏନ୍‌ଏସ୍‌ୟୁଆଇ, ଏଆଇଏସ୍‌ଏଫ୍, ଏଆଇଡିଏସ୍‌ଓ ପରି ବିଭିନ୍ନ ଛାତ୍ର ସଂଗଠନ ମଧ ସେମାନଙ୍କ ସଂଗଠନକୁ ସକ୍ରିୟ କରୁଛନ୍ତି।

# ଦେଉଳି ମଠରୁ ଶ୍ରୀକ୍ଷେତ୍ରକୁ ଗଲା ଅଣସର ଫଳଭାର



କାକଟପୁର/ଗମ୍ଭାରୀପଦା,୭।୭(ସମିସ): ଦେବସ୍ନାନ ପୂର୍ଣ୍ଣିମାରେ ସହସ୍ର କଳସୀ ଜଳରେ ସ୍ନାନ କରି ଜ୍ୱରରେ ପଡ଼ିଥିବା ମହାପ୍ରଭୁଙ୍କୁ ଫୁଲୁରୀ ତେଲ ଓ ଚେରମୂଳି ଔଷଧରେ ସାମାନ୍ୟ ସୁସ୍ଥ ହେବା ପରେ ଫଳମୂଳ ସେବା ଲାଗିଥାଏ। ଏହି ସେବାରେ ପ୍ରାଚୀ କ୍ଷେତ୍ର ମା' ମଙ୍ଗଳାଙ୍କ ପୀଠର ଅନବସର ଫଳଭାର ଏକ ନିଆରା ପରମ୍ପରା। ଫୁଲୁରୀ ତେଲ ଲାଗି ହୋଇ ଦିଅଁମାନେ ସ୍ୱଳ୍ପ ଆରାମ ଲାଭ କରିଛନ୍ତି। ଏହି ଅବସରରେ ପ୍ରାଚୀ ତଟ ବନଯାଗ ଲୀଳାସ୍ଥଳୀ ଓ ଜଗନ୍ନାଥଙ୍କ ଅନ୍ତୁଡ଼ିଶାଳ କୁହାଯାଉଥିବା ଦେଉଳି ମଠରୁ ଅନବସର ସେବା ନିମିତ୍ତ ଫଳଭାର ୪ଟି ଶଗଡ଼ ପୁରୀ ଅଭିମୁଖେ ଯାତ୍ରା କରିଛି। ଶଙ୍ଖ, ହୁଳୁହୁଳି, ଖୋଳତାଳ, ସଂକୀର୍ତ୍ତନର ତାଳେ ତାଳେ ଗାଁ ଗାଁ ଦେଇ ବିଭିନ୍ନ ଦେବପୀଠ ସ୍ପର୍ଶ କରି ସାଜସଜ୍ଜା ହୋଇଥିବା ଶଗଡ଼ ବଳଦ ଓ ଭକ୍ତମାନେ ପୁରୀ ଅଭିମୁଖେ ପଦଯାତ୍ରା କରିଛନ୍ତି। ମଠବାଡ଼ି ତଥା ଭକ୍ତଙ୍କ ପ୍ରଦତ୍ତ ବିଭିନ୍ନ ବାଡ଼ି, ବଗିଚାର ସୁସ୍ୱାଦୁ ଫଳ ମଧ୍ୟରେ ଆମ୍ବ, ପିଜୁଳି, ନଡ଼ିଆ ସପୁରି, ସେଓ, କମଳା, କଦଳୀ, ତୁଳସୀ ଓ ପଦ୍ମଫୁଲ ମାଳ ମହାପ୍ରଭୁଙ୍କ ସେବା ପାଇଁ ଶ୍ରୀକ୍ଷେତ୍ର ଯାଇଛି। ବାଟରେ ପୂର୍ବନିର୍ଦ୍ଧାରିତ ଦେବପୀଠମାନଙ୍କରେ ବିଶ୍ରାମ କରିବା ସହ ଭକ୍ତମାନେ ନାମ ସଂକୀର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରାଚୀ ସଂସ୍କୃତି ସୁରକ୍ଷା ପରିଷଦର ଦାୟିତ୍ୱରେ ଚାଲି ଆସୁଥିବା ଏହି ପଦଯାତ୍ରା ଅଣସର ସପ୍ତମୀରେ ଦେଉଳି ମଠରୁ ବାହାରି ନବମୀ ଦିନ ଶ୍ରୀକ୍ଷେତ୍ରରେ ପହଞ୍ଚିବା ପୂର୍ବକ ଶ୍ରୀମନ୍ଦିର ପରିସରରେ ଥିବା ନୃସିଂହ ଚକଡ଼ାରେ ଫଳ, ପୁଷ୍ପ ଆଦି ଶ୍ରୀଜୀଉମାନଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯିବ। ଏହି କାର୍ଯ୍ୟକ୍ରମକୁ ଦେଉଳି ମଠ ଉନ୍ନୟନ କମିଟିର କାଳୀପ୍ରସାଦ, ମିତୁରଞ୍ଜନ, କୈଳାସ ନାୟକ, କାବୁଲା ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।

## ମହାପ୍ରଭୁଙ୍କ ଅନବସରର ଅଷ୍ଟମ ଦିନ

# ଶ୍ରୀଅଲାରନାଥଙ୍କୁ ଦର୍ଶନ କଲେ ରାଜ୍ୟପାଳ

ବ୍ରହ୍ମଗିରି,୭।୭(ସମିସ)

ଶ୍ରୀକ୍ଷେତ୍ରର ଚତୁର୍ଦ୍ଧାମୂର୍ତ୍ତି ଏବେ ଅଣସର ଗୃହରେ ଗୁପ୍ତ ସେବାରେ ଅଛନ୍ତି। ଏହି ସମୟରେ ବ୍ରହ୍ମଗିରିର ଶ୍ରୀଅଲାରନାଥଙ୍କୁ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଛି। ମଙ୍ଗଳବାର ଏହି ଅନବସର ଦର୍ଶନ ଅଷ୍ଟମ ଦିନରେ ପହଞ୍ଚିଥିବାବେଳେ ଶ୍ରୀଅଲାରନାଥଙ୍କୁ ଦର୍ଶନ କରିଛନ୍ତି ରାଜ୍ୟପାଳ ହରିବାବୁ କମ୍ଭମ୍ପତି। ମଧ୍ୟାହ୍ନ ୧୨ଟାରେ ରାଜ୍ୟପାଳ ଅଲାରନାଥଙ୍କ ମନ୍ଦିରକୁ ଦର୍ଶନ ପାଇଁ ଆସିଥିଲେ। ଜିଲ୍ଲା ଓ ବ୍ଲକ୍ ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଲାରନାଥଙ୍କୁ ଦର୍ଶନ କରିବା ସହ ମହାଲକ୍ଷ୍ମୀ ଓ ଶ୍ରୀଚୈତନ୍ୟଙ୍କୁ ମଧ୍ୟ ଦର୍ଶନ କରିଥିଲେ। ମହାପ୍ରଭୁଙ୍କ ଅନବସର ଦର୍ଶନ ସମ୍ପର୍କରେ ସେବାୟତମାନେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ରାଜ୍ୟପାଳ ଆସିବା ସମୟରେ ମନ୍ଦିର ସମ୍ମୁଖରୁ ଆରମ୍ଭ ହୋଇଥିବା



ଭକ୍ତଙ୍କ ଧାଡ଼ି ସ୍ଥାନୀୟ ଗ୍ରାମ ପର୍ଯ୍ୟନ୍ତ ଲମ୍ବିଥିଲା। ମଧ୍ୟାହ୍ନ ଧୂପ ପାଇଁ ୨ ଘଣ୍ଟା ମନ୍ଦିର ଦ୍ୱାର ବନ୍ଦ ରହିବା ପରେ ପୁନର୍ବାର ଯେତେବେଳେ ସର୍ବସାଧାରଣ ଦର୍ଶନ ଆରମ୍ଭ ହେଲା, ସେତେବେଳେ ଆନନ୍ଦ ବଜାର ଭିତରୁ ଶତାଧିକ ଭକ୍ତ ହଠାତ୍ ମନ୍ଦିର ଗର୍ଭଗୃହ ଆଡ଼କୁ ଧସେଇ ପଶିଥିଲେ। ଭିଡ଼କୁ ଶୃଙ୍ଖଳିତ ଓ ନିୟନ୍ତ୍ରଣ କରିବା ପାଇଁ ପୁଲିସ ପ୍ରଶାସନକୁ ନାକେଦମ୍ ହେବାକୁ ପଡ଼ିଥିଲା। ଶେଷରେ ବ୍ୟାରିକେଡ୍ ମଧ୍ୟ ଦେଇ ଶ୍ରଦ୍ଧାଳୁ ଶାନ୍ତିପୂର୍ଣ୍ଣ ଭାବେ ଶ୍ରୀଜୀଉଙ୍କ ଦର୍ଶନ କରିଥିଲେ।

### ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକୁଛି ପୀଠ

ଶ୍ରୀଅଲାରନାଥଙ୍କ ଅଣସର ଦର୍ଶନ ପାଇଁ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଛି। ଏହାରି ଭିତରେ ପ୍ରତ୍ୟେକ ଦିନ ଦେବୋତ୍ତର ବିଭାଗ ପକ୍ଷରୁ ସନ୍ଧ୍ୟାରେ ଆୟୋଜିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ରହ୍ମଗୌଡ଼ୀୟ ମଠ ଆଗରେ ଥିବା ଅଲାରନାଥଙ୍କ ଭଜନ ମଣ୍ଡପରେ ପରିବେଷଣ ହେଉଛି। ବିଭିନ୍ନ ପ୍ରକାର ଓଡ଼ିଶୀ, ଗୋଟିପୁଅ, ପାଲା ସହିତ ସମ୍ବଲପୁରୀ ନୃତ୍ୟ ମଞ୍ଚରେ ପରିବେଷଣ ହେଉଛି। ଏଥିସହ ଅନେକ ପୁସ୍ତକ ମଧ୍ୟ ଉନ୍ମୋଚନ ହେଉଛି।

ସେବାୟତ ପରିବାର ଓ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପାସ୍ ବ୍ୟବସ୍ଥା କରାଯାଇଛି।

# ମକାରା ନଦୀରୁ ଦଳ କାଢ଼ିଲେ ଗ୍ରାମବାସୀ

କଣାସ,୭।୭(ସମିସ): କଣାସ ବ୍ଲକ୍‌ରେ ପ୍ରବାହିତ ହେଉଥିବା ମୁଖ୍ୟ ଦୟାନଦୀର ଶାଖା ନଦୀ ମକରା ନଦୀର କଉଡ଼ିଖଣି ନିକଟରେ ନିର୍ମାଣ କରାଯାଇଥିବା ଯାତାୟାତ ପାଇଁ ସେତୁର ଉପରି ଭାଗରେ ପ୍ରଚୁର ପରିମାଣରେ କଳିକତି ଦଳ ଜମା ହୋଇ ରହିଛି। ଫଳରେ ଉପର ମୁଣ୍ଡର ଜଳ ତଳକୁ ଯିବା ପାଇଁ ବାଧା ସୃଷ୍ଟି ହେବା ସହିତ ସେତୁ ପ୍ରତି ବିପଦ ସୃଷ୍ଟି କରୁଛି। ଗ୍ରାମବାସୀ ବାରମ୍ବାର ଡ୍ରେନେଜ୍ ବିଭାଗର ଅଧିକାରୀମାନଙ୍କୁ ଦଳ କାଢ଼ିବା ପାଇଁ ଦାବି କରିଥିଲେ। କିନ୍ତୁ ଅଧିକାରୀମାନେ ନ ଶୁଣିବାରୁ ମଙ୍ଗଳବାର ଗ୍ରାମବାସୀମାନେ ମେଳି ହୋଇ ଦଳକୁ କାଢ଼ି ତଳ ମୁଣ୍ଡକୁ ଭସାଇ ଦେଉଥିବା ଦେଖିବାକୁ ମିଳିଛି।



# ବର୍ଷା ସମୟରେ ଦୟା ନଦୀ ଖନନ କାହା ସ୍ୱାର୍ଥରେ

କଣାସ,୭।୭(ସମିସ): କଣାସ ବ୍ଲକ୍‌ରେ ପ୍ରବାହିତ ହେଉଥିବା ଦୟା ନଦୀର ଶଯ୍ୟା ପୋତି ହୋଇପଡ଼ିଥିବାରୁ ପ୍ରତିବର୍ଷ ବନ୍ୟା ସମୟରେ ବୀଭିଷିକା ସୃଷ୍ଟି କରି ଜିଲ୍ଲା ଓ ବ୍ଲକ୍ ପ୍ରଶାସନର ନିଦ ହଜାଇଦିଏ ଏବଂ ବହୁ ଧନଜୀବନ ନଷ୍ଟ କରାଏ। ବାରମ୍ବାର ନଦୀ ଶଯ୍ୟା ଖନନ ପାଇଁ ଅଞ୍ଚଳବାସୀ ଓ ବିଭିନ୍ନ ଅନୁଷ୍ଠାନ ତରଫରୁ ଦାବି ଓ ଅନ୍ଦୋଳନ ହେବାରୁ ପୂର୍ବ ବିଜେଡି ସରକାର ସମୟରେ ଦୟା ଓ ଲୁଣା ନଦୀ ଖନନ ପାଇଁ ଅର୍ଥ ମଞ୍ଜୁର କରିଥିଲେ। ଦୟା ନଦୀ ଖନନରେ ବ୍ୟାପକ ହେର୍‌ଫେର୍ ହେଉଥିବା ବିଭିନ୍ନ ଗଣମାଧ୍ୟମରେ ପ୍ରଚାର



ହେଉଥିବାବେଳେ ବର୍ତ୍ତମାନ ନଦୀ ଖନନ ଚାଲିଛି। ନଦୀ ଶଯ୍ୟାରୁ ଖନନ ହେଉଥିବା ମାଟିକୁ ନଦୀ କଡ଼ରେ ଗଦା କରାଯାଉଥିବାରୁ ବନ୍ୟା ଜଳ ଆସିଲେ ଉକ୍ତ ମାଟିଗୁଡ଼ିକ ପୁନଶ୍ଚ ନଦୀ ଗର୍ଭରେ ପୋତି ହୋଇ ପଡ଼ିବ। ବର୍ତ୍ତମାନ କେତେକ ସ୍ଥାନରେ ନଦୀ କଡ଼ରେ ଜମା ହୋଇଥିବା ମାଟି ବର୍ଷାରେ ଧୋଇ ହୋଇ ନଦୀ ଗର୍ଭରେ ମିଶିଥିବା ଦେଖିବାକୁ ମିଳିଛି। ନଦୀ ଖନନ ଡ୍ରେନେଜ୍ ବିଭାଗ ଦାୟିତ୍ୱରେ ଥିବାରୁ ଏହି ସମୟରେ ଡ୍ରେନେଜ୍ ବିଭାଗର କୌଣସି ଅଧିକାରୀ ଉପସ୍ଥିତ ରହୁ ନ ଥିବାରୁ ନଦୀ ଖନନ କରୁଥିବା ହିଟାଚି ଡ୍ରାଇଭରମାନେ ମାଟିକୁ ନଦୀ କଡ଼ରେ ଗଦାଇ ଦେଉଛନ୍ତି। ତୁରନ୍ତ ବିଭାଗୀୟ ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଜୟଗୁରୁ ଆଶ୍ରମ ନିକଟରୁ ପାଟପୁର କେନାଲ ବନ୍ଧ ରାସ୍ତା ଖାଲଖମା

ନିମାପଡ଼ା,୭।୭(ସମିସ): ନିମାପଡ଼ା ଜୟଗୁରୁ ଆଶ୍ରମଠାରୁ ପାଟପୁର ପର୍ଯ୍ୟନ୍ତ ନିମାପଡ଼ା ବ୍ରାଞ୍ଚ କେନାଲ ବନ୍ଧ ରାସ୍ତା ଅଧାରୁ ଅଧିକ ନିର୍ମାଣ ସରିଥିଲେ ସୁଦ୍ଧା ଭୁବନିପୁର ଗାଁ ମୁଣ୍ଡଠାରୁ ପାଟପୁର ଗାଁ ମୁଣ୍ଡ ପର୍ଯ୍ୟନ୍ତ କାର୍ଯ୍ୟ ଏବେ ମଧ୍ୟ ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଛି। ଅତ୍ୟନ୍ତ ଦୁର୍ଘଟଣା ପ୍ରବଣ ହୋଇପଡ଼ିଥିବା ଏହି ରାସ୍ତାଟିର ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ସମାପ୍ତ କରିବାକୁ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ସହିତ ଆଲୋଚନା କରି "ଜାଗ୍ରତ ଯୁବଶକ୍ତି' ସଂଗଠନ ତରଫରୁ ମଙ୍ଗଳବାର ନିମାପଡ଼ା ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯିବା ସହିତ ନିମାପଡ଼ା କେନାଲ



ଉପଖଣ୍ଡ ନିର୍ବାହୀ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ବାମନାଳଠାରୁ ପାଟପୁର, ଭୁବନିପୁର ଦେଇ ନିମାପଡ଼ା ପିପିଲି ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ଏହା ମୁଖ୍ୟ କେନାଲ ବନ୍ଧ ରାସ୍ତା ହୋଇଥିବାରୁ ପ୍ରତିଦିନ ହଜାର ହଜାର ସାଧାରଣ ଲୋକ, ସ୍କୁଲ, କଲେଜ ଛାତ୍ରଛାତ୍ରୀଙ୍କ ଯିବାଆସିବାକୁ ଦୃଷ୍ଟିରେ ରଖି ତୁରନ୍ତ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ସାରିବାକୁ "ଜାଗ୍ରତ ଯୁବଶକ୍ତି' ସଂଗଠନ ଆବାହକ ଆଦର୍ଶ ଦାଶ, ସଂଯୋଜକ ସମୀର ରଞ୍ଜନ ରାଉତରାୟ, ମୁଖ୍ୟ କାର୍ଯ୍ୟନିର୍ବାହୀ ବିଜୟାନନ୍ଦ ଦାସ, ଅଜୟ କୁମାର ମିଶ୍ର, ଅଜୟ କୁମାର ପଣ୍ଡା, ଲକ୍ଷ୍ମୀଧର ବେହେରା ପ୍ରମୁଖ ଦାବି କରିଛନ୍ତି।

# ପଶ୍ଚିମାଶମ୍ଭୁ ସୋମନାଥ ମନ୍ଦିରରୁ ଚୋରି; ୨ ଅଟକ

ଡେଲାଙ୍ଗ,୭।୭(ସମିସ): ଡେଲାଙ୍ଗ ଥାନା ଅନ୍ତର୍ଗତ ହରିରାଜପୁରର ଆରାଧ୍ୟ ପ୍ରଭୁ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ମନ୍ଦିରରୁ ସୋମବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ମନ୍ଦିର କବାଟ ଭାଙ୍ଗି ପ୍ରଭୁଙ୍କ ଅଳଙ୍କାର ଓ ଦାନ ବାକ୍ସ ଚୋରେଇ ନେଇଥିବା ମନ୍ଦିର କମିଟି ପକ୍ଷରୁ ରମାକାନ୍ତ ପଣ୍ଡା ଥାନାରେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ସୋମବାର ସନ୍ଧ୍ୟାରେ ଠାକୁରଙ୍କ ନୀତିକାନ୍ତି ସାରି ପୂଜକ ମନ୍ଦିର ପହଡ଼ ପକାଇ ଘରକୁ ଫେରିଥିଲେ। ବିଳମ୍ବିତ ରାତିରେ ୩ ଜଣ ଦୁର୍ବୃତ୍ତ ମୁହଁରେ ଗାମୁଛା ଗୁଡ଼ାଇ ମନ୍ଦିର ଭିତରକୁ ପ୍ରବେଶ କରିବା ସହିତ କବାଟ ଭାଙ୍ଗି ଠାକୁରଙ୍କ ରୁପା ମୁକୁଟ ଓ ଦାନବାକ୍ସ ଭାଙ୍ଗି ନେଇ ପାଳାଇଥିଲେ। ଚୋରି ଯାଇଥିବା ଦାନବାକ୍ସରେ ପ୍ରାୟ ୫୦ ହଜାର ଟଙ୍କା ରହିଥିବାବେଳେ ପ୍ରଭୁଙ୍କ ମୁକୁଟର ଓଜନ ପ୍ରାୟ ୧୫ କେଜି ଓ ମୂଲ୍ୟ ପ୍ରାୟ ୨୦ ଲକ୍ଷ ଟଙ୍କା ହେବ ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଅଭିଯୋଗ ପାଇବା ପରେ ପିପିଲି ଏସ୍‌ଡିପିଓ ଦେବାଶିଷ୍ ମିଶ୍ର, ଡେଲାଙ୍ଗ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ହରିରାଜପୁର ଫାଣ୍ଡି ଅଧିକାରୀ ପ୍ରଭାତ କୁମାର ପଲେଇ ପ୍ରମୁଖ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିଲେ। ମନ୍ଦିର ସିସିଟିଭି କ୍ୟାମେରାରେ ମୁଖାପିନ୍ଧା ୩ ଜଣ ଦୁର୍ବୃତ୍ତ ମନ୍ଦିର ଭିତରେ ପ୍ରବେଶ କରୁଥିବା ଦେଖିବାକୁ ପାଇଥିଲେ। ପରେ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ପହଞ୍ଚି ତଦନ୍ତ ଚଳାଇଥିବା ବେଳେ ମନ୍ଦିରଠାରୁ କିଛି ଦୂରରେ ମନ୍ଦିରର ଦାନବାକ୍ସ ଭଙ୍ଗା ହୋଇ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏନେଇ ଅଧିକ ତଦନ୍ତ ଚାଲିଥିବାବେଳେ ପୁଲିସ ସନ୍ଦେହରେ ୨ଜଣ ବଞ୍ଜାରାଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଥାନା ଅଧିକାରୀ ଶ୍ରୀ ସେଠୀ ସୂଚନା ଦେଇଛନ୍ତି।

## ନୟାହାଟ ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟରେ ନାହାନ୍ତି ପ୍ରଧାନଶିକ୍ଷକ

### କର୍ମଚାରୀଙ୍କ ଦରମା ବନ୍ଦ

ନୟାହାଟ,୭।୭(ସମିସ): ଗୋପ ବ୍ଲକ୍ ଅନ୍ତର୍ଗତ ନୟାହାଟ ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟରେ ମାସେରୁ ଊର୍ଦ୍ଧ୍ୱ ହେଲା ନାହାନ୍ତି ପ୍ରଧାନଶିକ୍ଷକ। ଯାହାଫଳରେ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହେବା ସହିତ ଶିକ୍ଷକଶିକ୍ଷୟିତ୍ରୀ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀମାନଙ୍କ ଦରମା ବନ୍ଦ ହୋଇଯାଇଛି। ଗତ ମେ' ୩୦ରେ ପ୍ରଧାନଶିକ୍ଷକ ଅଶୋକ ମହାନ୍ତି ଚାକିରିରୁ ଅବସର ନେଲା ପରେ ତାଙ୍କ ସ୍ଥାନରେ ଏପର୍ଯ୍ୟନ୍ତ କୌଣସି ପ୍ରଧାନଶିକ୍ଷକଙ୍କୁ ଶିକ୍ଷା ବିଭାଗ ନିଯୁକ୍ତି ଦେଇନାହାନ୍ତି। ଏଠାରେ ତୁରନ୍ତ ପ୍ରଧାନଶିକ୍ଷକ ନିଯୁକ୍ତି ପାଇଁ ଅଭିଭାବକମାନେ ଦାବି କରିଛନ୍ତି।

# ପୋଖରୀରେ ବୁଡ଼ି ଶିଶୁକନ୍ୟା ମୃତ

ଅସ୍ତରଙ୍ଗ,୭।୭(ସମିସ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ଛୁରିଆନା ଗ୍ରାମପଞ୍ଚାୟତ ଅଧୀନ ସହନ ଗ୍ରାମରେ ପୋଖରୀରେ ବୁଡ଼ି ଏକ ଶିଶୁକନ୍ୟାର ମୃତ୍ୟୁ ହୋଇଛି। ସୂଚନା ଅନୁସାରେ, କାଳନ୍ଦୀ ବେହେରାଙ୍କ ଝିଅ ସୌମ୍ୟାଶ୍ରୀ ବେହେରା (୧୮ ମାସ) ପରିବାରର ଅଜାଣତରେ ଘର ନିକଟରେ ଥିବା ପୋଖରୀରେ ବୁଡ଼ିଯାଇଥିଲା। ପରିବାର ଲୋକ ଝିଅକୁ ନ ପାଇ ଖୋଜାଖୋଜି କରି ପାଇ ନ ଥିଲେ। କାଳନ୍ଦୀ ପୋଖରୀକୁ ଯାଇ ଖୋଜିଲା ବେଳେ ସେଠାରୁ ଉଦ୍ଧାର କରି ସଙ୍ଗେ ସଙ୍ଗେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। କିନ୍ତୁ ସେଠାରେ ଡାକ୍ତର ଶିଶୁକନ୍ୟାକୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପାଇଁ ଡାକ୍ତର ଚାରିଛକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛନ୍ତି।

## ■ କାଡ଼ା କାମ ତଦନ୍ତ କଲେ ସହକାରୀ ଯନ୍ତ୍ରୀ

# କାଡ଼ା କାମର ଟେଣ୍ଡର ହୁଏ ନାହିଁ !

ନୟାହଟ,୭।୭(ସମିସ): ନୟାହାଟ ଫାଣ୍ଡି ଅନ୍ତର୍ଗତ ଇଶାଣପୁର ପଞ୍ଚାୟତର ୪୪ ନମ୍ବର ପାଣି ପଞ୍ଚାୟତରେ ଚାଲିଥିବା କାଡ଼ା କାର୍ଯ୍ୟକୁ ସରପଞ୍ଚ ବିନୋଦିନୀ ପାଳଙ୍କ ଅଭିଯୋଗ ଉପରେ ସୋମବାର ଭୁବନେଶ୍ୱରରୁ କାଡ଼ା ବିଭାଗର ସହକାରୀ ଯନ୍ତ୍ରୀ ଚିନ୍ମୟୀ ଚନ୍ଦ୍ରକାନ୍ତି ଘଟଣାର ତଦନ୍ତ କରିବା ସହ କାର୍ଯ୍ୟ ବୁଲି ଦେଖିଥିଲେ। ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀଙ୍କୁ ପଚାରିବାରେ, ସେ କହିଥିଲେ ଯେ ଏହା ଏନ୍‌ଆର୍‌ଇଜିଏସ୍ କାମ ନୁହେଁ। ଏହି କାମ ପାଇଁ ଟେଣ୍ଡର ହୁଏନାହିଁ। କେଟୁ ମାଧ୍ୟମରେ ୫ଲକ୍ଷ ଲେଖାଏଁ କାର୍ଯ୍ୟ କରାଯାଏ। ଉକ୍ତ କାର୍ଯ୍ୟଟି ୧୦ରୁ ୧୨ ଲକ୍ଷ ଟଙ୍କାର ହୋଇଥିବାବେଳେ ଏହାକୁ ୨ଜଣ ଠିକାଦାର କରୁଛନ୍ତି। କେନାଲରେ



ଯେଉଁଠି ସୋଠ ଥିବ, ଚାଷଜମିକୁ ଶେଷ ପର୍ଯ୍ୟନ୍ତ ପାଣି ଯାଉ ନ ଥିବ ସେଠାରେ ଚାଷୀମାନଙ୍କଠାରୁ ଦସ୍ତଖତ ନିଆଯାଇ ସେମାନଙ୍କ ଜମି ଉପରେ ପାଣି ଯିବା ପାଇଁ କାଡ଼ା ନିର୍ମାଣ କରାଯାଇଥାଏ। କାଡ଼ା ନିର୍ମାଣ ଶେଷ ପରେ ମାପ କରାଯାଇ ବିଲ୍ ପରେ ଫଳକ ମରାଯିବ ବୋଲି ତଦନ୍ତରେ ଆସିଥିବା ସହକାରୀ ଯନ୍ତ୍ରୀ ଚିନ୍ମୟୀ ଚନ୍ଦ୍ରକାନ୍ତି ପ୍ରକାଶ କରିଛନ୍ତି। କାର୍ଯ୍ୟ ସମ୍ପୂର୍ଣ୍ଣ ଠିକ୍ ବୋଲି ସେ କହିଛନ୍ତି। ପ୍ରକାଶ ଥାଉକି, ଇଶାଣପୁର ସରପଞ୍ଚ ବିନୋଦିନୀ ପାଳ ମଙ୍ଗଳବାର ଭୁବନେଶ୍ୱର ଦୁର୍ନୀତି ନିବାରଣ ବିଭାଗ ଏସ୍‌ପିଙ୍କୁ କାଡ଼ା କାର୍ଯ୍ୟର ତଦନ୍ତ ପାଇଁ ଅଭିଯୋଗ କରିଥିଲେ। ଏନେଇ କାଡ଼ା ବିଭାଗର ସହକାରୀ ଯନ୍ତ୍ରୀଙ୍କୁ ପଚାରିବାରେ ସେ କହିଲେ, ଅଭିଯୋଗ ଭିତ୍ତିହୀନ। ଆମେ ତଦନ୍ତକୁ ପ୍ରସ୍ତୁତ ଅଛୁ। ଯେହେତୁ ଏଷ୍ଟିମେଟ୍ ହିସାବରେ କାମ ହୋଇଛି, ଆମର ଭୟ କରିବାର ନାହିଁ।

## ଲଘୁଚାପ ବର୍ଷା ଯୋଗୁଁ ବିଲରେ ଲହଡ଼ି ମାରୁଛି ପାଣି

# ଚାଷୀଙ୍କୁ କ୍ଷତିପୂରଣ ସହିତ ନାଳରୁ ଦଳ ସଫା ଦାବି

ଡେଲାଙ୍ଗ,୭।୭(ସମିସ)

ଲଘୁଚାପ ଜନିତ ଅଦିନିଆ ବର୍ଷା କାରଣରୁ ଡେଲାଙ୍ଗ ବ୍ଲକ୍ ଅଧୀନ ବିଭିନ୍ନ ପଞ୍ଚାୟତର ଫସଲ କ୍ଷେତରେ ୩ ଫୁଟ୍‌ର ବର୍ଷାପାଣି ଲହଡ଼ି ମାରୁଛି। ଜମିରେ ଆଛେରା ଛାଟିଥିବା ଓ ତଳିଘେରା କରି ରୁଆଇବାକୁ ଅପେକ୍ଷାରେ ଥିବା ଚାଷୀଙ୍କର ଅପୂରଣୀୟ କ୍ଷତି ଘଟିଛି। ଏନେଇ ରାଜସ୍ୱ ଓ ତହସିଲ୍ କାର୍ଯ୍ୟାଳୟ ପକ୍ଷରୁ କୌଣସି ଅଧିକାରୀ ଚାଷୀଙ୍କ ଫସଲ କ୍ଷେତରେ ପହଞ୍ଚି ନ ଥିବା ଅଭିଯୋଗ ହୋଇଛି। ଫଳରେ ଅଖିଳ ଭାରତ କୃଷକ ମହାସଭାର ସଦସ୍ୟ ଓ ସ୍ଥାନୀୟ ଚାଷୀ ମଙ୍ଗଳବାର ତହସିଲ୍ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ତହସିଲଦାରଙ୍କୁ ଚାଷୀଙ୍କ ସମସ୍ୟା ଓ ଦଳ ଭର୍ତ୍ତି ନାଳଗୁଡ଼ିକୁ ସଫା କରିବା ସମ୍ପର୍କରେ ଦାବିପତ୍ର ପ୍ରଦାନ କରିଛନ୍ତି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ପୁରୀ ଜିଲ୍ଲାର ସମସ୍ତ ବ୍ଲକ୍ ତୁଳନାରେ ଡେଲାଙ୍ଗ ବ୍ଲକ୍‌ରେ ସର୍ବାଧିକ ବର୍ଷା ହୋଇଛି। ଦୀର୍ଘ ୫ ଦିନ ଧରି ହୋଇଥିବା ଲଗାଣ ବର୍ଷା କାରଣରୁ ଚାଷୀଙ୍କ ଫସଲ କ୍ଷେତ ଜଳାର୍ଣ୍ଣବ ପାଲଟିଛି। ଅକ୍ଷୟ ତୃତୀୟାଠାରୁ ଗାଁ ଗହଳିର ଚାଷୀମାନେ




ନିଜ କ୍ଷେତରେ ଧାନ ବୁଣିବା ସହିତ ତଳି ପକାଇଥିଲେ। ଲଗାଣ ବର୍ଷା ଦାଉରୁ ତଳି ଘେରା ପଚିଯାଇଥିବା ବେଳେ ଆଛେରା ମରା କ୍ଷେତରେ ଆଉ ଗଜା ଧାନ ଦିଶୁନାହିଁ। ସେହିପରି ବର୍ଦ୍ଧିତ ବଜାର ଦରକୁ ଲକ୍ଷ୍ୟରେ ରଖି କେତେକ ଚାଷୀ ନିଜ କ୍ଷେତରେ ପରିବା ଫସଲ କରିଥିଲେ। ହେଲେ ପରିବା ଫସଲ ମଧ୍ୟ ଉଜୁଡ଼ି ଯାଇଥିବାରୁ ଚାଷୀ କ୍ଷତି ସହୁଥିବା ଅଭିଯୋଗ ହୋଇଛି। ପରିବାରର ଗୁଜୁରାଣ ମେଣ୍ଟାଇବା ନିମନ୍ତେ ମୁଣ୍ଡ ଝାଳ ତୁଣ୍ଡରେ ମାରି ଫସଲ କରିଥିବା ଚାଷୀଙ୍କ ଆଖିରୁ ଏବେ ଲୁହ ଶୁଖୁନି। ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥାଗୁଡ଼ିକରୁ ଋଣ ନେଇ ଫସଲରେ ବିନିଯୋଗ କରିଥିବା ଚାଷୀଙ୍କ ପାଖରେ ପୁନର୍ବାର ବିହନ କିଣିବାକୁ ଅର୍ଥ ନାହିଁ। ଅପରପକ୍ଷେ ବିଭିନ୍ନ ସଫେଇ ନାଳଗୁଡ଼ିକର ଖାଲଖମାରେ ରହିଥିବା କଳିକତି ଦଳ ଭାସି ଆସି ଜଳ ନିଷ୍କାସନରେ ବାଧକ ସାଜୁଛି। ବିଶେଷ କରି ଲୁଣା ନଦୀ, ରେଙ୍ଗଳ-ପଟଣପୁର ସଫେଇ ନାଳ, ପୋସଲ-ମାଛପଡ଼ା ଓ ହୁରୁହୁରା-ଛଅପୋଲିଆ ପ୍ରମୁଖ ସଫେଇ ନାଳଗୁଡ଼ିକରେ ଦୀର୍ଘଦିନ ଧରି ଅନାବନା ଲତା ଓ କଳିକତି ଦଳ ପୂର୍ଣ୍ଣ ହୋଇ ଜଳ ନିଷ୍କାସନରେ ବାଧକ ସାଜିଲାଣି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଜଳସମ୍ପଦ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି। ଏନେଇ ଅଖିଳ ଭାରତ କୃଷକ ମହାସଭାର ରାଜ୍ୟ ସମ୍ପାଦକ ଅଶୋକ ପ୍ରଧାନଙ୍କ ନେତୃତ୍ୱରେ ଚାଷୀ ରାମଚନ୍ଦ୍ର ମହାରଣା, ଅଭିମନ୍ୟୁ ସ୍ୱାଇଁ, ଅକ୍ଷୟ କୁମାର ରାଉତ, ରବୀନ୍ଦ୍ର ଜେନା, କୈଳାସ ଚନ୍ଦ୍ର ବେହେରା ପ୍ରମୁଖଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଚାଷୀ ମଙ୍ଗଳବାର ଡେଲାଙ୍ଗ ତହସିଲ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କ୍ଷତିଗ୍ରସ୍ତ ଚାଷୀଙ୍କୁ ସମ୍ପୂର୍ଣ୍ଣ କ୍ଷତିପୂରଣ ପ୍ରଦାନ କରିବା, ଚାଷୀଙ୍କୁ ମାଗଣାରେ ଧାନ ଓ ପରିବା ବିହନ ଯୋଗାଇଦେବା, ଘରେ ହାତବାନ୍ଧି ବସିଥିବା କୃଷିଶ୍ରମିକମାନଙ୍କୁ କାମର ବନ୍ଦୋବସ୍ତ କରାଇବା, ସଫେଇ ନାଳଗୁଡ଼ିକରୁ ଦଳ ଓ ଅନାବନା ଘାସ ସଫା କରିବା ସହିତ ପ୍ରତ୍ୟେକ ବର୍ଷା ଋତୁ ପୂର୍ବରୁ ଏଗୁଡ଼ିକୁ ସଠିକ୍ ଭାବେ ଖନନ କରିବା ଆଦି ସମ୍ପର୍କରେ ଦାବି ଉପସ୍ଥାପନ କରାଯାଇଛି।

ଦାବିପତ୍ର ପାଇବା ପରେ ଏହାର ଏକକିତା ନକଲ ଜିଲ୍ଲାପାଳଙ୍କୁ ପ୍ରେରଣ କରିବା ସହିତ ଚାଷୀଙ୍କ ସମସ୍ୟାର ସମାଧାନ ନିମନ୍ତେ ପ୍ରତ୍ୟେକ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିବେ ବୋଲି ତହସିଲଦାର ଦେବୀ ପ୍ରସାଦ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

बैंक ऑफ महाराष्ट्र
Bank of Maharashtra
भारत सरकार का उद्यम
एक परिवार एक बैंक

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର
ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୁପାଲି ଛକ ନିକଟ, ଭୁବନେଶ୍ୱର-୭୫୧୦୨୨,
ଇ-ମେଲ୍: dzmbbsr@mahabank.co.in

**ସୁନା ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ସୁନା ଋଣ ଆକାଉଣ୍ଟ ନିମନ୍ତେ ବ୍ୟାଙ୍କରେ ବନ୍ଧକ ଥିବା ଅଳଙ୍କାରଗୁଡ଼ିକ ସର୍ବସାଧାରଣ ନିଲାମ ମାଧ୍ୟମରେ ବିକ୍ରୟ କରାଯିବ ଯାହାକି **ତା.୧୭.୦୭.୨୦୨୬ରିଖ ଅପରାହ୍ନ ୧.୦୦ ଘଟିକା** ସମୟରେ **ସମ୍ପୃକ୍ତ ଶାଖା ପରିସରରେ** ନିଲାମ କରାଯିବ। ଆଗ୍ରହୀ ପକ୍ଷମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ପ୍ରବନ୍ଧକଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ। ସୁନା ଅଳଙ୍କାର କ୍ରୟ କରିବାକୁ ଆଗ୍ରହୀ ପକ୍ଷମାନେ ବିକ୍ରି ପାଇଁ ଥିବା ସୁନା ଅଳଙ୍କାରଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ ଏବଂ ନିୟମ ଓ ସର୍ତ୍ତାବଳୀ ପାଇଁ ଶାଖା ପ୍ରବନ୍ଧକଙ୍କୁ ଯୋଗାଯୋଗ କରନ୍ତୁ। ସୁନା ଅଳଙ୍କାର କ୍ରୟ କରିବାକୁ ଆଗ୍ରହୀ ପକ୍ଷମାନେ ନିଲାମରେ ଅଂଶଗ୍ରହଣ କରିପାରିବେ।

**ଦ୍ରଷ୍ଟବ୍ୟ: ଏହି ନୋଟିସ୍‌ଟି ଋଣଗ୍ରହୀତାମାନଙ୍କୁ ୭ ଦିନିଆ ଅନ୍ତିମ ପୁନଃସ୍ମରଣ (ରିମାଇଣ୍ଡର) ତଥା ନିଲାମ ନୋଟିସ୍ ଭାବେ ବିଚାର କରାଯିବ।**

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ସୁନା ଋଣ ଆକାଉଣ୍ଟ ନଂ. | ତା୦୭.୦୭.୨୦୨୬ରିଖ ସୁଦ୍ଧା (ଲାଗୁ ହୋଇନଥିବା ସୁଧ ଓ ଅନ୍ୟାନ୍ୟ ଦେୟ ବ୍ୟତିତ) + ଭବିଷ୍ୟତ ସୁଧ | ନେଟ୍ ଓଜନ (ଗ୍ରାମ୍‌ରେ) | ମୋଟ ଓଜନ (ଗ୍ରାମ୍‌ରେ) |
|---|---|---|---|---|
| ଅନୁଗୁଳ ଶାଖା (୧୯୯୩), ଶିମିଳିପଡ଼ା ଛକ, ଗାନ୍ଧୀ ଛକ, ଅନୁଗୁଳ, ଓଡ଼ିଶା, ପିନ୍-୭୫୯୧୨୨, ମୋ.: ୯୮୭୪୨୦୨୫୯୦ | | | | |
| ୧. | **ନମିତା ପଲାଇ,** ସା/ପୋ: ହେମସୁରପଡ଼ା, ଥାନା: ଅନୁଗୁଳ, ଜିଲ୍ଲା: ଅନୁଗୁଳ, ପିନ୍-୭୫୯୧୨୨ / *******୩୦୭୯ | ଟ.୯୬,୨୨୫.୦୦ | ୧୮.୨୦ | ୧୯.୪୮୦ |
| ବାରିପଦା ଶାଖା (୨୦୯୪), ଲାଲ ବଜାର, ୱାର୍ଡ଼ ନଂ. ୧୦, ବାରିପଦା, ଓଡ଼ିଶା, ପିନ୍-୭୫୭୦୦୧, ମୋ.: ୯୦୦୨୪୨୧୩୮୯ | | | | |
| ୧. | **ସରସ୍ୱତୀ ବେଶ୍ରା,** ସା: ତୁଳସୀଚଉରା, ବାରିପଦା, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୦୦୧ / *******୬୬୦୧ | ଟ.୧,୮୧,୮୧୪.୦୦ | ୨୪.୦୦ | ୨୭.୩୦ |
| ନବରଙ୍ଗପୁର ଶାଖା (୨୧୮୦), ତଳ ମହଲା, ଏସ୍‌ବିଆଇ ବଜାର ଶାଖା ନିକଟ, ମେନ୍ ରୋଡ୍, ନବରଙ୍ଗପୁର, ପିନ୍-୭୬୪୦୫୯, ମୋ.: ୮୧୧୪୬୧୧୨୪୩ | | | | |
| ୧. | **ଶ୍ରୀ ପରେଶ ଭତରା,** ତେଲିଆଗୁଡା, ଘୋଡ଼ାଧାନୁଆ, ନବରଙ୍ଗପୁର, ପିନ୍-୭୬୪୦୬୧ / *******୯୧୬୫ | ଟ.୪୧,୭୨୯.୦୦ | ୧୨.୦୦ | ୧୭.୬୪ |
| ୨. | **ରାଏସିଂହ ସାନ୍ତା,** ରାଣୀସୋଲ, ପାତ୍ରି, ନବରଙ୍ଗପୁର, ପିନ୍-୭୬୪୦୫୯ / *******୧୮୮୯ | ଟ.୨୨,୦୦୦.୦୦ | ୫.୦୦ | ୫.୩୮ |
| ୩. | **ଚନ୍ଦ୍ରଧ୍ୱଜ ମାଳି,** ମାଳି ସାହି, ଆମ୍ବାଦୋଲା, ନବରଙ୍ଗପୁର, ପିନ୍-୭୬୪୦୬୩ / *******୧୦୧୮ | ଟ.୫୮,୦୦୦.୦୦ | ୧୧.୦୦ | ୧୧.୧୫ |
| ଭଞ୍ଜନଗର ଶାଖା (୨୪୪୬), ବଡ଼କୋଦଣ୍ଡା ସ୍କୋୟାର, ମେନ୍ ରୋଡ୍, ଭଞ୍ଜନଗର, ବାଉଁଶଲୁଣ୍ଡି, ପୋ: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୩୩, ମୋ.: ୮୭୯୦୦୮୯୪୨୭ | | | | |
| ୧. | **ଶ୍ରୀ ପ୍ରଦୀପ ଭୂୟାଁ,** ଅଡୁଆ ସାହି, ପୋ: ଡିହପଡ଼ାଳ, ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୪୦ / *******୯୨୮୦ | ଟ.୧,୫୯,୦୦୦.୦୦ | ୨୮.୦୦ | ୨୯.୫୦ |
| ୨. | **ଶ୍ରୀ ପ୍ରଦୀପ ଭୂୟାଁ,** ଅଡୁଆ ସାହି, ପୋ: ଡିହପଡ଼ାଳ, ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୪୦ / *******୯୭୪୧ | ଟ.୪୫,୦୦୦.୦୦ | ୯.୦୦ | ୧୦.୭୭ |
| ମାଲକାନଗିରି ଶାଖା (୨୧୮୮), ମେନ୍ ରୋଡ୍, ନୁଆଗୁଡ଼ା, ଏଫ୍‌ସିଆଇ ଗୋଦାମ ସାମ୍ନା, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ନିକଟ, ପୋ/ଜିଲ୍ଲା: ମାଲକାନଗିରି, ପିନ୍-୭୬୪୦୪୫, ମୋ.: ୯୪୯୩୫୦୯୮୬୫ | | | | |
| ୧. | **ଭିକି ଶଗଡିଆ,** ଜେଡ୍ ଏ କଲୋନୀ, ଏମ୍‌କେଜି, ମାଲକାନଗିରି, ପିନ୍-୭୬୪୦୪୫ / *******୨୮୪୮ | ଟ.୭୧,୦୧୬.୦୦ | ୧୭.୨୦ | ୧୭.୫୬ |
| ୨. | **ଶ୍ରୀ ଜୀବନ ବିଶ୍ୱାସ,** ଏମ୍‌ଭି ୨୯, କାମୱାଡ଼ା, ଓରକେଲ, ମାଲକାନଗିରି, ପିନ୍-୭୬୪୦୫୧ / *******୧୮୫୨ | ଟ.୭୪,୭୭୨.୦୦ | ୧୮.୩୦ | ୨୭.୦୪ |
| ଦେବଗଡ଼ ଶାଖା (୨୩୦୫), ପ୍ଲଟ୍ ନଂ.: ୧୨୦୦ (ଅଂଶ), ସାଇ କମ୍ପ୍ଲେକ୍ସ, ପ୍ରାଇଭେଟ୍ ବସ୍ ଷ୍ଟାଣ୍ଡ୍ ନିକଟ, ପୋ/ଥାନା: ଦେବଗଡ଼, ଜିଲ୍ଲା: ଦେବଗଡ଼, ପିନ୍-୭୬୮୧୦୮, ମୋ.: ୯୯୩୭୩୦୪୫୬୫ | | | | |
| ୧. | **ଲିଲି ସୁନେଲ,** ବଡ଼ମାଣପୁର, ପୋ: ମଧପୁର, ଥାନା: ବାରକୋଟ, ଦେବଗଡ଼ / *******୭୬୭୦ | ଟ.୧,୨୦,୫୦୦.୦୦ | ୨୭.୦୦ | ୩୧.୦୧ |
| ସମ୍ବଲପୁର ଶାଖା (୧୮୨୪), ଶିବଲୋକ କମ୍ପ୍ଲେକ୍ସ, ଗେଇଟୀ ଟକିଜ ରୋଡ୍, ଗୋଲ ବଜାର ନିକଟ, ସମ୍ବଲପୁର, ଓଡ଼ିଶା, ପିନ୍-୭୬୮୦୦୧, ମୋ.: ୯୮୩୩୪୧୬୭୧୪ | | | | |
| ୧. | **ମିସ୍ ଅନିତା ସିଂହ,** ସା: ସାହୁ କଲୋନୀ, ଟ୍ୟାକ୍ସି ଷ୍ଟାଣ୍ଡ୍, ସଦର, ସମ୍ବଲପୁର, ଓଡ଼ିଶା, ପିନ୍-୭୬୮୦୦୧ / *******୭୨୭୭ | ଟ.୫୬,୩୦୨.୦୦ | ୧୪.୦୦ | ୧୫.୦୦ |
| ବ୍ୟାସନଗର ଶାଖା (୨୦୩୫), ରାଧାରାଣୀ ମାର୍ଗ, ବ୍ୟାଙ୍କ ଷ୍ଟ୍ରିଟ୍, ଆଇଡ଼ିଏଫ୍‌ସି ଫାର୍ଷ୍ଟ ବ୍ୟାଙ୍କ ନିକଟ, ଯାଜପୁର ରୋଡ୍, ଯାଜପୁର, ପିନ୍-୭୫୫୦୧୯, ମୋ.: ୮୦୮୦୫୪୬୧୧୬ | | | | |
| ୧. | **ପ୍ରକାଶ ଚନ୍ଦ୍ର ସେନାପତି,** ପାଟପୁର, ଏଣ୍ଡଲ, ଜେନାପୁର, ଯାଜପୁର, ପିନ୍-୭୫୫୦୨୩ / *******୮୯୯୧ | ଟ.୧୪,୨୪୮.୦୦ | ୪.୨୦ | ୫.୧୦ |

**ନିମ୍ନଲିଖିତ ସର୍ତ୍ତାବଳୀ ଅନୁସାରେ କଥିତ ନିଲାମ ସମ୍ପନ୍ନ କରାଯିବ।**

୧) **"ଯେଉଁଠାରେ ଯେପରି ଅଛି ଭିତ୍ତିରେ"** ନିଲାମ କରାଯିବ।
୨) ସଫଳ ନିଲାମଧାରୀ ନିଲାମ ତାରିଖ ପରବର୍ତ୍ତୀ କାର୍ଯ୍ୟଦିବସରେ ସମ୍ପୂର୍ଣ୍ଣ ନିଲାମ ରାଶି ପୈଠ କରିବେ ଏବଂ ନିଜର ସମ୍ପୂର୍ଣ୍ଣ ଦାୟିତ୍ୱରେ ଅଳଙ୍କାରଗୁଡ଼ିକ ନେବେ ଏବଂ କଥିତ ନିଲାମଧାରୀ କୌଣସି କାରଣ ବଶତଃ ବ୍ୟାଙ୍କକୁ ତାହା ଫେରସ୍ତ କରିବେ ନାହିଁ।
୩) ଆକାଉଣ୍ଟରେ ବନ୍ଧକଥିବା ସମସ୍ତ କିମ୍ବା ଆଂଶିକ ଅଳଙ୍କାରଗୁଡ଼ିକୁ ନିଲାମ କରିବାକୁ ଆବଶ୍ୟକ ମନେକଲେ ତାହା କରିବାକୁ ବ୍ୟାଙ୍କ ଅଧିକାର ସଂରକ୍ଷିତ ରଖିଅଛି କିମ୍ବା ଯେକୌଣସି ସମୟରେ ବିନା ନୋଟିସ୍‌ରେ ନିଲାମ ବନ୍ଦ କରିବାର ଅଧିକାର ଏହାର ସ୍ୱତନ୍ତ୍ର କ୍ଷମତା ବଳରେ ସଂରକ୍ଷିତ ରହିଛି।
୪) ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଯେକୌଣସି ବିଡ୍‌କୁ ଗ୍ରହଣ / ରଦ୍ଦ କରିବାର ସ୍ୱତନ୍ତ୍ର କ୍ଷମତା ରହିଛି।
୫) ବ୍ୟାଙ୍କର ସୁବିଧା ମୁତାବକ ଯେକୌଣସି ସ୍ତରରେ ଭବିଷ୍ୟତ ତାରିଖକୁ ନିଲାମ ବିକ୍ରୟ ସ୍ଥଗିତ ରଖିବାର ଅଧିକାର ବ୍ୟାଙ୍କର ରହିଛି ଏବଂ କୌଣସି ବ୍ୟକ୍ତି ଏ ବିଷୟରେ କୌଣସି ପ୍ରାକ୍ ନୋଟିସ୍ କିମ୍ବା ସେବାବଦ ଅଧିକାର ଦାବୀ ରଖିବାକୁ ହକ୍‌ଦାର ହେବେ ନାହିଁ।
୬) ଯଦି ସଫଳ ନିଲାମଧାରୀ ସମ୍ପୂର୍ଣ୍ଣ ନିଲାମ ରାଶି ପ୍ରଦାନ ନ କରନ୍ତି ଏବଂ/କିମ୍ବା ତାଙ୍କର କୌଣସି କାରଣ ହେତୁ ନିଲାମ ବିକ୍ରୟ ସ୍ଥଗିତ/ପୁନଃ ନିଲାମ ହୁଏ, ତେବେ ସେ ବ୍ୟାଙ୍କର ତଦ୍ଦ୍ୱାରା ହୋଇଥିବା କ୍ଷତିର ପରିମାଣ ଯାହା ତାଙ୍କ ଯୋଗୁ ନିଲାମ ସମାପ୍ତ ହୋଇପାରିନଥିଲା ସେଥି ନିମନ୍ତେ ଦାୟୀ ରହିବେ।
୭) ବ୍ୟାଙ୍କ ଅଳଙ୍କାର / କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ ଏବଂ ନିଲାମ କ୍ରେତା ନିଜ ଦ୍ୱାରା ଅଳଙ୍କାର/ମୁଦ୍ରାଗୁଡ଼ିକର ଶୁଦ୍ଧତା କିମ୍ବା ଓଜନ ତନଖି କରି ନିଶ୍ଚିତ ହେବା ଆବଶ୍ୟକ ଏବଂ ଏ ବିଷୟରେ ନିଲାମ ପରେ କୌଣସି ଦାବୀକୁ ଗ୍ରହଣ କରାଯିବ ନାହିଁ।
୮) ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶିର ୨୫% ଅମାନତ ରାଶି ରୂପେ ଜମା କରିବେ।
୯) ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାର ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ଅଳଙ୍କାରକୁ ପୁନଃ ବିକ୍ରୟ କରାଯିବ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୭.୦୭.୨୦୨୬ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

# ଶ୍ରୀକ୍ଷେତ୍ର ସିଟି

୭/୭/୨୦୨୬ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୧,୮୭,୭୧୮/- ସୁନା:୦୦.୦୦୦ ଗ୍ରାମ୍ ରୁପା: ୦୧.୭୦୦ ଗ୍ରାମ୍



### ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ

# ସଂସ୍କୃତ ସବୁ ଭାରତୀୟ ଭାଷାର ଜନନୀ

ପୁରୀ,୭।୭ (ସମିସ)



ସଂସ୍କୃତ ହେଉଛି ସବୁ ଭାରତୀୟ ଭାଷାର ଜନନୀ। ଏହି ଭାଷାକୁ ବିଶ୍ୱର ସବୁଠାରୁ ପ୍ରାଚୀନ ଭାଷା ଭାବେ ଗ୍ରହଣ କରାଯାଏ। ଆମର ସଂସ୍କୃତି ଏବଂ ପରମ୍ପରା ସଂସ୍କୃତ ଭାଷା ସହିତ ଗଭୀର ଭାବରେ ଯୋଡ଼ି ହୋଇରହିଛି। ଏହା ଆମ ଦେଶର ମୂଳଦୁଆ। ସଂସ୍କୃତ କେବଳ ଏକ ଭାଷା ନୁହେଁ, ଏହା ଭାରତୀୟ ଦର୍ଶନ, ବିଜ୍ଞାନ, ସାହିତ୍ୟ ଓ ଆଧ୍ୟାତ୍ମର ଆତ୍ମା ବୋଲି କହିଛନ୍ତି ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପତି। ମଙ୍ଗଳବାର ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀବିହାର, ପୁରୀର ୪୭ତମ ପ୍ରତିଷ୍ଠା ଦିବସ ବିଶ୍ୱବିଦ୍ୟାଳୟ ସଭାଗୃହରେ ପାଳିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ରାଜ୍ୟପାଳ ଡ. କମ୍ଭମ୍ପତି ମୁଖ୍ୟଅତିଥି ଭାବେ ଯୋଗଦେଇ ସଂସ୍କୃତ ଭାଷାର ବିଶ୍ୱବ୍ୟାପୀ ଗୁରୁତ୍ୱ, ଭାରତୀୟ ଜ୍ଞାନ ପରମ୍ପରାରେ ଏହାର ଅବଦାନ ଓ ସଂସ୍କୃତ ସବୁ ଭାଷାର ଜନନୀ ବୋଲି କହିଥିଲେ। ସେ ରାମାୟଣ ଓ ମହାଭାରତରେ ବର୍ଣ୍ଣିତ ବ୍ରହ୍ମାସ୍ତ୍ର, ପୁଷ୍ପକ ବିମାନ ଭଳି ବିଭିନ୍ନ ବୈଜ୍ଞାନିକ ଓ ରହସ୍ୟମୟ ଧାରଣା ସଂସ୍କୃତ ସାହିତ୍ୟରେ ନିହିତ ରହିଥିବା ବିଷୟରେ ଆଲୋକପାତ କରିଥିଲେ।

ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସହ ବିଶ୍ୱବିଦ୍ୟାଳୟର ଗୌରବମୟ ପରମ୍ପରା, ଶିକ୍ଷା, ଗବେଷଣା ଓ ସଂସ୍କୃତ ଭାଷାର ପ୍ରସାରରେ ଏହାର ଅବଦାନ ସମ୍ପର୍କରେ ଉପସ୍ଥାପନା କରିଥିଲେ। ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ପୂର୍ବତନ କାର୍ଯ୍ୟବାହୀ କୁଳପତି ପ୍ରଫେସର ଦତ୍ତାତ୍ରେୟ ମୂର୍ତ୍ତି ଏବଂ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ଉପସ୍ଥିତ ରହି ନିଜ ମତାମତ ପ୍ରକାଶ କରିଥିଲେ। ଏହି ଅବସରରେ ସର୍ବଦର୍ଶନ ବିଭାଗର ଅବସରପ୍ରାପ୍ତ ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଅବସରପ୍ରାପ୍ତ ଅଣଶିକ୍ଷକ କର୍ମଚାରୀ ହରିହର ପ୍ରଧାନ, ଶୋଭାବତୀ ମାନସିଂହ, ସୁବର୍ଣ୍ଣା ମାରାଣ୍ଡି, ସୁରେନ୍ଦ୍ର ବିଶୋଇ ଏବଂ ଜଗନ୍ନାଥ ପାତ୍ରଙ୍କୁ କୁଳାଧିପତି ସମ୍ମାନିତ କରିଥିଲେ। କୁଳାଧିପତିଙ୍କ କରକମଳରେ ବିଶ୍ୱବିଦ୍ୟାଳୟର ମୁଖପତ୍ର 'ଶ୍ରୀବିହାରଭାରତୀ' ଏବଂ ଗବେଷଣା ପତ୍ରିକା 'ଜଗନ୍ନାଥଜ୍ୟୋତିଃ' ଉନ୍ମୋଚିତ ହୋଇଥିଲା। ଏଥିସହ ବିଭିନ୍ନ ବିଭାଗର ମେଧାବୀ ଛାତ୍ରଛାତ୍ରୀଙ୍କୁ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମେଧାବୀ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। ଜ୍ୟୋତିର୍ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀଙ୍କୁ ପ୍ରଦୀପ କୁମାର ଦାସ ଓ ପ୍ରେମାମଞ୍ଜରୀ ଦେବୀ ଛାତ୍ରବୃତ୍ତି ଏବଂ ନୀଳକଣ୍ଠ ଉଦ୍‌ଗାତା ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା।

ଚଳିତ ବର୍ଷ ବିଶ୍ୱବିଦ୍ୟାଳୟ ପକ୍ଷରୁ ପରିଚାଳିତ ଶାସ୍ତ୍ରୀ (ଯୁକ୍ତ ୩) ପରୀକ୍ଷାରେ ସର୍ବାଧିକ ନମ୍ବର ହାସଲ କରିଥିବା ରାମଚଣ୍ଡୀ ସଂସ୍କୃତ ମହାବିଦ୍ୟାଳୟର ବ୍ୟାକରଣ ବିଭାଗର ଛାତ୍ରୀ ମୋନାଲି ଆଚାର୍ଯ୍ୟଙ୍କୁ "ବଂଶୀଧର ଓ ବସନ୍ତମଞ୍ଜରୀ ସମ୍ମାନ' ପ୍ରଦାନ କରାଯାଇଥିଲା। ଏଥିସହ ଶିକ୍ଷାଶାସ୍ତ୍ର ବିଭାଗର ମେଧାବୀ ଛାତ୍ରଛାତ୍ରୀଙ୍କୁ ମଧ୍ୟ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା।

ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ପକ୍ଷରୁ ଅନିଲ କୁମାର ମହାନ୍ତିଙ୍କୁ ଶ୍ରେଷ୍ଠ ସ୍ୱେଚ୍ଛାସେବକ ଏବଂ ସୁଜାତା ଦାସଙ୍କୁ ଶ୍ରେଷ୍ଠ ଜାତୀୟ ସେବା ଯୋଜନା ଅଧିକାରୀ ଭାବେ ସମ୍ମାନିତ କରାଯାଇଥିଲା। ସମଗ୍ର କାର୍ଯ୍ୟକ୍ରମକୁ ଡ. ରାଧାକାନ୍ତ ପଣ୍ଡା ଏବଂ ଡ. ନିବେଦିତା କର ସଂଯୋଜନା କରିଥିବାବେଳେ ବିଶ୍ୱବିଦ୍ୟାଳୟ ମିଡିଆ ସେଲର ଡ. ସସ୍ମିତା ବନ୍ଦର ନାୟକ, ଡ. ସୁଶାନ୍ତ ଶତପଥୀଙ୍କ ସମେତ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀମାନେ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।

**ସଂସ୍କୃତ ଭାଷା ଦର୍ଶନ, ବିଜ୍ଞାନ, ସାହିତ୍ୟ ଓ ଆଧ୍ୟାତ୍ମର ଆତ୍ମା**

## ରଥଖଳାରୁ... ତିନିରଥର ଚକଫାଳି ନିର୍ମାଣ ଶେଷ

ପୁରୀ,୭।୭ (ସମିସ): ରଥଯାତ୍ରା ପାଇଁ ତିନିରଥ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମଙ୍ଗଳବାର ମହାରଣା ସେବକମାନେ ୧୦ଟି ଲେଖାଏଁ ରଥ ମୋଡ଼ ଚକ ଫାଳି ନିର୍ମାଣ ଶେଷ କରିଛନ୍ତି। ସେହିପରି ତିନିରଥର ବେଦୀ ସିଂହାସନର ବିଜେ ଚକା ସ୍ଥାପନ ପୂର୍ବରୁ ବେଦୀ ପରିସରକୁ ରଞ୍ଜା ମାରି ସଫା ସରିଛି। ଚିତ୍ରକାର ସେବକମାନେ ତିନିରଥ ପ୍ରଭାର ଖୋଦେଇ ରୂପରେ ରଙ୍ଗ ସାରିଥିବାବେଳେ ମଧ୍ୟ ଭାଗରେ ଅଙ୍କିତ ଦେବ ଦେବୀଙ୍କ ରଙ୍ଗ ଚିତ୍ରକୁ ଶେଷ ସ୍ପର୍ଶ ଦେଉଛନ୍ତି। ଏଥିସହ ଚକ, ଦଣ୍ଡା, ଗୁଜ, ରଥ ଉପର ନାହାକା, ବ୍ରେକ୍



ପୁଲି, ଘୋଡ଼ା, ସାରଥୀ ଇତ୍ୟାଦିର ରଙ୍ଗ ଜାରି ରହିଛି। ଦରଜୀ ସେବକମାନେ ନନ୍ଦିଘୋଷ ରଥର ବାକି ରହିଥିବା ବତା କନାରେ ବିଳାସ ପଟି ପକା କାର୍ଯ୍ୟ ଶେଷ କରି ତିନିରଥର ଦୁଆରବେଢ଼ା ଚନ୍ଦ୍ର ଶାଳୀରେ ଚିକଣ ଫୁଲ, ଡାଳି ଲତା ପକା କାର୍ଯ୍ୟ ଜାରି ରଖିଛନ୍ତି। କମାର ସେବକମାନେ ଜରୁରୀ ପରିସ୍ଥିତି ପାଇଁ କିଛି ଆବଶ୍ୟକ କଣ୍ଟା ତିଆରି କରୁଛନ୍ତି। ପାହି ମହାରଣାମାନେ ରଥ ଯାତ୍ରାରେ ସେବା ପୂଜା ପାଇଁ ସରଞ୍ଜାମ ନିର୍ମାଣ ଶେଷ କରି ଗୁଣ୍ଡିଚା ମନ୍ଦିରରେ ବ୍ୟବହାର ପାଇଁ ଆବଶ୍ୟକୀୟ କାଠ ସରଞ୍ଜାମ ତିଆରି କରୁଛନ୍ତି।

## ଜୁଲାଇ ୨୬ରେ ଅଧରପଣା — ଗଢ଼ା ଚାଲିଛି ଅଧର ହାଣ୍ଡି

ପୁରୀ,୭।୭ (ସମିସ)



ଆସନ୍ତା ୧୬ ତାରିଖରେ ରଥଯାତ୍ରା। ମହାପ୍ରଭୁ ନବଦିନାତ୍ମକ ଯାତ୍ରାରେ ଯିବେ ଶ୍ରୀଗୁଣ୍ଡିଚା ମନ୍ଦିର। ପରେ ପରେ ବାହୁଡ଼ା, ସୁନାବେଶ, ଅଧରପଣା ଏବଂ ନୀଳାଦ୍ରିବିଜେ କରିବେ ଚତୁର୍ଦ୍ଧାବିଗ୍ରହ। ଏଥିପାଇଁ ପ୍ରଶାସନିକ ପ୍ରସ୍ତୁତି ଚାଲିଥିବାବେଳେ ଅଧରପଣା ପାଇଁ କୁମ୍ଭକାର ଅଧରହାଣ୍ଡି ପ୍ରସ୍ତୁତିରେ ଲାଗିଛନ୍ତି। ଜୁଲାଇ ୨୬ ତାରିଖରେ ରଥ ଉପରେ ହେବ ଅଧର ନୀତି। ରଥାରୂଢ଼ ଠାକୁରମାନଙ୍କ ଅଧର ଉଚ୍ଚ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଶୈଳୀରେ ନିର୍ମିତ ମାଟିହାଣ୍ଡିରେ ହେଉଥିବା ପଣାଭୋଗକୁ ଅଧରପଣା କୁହାଯାଏ। ତେବେ ଅଧରପଣା ପାଇଁ ନିଷ୍ଠାର ସହିତ କୁମ୍ଭକାର ଗଢୁଛନ୍ତି ଅଧରହାଣ୍ଡି।

ପୂର୍ବେ ବାହୁଡ଼ା ଦଶମୀ ଦିନ ୩ ହାଣ୍ଡି, ଏକାଦଶୀରେ ୩ ହାଣ୍ଡି ଓ ଦ୍ୱାଦଶୀରେ ୩ ହାଣ୍ଡି ଏହିପରି ମୋଟ ୯ ହାଣ୍ଡି ଏବଂ ବଳଭଦ୍ରଙ୍କ ରଥରେ ରାମକୃଷ୍ଣଙ୍କ ଉଦ୍ଦେଶ୍ୟରେ ୨ ହାଣ୍ଡି (ସାନ), ଜଗନ୍ନାଥଙ୍କ ରଥରେ ମଦନମୋହନଙ୍କ ନିମିତ୍ତ ଗୋଟିଏ ହାଣ୍ଡି (ସାନ) ଏହିପରି ମୋଟ୍ ୧୨ ହାଣ୍ଡି ଅଧରପଣା ଭୋଗ ହେଉଥିଲା। ସମ୍ପ୍ରତି ତିନିରଥରେ ଦ୍ୱାଦଶୀ ତିଥିରେ ମୋଟ୍ ୯ ହାଣ୍ଡି ଅଧରପଣା ଭୋଗ ହେଉଛି। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ, ରାଘବଦାସ ମଠ ଓ ବଡ଼ଓଡ଼ିଆ ମଠ ପ୍ରତ୍ୟେକ ୩ଟି ଲେଖାଏଁ ଅଧରହାଣ୍ଡି ଯୋଗାଇଥା'ନ୍ତି। ଅଧରହାଣ୍ଡି ପ୍ରସ୍ତୁତି ସମ୍ପର୍କରେ କୁମ୍ଭକାର କୁହନ୍ତି, ଗୋଟିଏ ହାଣ୍ଡି ତିଆରି କରିବା ପାଇଁ ପ୍ରାୟ ୪ ବସ୍ତା ମାଟି ଓ ଗୋଟିଏ ବସ୍ତା ବାଲି ଦରକାର ପଡ଼ିଥାଏ। ମାଟିକୁ ଭଲଭାବେ ଗୁଣ୍ଡ କରାଯାଏ। ସେହିପରି ବାଲିକୁ ଚଲାଯାଇ ସେଥିରୁ ଛୋଟ ଇଟା ଓ ପଥରଖଣ୍ଡ ବାହାର କରିଦିଆଯାଏ। ପ୍ରଥମେ ଏହାକୁ ଚକଟାଯାଇ ସମ୍ପୂର୍ଣ୍ଣ ପ୍ଲେନ୍ କରାଯାଏ। କୁମ୍ଭାର ଚକରେ ବାଇହାଣ୍ଡିଠୁ ବଡ଼ ଆକାର ଗଢ଼ାଯାଇ ଏହାକୁ ଖରାରେ ଶୁଖାଇ ଦିଆଯାଏ। ଦୁଇଦିନ ଶୁଖିବା ପରେ ଏହାକୁ ବାଡ଼ିଆଯାଇ ଆକାର ଦିଆଯାଏ। କଞ୍ଚାବେଳେ ଏହା ପ୍ରାୟ ୪ରୁ ସାଢ଼େ ୪ ଫୁଟ୍ ରହିଥାଏ। ଶୁଖିଗଲା ପରେ ଏହାର ଉଚ୍ଚତା ସାମାନ୍ୟ କମିଯାଏ। ବର୍ତ୍ତମାନ ସେ ଗଢୁଥିବା ଅଧରହାଣ୍ଡି ଶୁଖିଗଲାଣି। ଭାଟିରେ ପୋଡ଼ାଯିବା ପରେ ଏହା ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଯିବ। ଅକ୍ଷୟ ତୃତୀୟା ପରଠାରୁ ଶୁଦ୍ଧପୁତ ଭାବେ ରହି ଏହାକୁ ଗଢ଼ାଯାଏ। ଆରମ୍ଭରୁ ଏହା ଶେଷ ହେବା ପର୍ଯ୍ୟନ୍ତ ଅରୁଆ ଖାଇବାକୁ ପଡ଼ିଥାଏ। ଏହାକୁ ମହିଳାମାନେ ଛୁଅନ୍ତି ନାହିଁ କି ତିଆରି ହେଉଥିବା ଘରକୁ ଆସନ୍ତି ନାହିଁ। ଏହାକୁ ତିଆରି କରିବା ପାଇଁ ପ୍ରାୟ ମାସେ ପରେ ସମୟ ଲାଗେ। ଅଧରପଣାର ପୂର୍ବଦିନ ଏହାକୁ ନେଇ ପହଞ୍ଚାଇ ଦିଆଯାଏ।

## ଆସୁଛି ରଥଯାତ୍ରା... ପ୍ରତି ରଥରେ ୯ ପାର୍ଶ୍ୱ ଦେବଦେବୀ

ପୁରୀ,୭।୭ (ସମିସ)



ଓଡ଼ିଶାର ମୁଖ୍ୟ ଯାତ୍ରା ଭାବେ ପୁରୀ ରଥଯାତ୍ରା ବିଶ୍ୱପ୍ରସିଦ୍ଧ। ଏହା ଶ୍ରୀମନ୍ଦିରରେ ପାଳିତ ଦ୍ୱାଦଶ ଯାତ୍ରା ମଧ୍ୟରୁ ଅନ୍ୟତମ। ସମଗ୍ର ଭାରତ ବର୍ଷରେ ଯେତେ ପ୍ରକାରର ରଥ ଠାକୁରଙ୍କ ଲାଗି ତିଆରି ହୁଏ ସେଥିମଧ୍ୟରୁ ଶ୍ରୀକ୍ଷେତ୍ରର ତିନିରଥ ନିର୍ମାଣ ଶୈଳୀ ଅତୀବ ରହସ୍ୟମୟ। ବହୁ ପ୍ରାଚୀନ ସମୟରୁ ରଥର ନିର୍ମାଣ ପଦ୍ଧତି ଶିଳ୍ପଶାସ୍ତ୍ରାନୁମୋଦିତ। ତେବେ ଏହି ତିନିରଥରେ ଆସୀନ ହୋଇଥା'ନ୍ତି ପାର୍ଶ୍ୱ ଦେବଦେବୀ। ଏହି ପାର୍ଶ୍ୱ ଦେବଦେବୀଙ୍କ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ପରମକାରୁଣିକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ନିମନ୍ତେ ପ୍ରତିବର୍ଷ ନୂତନ ଭାବେ ତିନିଗୋଟି ରଥ ନିର୍ମିତ ହୋଇଥାଏ। ଶିଳ୍ପ ଶାସ୍ତ୍ର ପଦ୍ଧତିରେ ନିର୍ମିତ ହୋଇଥିବା ଏହି ରଥଗୁଡ଼ିକ ଅତ୍ୟନ୍ତ ସୁଦୃଶ୍ୟ। ଏହି ତିନିରଥରେ ପ୍ରତିବର୍ଷ ପାର୍ଶ୍ୱ ଦେବଦେବୀଙ୍କୁ ସ୍ଥାନିତ କରାଯାଇଥାଏ। ନବକଳେବର ସମୟରେ ପୁରୁଣା ପାର୍ଶ୍ୱ ଦେବଦେବୀଙ୍କୁ ପାତାଳି କରାଯାଇଥାଏ। ରୂପକାର ସେବକମାନେ ନିମ୍ବ କାଠରେ ସମୁଦାୟ ୨୭ଟି ପାର୍ଶ୍ୱ ଦେବଦେବୀଙ୍କ ବିଗ୍ରହ ନିର୍ମାଣ କରିଥା'ନ୍ତି। ରଥଯାତ୍ରାର ଅବ୍ୟବହିତ ପୂର୍ବରୁ ଚିତ୍ରକାର ସେବକମାନେ ସମସ୍ତ ମୂର୍ତ୍ତିକୁ ରଙ୍ଗ କରିଥା'ନ୍ତି। ଆବଶ୍ୟକତା ଅନୁସାରେ ରୂପକାର ସେବକମାନଙ୍କ ଦ୍ୱାରା ମରାମତି କାର୍ଯ୍ୟ ମଧ୍ୟ ହୋଇଥାଏ। ପ୍ରତି ରଥରେ ୯ ମୂର୍ତ୍ତି ଲେଖାଏଁ ପାର୍ଶ୍ୱ ଦେବଦେବୀଙ୍କୁ ଅଧିଷ୍ଠିତ କରାଯାଇଥାଏ।

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନନ୍ଦିଘୋଷ ରଥରେ ଯେଉଁ ୯ ପାର୍ଶ୍ୱ ଦେବତା ରୁହନ୍ତି। ସେମାନେ ହେଲେ ହରିହର, ପଣ୍ଡୁନୃସିଂହ, ଗିରିଗୋବର୍ଦ୍ଧନଧାରୀ, ରାବଣ ଛତ୍ରଭଙ୍ଗ, ଚିନ୍ତାମଣୀ କୃଷ୍ଣ, ନାରାୟଣ, ମଧୁସୂଦନ, ଲକ୍ଷ୍ମଣ ଓ ପଞ୍ଚମୁଖୀ ହନୁମାନ। ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥରେ ଯେଉଁ ଦେବୀମାନେ ରୁହନ୍ତି ସେମାନେ ହେଲେ ବିମଳା, ମଙ୍ଗଳା, ବରାହୀ, ଭଦ୍ରକାଳୀ, ଉମା, କାତ୍ୟାୟନୀ, ହରଚଣ୍ଡୀ, ରାମଚଣ୍ଡୀ ଓ ଅଘୋରା। ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥରେ ଅଧିଷ୍ଠିତ ହେଉଥିବା ଦେବତାମାନେ ହେଲେ ପ୍ରଳମ୍ବାରୀ ମହାଦେବ, ବାଇଶିଭୁଜ ନୃସିଂହ, ବଳରାମ, ନଟବର ଗଣେଶ, ଅଙ୍ଗଦ, ନାକାମ୍ବର, ଷଡ଼ାନନ କାର୍ତ୍ତିକେଶ୍ୱର, ମଧୁ ପୈଟଭ ଓ ଅନନ୍ତ ବାସୁଦେବ। ଏହିପରି ଭାବେ ତିନିରଥରେ ୨୭ ଜଣ ପାର୍ଶ୍ୱ ଦେବଦେବୀ ଅବସ୍ଥାନ କରିଥା'ନ୍ତି। ଦୈବୀ ଦୁର୍ଘଟଣା ଓ ପ୍ରାକୃତିକ ବିପର୍ଯ୍ୟୟରୁ ରଥକୁ ସମ୍ପୂର୍ଣ୍ଣ ରୂପେ ଏହି ପାର୍ଶ୍ୱ ଦେବଦେବୀ ସୁରକ୍ଷା ପ୍ରଦାନ କରିଥା'ନ୍ତି ବୋଲି ଡ. ଦାଶ କହିଛନ୍ତି।

## ସିଂହଦ୍ୱାରରେ ଫଟୋ ପ୍ରଦର୍ଶନୀର ପୋଷ୍ଟର ଉନ୍ମୋଚିତ

ପୁରୀ,୭।୭ (ସମିସ): ନବୀନ (ନୂତନ ଭବିଷ୍ୟତ ନିର୍ମାଣର ସୂତ୍ରଧର) ଟ୍ରଷ୍ଟ ପକ୍ଷରୁ ବିଶ୍ୱ ଫଟୋଗ୍ରାଫି ଦିବସ ଅବସରରେ ଆୟୋଜିତ ହେଉଥିବା ରାଜ୍ୟସ୍ତରୀୟ ପ୍ରଦର୍ଶନୀ ନିମନ୍ତେ ଆଗ୍ରହୀ ଫଟୋଗ୍ରାଫରଙ୍କଠାରୁ ଫଟୋ ଆମନ୍ତ୍ରଣର ଶୁଭାରମ୍ଭ ମଙ୍ଗଳବାର ସିଂହଦ୍ୱାର ସମ୍ମୁଖରେ ହୋଇଯାଇଛି। ଏସ୍‌ପି ପ୍ରତୀକ୍ ସିଂ, ଟ୍ରଷ୍ଟର



ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦାସ ଓ ଅନ୍ୟାନ୍ୟ ବିଶିଷ୍ଟ ଅତିଥିଙ୍କ କରକମଳରେ ସନ୍ଧ୍ୟାରେ ଏହାର ପୋଷ୍ଟର ଉନ୍ମୋଚିତ ହୋଇଥିଲା। ଗତ ୪ ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଥିବା ଏହି ରାଜ୍ୟସ୍ତରୀୟ ପ୍ରଦର୍ଶନୀ ନିମନ୍ତେ ରାଜ୍ୟର ସମସ୍ତ ଫଟୋଗ୍ରାଫରଙ୍କ ନିକଟରୁ ପଞ୍ଚମ ସଂସ୍କରଣ ଲାଗି ୪ଟି ଥିମ୍ (ଲୁଚି ରହିଥିବା ଐତିହ୍ୟରାଜି, ଶାରୀରିକ ଅକ୍ଷମ ଏକ ବୋଝ ନୁହେଁ ସମ୍ମାନ, ରାସ୍ତାଘାଟରେ ଜୀବନର ଜଳଛବି ଏବଂ ପ୍ରକୃତି ଉପରେ ପାଣିପାଗ ପରିବର୍ତ୍ତନର ପ୍ରଭାବ) ଉପରେ ଫଟୋ ଆମନ୍ତ୍ରଣ କରାଯାଉଛି। ଆଗ୍ରହୀ ବ୍ୟକ୍ତିବିଶେଷ ଆସନ୍ତା ଅଗଷ୍ଟ ୫ ତାରିଖ ସୁଦ୍ଧା ସେମାନଙ୍କ ନିର୍ବାଚିତ ଫଟୋ ନିର୍ଦ୍ଧାରିତ ନିୟମ ଅନୁସାରେ ପ୍ରେରଣ କରିବାକୁ ଟ୍ରଷ୍ଟ ପକ୍ଷରୁ ଅନୁରୋଧ କରାଯାଇଛି। ଅଧିକ ବିବରଣୀ ନିମନ୍ତେ ମୋବାଇଲ ନମ୍ବର ୯୪୩୯୭୬୧୪୬୭୭ରେ ଯୋଗାଯୋଗ କରିବାକୁ ଟ୍ରଷ୍ଟ ଅଧ୍ୟକ୍ଷ ଶ୍ରୀ ଦାସ ନିବେଦନ କରିଛନ୍ତି।

### ■ ପୁଲିସର ତତ୍ପରତା

## କେନ୍ଦୁଝରର ୨ ନାବାଳକ ପୁରୀରୁ ଉଦ୍ଧାର

ପୁରୀ,୭।୭ (ସମିସ): ପୁରୀ ପୁଲିସର ତତ୍ପରତା ଯୋଗୁଁ କେନ୍ଦୁଝରର ୨ ନାବାଳକ ସୁରକ୍ଷିତ ଭାବେ ସେମାନଙ୍କ ପରିବାରକୁ ଫେରିଛନ୍ତି। ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟା ସମୟରେ ୧୧୨ ଜରୁରୀକାଳୀନ ସେବାକୁ ଏକ ସୂଚନା ମିଳିଥିଲା ଯେ, କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଅଞ୍ଚଳର ଦୁଇ ନାବାଳକ ନିଜ ହଷ୍ଟେଲରୁ ପଳାଇ ଆସି ପୁରୀରେ ବୁଲୁଛନ୍ତି। ଖବର ପାଇବା ମାତ୍ରେ ପୁଲିସର ପିସିଆର୍-୩ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଭୟ ନାବାଳକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ପରବର୍ତ୍ତୀ ସମୟରେ ସେମାନଙ୍କ ପରିଚୟ ଯାଞ୍ଚ କରି ପରିବାର ସଦସ୍ୟଙ୍କ ସହ ଯୋଗାଯୋଗ କରାଯାଇଥିଲା। ଯଥାର୍ଥ ଯାଞ୍ଚ ଓ ଆବଶ୍ୟକ ଆଇନଗତ ପ୍ରକ୍ରିୟା ସମ୍ପନ୍ନ କରିବା ପରେ ଉଭୟ ନାବାଳକଙ୍କୁ ସେମାନଙ୍କ ପରିବାର ଲୋକଙ୍କ ନିକଟରେ ସୁରକ୍ଷିତ ଭାବେ ହସ୍ତାନ୍ତର କରାଯାଇଛି। ପୁରୀ ପୁଲିସ ସାଧାରଣ ଜନତାଙ୍କୁ ଅନୁରୋଧ କରୁଛି ଯେ, କୌଣସି ନାବାଳକ କିମ୍ବା ନାବାଳିକା ଅସହାୟ ଅବସ୍ଥାରେ ବୁଲୁଥିବା କିମ୍ବା ସନ୍ଦେହଜନକ ପରିସ୍ଥିତିରେ ଦେଖାଗଲେ ତୁରନ୍ତ ୧୧୨ ଜରୁରୀକାଳୀନ ସେବା କିମ୍ବା ନିକଟସ୍ଥ ଥାନାକୁ ସୂଚନା ଦେଇ ସହଯୋଗ କରନ୍ତୁ।

## ସ୍ୱେରେଜ୍ ଡ୍ରେନ୍‌ରୁ ନବଜାତ ଶିଶୁର ମୃତଦେହ ଉଦ୍ଧାର

ପୁରୀ,୭।୭ (ସମିସ): ବାସେଳିସାହି ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ଯାହା ଶ୍ରୀକ୍ଷେତ୍ର ପୁରୀରେ ପୁଣି ଥରେ ଲଜ୍ଜାଜନକ ଘଟଣା ଦେଖିବାକୁ ମିଳିଛି। ବାସେଳିସାହି ଥାନା ଅନ୍ତର୍ଗତ ମାର୍କଣ୍ଡେଶ୍ୱର ସାହି ବଢ଼େଇ ଲେନ୍‌ସ୍ଥିତ ଏକ ସ୍ୱେରେଜ୍ ନାଳରୁ ନବଜାତ ଶିଶୁର ମୃତଦେହ ଉଦ୍ଧାର ହୋଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶିଶୁର ମୃତଦେହକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁଯାୟୀ, କିଛିଦିନ ହେବ ସ୍ୱେରେଜ୍ ନାଳ ଜାମ୍ ହୋଇ ମଇଳା ପାଣି ରାସ୍ତାରେ ଭାସୁଥିଲା। ଫଳରେ ସାହି ବାସିନ୍ଦାଙ୍କ ପକ୍ଷରୁ ଅଭିଯୋଗ ଏହାକୁ ସଫା କରିବା ନିମନ୍ତେ କରାଯାଇଥିଲା। ଅଭିଯୋଗ ଅନୁଯାୟୀ ସ୍ୱେରେଜ୍ ସଫା କରିବା ନିମନ୍ତେ ମଙ୍ଗଳବାର ପୂର୍ବାହ୍ନରେ କର୍ମଚାରୀ ଆସିଥିଲେ। ସଫା କରିବା ସମୟରେ ଏକ ନବଜାତ ଶିଶୁର ମୃତଦେହ ପଡ଼ିଥିବା ଦେଖିଥିଲେ। ଏ ନେଇ କର୍ମଚାରୀମାନେ ଅଧିକାରୀଙ୍କୁ ଜଣାଇବା ପରେ ଘଟଣାସ୍ଥଳରେ ପହଞ୍ଚି ଏହା ଦେଖିବା ପରେ ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ମୃତଦେହକୁ ବାହାର କରିଥିଲା। ପ୍ରାଥମିକ ତଦନ୍ତରୁ ଏହା ଭ୍ରୁଣ ହତ୍ୟା ଘଟଣା ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ତେବେ କିଏ ଏବଂ କାହିଁକି ଏଭଳି ଜଘନ୍ୟ କାର୍ଯ୍ୟ କରିଛି ସେ ନେଇ ଏ ପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ପୁଲିସ ଏ ନେଇ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ ସହ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରୁଛି। ଦୋଷୀକୁ ଚିହ୍ନଟ କରି କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏଭଳି ଅମାନୁଷିକ ଘଟଣା ପରେ ସାରା ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି।

**ଭ୍ରୁଣ ହତ୍ୟା ଆଶଙ୍କା**

## ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଗଜପତି

ପୁରୀ,୭।୭ (ସମିସ): ଅଦିନିଆ ରଥଯାତ୍ରା ପ୍ରସଙ୍ଗରେ ଅମାନିଆ ହେଉଛି ଇସ୍କନ। ଶାସ୍ତ୍ରୀୟ ମତକୁ ଆଧାର କରି ନିର୍ଦ୍ଦିଷ୍ଟ ତିଥିରେ ରଥଯାତ୍ରା ଆୟୋଜନ ପାଇଁ ଗଜପତି ମହାରାଜା ଇସ୍କନ ମୁଖ୍ୟଙ୍କୁ ଏକାଧିକଥର ଚିଠି ଲେଖିଛନ୍ତି। ହେଲେ ସେମାନେ ଏଥିରେ ସହମତି ହେଉନାହାନ୍ତି। ପ୍ରତିଶ୍ରୁତି ସତ୍ତ୍ୱେ ଇସ୍କନ ପକ୍ଷରୁ ଭାରତ ସମେତ ବିଶ୍ୱରେ ଅଦିନିଆ ରଥଯାତ୍ରା ଚାଲିଛି। ଏହି ପରମ୍ପରା ବିରୋଧୀ କାର୍ଯ୍ୟରେ ରୋକ୍ ଲଗାଇବା ପାଇଁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ହସ୍ତକ୍ଷେପ ଲୋଡ଼ିଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ। ଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଇସ୍କନ ସହ ଏହି ପ୍ରସଙ୍ଗ ନେଇ ବିଦ୍ୱାନମଣ୍ଡଳୀ ଆଲୋଚନା କରିଥିଲେ। ମହାପ୍ରଭୁଙ୍କ ରଥଯାତ୍ରାର ତିଥି ପରିବର୍ତ୍ତନ ହେବ ନାହିଁ ବୋଲି ଶୁଣାଇ ଦେଇଥିଲେ। ୨୦୨୫ ଅକ୍ଟୋବର ୧୯ ତାରିଖରେ ତିଥିରେ ରଥଯାତ୍ରା କରିବାକୁ ଏବଂ ଦେଶ ଭିତରେ ଅଦିନିଆ ରଥ ନ ଗଡ଼ାଇବାକୁ ଇସ୍କନ ନିଷ୍ପତ୍ତି ନେଇଥିଲା। ହେଲେ ପରବର୍ତ୍ତୀ ସମୟରେ ତାହା ପାଳନ କଲାନି। ୨୦୨୬ ମେ' ମାସ ପରେ ବିଶ୍ୱର ଏକାଧିକ ସ୍ଥାନରେ ଅଦିନରେ ସ୍ନାନଯାତ୍ରା କରାଯାଇଛି। ବର୍ଷ ସାରା ଯେ କୌଣସି ଦିନରେ ବି ରଥଯାତ୍ରା କରୁଛି, ଯାହାକି ଜଗନ୍ନାଥପ୍ରେମୀଙ୍କ ଧର୍ମୀୟ ଭାବାବେଗକୁ କଠୋର ଆଘାତ ପହଞ୍ଚାଇଛି। ମହାପ୍ରଭୁଙ୍କ ପବିତ୍ରତା ବଜାୟ ରଖିବା ପାଇଁ ତୁରନ୍ତ ଏହାକୁ ବନ୍ଦ କରିବାକୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି ଗଜପତି ମହାରାଜା। ଏଥିସହିତ ରାଷ୍ଟ୍ରପତିଙ୍କୁ ସାକ୍ଷାତ ପାଇଁ ସମୟ ମାଗିବା ସହ ପ୍ରଧାନମନ୍ତ୍ରୀଙ୍କ ସହଯୋଗ ମଧ୍ୟ ଚାହିଁଛନ୍ତି।

**● ଅଦିନିଆ ରଥଯାତ୍ରା ପ୍ରସଙ୍ଗ**

## ପୁରୀ ବିଟ୍ ଫଟୋଗ୍ରାଫର ମହାସଂଘର ସାଧାରଣ ନିର୍ବାଚନ

ପୁରୀ,୭।୭ (ସମିସ): ଶ୍ରୀଶ୍ରୀ ବାବା ଶଙ୍କରେଶ୍ୱରଙ୍କ ପୀଠରେ ପୁରୀ ସି ବିଟ୍ ଫଟୋଗ୍ରାଫର ମହାସଂଘର ବାର୍ଷିକ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ମହାସଂଘରେ ସାମିଲ୍ ଥିବା ୯ଟି ସଂଗଠନର ସଭ୍ୟ ଉପସ୍ଥିତ ରହି ନିର୍ବାଚନରେ ଅଂଶଗ୍ରହଣ କରିଥିଲେ। ମହାସଂଘର ଉପଦେଷ୍ଟା ଆଡ୍‌ଭୋକେଟ୍ ଶ୍ରୀକାନ୍ତ ପରିଜା, ସାମାଜିକ କର୍ମୀ ସିଦ୍ଧାର୍ଥ ରାୟ, ବରିଷ୍ଠ ସଭ୍ୟ ହେମନ୍ତ ଦାସ, ଗୋବିନ୍ଦ ଦତ୍ତ, ଗଣନାଥ ପରିଡ଼ା, ସମୀର ରଞ୍ଜନ ପାଣିଗ୍ରାହୀ ନିର୍ବାଚନ କମିସନର ଭାବେ ଦାୟିତ୍ୱ ପରିଚାଳନା କରିଥିଲେ। ନିର୍ବାଚନରେ ସଭାପତି ଭାବେ ରଞ୍ଜନ କୁମାର ଦାସ, ଉପସଭାପତି ଶ୍ରୀଧର ପଣ୍ଡା, ସମ୍ପାଦକ ସିଙ୍ଗଲ ଶିବ ରାଓ, ସହସମ୍ପାଦକ ବି. ଲୋକନାଥ ବେହେରା, ଯୁଗ୍ମ ସମ୍ପାଦକ ମାର୍କଣ୍ଡ ମିଶ୍ର, କାର୍ଯ୍ୟ ନିରୀକ୍ଷକ ଜି. ମୋହନ ରାଓ ଏବଂ କୋଷାଧ୍ୟକ୍ଷ ଭାବେ ପ୍ରଭାତ ସେଠୀ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ମୋହନ ରାଓ ନିର୍ବାଚନ ସୁପରିଚାଳନା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ରଥଯାତ୍ରା ପାଇଁ କିଭଳି ପ୍ରସ୍ତୁତ ସୁରକ୍ଷା ଏଜେନ୍ସି? — ମକ୍‌ଡ୍ରିଲ୍‌ରେ ଦେଖାଇଲେ କୌଶଳ

ପୁରୀ,୭।୭ (ସମିସ)





ଆଗାମୀ ରଥଯାତ୍ରା ପାଇଁ ପୁଲିସ ଏବଂ ଅନ୍ୟ ସୁରକ୍ଷା ଏଜେନ୍ସିଗୁଡ଼ିକ କେତେଦୂର ପ୍ରସ୍ତୁତ? କୌଣସି ଜରୁରୀକାଳୀନ ପରିସ୍ଥିତିକୁ ମୁକାବିଲା କରିବା ଲାଗି ସେମାନେ କେଉଁଭଳି ପ୍ରସ୍ତୁତି କରିଛନ୍ତି? ଠିକଣା ସମୟରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କୁ ସୁରକ୍ଷା ଦେଇପାରିବେ ତ? ଏମିତି ପ୍ରଶ୍ନ ଭିତରେ ନିଜକୁ ପରଖିବା ପାଇଁ ସୁରକ୍ଷା ଏଜେନ୍ସିଗୁଡ଼ିକ କରିଛନ୍ତି ବଡ଼ ମକ୍‌ଡ୍ରିଲ୍। ଲକ୍ଷାଧିକ ଭକ୍ତଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ପୁରୀ ପୁଲିସ ପକ୍ଷରୁ ମଙ୍ଗଳବାର ମାଳତୀପାଟପୁର ବସ୍‌ଷ୍ଟାଣ୍ଡ, ଗୁଣ୍ଡିଚା ମନ୍ଦିର ନିକଟ ଓ ରେଳ ଷ୍ଟେସନରେ ଏହି ଅଭ୍ୟାସ କରାଯାଇଥିଲା।

ଏହାର ମୂଳ ଉଦ୍ଦେଶ୍ୟ ଥିଲା ବିଭିନ୍ନ ପ୍ରକାରର ଜରୁରୀ ପରିସ୍ଥିତିରେ ସମ୍ପୃକ୍ତ ସମସ୍ତ ବିଭାଗର ସମନ୍ୱିତ କାର୍ଯ୍ୟପ୍ରଣାଳୀ, ତ୍ୱରିତ ପ୍ରତିକ୍ରିୟା କ୍ଷମତା ଏବଂ ଉଦ୍ଧାର ବ୍ୟବସ୍ଥାକୁ ପରୀକ୍ଷା କରିବା। ରଥଯାତ୍ରା କେବଳ ଭିଡ଼ ଓ ଟ୍ରାଫିକ୍ ପରିଚାଳନାରେ ସୀମିତ ନୁହେଁ ବରଂ ଯେକୌଣସି ଅପ୍ରତ୍ୟାଶିତ ପରିସ୍ଥିତିରେ ଭକ୍ତମାନଙ୍କୁ ସୁରକ୍ଷିତ ରଖିବା ପାଇଁ ପୂର୍ବ ପ୍ରସ୍ତୁତି ଅତ୍ୟନ୍ତ ଆବଶ୍ୟକ। ସେହି ଦୃଷ୍ଟିକୋଣରୁ ବାସ୍ତବ ପରିସ୍ଥିତିକୁ ଆଧାର କରି ବିଭିନ୍ନ କଳ୍ପିତ ଦୃଶ୍ୟପଟ ସୃଷ୍ଟି କରାଯାଇ ଅଭ୍ୟାସ କରାଯାଇଥିଲା। ଏହି ମକ୍‌ଡ୍ରିଲ୍‌ରେ ଓଡ଼ିଶା ପୁଲିସର ବିଶେଷ ପ୍ରଶିକ୍ଷିତ ଟାକ୍ଟିକାଲ୍ ୟୁନିଟ୍, ବମ୍ ନିଷ୍କ୍ରିୟକାରୀ ଦଳ, ଡଗ୍ ସ୍କ୍ୱାଡ୍, ଅଗ୍ନିଶମ ବାହିନୀ, ଓଡ୍ରାଫ୍, ସ୍ୱାସ୍ଥ୍ୟ ବିଭାଗ, ଆମ୍ବୁଲାନ୍ସ ସେବା ସହିତ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ସଂସ୍ଥା ନିଜ ନିଜ ଦାୟିତ୍ୱ ଅନୁଯାୟୀ ସମନ୍ୱିତ ଭାବରେ କାର୍ଯ୍ୟ କରି ତ୍ୱରିତ ପ୍ରତିକ୍ରିୟାର କୌଶଳ ପ୍ରଦର୍ଶନ କରିଥିଲେ। ଅଭ୍ୟାସ ସମୟରେ ଘଟଣାସ୍ଥଳରେ ପହଞ୍ଚିବାର ସମୟ, ବିଭିନ୍ନ ୟୁନିଟ୍‌ର ସମନ୍ୱୟ, ଉଦ୍ଧାର ପ୍ରକ୍ରିୟା ଓ ପ୍ରତିକ୍ରିୟା ବ୍ୟବସ୍ଥାକୁ ସୂକ୍ଷ୍ମ ଭାବରେ ମୂଲ୍ୟାଙ୍କନ କରାଯାଇଥିଲା। ଏଥିରେ ଅଗ୍ନିକାଣ୍ଡ ହେଉ ବା କୌଣସି ଆତଙ୍କୀ କାର୍ଯ୍ୟକଳାପକୁ କିପରି ସଫଳତାର ସହ ମୁକାବିଲା କରିହେବ ତାହାର କୌଶଳ ଦେଖାଯାଇଥିଲା।

ଏସ୍‌ପି ପ୍ରତୀକ୍ ସିଂ କହିଛନ୍ତି ଯେ, ରଥଯାତ୍ରାରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହେଉଥିବାରୁ ସୁରକ୍ଷା ପୁରୀ ପୁଲିସର ସର୍ବୋଚ୍ଚ ପ୍ରାଥମିକତା। ଭକ୍ତମାନଙ୍କ ସୁରକ୍ଷା, ସୁବିଧା ଏବଂ ନିର୍ବିଘ୍ନ ଦର୍ଶନ ସୁନିଶ୍ଚିତ କରିବା ପାଇଁ କେବଳ ଟ୍ରାଫିକ୍ ଓ ଭିଡ଼ ପରିଚାଳନା ନୁହେଁ, ବରଂ ସମସ୍ତ ପ୍ରକାରର ଜରୁରୀ ପରିସ୍ଥିତିକୁ ମଧ୍ୟ ମୁକାବିଲା କରିବାକୁ ପୁଲିସ ସମ୍ପୂର୍ଣ୍ଣ ପ୍ରସ୍ତୁତ। ରଥଯାତ୍ରା ସମୟରେ କୌଣସି ସନ୍ଦେହଜନକ ବ୍ୟକ୍ତି, ବସ୍ତୁ ଅଥବା ଅସ୍ୱାଭାବିକ ପରିସ୍ଥିତି ଦେଖିଲେ ତୁରନ୍ତ ପୁଲିସକୁ ସୂଚନା ଦେବାକୁ ଅନୁରୋଧ କରିଛନ୍ତି। ଏଥିପାଇଁ ଜରୁରୀ ସେବା ୧୧୨କୁ କଲ୍ ସହିତ ସହରର ବିଭିନ୍ନ ସ୍ଥାନରେ ପୁଲିସର ସହାୟତା ଓ ସୂଚନା କେନ୍ଦ୍ରରେ ଜଣାଇବାକୁ ପରାମର୍ଶ ଦେଇଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ନିର୍ବାଚନୀ ଯୁଦ୍ଧର ମୂଳରେ ଥାଏ ପ୍ରତାରଣା।
-ସୁନ ଜୁ

## ମାନବକୃତ ଦୁର୍ବିପାକ!

୨୦୨୪ ଜୁଲାଇ ୩୦ ତାରିଖରେ କେରଳର ୱାୟନାଡ଼ରେ ଘଟିଥିବା ଲୋମହର୍ଷଣକାରୀ ଭୂସ୍ଖଳନ ବିଭୀଷିକାର ଚିହ୍ନ ଲିଭି ନଥିବା ବେଳେ ଏକ ଟନେଲ୍ ଭୁଶୁଡ଼ି ଯାଇଛି। ଦୁଇଟିଯାକ ଦୁର୍ବିପାକରେ ମୃତାହତ ସଂଖ୍ୟାରେ ବହୁ ଫରକ ଥିଲେ ମଧ୍ୟ ସାମଞ୍ଜସ୍ୟ ହେଉଛି ବିଶେଷଜ୍ଞଙ୍କ ସୁପାରିସ ଓ ଚେତାବନୀକୁ ବେଖାତିର। ସଡ଼କ ପଥରେ ଭାରତର ଦୀର୍ଘତମ(୮.୨)କିମି ଦୈର୍ଘ୍ୟ ବିଶିଷ୍ଟ କେରଳର କୋଝିକୋଡ୍ ଓ ୱାଇନାଡ୍‌କୁ ସଂଯୁକ୍ତ ଏହି ଟନେଲ୍ ବା ସୁଡ଼ଙ୍ଗପଥ ପାଇଁ ୨୪ ହଜାର କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ସମ୍ବେଦନଶୀଳ ଭୂଆଧାର ଉପରେ ନିର୍ମିତ ଏହି ସୁଡ଼ଙ୍ଗ ପଥକୁ କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ସବୁଜ ସଙ୍କେତ ଦେଇଥିଲେ। କିନ୍ତୁ ଗତ ଜୁନ୍ ମାସ ୨୦ ତାରିଖରେ ୱାଇନାଡ଼ ଜିଲ୍ଲାପାଳ ସରକାରଙ୍କୁ ଏକ ପତ୍ର ଲେଖି ନିର୍ମାଣ କାର୍ଯ୍ୟ ସ୍ଥଗିତ ରଖିବା ପାଇଁ ପରାମର୍ଶ ଦେଇଥିଲେ।ଏହାକୁ ଅଣଦେଖା କରିବାର ପରିଣାମ ଏବେ ଭୋଗିବାକୁ ପଡ଼ିଛି। ସେହିପରି ଗାଡ଼ଗିଲ୍ କମିଟିର ସୁପାରିସକୁ ହେୟଜ୍ଞାନ କରିବାର ଫଳ ୨୦୨୪ ଜୁଲାଇ ୩୦ ତାରିଖରେ ପ୍ରତିଫଳିତ ହୋଇଥିଲା।

ୱାୟନାଡ଼, ଉତ୍ତରାଖଣ୍ଡ, ହିମାଚଳପ୍ରଦେଶ ସମେତ ପଶ୍ଚିମ ଘାଟ ଓ ହିମାଳୟ ପାର୍ବତ୍ୟାଞ୍ଚଳର କ୍ଷଣଭଙ୍ଗୁର, ଅସ୍ଥିର ଓ ଅପେକ୍ଷାକୃତ ତରୁଣ ଚଟାଣରେ ଭୂସ୍ଖଳନ ଏକ ସ୍ୱାଭାବିକ ପ୍ରକ୍ରିୟା ହୋଇପାରେ। କିନ୍ତୁ ଏହା ଯେପରି ଧନଜୀବନ ବିଧ୍ୱଂସକାରୀ ରୂପ ନେଉଛି ସେଥିପାଇଁ ଭୌଗୋଳିକ ଅବସ୍ଥିତି ଓ ପ୍ରାକୃତିକ ସ୍ଥିତି ଅପେକ୍ଷା ମଣିଷର ଅପରିଣାମଦର୍ଶୀ କାର୍ଯ୍ୟକଳାପ ହିଁ ଦାୟୀ। ଅର୍ଥନୈତିକ ବିକାଶ ଆଜିର ଆବଶ୍ୟକତା ଏହା ଅନସ୍ୱୀକାର୍ଯ୍ୟ। କିନ୍ତୁ ଏଭଳି ସ୍ପର୍ଶକାତର ଅଞ୍ଚଳରେ ପ୍ରାକୃତିକ ପରିବେଶର ସୁରକ୍ଷା ଓ ଅର୍ଥନୈତିକ ବିକାଶ ମଧ୍ୟରେ ସମତୁଲତା ରକ୍ଷା ଅପରିହାର୍ଯ୍ୟ। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ସମୟରେ ବିଶେଷଜ୍ଞମାନଙ୍କୁ ନେଇ କମିଟିମାନ ଗଠନ କରାଯାଇଛି। କିନ୍ତୁ ବିଡ଼ମ୍ବନା ହେଉଛି କମିଟି ଯେଉଁସବୁ ସୁପାରିସ କରୁଛନ୍ତି ତାହା ଅନୁପାଳନ କରିବାରେ ରାଜ୍ୟ ଓ କେନ୍ଦ୍ର ସରକାର ପଛଘୁଞ୍ଚା ଦେଉଛନ୍ତି। ପ୍ରକୃତିକୁ ଅବହେଳା କରି ଅର୍ଥନୀତିକୁ ପ୍ରାଧାନ୍ୟ ଦିଆଯାଉଥିବାରୁ କମିଟିର ଉପାଦେୟ ବିଚାରବନ୍ତ ଦୂରଦୃଷ୍ଟି ସମ୍ପନ୍ନ ସୁପାରିସମାନ ନିଷ୍ପ୍ରଭ ଓ ମୂଲ୍ୟହୀନ ହୋଇପଡୁଛି। ସରକାରଙ୍କର ଏହି ଉଦାସୀନତା ଓ ସମ୍ବେଦନହୀନତା ଯୋଗୁଁ କମିଟି ଗଠନ ଓ ସୁପାରିସର ଆହ୍ୱାନ ଏକ ପ୍ରହସନରେ ପରିଣତ ହେବା ସହିତ ମାନବ ସଭ୍ୟତାର ଇତିହାସରେ ବିଭୀଷିକାମୟ କଳା ଅଧ୍ୟାୟ ଲେଖି ହୋଇଯାଉଛି। ବିଶେଷକରି ପର୍ଯ୍ୟଟନ ଅର୍ଥନୀତିର ବିକାଶ ଆଳରେ ଆମେ ଯେପରି ନିର୍ବୋଧତା ପ୍ରଦର୍ଶନ କରିଚାଲିଛୁ ତାହାର ପରିଣାମ ଆମକୁ ହିଁ ଭୋଗିବାକୁ ପଡୁଛି।



ଗୁଜରାଟ, ମହାରାଷ୍ଟ୍ର, ଗୋଆ, କର୍ଣ୍ଣାଟକ, କେରଳ, ତାମିଲନାଡୁର ପ୍ରାୟ ୨୪.୫ କୋଟି ଲୋକ ବସବାସ କରୁଥିବା ପଶ୍ଚିମଘାଟ ପର୍ବତମାଳା ଅଞ୍ଚଳ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ପରିଚାଳକ କୁହାଯାଉଥିବା ଏହି ପର୍ବତମାଳା ହିମାଳୟ ପର୍ବତମାଳାଠାରୁ ବୟସରେ ପୁରୁଣା ହେଲେ ହେଁ ଜୈବବିବିଧତା ଓ କ୍ଷଣଭଙ୍ଗୁରତା ଦୃଷ୍ଟିରୁ ହିମାଳୟ ପର୍ବତମାଳା ସହିତ ତୁଳନୀୟ। ତେଣୁ ଭାରତୀୟ ଜଙ୍ଗଲ ଆଇନ ୧୯୨୭, ଜଙ୍ଗଲ ସଂରକ୍ଷଣ ଆଇନ ୧୯୭୨ ଅନୁଯାୟୀ ଏହି ଅଞ୍ଚଳରେ ଅନେକ କଟକଣା ଜାରି କରାଯାଇଛି। ଏଠାରେ ଭିତ୍ତିଭୂମି ଓ ଶିଳ୍ପ ବିକାଶ ଲାଗି ପରାମର୍ଶ ଦେବା ପାଇଁ ୨୦୧୦ରେ ମାଧବ ଗାଡ଼ଗିଲଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଯେଉଁ ରିପୋର୍ଟ ଦେଇଥିଲେ ସେଥିରେ ଏହି ଅଞ୍ଚଳକୁ ପରିବେଶ ଦୃଷ୍ଟିରୁ ସମ୍ବେଦନଶୀଳ ଅଞ୍ଚଳ ଭାବେ ଘୋଷଣା କରାଯାଇ, ଖଣି ଖନନ, ରାସାୟନିକ ସାର ଓ ପ୍ଲାଷ୍ଟିକ୍ ବ୍ୟବହାର, ଶଙ୍କର ଜାତୀୟ ବିହନ ଚାଷ, ତାପଜ ବିଦ୍ୟୁତ କେନ୍ଦ୍ର, ବୃହତ୍ ଡ୍ୟାମ ନିର୍ମାଣ, ସଡ଼କ ଓ ରେଳ ପ୍ରକଳ୍ପ, ଶୈଳ ନିବାସ, ସ୍ୱତନ୍ତ୍ର ଅର୍ଥନୈତିକ କରିଡର, ଜମିର କିଷମ ପରିବର୍ତ୍ତନ ଆଦିକୁ ଦୃଢ଼ ଭାବେ ବାରଣ କରାଯାଇଥିଲା। ଗାଡଗିଲ୍ କମିଟିର ସୁପାରିସର ବାସ୍ତବ କାର୍ଯ୍ୟାନ୍ୱୟନ ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ୨୦୧୨ରେ ପୁଣି କସ୍ତୁରିରଙ୍ଗନ୍‌ଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଗଲା, ଯାହାର ସୁପାରିସଗୁଡ଼ିକ ଅଳ୍ପ କିଛି କାଣ୍ଟଛାଣ୍ଟ ସହିତ ଗାଡ଼ଗିଲ୍ କମିଟି ସୁପାରିସ ଅନୁରୂପ ଥିଲା। କିନ୍ତୁ ଦୁଇଟିଯାକ କମିଟି ସୁପାରିସକୁ ଅର୍ଥନୈତିକ ବିକାଶର ପରିପନ୍ଥୀ ବୋଲି ଛଅଟିଯାକ ରାଜ୍ୟ ପ୍ରତ୍ୟାଖ୍ୟାନ କରିଦେଲେ, ଯାହାର ପରିଣାମର କେତେକ ଝଲକ କେରଳରେ ଏବେ ଦେଖିବାକୁ ମିଳିଛି।

ଏ କ୍ଷେତ୍ରରେ ନ୍ୟାୟପାଳିକାର ଉଦାସୀନତା ମଧ୍ୟ ପ୍ରଶ୍ନାତୀତ ହୋଇପାରୁନାହିଁ। ଉଦାହରଣସ୍ୱରୂପ, କେରଳର ସଦ୍ୟତମ ଦୁର୍ଘଟଣାଗ୍ରସ୍ତ ଟନେଲ୍ ନିର୍ମାଣ ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଅନୁମତି ଦେଇଥିଲେ। ବିଶେଷଜ୍ଞଙ୍କ ସୁପାରିସ, ଚେତାବନୀ, ପରାମର୍ଶ ଆଦି ଫାଇଲ୍ ତଳେ ଗତାନୁଗତିକ ପ୍ରକ୍ରିୟାରେ ଚାପି ହୋଇ ରହିଯାଇଥିବା ପର୍ଯ୍ୟନ୍ତ ୱାଇନାଡ, ଯୋଶୀମଠ ଭଳି ଦୁର୍ଘଟଣାର ପୁନରାବୃତ୍ତି ନ ହେବାର ନିଶ୍ଚିତତା ଦେଇହେବ ନାହିଁ। ଅନେକ ପ୍ରଶ୍ନ ତଦନ୍ତ ଓ ଆରୋପ-ପ୍ରତ୍ୟାରୋପର କୋଳାହଳ ଭିତରେ କେବଳ ଲୁଚିଯିବା ହିଁ ସାର ହେବ। ଏହି ଧାରା ଓ ମାନସିକତା ଅବ୍ୟାହତ ରହିଲେ ଆଗକୁ ଯେଉଁ ବିପର୍ଯ୍ୟୟ ସୃଷ୍ଟି ହେବ ତାହା ହୁଏତ ମାନବ ସଭ୍ୟତା ଇତିହାସରେ ସବୁଠାରୁ ବଡ଼ ଭୌଗୋଳିକ ବିପର୍ଯ୍ୟୟର କଳା ଅଧ୍ୟାୟ ଲେଖିଦେବ।●

# ମାର୍ ମାର୍ ଭଣ୍ଡାରିଆକୁ ମାର୍...

**ଅନୁଭବ ଓ ଅନୁଭୂତି**

ମାନସ ମଙ୍ଗରାଜ

ଗଣତାନ୍ତ୍ରିକ ବ୍ୟବସ୍ଥା ଓ ଜନମଙ୍ଗଳ ରାଷ୍ଟ୍ରରେ ଦୁର୍ନୀତି ସବୁଠାରୁ ବଡ଼ ଆହ୍ୱାନ। ଘୁଣମରା ବ୍ୟବସ୍ଥା ଦୁର୍ନୀତିର ମୁଖ୍ୟ ପୃଷ୍ଠପୋଷକ ହୋଇଥାଏ ଏବଂ ଏହା ଉଭୟ ଜନସାଧାରଣ ଓ ସରକାରଙ୍କ ପାଇଁ କ୍ଷତିକାରକ। ଦୁର୍ନୀତି ସରକାରୀ ରାଜକୋଷକୁ କ୍ଷତି ପହଞ୍ଚାଇଥାଏ ଓ ଅନ୍ୟପକ୍ଷରେ ସାଧାରଣ ଲୋକଙ୍କ ମନରେ ଶାସନ ବ୍ୟବସ୍ଥା ପ୍ରତି ଥିବା ବିଶ୍ୱାସକୁ ଦୁର୍ବଳ କରିଦିଏ। ନିକଟରେ ରାଜ୍ୟରେ ଘଟିଥିବା ଦୁଇ/ତିନିଟି ଘଟଣାକୁ ଅନୁଧ୍ୟାନ କଲେ ଦୁର୍ନୀତି ବିରୋଧରେ ତଥାକଥିତ 'ଶୂନ୍ୟ ସହନଶୀଳତା' ନୀତି ଦିଗହରା ହୋଇପଡ଼ିଥିବା ମନେ ହେଉଛି। ଦୁର୍ନୀତି ଅଭିଯୁକ୍ତ ଉଚ୍ଚ ଅଧିକାରୀଙ୍କ ପାଇଁ ଗୋଟିଏ ନୀତି ଓ ତଳିଆ କର୍ମଚାରୀଙ୍କ ପାଇଁ ଭିନ୍ନ ନୀତି ସରକାରୀ ବ୍ୟବସ୍ଥାକୁ କେବଳ କାଠଗଡ଼ାରେ ଠିଆ କରିନାହିଁ, ପକ୍ଷାନ୍ତରେ ଶାସନ ବ୍ୟବସ୍ଥାର ଦୋହରା ନୀତି ଓ ଦଣ୍ଡର ମାନଦଣ୍ଡକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି କରିଛି। ଅତୀତରେ ଭିଜିଲାନ୍ସ ରାଜ୍ୟର ଅନେକ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଧରିଛି। କେଉଁଠି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ପାଇଁ ଚଢ଼ଉ ହୋଇଛି, କେଉଁଠି ପୁଣି ଲାଞ୍ଚ ନେବା ବେଳେ ଅନେକ ଧରା ପଡ଼ିଛନ୍ତି। ଅନେକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି। ମାତ୍ର ନିକଟ ଅତୀତରେ ଦୁଇ ତିନୋଟି ଘଟଣା ଦୁର୍ନୀତି ବିରୋଧରେ ସରକାରଙ୍କ ସହନଶୀଳତା ଯେ ଭାରସାମ୍ୟ ନାହିଁ, ଏହା ପ୍ରମାଣିତ ହୋଇଛି। ନ୍ୟାୟର ଦୋହରା ମାନଦଣ୍ଡ ସରକାରଙ୍କ ଆଭିମୁଖ୍ୟକୁ ପ୍ରଶ୍ନର କାଠଗଡ଼ାରେ ଠିଆ କରିଛି।

୨୦୨୫ ଜୁନ୍ ୮ ତାରିଖରେ ଧର୍ମଗଡ଼ ଉପଜିଲ୍ଲାପାଳ ଭାବେ କାର୍ଯ୍ୟରତ ଆଇଏଏସ୍ ଧୀମାନ ଚକମାଙ୍କୁ ଓଡ଼ିଶା ଭିଜିଲାନ୍ସ ଗିରଫ କରିଥିଲା। ସେତେବେଳେ କୁହାଗଲା ଯେ ଜଣେ ବ୍ୟବସାୟୀଙ୍କୁ ଅନୁକମ୍ପା ଦେଖାଇବା ନିମନ୍ତେ ସେ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଉଥିଲେ। ଏପରିକି ତାଙ୍କ ସରକାରୀ ବାସଭବନ ଯାଞ୍ଚ ସମୟରେ ଭିଜିଲାନ୍ସ ନଗଦ ୪୭ ଲକ୍ଷ ଟଙ୍କା ଜବତ କରିଥିବା ସୂଚନା ଦେଇଥିଲା। ସରକାର ତାଙ୍କୁ ତତକ୍ଷଣାତ୍ ନିଲମ୍ବନ କଲେ ଓ ତାଙ୍କୁ ଜେଲ ପଠାଇ ଦିଆଗଲା। ଘଟଣାଟି ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିଲା। ମାତ୍ର ବର୍ଷଟିଏ ଯାଇନାହିଁ; ଧୀମନ ଚକ୍‌ମାଙ୍କ ଉପରୁ ନିଲମ୍ବନ ହଟିଗଲା, ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗରେ ଉପସଚିବ ଭାବରେ ତାଙ୍କୁ ନିଯୁକ୍ତି ମିଳିଲା। ଦ୍ୱିତୀୟ ଘଟଣାଟି ଜଣେ ପୁଲିସ ଅଧିକାରୀଙ୍କ ସମ୍ପର୍କରେ। ଜଣେ ମଦ ବ୍ୟବସାୟୀଠାରୁ ୪୦ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ କଟକ (ସିଆର୍‌ଆର୍‌ଆଇ ଥାନା)ର ଜଣେ ତତ୍କାଳୀନ ଥାନା ଅଧିକାରୀଙ୍କୁ ଭିଜିଲାନ୍ସ ଗିରଫ କରିଥିଲା, ସରକାର ମଧ୍ୟ ତାଙ୍କୁ ନିଲମ୍ବନ କଲେ। ଏହି ମାମଲା ବିଚାରାଧୀନ ଅଛି ଓ କାର୍ଯ୍ୟାନୁଷ୍ଠାନ କେବଳ ନିଲମ୍ବନ ମଧ୍ୟରେ ସୀମିତ ରହିଛି। ଅପରପକ୍ଷରେ ୨୦ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଧରାପଡ଼ିଥିବା ରାଜଧାନୀର ଜଣେ ପୁଲିସ ଏଏସ୍‌ଆଇଙ୍କୁ ସରକାର ତତକ୍ଷଣାତ୍ ଚାକିରିରୁ ବହିଷ୍କାର କରିଛନ୍ତି। ଆମେ ଦୁର୍ନୀତିକୁ ସମର୍ଥନ କରୁନାହୁଁ, ଲାଞ୍ଚ ନେବାକୁ ଅପରାଧ ବୋଲି ବି ମନେ କରୁଛୁ। ସମ୍ପୃକ୍ତ ଏଏସ୍‌ଆଇଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ନେଇ ଆମେ ପ୍ରଶ୍ନ କରୁନାହୁଁ। ମାତ୍ର ଏଠାରେ ନ୍ୟାୟର ସମାନତାକୁ ନେଇ ଉଠିଥିବା ପ୍ରଶ୍ନ ଆମ ପରି ଅନେକଙ୍କୁ ଆନ୍ଦୋଳିତ କରିଛି। ଭିଜିଲାନ୍ସ ୩ ଜଣଙ୍କୁ ଲାଞ୍ଚ ନେବା ବେଳେ ଗିରଫ କରିଛି; ଆଇଏଏସ୍‌ଙ୍କୁ ୧୦ ଲକ୍ଷ ନେବା ବେଳେ, ଇନ୍ସପେକ୍ଟରଙ୍କୁ ୪୦ ହଜାର ନେବା ସମୟରେ ଓ ଏଏସ୍‌ଆଇ ୨୦ ହଜାର ନେବା ବେଳେ ଧରା ପଡ଼ିଥିବା କୁହାଯାଉଛି। ଯଦି ଏଏସ୍‌ଆଇଙ୍କୁ ବହିଷ୍କାର କରାଗଲା, ତେବେ ସମାନ ଅପରାଧ ପାଇଁ ଆଇଏଏସ୍ ଓ ଇନ୍ସପେକ୍ଟରଙ୍କୁ କାହିଁକି ବହିଷ୍କାର କରାଯିବ ନାହିଁ?

ଏହି ତିନୋଟି ଘଟଣା ସାଧାରଣରେ ଯେଉଁ ବାର୍ତ୍ତାଟି ଦେଉଛି, ତାହା ଅତ୍ୟନ୍ତ ସ୍ପର୍ଶକାତର ବୋଲି ଅନୁଭବ କରୁଛୁ। ବେଶୀ ଟଙ୍କା ଲାଞ୍ଚ ନେଲେ ନିଲମ୍ବନ ଓ ମାମଲା ଥଣ୍ଡା ପଡ଼ିଗଲା ପରେ ପୁନର୍ବାହାଲ; ଅଳ୍ପ ଟଙ୍କା ଲାଞ୍ଚ ନେଲେ ଚାକିରିରୁ ବହିଷ୍କାର? ଏହା କ'ଣ ବ୍ୟବସ୍ଥାଗତ ତ୍ରୁଟି ନୁହେଁ? ପଦମର୍ଯ୍ୟାଦା ଯେତେ ବଡ଼ ସେମାନଙ୍କ ପାଇଁ ସରକାରଙ୍କ ସୁରକ୍ଷାର ଆବରଣ ସେତେ ମୋଟା ବୋଲି ଏକ ଧାରଣା ଲୋକଙ୍କ ମନରେ ସୃଷ୍ଟି କରୁନାହିଁ କି? ଆଇନ ଅନୁଯାୟୀ କେବଳ ଅଭିଯୋଗ ବା ଗିରଫ ଆଧାରରେ କାହାକୁ ଦୋଷୀ ଘୋଷଣା କରାଯାଇପାରେ ନାହିଁ। ଚୂଡ଼ାନ୍ତ ଅଦାଲତୀ ରାୟ ନ ଆସିବା ପର୍ଯ୍ୟନ୍ତ ସମସ୍ତେ କେବଳ 'ଅଭିଯୁକ୍ତ' ପର୍ଯ୍ୟାୟଭୁକ୍ତ ହୋଇ ରହିଥାଆନ୍ତି। ଏହି ନୀତି ଗଣତନ୍ତ୍ରର ଏକ ମୌଳିକ ଆଧାର। କିନ୍ତୁ ସବୁକ୍ଷେତ୍ରରେ ଏହା ସମାନ ହେଉନାହିଁ କାହିଁକି? ଉଚ୍ଚସ୍ତରର ଅଧିକାରୀମାନଙ୍କ ପାଇଁ ଭିନ୍ନ ନୀତି କାହିଁକି? ଦୁର୍ନୀତି ଅଭିଯୋଗରେ ଅଭିଯୁକ୍ତ ଅନେକ ବରିଷ୍ଠ ଅଧିକାରୀ ପୁନର୍ବାର ଉଚ୍ଚପଦରେ ଥଇଥାନ ହେଉଥିବା ବେଳେ ତଳିଆ କର୍ମଚାରୀଙ୍କ ପାଇଁ ବାଛବିଚାର କାହିଁକି? ନୀତି ନିର୍ଦ୍ଧାରଣ କରୁଥିବା ପ୍ରଶାସନିକ ଅଧିକାରୀମାନଙ୍କ ବିରାଦରୀ ପ୍ରୀତିକୁ କାହିଁକି ପ୍ରୋତ୍ସାହନ ଦିଆଯାଉଛି? ସାଧାରଣ ଲୋକଙ୍କ ଦୃଷ୍ଟିରୁ ଦେଖିଲେ ନ୍ୟାୟର ସମାନତା ଅଧିକ ଗୁରୁତ୍ୱପୂର୍ଣ୍ଣ। ନଚେତ୍ ଆଇନର ନିରପେକ୍ଷତା ଉପରେ ଲୋକଙ୍କ ବିଶ୍ୱାସ କମିଯିବ। ପଦମର୍ଯ୍ୟାଦା ନୁହେଁ; ଆଇନ ଆଧାରରେ ଦଣ୍ଡ ମିଳିବା ଉଚିତ୍। ଏହା ହେଲେ ଦୁର୍ନୀତି ବିରୋଧୀ ନୀତି ଗ୍ରହଣୀୟ ହେବ; ନ ହେଲେ 'ଶୂନ୍ୟ ସହନଶୀଳତା' କେବଳ ଫମ୍ପା ସ୍ଲୋଗାନ ପାଲଟିଯିବ।●



ସାଂସଦ, ରାଜ୍ୟସଭା

# ପ୍ରକୃତି ସଂରକ୍ଷଣରେ ଦୂରଦର୍ଶୀ ଅଭିଯାନ

ଡକ୍ଟର ସୁନ୍ଦର ନାରାୟଣ ପାତ୍ର

ଜଙ୍ଗଲର ପ୍ରତ୍ୟକ୍ଷ ଉପକାରିତା ହେଲା ଖାଦ୍ୟ, ଔଷଧ, ଗୃହ ତଥା ଚାଷ କାର୍ଯ୍ୟ ପାଇଁ ବିଭିନ୍ନ ଉପକରଣ ଏବଂ ଉପାଦାନର ଉପଲବ୍ଧି। ଏହାଠାରୁ ପରୋକ୍ଷ ଉପକାରିତା ଯଥେଷ୍ଟ ଅଧିକ - ଯଥା ଜଳବାୟୁ ନିୟନ୍ତ୍ରଣ, ବୃଷ୍ଟିପାତ, ଜଳଚକ୍ର ନିୟନ୍ତ୍ରଣ, ଭୂତଳ ଜଳ ଶୋଷଣ ତଥା ଏହି ଜଳ ସ୍ତରକୁ ଉପରମୁହା କରି ରଖିବା, ଉତ୍ତାପ ନିୟନ୍ତ୍ରଣ, ମୃତ୍ତିକା ସଂରକ୍ଷଣ, ଅନେକ ପକ୍ଷୀ ତଥା ପ୍ରାଣୀଙ୍କୁ ଆଶ୍ରୟ ପ୍ରଦାନ, ପରିସଂସ୍ଥୀୟ ସନ୍ତୁଳନ ରକ୍ଷା କରିବାରେ ପ୍ରମୁଖ ଭୂମିକା ଇତ୍ୟାଦି।

ଆମ ଦେଶରେ ଜୁଲାଇ ମାସ ପ୍ରଥମ ସପ୍ତାହରୁ ଆରମ୍ଭ କରି ସେପ୍ଟେମ୍ବର ଶେଷ ସୁଦ୍ଧା ଚାରାରୋପଣ କାର୍ଯ୍ୟକ୍ରମ ଜାରି ରଖାଯାଇପାରିବ। ଏହାର କାରଣ ହେଉଛି ଭାରତରେ ମୌସୁମୀ କିମ୍ବା ବର୍ଷା ସାଧାରଣତଃ ଏହି ସମୟରେ ସକ୍ରିୟ ଥାଏ ଏବଂ ପର୍ଯ୍ୟାପ୍ତ ଜଳ ଉପଲବ୍ଧ ପାଇଁ ସର୍ବୋତ୍ତମ ସମୟ। ଚାରାରୋପଣ କରିବା ପୂର୍ବରୁ କେଉଁ ଜାତୀୟ ଚାରା କେଉଁଠାରେ ଲଗା ଯିବ ସେଥିପ୍ରତି ଯଥେଷ୍ଟ ଧ୍ୟାନ ଦେବା ଆବଶ୍ୟକ। ସାଧାରଣତଃ ଦେଶୀ ଚାରା ଚୟନ କରିବା ଉଚିତ ହେବ, ଯେହେତୁ ସେହିସବୁ ଉଦ୍ଭିଦ ସ୍ଥାନୀୟ ମୃତ୍ତିକା ତଥା ଜଳବାୟୁରେ ଭଲ ବଢ଼ିପାରେ ଏବଂ ଜନସାଧାରଣଙ୍କ ଉପକାରରେ ଲାଗେ।

ଆମ ଜଳବାୟୁ ଆମ୍ବ, ଆକାଶ ମଲ୍ଲୀ, ଅର୍ଜୁନ, ଅସନ, ଅଶ୍ୱସ୍ତ, ବାହାଡ଼ା, ବର, ଭ୍ରମରମାରୀ, ଚମ୍ପା, ଛତିଆନ, ଦେଶି ବାଦାମ, ଡିମିରୀ, ଗମ୍ଭାରୀ, ଗରୁଡ଼, ହରିଡ଼ା, ହଳନ୍ଦ, ଜାମୁକୋଳି, ଜରୀ, କଦମ୍ବ, କାଳଚୁଆ, କରଞ୍ଜ, କେଳି କଦମ୍ବ, କେନ୍ଦୁ, କୃଷ୍ଣବର, କୁମ୍ଭୀ, କୋଚିଲା, ମହାନାଗେଶ୍ୱର, ମହାନୀମ, ମହୁଲ, ମେହଗନୀ, ମୁଚୁକୁନ୍ଦ, ନାଗେଶ୍ୱର, ନୀମ, ପାଟୁଳୀ, ପୋଲାଙ୍ଗ, ପଣସ, ଫାସୀ, ପିଆଶାଳ, ରବର, ଶିମୁଳି, ସଲପ, ଜଡ଼ିମାରୀ, ଶିଶୁଆ, ତେନ୍ତୁଳି ଇତ୍ୟାଦି ପାଇଁ ବେଶ୍ ଅନୁକୂଳ। ଆମ୍ବ, ପଣସ ଭଳି ଚାରା ଫଳ ଉଦ୍ୟାନରେ ହିଁ ସ୍ଥାନ ପାଇବା ଉଚିତ। ମଧ୍ୟମ ଉଚ୍ଚତା ବିଶିଷ୍ଟ ଉଦ୍ଭିଦମାନଙ୍କ ମଧ୍ୟରୁ ଅଶୋକ, ଆଚୁ, ବାନ୍ଧଣ, ବଉଳ, ବେଲ, ଚନ୍ଦନ, ଚିନି ଚମ୍ପା, ଢଉ, ଗୁଆ, କାଠ କୁସୁମ, ହିଞ୍ଜଳ, କଇଠ, କାଳଚୁଆ, କୁଙ୍କୁମ, ପାଳଧୁଆ, ରିଠା ଫଳ, ରୁଦ୍ରାକ୍ଷ, ସୀମାକନୟା, ସୀତା ଫଳ, ରାମ୍ଫଳ ବା ବଢ଼ିଆଳ, ସୁନାରି, ଗୋପି ଗୋଲାପ ବା ତୁରୀ ଇତ୍ୟାଦି ଲଗାଯିବା ଉଚିତ। ସୀତା ଫଳ, ବଢ଼ିଆଳ ଭଳି ଗଛ ଫଳ ଉଦ୍ୟାନ ବା ନିଜ ବାଡ଼ି ବଗିଚାରେ ଲଗାଯିବା ଉଚିତ। ସେଭଳି ଛୋଟ ବୃକ୍ଷ ଭାବରେ ଅଁଳା, ଅର୍ଗୁଣା, କୁସୁମ, ବରୁଣ, ବେଗୁନିଆ, ଭୁରସିଙ୍ଗା, କଷି, ଚଢ଼େଇଗୋଡ଼ି, ପାଟୁଳୀ, ଛେନା ଫୁଲ, ଡାଳିମ୍ବ, ଗଙ୍ଗଶିଉଳି, ଗୋଲାପଜାମ, ଜାକାରନ୍ଦା, ଜାଭା କାସିଆ, କରମଙ୍ଗା, କଞ୍ଚଣ, କେରୁଆନ, ଖିରକୋଳି, କୋପା, ଲୋଧା, ନରକୋଳି, ଓଉ, ଫନଫଣା, ପିଜୁଳି, ରକ୍ତ ଚନ୍ଦନ, ସାପେଟା, ସିଧ, ଶାହାଡ଼ା ଇତ୍ୟାଦି ଲଗାଯାଇପାରିବ। ପିଜୁଳି, ସାପେଟା ଭଳି ଫଳ ଗଛ ନିଜ ବାଡ଼ି ବଗିଚା କିମ୍ବା ଫଳ ଉଦ୍ୟାନରେ ଲଗାଯିବା ଠିକ୍ ହେବ।

ଏହାଛଡ଼ା ବାସଙ୍ଗ, ବୋଟଲବ୍ରାସ, କନିଅର, କରବିର, ମନ୍ଦାର, ପାନ୍ଥପାଦପ, ରାଧାଚୁଡା, ରଙ୍ଗଣୀ, ସ୍ଥଳପଦ୍ମ, ଟଗର, ତରାଟ ଆଦି ଗୁଳ୍ମ ଜାତୀୟ ଉଦ୍ଭିଦ; ପାତାଳ ଗରୁଡ଼, ତୁଳସୀ ଆଦି ତୃଣ ଜାତୀୟ ଉଦ୍ଭିଦ ଏବଂ ଦୁର୍ବଳ କାଣ୍ଡ ବିଶିଷ୍ଟ ଲତା ଜାତୀୟ ଉଦ୍ଭିଦ ଯଥା ବୃଦ୍ଧଜାରକ, ଗନ୍ଧତମାଳ, ବିଗ୍ନନିଆ ବା ଅମନା, ହଁସଲତା, ମାଧବିଲତା, ରାଧାତମାଳ, କୃଷ୍ଣ ତମାଳ, ଅପରାଜିତା ଭଳି ଅନେକ ଚୟନ କରାଯାଇପାରେ। କୃଷ୍ଣଚୂଡ଼ା, ଆକାଶିଆ, ନୀଳଗିରି, ନିଦ୍ରାବତୀ, ସରୁପତ୍ରୀ, ବଡ଼ଶିରୀ ଭଳି ଉଦ୍ଭିଦ ଦେଶଜ ନ ହେଲେ ମଧ୍ୟ ଆମ ଜଳବାୟୁରେ ଭଲ ବଢ଼ନ୍ତି। ଏଗୁଡ଼ିକ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ରାସ୍ତାକଡ଼ରେ ଲଗାଯାଇପାରେ। ନୀଳଗିରି ଭଳି ବାର୍ଷିକ କର୍ଣ୍ଣପାତ ବୃକ୍ଷ ରାସ୍ତା କଡ଼ରେ ରୋପଣ ପାଇଁ ଉପଯୁକ୍ତ ନୁହେଁ, ତାହା ଉତ୍କୃଷ୍ଟ ଜାଳ କାଠ ପାଇଁ ବ୍ୟବସାୟଭିତ୍ତିକ ଚାଷ କରାଯାଇପାରିବ। ଦେବଦାରୁ ଭଳି ନରମଗଣ୍ଡି ବିଶିଷ୍ଟ ଉଦ୍ଭିଦ ସୌନ୍ଦର୍ଯ୍ୟ ପାଇଁ ଲଗା ଯାଇପାରିବ। ତେବେ ଖୁବ୍ ଜୋର୍ ପବନ ବା ବାତ୍ୟାରେ ଭାଙ୍ଗିବା ଆଶଙ୍କା ବହୁ ଅଧିକ।

ସମୁଦ୍ର ଉପକୂଳରେ ସୁନ୍ଦରୀ, ହେନ୍ତାଳ, ଝାଉଁ, କାଜୁ, କିଆ ବୁଦା ଭଳି ଲୁଣି ପାଣିର ଜଳବାୟୁରେ ବଢୁଥିବା ଚାରାରୋପଣ କରାଯାଇପାରେ। ଏହି ଜାତୀୟ ଉଦ୍ଭିଦ ବାତ୍ୟା, ପବନର ଚାପକୁ ପ୍ରତିରୋଧ କରିପାରିବ। ନଦୀ କୂଳ, କେନାଲ ହୁଡ଼ା, ଖେଳ ପଡ଼ିଆ ମଶାଣି ଭଳି ଖୋଲା ସ୍ଥାନରେ ଛାୟା ଏବଂ ଶୀତଳତା ପାଇଁ ଚିରସବୁଜ ବଡ଼ ବଡ଼ ବୃକ୍ଷ ଯଥା ବର, ଓସ୍ତ, କରଞ୍ଜ, ଡିମ୍ବିରି, ନୀମ, ତେନ୍ତୁଳି, ଇତ୍ୟାଦି ଚୟନ କରାଯାଇ ପାରେ। ଅଶୋକ, ବଉଳ, ନୀମ ଭଳି ସାତ୍ତ୍ୱିକ ଗଛ ମଧ୍ୟ ଲଗାଯାଏ। କୃଷ୍ଣଚୂଡ଼ା ଗଛରେ ଯେତେବେଳେ ଫୁଲ ଫଳ ଧରେ ସେତେବେଳେ ପତ୍ର ନଥାଏ। ଏଣୁ କେବଳ ଫୁଲର ସୌନ୍ଦର୍ଯ୍ୟ ପାଇଁ କିଛି ହାତଗଣତି ଗଛ ଲଗାଯାଇପାରେ। ଶାଗୁଆନ ଗଛରେ ଶୀତ ଋତୁ ବେଳକୁ ପତ୍ରଝଡ଼ା ଦିଏ। ଏଭଳି ବୃକ୍ଷ ଜଙ୍ଗଲ ସୃଷ୍ଟି ବ୍ୟବସାୟିକ ଦୃଷ୍ଟିରୁ ଠିକ୍।

ପୂର୍ବାଞ୍ଚଳ ରାଜ୍ୟ ଯଥା ଓଡ଼ିଶା, ବିହାର, ଝାଡ଼ଖଣ୍ଡରେ ଶାଳ ଅରଣ୍ୟ ବହୁତ ଦେଖାଯାଏ। ତେବେ ଏଥିରୁ ଚାରା ସୃଷ୍ଟି କରିବା ଏତେଟା ସହଜ ନୁହେଁ। ଗଛର ଟଟକା ମଞ୍ଜିକୁ ସଂଗ୍ରହ କରି ତତକ୍ଷଣାତ୍ ନରସେରି କଲେ ଚାରା ସୃଷ୍ଟି ହୋଇପାରିବ। ଏଭଳି ଏକ ନରସେରି ବର୍ତ୍ତମାନ ସୁନ୍ଦରଗଡ଼ ଜିଲ୍ଲାରେ ମନ୍ଦିରା ଡ୍ୟାମ ନିକଟରେ ବନ ବିଭାଗ ସୃଷ୍ଟି କରିଛନ୍ତି। ଉଜୁଡ଼ା ଜଙ୍ଗଲ କିମ୍ବା ସେଭଳି କୌଣସି ଅଧୋପତିତ ଜମିରେ ଶାଳ ଜଙ୍ଗଲ ସୃଷ୍ଟି କରିବାରେ ସହାୟକ ହେବ। ଅଶୋକ, ଫନଫଣା ପାତାଳ ଗରୁଡ଼ ଭଳି ଅନେକ ଦେଶଜ ଔଷଧି ଉଦ୍ଭିଦ ବର୍ତ୍ତମାନ ବିପଦସଙ୍କୁଳ/ବିରଳ/ସଙ୍କଟାପନ୍ନ ବର୍ଗରେ ଅନ୍ତର୍ଜାତୀୟ ପ୍ରକୃତି ସଂରକ୍ଷଣ ସଂସ୍ଥା(ଆଇୟୁସିଏନ୍) ଦ୍ୱାରା ତାଲିକାଭୁକ୍ତ ହେଲାଣି ଏବଂ ଆଶଙ୍କା ହେଉଛି ଏହି ତାଲିକା ଆହୁରି ଲମ୍ବା ହେବାକୁ ଯାଉଛି। ତେଣୁ ଦେଶଜ ଉଦ୍ଭିଦର ସୁରକ୍ଷା ଓ ସଂରକ୍ଷଣ ନିହାତି ଜରୁରୀ।

ବ୍ୟାପକ ଚାରାରୋପଣ ହେଉଛି ପ୍ରକୃତି ସଂରକ୍ଷଣ ପାଇଁ ଏକ ଦୂରଦର୍ଶୀ ଅଭିଯାନ। ପ୍ରତିବର୍ଷ ଜୁଲାଇ ପ୍ରଥମ ସପ୍ତାହରେ ପାଳନ କରାଯାଉଥିବା ବନ ମହୋତ୍ସବର ଚଳିତ ବର୍ଷର ବିଷୟବସ୍ତୁ ହେଉଛି 'ଗଛ ଲଗାନ୍ତୁ, ପୃଥିବୀ ବଞ୍ଚାନ୍ତୁ'। ବିଗତ ଦୁଇ ବର୍ଷର ନାରା ଥିଲା 'ମା'ଙ୍କ ପାଇଁ ଗଛଟିଏ ରୋପଣ କରନ୍ତୁ।' ଭାରତର ଲକ୍ଷ୍ୟ ରହିଛି ଯେ ଏହି ଉତ୍ସବ ପାଳନ ପ୍ୟାରିସ ଜଳବାୟୁ ଚୁକ୍ତିନାମାର ଜାତୀୟସ୍ତରରେ ନିର୍ଦ୍ଧାରିତ ପ୍ରତିଶ୍ରୁତିବଦ୍ଧତା ସହିତ ସମନ୍ୱିତ ହେଉ, ଯାହାଦ୍ୱାରା ୨୦୩୦ ସୁଦ୍ଧା ୨.୫ ରୁ ୩ ଶହ କୋଟି ଟନ୍ ଅଙ୍ଗାରକାମ୍ଳ ସମତୁଲ୍ୟ ଅତିରିକ୍ତ କାର୍ବନ ବ୍ୟାପକ ଚାରାରୋପଣ ଓ ଜଙ୍ଗଲ ସୃଷ୍ଟି ମାଧ୍ୟମରେ ଅବଶୋଷଣ କରାଯିବ।●

(ସଭାପତି, ଓଡ଼ିଶା ପରିବେଶ ସମିତି)
ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

# ଅନବସର ବେଳେ ଅଲାରନାଥ ଦର୍ଶନ

**ଲୋକକଥାରେ ଲୋକଦେବତା**

ସ୍ୱପ୍ନେଶ୍ୱର

କେରଳନିବାସୀ ଆଲବନ୍ଦରାଚାର୍ଯ୍ୟ ଜଣେ ପରମ ବୈଷ୍ଣବ ସନ୍ଥ ଥିଲେ। ଥରେ ସେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଶ୍ରୀକ୍ଷେତ୍ରରେ ପହଞ୍ଚିଲେ। ସେତେବେଳେ ଥିଲା ଆଷାଢ଼ ମାସର ଅନବସର ସମୟ। ସେବକମାନଙ୍କଠାରୁ ଶୁଣିବାକୁ ପାଇଲେ ଯେ ସ୍ନାନପୂର୍ଣ୍ଣିମା ଦିନ ମହାପ୍ରଭୁ ଅତ୍ୟଧିକ ପ୍ରତ୍ୟକ୍ଷ ସ୍ନାନ କଲା ପରେ ଜ୍ୱରରେ ପୀଡ଼ିତ ହୋଇ ଏଂଗରୋଧରେ ରହିଛନ୍ତି ଏବଂ ରୋଗର ଉପଶମ ପାଇଁ ବିଶ୍ରାମ ଓ ଚିକିତ୍ସା ଗ୍ରହଣ କରୁଛନ୍ତି। ଆଚାର୍ଯ୍ୟ ଭାବିଲେ ଯେ ଅଖିଳ ବ୍ରହ୍ମାଣ୍ଡର ପତି ପରଂବ୍ରହ୍ମ ଜଗନ୍ନାଥ ସାଧାରଣ ମଣିଷ ପରି ପୀଡ଼ିତ ହେବେ କିପରି? ଯେ ନିରାକାର, ଅଜର ଓ ଅମର; ଯାହାର ଶ୍ରୀଅଙ୍ଗ ଏକ ସାଙ୍କେତିକ ସ୍ୱରୂପ ମାତ୍ର, ତାଙ୍କର କେଉଁ ଅଙ୍ଗ ଜ୍ୱରାକ୍ରାନ୍ତ ଓ ପୀଡ଼ାଗ୍ରସ୍ତ ହୋଇପାରେ? ସେ ଭାବିଲେ ଯେ ତାଙ୍କର ପୂର୍ବ ଜନ୍ମ ବା ଏହି ଜନ୍ମର କୌଣସି ପାପ ଯୋଗୁଁ ମହାପ୍ରଭୁ ରୋଗର ବାହାନା କରି ତାଙ୍କୁ ଦର୍ଶନ ଦେଲେ ନାହିଁ। ଏତେଦିନର ନୈଷ୍ଠିକ ସାଧନା ଓ ପଥଶ୍ରମ ନିଷ୍ଫଳ ଯାଇଥିବାରୁ ସମୁଦ୍ରରେ ଝାସ ଦେଇ ପ୍ରାଣ ବିସର୍ଜନ କରିବା ପାଇଁ ସେ ସ୍ଥିର କଲେ। ସନ୍ଧ୍ୟା ଅତିକ୍ରାନ୍ତ ହେବା ପରେ ମହୋଦଧି ଆଡ଼କୁ ଚାଲିଲେ। ମହାପ୍ରଭୁ ତ ସର୍ବଜ୍ଞ, ପୁଣି ପରମ ଦୟାଳୁ ଓ ଭକ୍ତବତ୍ସଳ। ସେ ଆଚାର୍ଯ୍ୟଙ୍କୁ ବୁଝାଇବା ପାଇଁ ଶ୍ମଶାନ ମହାବୀର ହନୁମାନଙ୍କୁ ନିର୍ଦ୍ଦେଶ ଦେଲେ। ମହାପ୍ରଭୁଙ୍କ ଆଦେଶ ପାଇ ହନୁମାନ ସାଧୁଙ୍କ ପଛେପଛେ ଚାଲିଲେ। କିଛିଦୂର ଗଲା ପରେ ଆଚାର୍ଯ୍ୟଙ୍କୁ ଲାଗିଲା ଯେ କେହି ଜଣେ ତାଙ୍କୁ ଅନୁଗମନ କରୁଛି। ସେ ପଛକୁ ବୁଲି ଦେଖିଲେ, ଜଣେ ବିରାଟକାୟ ମଣିଷ, ବାନରପରି ମୁଖମଣ୍ଡଳ ଆକାଶକୁ ଲାଗିଥିଲା। ସାଧୁ ଭୟ ନ କରି ପଚାରିଲେ, 'ଆପଣ କିଏ? ମୋ ପଛେପଛେ ଆସୁଛନ୍ତି କାହିଁକି?' ହନୁମାନ ନିଜ ପରିଚୟ ଦେଇ କହିଲେ, 'ମୁଁ ହନୁମାନ, ସ୍ୱର୍ଗଦ୍ୱାର ଶ୍ମଶାନର ରକ୍ଷକ। ମୋତେ ମହାପ୍ରଭୁ ଆପଣଙ୍କ ପାଖକୁ ପଠେଇଛନ୍ତି। କିଛିଦିନ ପରେ ସେ ରୋଗମୁକ୍ତ ହୋଇ ନବଯୌବନ ଦର୍ଶନ ଦେବେ। ତା' ପରେ ରଥାରୋହଣ କରି ଯାତ୍ରା କରିବେ। ସେତେବେଳେ ଆପଣ ତାଙ୍କର ଦର୍ଶନ ଲାଭ କରିବେ। ବର୍ତ୍ତମାନ ଆପଣ ପ୍ରାଣବିସର୍ଜନ ନିଷ୍ପତ୍ତି ପରିହାର କରନ୍ତୁ।' ଆଚାର୍ଯ୍ୟେ କହିଲେ, 'ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ମୋର ଅଭିଳାଷ ପଛରେ ମୋର ଅନେକ ଦିନର ସାଧନା ଓ ପଥଶ୍ରମ ଅଛି। ତା' ପରେ ଯଦି ମୋତେ ଦର୍ଶନ ମିଳିଲା ନାହିଁ, ମୋର ଜୀବନର କୌଣସି ଅର୍ଥ ଅଛି ବୋଲି ମୁଁ ବିଶ୍ୱାସ କରେ ନାହିଁ। ଆପଣ ମୋର ଗତିରୋଧ କରନ୍ତୁ ନାହିଁ।'

ହନୁମାନ ଜାଣିଲେ ଯେ ଆଚାର୍ଯ୍ୟ ତାଙ୍କ ନିଷ୍ପତ୍ତିରୁ ଓହରିବେ ନାହିଁ। ସେ ନିଜେ ଜାଣିଥିଲେ ଯେ ମହାପ୍ରଭୁଙ୍କୁ ଭକ୍ତ ଯେତେ ଭକ୍ତି କରେ, ତା' ଠାରୁ ବେଶୀ ସେ ତାଙ୍କ ଉପରେ ଅଭିମାନ କରେ। ତେଣୁ ସେ ଆଚାର୍ଯ୍ୟଙ୍କୁ ପଥଭ୍ରଷ୍ଟ କରି ତାଙ୍କୁ ମରଣ ମୁହଁରୁ ରକ୍ଷା କରିବା ପାଇଁ ବ୍ରହ୍ମଗିରି ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି ସେହି ଆଡ଼େ ସମୁଦ୍ର ବୋଲି ସାଧୁଙ୍କୁ ଭ୍ରମିତ କରିଦେଲେ। ଆଚାର୍ଯ୍ୟେ ତାଙ୍କ ନିର୍ଦ୍ଦେଶିତ ରାସ୍ତାରେ ଚାଲିଲେ। ରାତିପାଇ ପାହାନ୍ତା ହେଲା। ତଥାପି ସମୁଦ୍ର ଆସିଲା ନାହିଁ। ଆଚାର୍ଯ୍ୟଙ୍କ ଆଗରେ ଏକ ସରୋବର ଥିଲା। ସେ ଟିକିଏ ଅଟକି ଗଲେ। ମୁଣ୍ଡ ଉଠେଇ ଦେଖିଲେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧାରଣ କରି ଚତୁର୍ଭୁଜ ନାରାୟଣ ତାଙ୍କ ସାମନାରେ ଦଣ୍ଡାୟମାନ ହୋଇଥିଲେ। ସେ ତାଙ୍କ ପଦ୍ମପାଦତଳେ ପଡ଼ି ନିବେଦନ କଲେ, 'ମୋର ଅପରାଧ ମାର୍ଜନା କରିବା ହୁଅନ୍ତୁ ମହାପ୍ରଭୁ। ଆପଣ ଅସୁସ୍ଥ ଥିବା ବେଳେ ମୁଁ ଆପଣଙ୍କୁ ଏତେ କଷ୍ଟ ଦେଇ ଥିବାରୁ କ୍ଷମା ପ୍ରାର୍ଥନା କରୁଛି।'

ମହାପ୍ରଭୁ କହିଲେ, ଉତ୍କଳରେ ମୋର ଭକ୍ତମାନେ ମୋତେ ତାଙ୍କ ଭିତରୁ ଜଣେ ବୋଲି ଭାବନ୍ତି। ତେଣୁ ସେମାନଙ୍କ ପାଇଁ ମୁଁ ମାନବଲୀଳା କରେ। ଏବେ ତୁମେ କୁହ, କ'ଣ ଚାହୁଁଛ? ଆଚାର୍ଯ୍ୟେ କହିଲେ, 'ଆପଣ ଯେଉଁ ସ୍ୱରୂପରେ ମୋ ଆଗରେ ବିଜେ କରିଛନ୍ତି, ସେହି ରୂପରେ ଏହିଠାରେ ବିରାଜମାନ କରନ୍ତୁ। ଅନବସର ସମୟରେ ଭକ୍ତମାନେ ଆପଣଙ୍କୁ ଦର୍ଶନ କରି ଜଗନ୍ନାଥ ଦର୍ଶନର ପୁଣ୍ୟ ପ୍ରାପ୍ତ କରନ୍ତୁ। ଭବିଷ୍ୟତରେ ଜଗନ୍ନାଥ ଦର୍ଶନରୁ ବଂଚିତ ହୋଇ ମୋ ପରି କେହି ପ୍ରାଣ ବିସର୍ଜନ କରିବା ପାଇଁ ନିଷ୍ପତ୍ତି ନେବା ଦରକାର ନ ପଡୁ।' ମହାପ୍ରଭୁ 'ତଥାସ୍ତୁ' କହି ଅନ୍ତର୍ଦ୍ଧାନ ହୋଇଗଲେ।

ଯେଉଁ ସ୍ଥାନରେ ଆଚାର୍ଯ୍ୟ ନାରାୟଣଙ୍କ ଦର୍ଶନ ଲାଭ କରିଥିଲେ, ସେଠାରେ ଏକ ଭବ୍ୟ ମନ୍ଦିର ନିର୍ମାଣ କରି ନାରାୟଣଙ୍କୁ ସ୍ଥାପନା କରି ପୂଜାର୍ଚ୍ଚନା କରାଗଲା। ଆଲବନ୍ଦରାଚାର୍ଯ୍ୟଙ୍କ ନାମାନୁସାରେ ଲୋକେ ଠାକୁରଙ୍କୁ ଅଲାରନାଥ ବୋଲି ସମ୍ବୋଧନ କଲେ। ଅନବସରବେଳେ ଲକ୍ଷଲକ୍ଷ ଭକ୍ତ ତାଙ୍କର ଦର୍ଶନ ଲାଭ କରି କୃତାର୍ଥ ହେଉଛନ୍ତି।●

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## AFFIDAVIT

I, MOHAMMAD SHAZAD, S/O HAJI MAHAMMAD AMAN, resident of At - Milli Sahi, PO/PS - Kotpad, Dist - Koraput - 764058, Odisha declare by this Affidavit No.3007, Dated - 07/07/2026, that now onwards I shall be known as **MAHAMMAD SHAZAD NATHA** for all future purposes.

## AFFIDAVIT

By virtue of an Affidavit before the Executive Magistrate, Bhadrak, vide Affidavit No. 8050, dated 07.07.2026, I, Jhilimayee Ojha, aged 30 years, S/o Bichitra Ojha, At- Antei, P.O.- Balighai, P.S.- Marshaghai, Dist.- Kendrapara, Odisha, on behalf of my name Jhilimayee Ojha. In my Aadhaar Card, it has been wrongly mentioned as Jhilu Ojha in Aadhaar Card bearing No. 2065 0075 8452. Jhilu Ojha and Jhilimayee Ojha are one and the same person. This affidavit is for Aadhaar correction.

## AFFIDAVIT

By virtue of an affidavit sworn before Executive Magistrate, Kodala, Ganjam vide Sl. No.336 dated 18.5.2026, I Muna Gouda resident of At- Chhachina, Jaganathapur, Po.- Gouradeipur, Ps./Tahasil- Kodala, Dist.- Ganjam, Odisha, Pin- 761032 declare that, I have changed the name of my daughter from **Mama Gouda** to **Mamali Gouda**. Henceforth, she shall be known as **Mamali Gouda** for all purposes.

Applicant Name: Muna Gouda

## AFFIDAVIT

I, Tabassum Bano, aged about 44 years, W/o- Mohammed Hanif, resident of Balika School Pada, Ward No. 8, Khariar, Po- Khariar, Ps- Khariar, Dist- Nuapada, Odisha, Pin- 766107, do hereby declare by this affidavit No.1366., dtd- 07.07.2026, that now onwards I shall be known as **TABASUM BANO** for all future purposes.

## AFFIDAVIT

I, GANTA VENKATESWARA RAO, S/O GANTA SURYANARAYANA resident of At - Lal Street, Bank Colony, PO/PS -Jeypore, Dist - Koraput - 764001, Odisha declare by this Affidavit No.3006, Dated - 07/07/2026, that now onwards I shall be known as **GANTA VENKATESWAR RAO** for all future purposes.

## AFFIDAVIT

By virtue of an affidavit no. 718 before the Executive Magistrate, Paralakhemundi, dtd.04.07.2026, I, Nityananda Barik, At: SND Pentho, PO: Sardapur, P.S. Gurandi, Dist. Gajapati, Odisha, do hereby declare that my wife's surname has been wrongly recorded as Kanchana Barik in my Army Discharge Book. Her correct name is Kanchana Pandi & Date of Birth is 20.05.1970. Henceforth she shall be known as **Kanchana Pandi & DOB-20.05.1970** for all purposes.

**Nityananda Barik**

## AFFIDAVIT

I, Anila Kumar Behera, S/o- Bhaskar chandra Behera, resident of At- Manikapur, Po- Pratap, Ps- Banapur, Dist- Khordha, Pin- 752031, Odisha declare by this affidavit No-1171, date- 06/07/2026, that now onwards I shall be known as **ANIL KUMAR BEHERA** for all future purposes.

## Lost of Original Land ROR / Patta

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଯାଉଛି ଯେ ମୌଜା-ପଟିଆ ଅବସ୍ଥିତ ପ୍ଲଟ୍ ନଂ- ୩୯୪/୩୨୮୮, ଖାତା ନଂ- ୪୭୪/୪୯୬୨ ଏବଂ ପ୍ଲଟ୍ ନଂ- ୩୯୪/୩୨୯୮, ଖାତା ନଂ- ୪୭୪/୪୯୬୩, ପିପୁଲ୍ସ ଫୋରମ୍ (ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ) ନାମରେ ଥିବା ମୂଳ ପଟ୍ଟା, ତଥା ମୌଜା-ପଟିଆ ଅବସ୍ଥିତ ପ୍ଲଟ୍ ନଂ-୩୯୪/୩୨୮୯, ଖାତା ନଂ-୪୭୪/୩୯୯୫ ଏବଂ ପ୍ଲଟ୍ ନଂ- ୩୯୪/୩୨୮୮, ଖାତା ନଂ- ୪୭୪/୪୦୬୬, ସାଜି ଶିବଦର୍ଶନଙ୍କ ନାମରେ ଥିବା ମୂଳ ପଟ୍ଟା ତା. ୦୩.୦୭.୨୦୨୬ରିଖ ପ୍ରାୟ ସକାଳ ୧୧.୦୦ଘଟିକା ସମୟରେ ଖଣ୍ଡଗିରି, ଭୁବନେଶ୍ୱର ଅଞ୍ଚଳରେ ହଜିଯାଇଛି । ଏହି ସମ୍ପର୍କରେ ଖଣ୍ଡଗିରି ଥାନାରେ ଅଭିଯୋଗ ଦାଖଲ କରାଯାଇଛି । ଉକ୍ତ ଦସ୍ତାବିଜ କାହାରି ନିକଟରେ ଥିଲେ କିମ୍ବା ମିଳିଥିଲେ ନିମ୍ନଲିଖିତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ ।

ପ୍ରମୋଦ କୁମାର ପଣ୍ଡା
ମୋବାଇଲ: ୯୯୩୭୧୧୫୧୧୧

---

24001/273/2627

# ଓଡିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ
## ଘୋଷଣା

File No. 6352/2025 — ତାରିଖ: ୨୬.୧୨.୨୦୨୫

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାଯ୍ୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 ) ର ଧାରା ୧୯ ର ଅଧୁନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟ କୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(e) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା-ବାର୍ଲାହାଣ୍ଡି ଥାନା-ଜୟପୁର ନଂ-୪୫ ଜିଲ୍ଲା- କୋରପୁଟ ରେ ନିମ୍ନ ସୂଚିତ କ ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା : ଜୟପୁର – ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗି କରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାଯ୍ୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ - ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 ) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା- ୪୬୮/୨୨ ତା: ୧୮.୦୬.୨୦୨୨ ରିଖ ରେ ପ୍ରକାଶିତ ହୋଇଅଛି । ଏହାର ବୈଧତା ରାଜସ୍ୱ ଓ ପ୍ରଶମନ ବିଭାଗ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା 27757 ତା 28.07.2025 ରିଖ ଅନୁଯାୟୀ ୩୧.୧୨.୨୦୨୫ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-ବାର୍ଲାହାଣ୍ଡି ଥାନା-ଜୟପୁର ନଂ-୪୫, ତହସିଲ-ଜୟପୁର, ଜିଲ୍ଲା-କୋରାପୁଟ ର ଜୟପୁର – ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହା ମଧ୍ୟ ଜିଲ୍ଲା ୱେବସାଇଟ https://koraput.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ଼ କରାଯାଇଅଛି ।

### ତଫସିଲ -କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: କୋରାପୁଟ — ତହସିଲ: ଜୟପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରଯ୍ତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବାର୍ଲାହାଣ୍ଡି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ କରାଗଲା | | | | ୫୬.୪୮୦ | ଏଥି ସହିତ ସଂଲଗ୍ନ କରାଗଲା |

### ତଫସିଲ -ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: କୋରାପୁଟ — ତହସିଲ: ଜୟପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରଯ୍ତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ: ୩୧.୧୨.୨୦୨୫

ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ, କୋରାପୁଟ

### ଭୂମି ଅନୁସୂଚୀ
ମୌଜା - ବାର୍ଲାହାଣ୍ଡି, ଥାନା-ଜୟପୁର ନଂ-୪୫, ତହସିଲ-ଜୟପୁର, ଜିଲ୍ଲା-କୋରାପୁଟ
ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ

| ଖାତା ନଂ | ସତ୍ତ୍ୱ | ପ୍ଲଟ ନଂ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରଯ୍ତଙ୍କ ନାମ |
|---|---|---|---|---|---|---|
| ୬ | ରୟତି | ୩୧୮ | ୧.୪୬୦ | ୦.୬୮୨ | ଧାନ-୨ | କଡାରୁ ରାଉତ, ପି-ଖଗ ରାଉତ |
| ୬ | ରୟତି | ୩୨୫ | ୩.୧୨୦ | ୧.୫୮୪ | ଧାନ-୧ | କଡାରୁ ରାଉତ, ପି-ଖଗ ରାଉତ |
| ୧୬ | ରୟତି | ୩୧୯ | ୧.୧୪୦ | ୦.୨୬୪ | ଧାନ-୨ | କୃଷ୍ଣ ରାଉତ ପି- ଖଗ ରାଉତ, ନାରାୟଣ ମୁଣ୍ଡ, ପି- ଅନାମ ମୁର୍ଣ୍ଣା |
| ୧୬ | ରୟତି | ୩୨୬ | ୨.୨୪୦ | ୧.୫୯୫ | ଧାନ-୧ | କୃଷ୍ଣ ରାଉତ ପି- ଖଗ ରାଉତ, ନାରାୟଣ ମୁଣ୍ଡା, ପି- ଅନାମ ମୁର୍ଣ୍ଣା |
| ୧୧୪/୨୯୬ | ରୟତି | ୧୫୮ | ୧.୬୬୦ | ୦.୩୪୫ | ଧାନ-୧ | ବୃନ୍ଦାବନ ବେହେରା, ଜଗନ୍ନାଥ ବେହେରା ପି-ଗଙ୍ଗାଧର ବେହେରା ଦିବାହ୍ରି ବେହେରା ସ୍ୱା-ଗଙ୍ଗାଧର ବେହେରା ଜା-କୁହୁମ ବା-ଫାମ୍ପୁଣି |
| ୨୩ | ରୟତି | ୨୮୩ | ୧.୦୦୦ | ୧.୦୦୯ | ଧାନ-୨ | ଗୋପିନାଥ ରାଉତ, ଜଗନ୍ନାଥ ରାଉତ, କୃଷ୍ଣ ରାଉତ,ପି- ଖଗପତି ରାଉତ, ଶାସି ରାଉତ, ପବନ ରାଉତ, ପି-ଲୋକନାଥ ରାଉତ |
| ୩୨ | ରୟତି | ୨୮୩/୪୨୧ | ୦.୯୦୦ | ୦.୬୬୯ | ଧାନ-୩ | ଶାସି ରାଉତ, ପବନ ରାଉତ, ପି-ଲୋକନାଥ ରାଉତ |
| ୨୪ | ରୟତି | ୬୩ | ୦.୪୪୦ | ୦.୧୮୦ | ଧାନ-୨ | ଗୋପିନାଥ ରାଉତ, ପି- ଖଗ ରାଉତ |
| ୧୧୪/୧୬ | ରୟତି | ୬୩/୪୩୪ | ୨.୫୪୦ | ୨.୩୬୯ | ଧାନ-୨ | ଭଗବାନ ବେହେରା ପି-ରାମ ବେହେରା ଜା-କୁହୁମ ବା-ଫାମ୍ପୁଣି |
| ୧୧୪/୨୬୧ | ରୟତି | ୬୨/୫୫୧ | ୦.୮୩୦ | ୦.୧୬୬ | ଧାନ-୨ | ସୀତାରାଣୀ ପ୍ରଧାନ ସ୍ୱା-ବିଜୟାନନ୍ଦ ପ୍ରଧାନ ଜା-କୁହୁମ ବା-ଫାମ୍ପୁଣି |
| ୧୧୪/୧୧୫ | ରୟତି | ୬୨/୫୫୮/୫୬୪ | ୦.୫୦୦ | ୦.୩୫୦ | ଧାନ-୨ | କୁମି ହରିଜନ ପି-ସନୁ ହରିଜନ ତୁଳସି ହରିଜନ ସ୍ୱା-କୁମି ହରିଜନ ଜା-ଡମ୍ବ ବା-ବାର୍ଲାହାଣ୍ଡି |
| ୧୧୪/୧୧୬ | ରୟତି | ୬୨/୫୫୮ | ୦.୫୦୦ | ୦.୨୬୫ | ଧାନ-୨ | ଡମ୍ବରୁ ରାମ ପୁରିଆ ପି-ସନୁରାମ ପୁରିଆ ସୁରୁବାରି ରାମ ପୁରିଆ ସ୍ୱା-ଡମ୍ବରୁ ରାମ ପୁରିଆ ଜା-ଭୂମିଆ ବା-ବାର୍ଲାହାଣ୍ଡି |
| ୧୧୪/୨୮୮ | ରୟତି | ୨୮୯/୬୩୧ | ୦.୧୮୦ | ୦.୦୧୫ | ଧାନ-୩ | ଭଗବାନ ବେହେରା ପି-ରାମ ବେହେରା ଜା-କୁହୁମ ବା-ଫାମ୍ପୁଣି ଜୟପୁର |
| ୧୧୪/୨୮୮ | ରୟତି | ୨୯୦ | ୦.୦୬୫ | ୦.୦୬୫ | ଧାନ-୨ | ଭଗବାନ ବେହେରା ପି-ରାମ ବେହେରା ଜା-କୁହୁମ ବା-ଫାମ୍ପୁଣି ଜୟପୁର |
| ୧୧୪/୧୫୬ | ରୟତି | ୩୨୮/୬୧୮ | ୦.୮୦୦ | ୦.୫୦୩ | ଧାନ-୧ | କୁନ୍ତି ମଣ୍ଡଳ ସ୍ୱା-କୁନ୍ଦନି ମଣ୍ଡଳ ଜା-କୁହୁମ ବା-ଫାମ୍ପୁଣି |
| ୧୧୪/୨୨୪ | ରୟତି | ୩୨୮/୬୨୩ | ୧.୬୦୦ | ୧.୦୦୦ | ଧାନ-୧ | ସତ୍ୟନାରାୟଣ ବେହେରା, ରଘୁନାଥ ବେହେରା ପି-ବନମାଳି ବେହେରା ଜା-କୁହୁମ ବା-ଫାମ୍ପୁଣି |
| ୧୧୪/୨୯୪ | ରୟତି | ୧୬୩ | ୧.୩୦୦ | ୦.୬୪୫ | ଧାନ-୧ | ବାଳକୃଷ୍ଣ ପାଢି ପି-ରାମ ଚନ୍ଦ୍ର ପାଢି ଜା-ବ୍ରାହ୍ମଣ ବା-ନୂଆସାହି ଜୟପୁର |
| ୧୧୪/୧୦୨ | ରୟତି | ୧୬୩/୫୬୧ | ୧.୦୫୦ | ୦.୩୪୫ | ଧାନ-୧ | ଟଙ୍କା ପ୍ରଧାନ ସ୍ୱା-ଭଗତ ପ୍ରଧାନ ଜା-କୁହୁମ ବା-ଫାମ୍ପୁଣି |
| ୫୯ | ରୟତି | ୨୯୯ | ୨.୧୫୦ | ୧.୦୧୧ | ଧାନ-୨ | ନାରଣ ବେହେରା, ପି-କେଶବ ବେହେରା ଜା-କୁହୁମ ବା-ଫାମ୍ପୁଣି |
| ୫୯ | ରୟତି | ୩୦୦ | ୨.୩୧୦ | ୧.୬୪୨ | ଧାନ-୧ | ନାରଣ ବେହେରା, ପି-କେଶବ ବେହେରା ଜା-କୁହୁମ ବା-ଫାମ୍ପୁଣି |
| ୫୯ | ରୟତି | ୩୦୧ | ୨.୧୯୦ | ୧.୬୬୦ | ଧାନ-୨ | ନାରଣ ବେହେରା, ପି-କେଶବ ବେହେରା ଜା-କୁହୁମ ବା-ଫାମ୍ପୁଣି |
| ୬୦ | ରୟତି | ୧୨୫ | ୦.୩୬୦ | ୦.୦୧୦ | ଧାନ-୧ | ବିନାୟକ ଚଉଧୁରୀ, ପି-ବିଜବନ୍ଧୁ ଚଉଧୁରୀ ଜା-କୁହୁମ ବା-ଫାମ୍ପୁଣି |
| ୬୦ | ରୟତି | ୧୬୧ | ୧.୮୬୦ | ୦.୮୫୬ | ଧାନ-୧ | ବିନାୟକ ଚଉଧୁରୀ, ପି-ବିଜବନ୍ଧୁ ଚଉଧୁରୀ ଜା-କୁହୁମ ବା-ଫାମ୍ପୁଣି |
| ୧୧୪/୫୯ | ରୟତି | ୬୮/୪୬୪ | ୧.୦୧୦ | ୦.୬୯୧ | ଧାନ-୨ | ସନ୍ତୋଷ କୁମାର ବେହେରା ପି-ଭଗବାନ ବେହେରା ଜା-କୁହୁମ ବା-ଫାମ୍ପୁଣି |
| ୧୧୪/୨୬୬ | ରୟତି | ୧୨୪ | ୨.୨୨୦ | ୦.୬୦୨ | ଧାନ-୧ | ଗଙ୍ଗାଧର ପ୍ରଧାନ ପି-ଡମ୍ବ ପ୍ରଧାନ ଜା-କୁହୁମ ବା-ଫାମ୍ପୁଣି |
| ୧୧୪/୨୮୯ | ରୟତି | ୧୬୬/୬୩୨ | ୧.୧୮୦ | ୦.୮୩୪ | ଧାନ-୧ | ସନ୍ତୋଷ ରାଉତ ଜା-କୁହୁମ ବା-ଫାମ୍ପୁଣି ଥା-ଜୟପୁର |
| ୨୮ | ରୟତି | ୧୫୯ | ୦.୬୨୦ | ୦.୧୨୨ | ଧାନ-୧ | ଉଦିଆ ରାଉତ, ଗୋପିନାଥ ରାଉତ,ପି-ଖଗ ରାଉତ,ଗୋବିନ୍ଦ ଚଉଧୁରୀ, ମଲି ଚଉଧୁରାଣୀ,ସ୍ୱା-ବିଜବନ୍ଧୁ ଚୌଧୁରି, ଦିବାକର ଚୌଧୁରି,ବୃନ୍ଦାବନ ଚୌଧୁରି,ପି- କୃଷ୍ଣ ଚୌଧୁରୀ |
| ୧୧୪/୩୪ | ରୟତି | ୧୫୯/୫୯୪ | ୦.୫୦୦ | ୦.୨୫୦ | ଧାନ-୧ | ଡଲି ରାଉତାଣି ସ୍ୱା-ଦୁବ ରାଉତ ଜା-କୁହୁମ ବା-ଫାମ୍ପୁଣି |
| ୨୮ | ରୟତି | ୧୬୦ | ୦.୫୩୦ | ୦.୩୨୫ | ଧାନ-୧ | ଉଦିଆ ରାଉତ, ଗୋପିନାଥ ରାଉତ,ପି-ଖଗ ରାଉତ,ଗୋବିନ୍ଦ ଚଉଧୁରୀ, ମଲି ଚଉଧୁରାଣୀ,ସ୍ୱା-ବିଜବନ୍ଧୁ ଚୌଧୁରି, ଦିବାକର ଚୌଧୁରି,ବୃନ୍ଦାବନ ଚୌଧୁରି,ପି- କୃଷ୍ଣ ଚୌଧୁରୀ |
| ୧୧୪/୩୪ | ରୟତି | ୧୬୦/୫୯୫ | ୦.୫୦୦ | ୦.୧୩୦ | ଧାନ-୧ | ଡଲି ରାଉତାଣି ସ୍ୱା-ଦୁବ ରାଉତ ଜା-କୁହୁମ ବା-ଫାମ୍ପୁଣି |
| ୧୧୪/୧୪୮ | ରୟତି | ୧୬୦/୬୦୬ | ୦.୮୯୦ | ୦.୦୬୦ | ଧାନ-୧ | ସିମାଚଳ ମଲିକ ପି-ନିଳାମ୍ବର ମଲିକ ଜା-କୁହୁମ ବା-ଫାମ୍ପୁଣି |
| ୨୮ | ରୟତି | ୧୬୨ | ୦.୪୨୦ | ୦.୪୧୬ | ଧାନ-୧ | ଉଦିଆ ରାଉତ, ଗୋପିନାଥ ରାଉତ,ପି-ଖଗ ରାଉତ,ଗୋବିନ୍ଦ ଚଉଧୁରୀ, ମଲି ଚଉଧୁରାଣୀ,ସ୍ୱା-ବିଜବନ୍ଧୁ ଚୌଧୁରି, ଦିବାକର ଚୌଧୁରି,ବୃନ୍ଦାବନ ଚୌଧୁରି,ପି- କୃଷ୍ଣ ଚୌଧୁରୀ |
| | | ୧୬୨/୫୬୨ | ୦.୩୦୦ | ୦.୩୦୦ | ଧାନ-୧ | |
| ୯୫ | ରୟତି | ୩୨୧ | ୧.୩୦୦ | ୦.୦୩୮ | ଧାନ-୨ | ରାମ ରାଉତ, ପି-ଖଗ ରାଉତ |
| ୯୫ | ରୟତି | ୩୨୨ | ୨.୫୧୦ | ୨.୧୫୩ | ଧାନ-୧ | ରାମ ରାଉତ, ପି-ଖଗ ରାଉତ |
| ୧୦୬ | ରୟତି | ୨୯୨ | ୧.୨୨୦ | ୦.୨୯୦ | ଧାନ-୧ | ହରି ଚଉଧୁରୀ,ପି-ଦିନବନ୍ଧୁ ଚଉଧୁରୀ |
| ୧୦୬ | ରୟତି | ୨୯୩ | ୦.୯୦୦ | ୦.୬୩୪ | ଧାନ-୨ | ହରି ଚଉଧୁରୀ,ପି-ଦିନବନ୍ଧୁ ଚଉଧୁରୀ |
| ୧୦୮ | ରୟତି | ୧୨୨ | ୩.୮୦୦ | ୦.୫୬୦ | ଧାନ-୧ | ହିରାମଣି ପାଢିଆଣ,ସ୍ୱା-ରାମଚନ୍ଦ୍ର ପାଢୀ |
| ୧୧୪/୧୪୨ | ରୟତି | ୩୨୪/୧/୫୬୬ | ୪.୨୦୦ | ୦.୧୮୪ | ଧାନ-୧ | ପ୍ରଦୀପ୍ତ କୁମାର ସାହୁ ପି-ପ୍ରକାଶ ଚନ୍ଦ୍ର ସାହୁ ଜା-ବ୍ରାହ୍ମଣ ବା-ସୁରିଙ୍ଗୀ ସାହି ଜୟପୁର |
| ୧୧୪/୧ | ରୟତି | ୩୨୪/୨ | ୦.୫୮୦ | ୦.୫୮୦ | ଧାନ-୨ | ରାଧା ମୋହନ ଚୌଧୁରି,ପି-ଈଶ୍ୱର ଚୌଧୁରି |
| ୧୧୪/୧୪୨ | ରୟତି | ୩୨୪/୨/୫୬୬ | ୨.୦୦୦ | ୧.୧୫୧ | ଧାନ-୨ | ପ୍ରଦୀପ୍ତ କୁମାର ସାହୁ ପି-ପ୍ରକାଶ ଚନ୍ଦ୍ର ସାହୁ ଜା-ବ୍ରାହ୍ମଣ ବା-ସୁରିଙ୍ଗୀ ସାହି ଜୟପୁର |
| ୧୧୪/୪ | ରୟତି | ୨୮୬ | ୧.୬୬୦ | ୧.୪୬୩ | ଧାନ-୨ | ବିଜବନ୍ଧୁ ମଲିକ,ପି-ଶାସି ମଲିକ |
| ୧୧୪/୬ | ରୟତି | ୬୬ | ୧.୬୧୦ | ୦.୯୨୫ | ଧାନ-୨ | ଭିକାରି ଚୌଧୁରି, ପି-ମାଗତା ଚୌଧୁରି |
| ୧୧୪/୧୪ | ରୟତି | ୬୪ | ୧.୦୨୦ | ୦.୯୧୬ | ଧାନ-୨ | ନିହାରବାଳା ସାହୁ,ସା-କ୍ଷିରୋଦ ଶର୍ମା |
| ୧୧୪/୨୬ | ରୟତି | ୨୮୧/୪୨୩ | ୦.୧୪୦ | ୦.୦୨୫ | ଧାନ-୨ | ଇରା ପ୍ରଧାନୁଣୀ,ସ୍ୱା-ବାସୁଦେବ ପ୍ରଧାନ, ଜା-କୁହୁମ, ବା-ନିଜଗାଁ |
| ୧୧୪/୨୮୮ | ରୟତି | ୨୮୧/୪୨୩/୬୩୦ | ୦.୨୦୦ | ୦.୨୦୦ | ଧାନ-୨ | ଭଗବାନ ବେହେରା ପି-ରାମ ବେହେରା ଜା-କୁହୁମ ବା-ଫାମ୍ପୁଣି ଜୟପୁର |
| ୧୧୪/୨୯୬ | ରୟତି | ୨୮୧/୪୨୩/୬୩୬ | ୦.୮୩୦ | ୦.୮୩୦ | ଧାନ-୨ | ସୁକାନ୍ତ ବେହେରା ପି-ଭଗବାନ ବେହେରା ଜା-କୁହୁମ ବା-ଫାମ୍ପୁଣୀ ଜୟପୁର |
| ୧୧୪/୧୬ | ରୟତି | ୨୮୧/୪୨୩/୪୫୩ | ୦.୪୮୦ | ୦.୪୩୦ | ଧାନ-୨ | ଭଗବାନ ବେହେରା ପି-ରାମ ବେହେରା ଜା-କୁହୁମ ବା-ଫାମ୍ପୁଣି ଜୟପୁର |
| ୧୧୪/୧୫୫ | ରୟତି | ୬୫/୬୦୪ | ୧.୧୧୦ | ୦.୯୬୯ | ଧାନ-୨ | ନିରୁପମା ସାହୁ ସ୍ୱା-ଦ୍ୱାରିକାନାଥ ସାହୁ ଜା-ବ୍ରାହ୍ମଣ ବା-ନିଜଗାଁ |
| ୧୧୪/୩୬ | ରୟତି | ୧୨୪ | ୦.୬୦୦ | ୦.୨୫୩ | ଧାନ-୧ | ଗୋବିନ୍ଦ ପ୍ରଧାନ, ପି- ଚନ୍ଦ୍ର ପ୍ରଧାନ,ନରସିଂହ ପ୍ରଧାନ,କ୍ଷେତ୍ର ପ୍ରଧାନ ପି-ଗୋବିନ୍ଦ ପ୍ରଧାନ |
| ୧୧୪/୩୬ | ରୟତି | ୧୬୮ | ୨.୦୬୦ | ୦.୯୩୬ | ଧାନ-୧ | ଗୋବିନ୍ଦ ପ୍ରଧାନ, ପି- ଚନ୍ଦ୍ର ପ୍ରଧାନ,ନରସିଂହ ପ୍ରଧାନ,କ୍ଷେତ୍ର ପ୍ରଧାନ ପି-ଗୋବିନ୍ଦ ପ୍ରଧାନ |
| ୧୧୬/୩୯ | ରୟତି | ୧୬୬ | ୦.୯୦୦ | ୦.୮୩୦ | ଧାନ-୧ | ଡମ୍ବରୁ ବିଶୋଇ, ପି-ଗୋବର୍ଦ୍ଧନ ବିଶୋଇ |
| | | ୧୬୬/୪୪୩/୫୮୨ | ୦.୧୦୦ | ୦.୦୮୦ | ଧାନ-୧ | |
| ୧୧୪/୨୮୨ | ରୟତି | ୧୬୨/୪୪୩ | ୧.୦୦୦ | ୦.୦୦୯ | ଧାନ-୧ | ନିରଞ୍ଜନ ପାତ୍ର ପି-ବନମାଳି ପାତ୍ର ଜା-କୁହୁମ ବା-ଫାମ୍ପୁଣି |
| ୧୧୪/୪୮ | ରୟତି | ୨୯୪/୧ | ୦.୧୨୦ | ୦.୧୨୦ | ଧାନ-୨ | ସରସ୍ୱତୀ ପ୍ରଧାନ, ସ୍ୱା-ସହଦେବ ପ୍ରଧାନ ଜା-କୁହୁମ ବା-ଫାମ୍ପୁଣୀ |
| ୧୧୪/୧୧୪ | ରୟତି | ୨୯୪/୨/୫୬୨ | ୦.୩୩୦ | ୦.୩୩୦ | ଧାନ-୨ | ସରସ୍ୱତୀ ପ୍ରଧାନ, ସ୍ୱା-ସହଦେବ ପ୍ରଧାନ ଜା-କୁହୁମ ବା-ଫାମ୍ପୁଣୀ |
| ୧୩/କ | ରୟତି | ୨୯୪/୨ | ୦.୩୩୦ | ୦.୧୨୮ | ଧାନ-୨ | ଦିବାକର ଚଉଧୁରୀ, ବୃନ୍ଦାବନ ଚଉଧୁରୀ, ପି-କୃଷ୍ଣ ଚଉଧୁରୀ, ଜା-କୁହୁମ, ବା-ଫାମ୍ପୁଣୀ |
| ୧୧୪/୪୮ | ରୟତି | ୨୯୫/୪ | ୦.୧୬୦ | ୦.୧୬୦ | ଧାନ-୧ | ସରସ୍ୱତୀ ପ୍ରଧାନ, ସ୍ୱା-ସହଦେବ ପ୍ରଧାନ ଜା-କୁହୁମ ବା-ଫାମ୍ପୁଣୀ |
| ୧୩/କ | ରୟତି | ୨୯୫/୩ | ୦.୪୧୦ | ୦.୨୫୫ | ଧାନ-୧ | ଦିବାକର ଚଉଧୁରୀ, ବୃନ୍ଦାବନ ଚଉଧୁରୀ, ପି-କୃଷ୍ଣ ଚଉଧୁରୀ, ଜା-କୁହୁମ, ବା-ଫାମ୍ପୁଣୀ |
| ୫୮/ଖ | ରୟତି | ୧୬୧/୧ | ୦.୧୬୦ | ୦.୧୬୦ | ଧାନ-୧ | ରାମ ବେହେରା ପି-କେଶବ ବେହେରା ଜା-କୁହୁମ ବା-ଫାମ୍ପୁଣି |
| ୧୧୪/୨୯୫ | ରୟତି | ୧୬୧/୨ | ୦.୧୬୦ | ୦.୧୬୦ | ଧାନ-୧ | ଚକ୍ରଧର ବେହେରା ପି-ସିମାଦ୍ରି ବେହେରା ଜା-କୁହୁମ ବା-ଫାମ୍ପୁଣି |
| ୫୮/ଖ | ରୟତି | ୧୬୧/୩ | ୦.୧୪୦ | ୦.୧୪୦ | ଧାନ-୧ | ରାମ ବେହେରା ପି-କେଶବ ବେହେରା ଜା-କୁହୁମ ବା-ଫାମ୍ପୁଣି |
| ୧୧୪/୨୯୫ | ରୟତି | ୧୬୧/୪ | ୦.୧୮୦ | ୦.୧୪୦ | ଧାନ-୧ | ଚକ୍ରଧର ବେହେରା ପି-ସିମାଦ୍ରି ବେହେରା ଜା-କୁହୁମ ବା-ଫାମ୍ପୁଣି |
| ୧୧୪/୫୯ | ରୟତି | ୨୯୧ | ୧.୨୯୦ | ୦.୨୩୫ | ଧାନ-୧ | ସନ୍ତୋଷ କୁମାର ବେହେରା,ପି-ଭଗବାନ ବେହେରା |
| ୧୧୪/୨୮ | ରୟତି | ୧୨୨ | ୨.୨୫୦ | ୦.୩୦୫ | ଧାନ-୧ | ଗୋପ ସୁନ୍ଦର ପାତ୍ର, ପି-ସତ୍ୟ ନାରାୟଣ ପାତ୍ର |
| ୨୨ | ରୟତି | ୧୨୩ | ୧.୨୫୦ | ୦.୬୬୩ | ଧାନ-୨ | ଗୋବିନ୍ଦ ପ୍ରଧାନୀ,ଘନ ପ୍ରଧାନୀ, ପି-ଚନ୍ଦ୍ର ପ୍ରଧାନୀ, ଜା-କୁହୁମ, ବା-ଫାମ୍ପୁଣୀ |
| ୧୧୪/୮୩ | ରୟତି | ୧୨୦ | ୨.୫୪୦ | ୦.୮୪୧ | ଧାନ-୧ | ବିପ୍ର ଚରଣ ପ୍ରଧାନ, ପି-କୃଷ୍ଣ ପ୍ରଧାନ |
| ୧୧୪/୮୨ | ରୟତି | ୨୩/୧ | ୦.୮୨୦ | ୦.୦୦୩ | ଧାନ-୨ | ବିଶ୍ୱନାଥ ମିଶ୍ର, ପି-ଦୟାନାଧି ମିଶ୍ର, ଜା-ବ୍ରାହ୍ମଣ, ବା-ବାରଲାହାଣ୍ଡି |
| ୧୧୪/୯୪ | ରୟତି | ୨୯୨ | ୦.୬୩୦ | ୦.୪୫୧ | ଧାନ-୨ | ସହଦେବ ପ୍ରଧାନ, ପି-ହାଡି ପ୍ରଧାନ |
| ୧୧୪/୯୫ | ରୟତି | ୨୯୬ | ୧.୦୦୦ | ୦.୪୯୬ | ଧାନ-୧ | ସରସ୍ୱତୀ ପ୍ରଧାନ, ସ୍ୱା-ସହଦେବ ପ୍ରଧାନ |
| ୧୧୪/୯୯ | ରୟତି | ୧୨୩ | ୦.୬୨୦ | ୦.୫୪୦ | ଧାନ-୧ | କୁନ୍ତି ମାଝିକାଣି, ସ୍ୱା-ନିଳାମ୍ବର ମଲିକ |
| ୧୧୪/୧୦୬ | ରୟତି | ୧୬୪ | ୨.୪୪୦ | ୧.୦୧୯ | ଧାନ-୧ | ବାଳକୃଷ୍ଣ ପାଢି, ପି-ରାମଚନ୍ଦ୍ର ପାଢି |
| ୧୧୪/୨୯୨ | ରୟତି | ୧୬୫ | ୧.୪୬୦ | ୦.୫୯୦ | ଧାନ-୧ | ବୃନ୍ଦାବନ ବିଶୋଇ ପି-ନବିନ ବିଶୋଇ ଜା-ଶୁଣ୍ଢି ବା-ବାର୍ଲାହାଣ୍ଡି ଜୟପୁର |
| ୧୧୪/୧୪୦ | ରୟତି | ୧୬୫/୫୯୭ | ୦.୫୦୦ | ୦.୩୨୯ | ଧାନ-୧ | କୁନ୍ତି ବେହେରା ସ୍ୱା-ଜଗନ୍ନାଥ ବେହେରା ଜା-କରଣ ବା-ନିଜଗାଁ |
| ୧୧୪/୧୪୩ | ରୟତି | ୧୬୮ | ୦.୨୨୦ | ୦.୨୨୪ | ଧାନ-୧ | ଗିତା ନାୟକ, ସ୍ୱା-ନିଳାମ୍ବର ମଲିକ |
| ୧୧୪/୧୪୩ | ରୟତି | ୧୬୯ | ୧.୦୮୦ | ୦.୪୧୨ | ଧାନ-୨ | ଗିତା ନାୟକ, ସ୍ୱା-ନିଳାମ୍ବର ମଲିକ |
| ୧୧୪/୧୪୩ | ରୟତି | ୧୮୧ | ୦.୫୧୦ | ୦.୧୦୨ | ଧାନ-୨ | ଗିତା ନାୟକ, ସ୍ୱା-ନିଳାମ୍ବର ମଲିକ |
| ୧୧୪/୧୪୭ | ରୟତି | ୧୬୨/୬୦୬ | ୧.୧୩୦ | ୧.୦୦୦ | ଧାନ-୧ | କୁନ୍ତି ମଲିକାଣି ସ୍ୱା-ନିଳାମ୍ବର ମଲିକ ଜା-କୁହୁମ ବା-ଫାମ୍ପୁଣି |
| ୧୧୪/୫୨ | ରୟତି | ୧୬୨/୪୫୮ | ୧.୧୦୦ | ୦.୬୦୮ | ଧାନ-୧ | |
| ୧୧୪/୧୫୪ | ରୟତି | ୩୧୬ | ୨.୨୨୦ | ୨.୧୮୩ | ଧାନ-୨ | ପ୍ରବିର କୁମାର ସାହୁ, ପି-ପି ଚନ୍ଦ୍ର ସାହୁ |
| ୧୧୪/୧୫୪ | ରୟତି | ୩୧୭ | ୩.୧୯୦ | ୩.୧୬୦ | ଧାନ-୨ | ପ୍ରବିର କୁମାର ସାହୁ, ପି-ପି ଚନ୍ଦ୍ର ସାହୁ, ଜା-ବ୍ରାହ୍ମଣ, ବା-ନିଜଗାଁ |
| ୧୧୪/୨୫୮ | ରୟତି | ୧୬୫ | ୨.୨୪୦ | ୦.୫୦୪ | ଧାନ-୧ | ତରିଣି ଚରଣ ମଣ୍ଡଳ,ପି-ବୃନ୍ଦାବନ ମଣ୍ଡଳ |
| ୧୧୪/୨୬୦ | ରୟତି | ୧୨୧ | ୬.୪୦୦ | ୦.୨୦୧ | ଧାନ-୧ | ପି-ଭାସ୍କର ରାଓ, ପି-ଭେଙ୍କଟେଶ୍ୱର ରାଓ |
| ୫୮/ଖ | ରୟତି | ୧୧୯ | ୦.୪୩୦ | ୦.୪୧୧ | ଧାନ-୨ | ରାମ ବେହେରା, ପି-କେଶବ ବେହେରା, ଜା-କୁହୁମ, ବା-ଫାମ୍ପୁଣି |
| ୫୮/କ | ରୟତି | ୬୬ | ୧.୬୦୦ | ୧.୧୧୮ | ଧାନ-୨ | ନାରାଣ ବେହେରା, ପି-କେଶବ ବେହେରା |
| ୫୮/କ | ରୟତି | ୧୧୮ | ୧.୬୦୦ | ୦.୨୩୨ | ଧାନ-୧ | ନାରାଣ ବେହେରା, ପି-କେଶବ ବେହେରା |
| ୧୧୪/୫୦ | ରୟତି | ୧୬୯/୪୫୬ | ୧.୦୦୦ | ୦.୯୧୧ | ଧାନ-୧ | କଇତୀକି ବେହେରା ସ୍ୱା-ବୈଦ୍ୟନାଥ ବେହେରା ଜା-କୁହୁମ୍ ବା-ଘୋଟାଗୁଡା ଥାନା-କୋରାପୁଟ |
| ୧୧୪/୪୦ | ରୟତି | ୧୬୬/୪୫୦ | ୦.୫୬୦ | ୦.୦୧୫ | ଧାନ-୧ | ତାରିଣି ମଣ୍ଡଳ ପି-ଧ୍ରୁବ ରାଉତ ଜା-କୁହୁମ ବା-ଫାମ୍ପୁଣି |
| ୧୧୪/୨୮୨ | ରୟତି | ୧୬୬/୪୪୦ | ୧.୧୩୦ | ୦.୯୨୬ | ଧାନ-୧ | ନିରଞ୍ଜନ ପାତ୍ର ପି-ବନମାଳି ପାତ୍ର ଜା-କୁହୁମ ବା-ଫାମ୍ପୁଣି |
| ୫୮/ଖ | ରୟତି | ୨୯୮ | ୨.୬୮୦ | ୨.୪୪୪ | ଧାନ-୨ | ରାମ ବେହେରା ପି-କେଶବ ବେହେରା ଜା-କୁହୁମ ବା-ଫାମ୍ପୁଣି |
| ୫୯ | ରୟତି | ୨୯୮/୪୨୪ | ୦.୨୮୦ | ୦.୧୦୯ | ଧାନ-୨ | ନାରଣ ବେହେରା, ପି-କେଶବ ବେହେରା |
| | | ମୋଟ | | ୫୬.୪୮୦ | | |

ବିଶେଷ ଦ୍ରଷ୍ଟବ୍ୟ: ୧୧(୧) ବିଜ୍ଞପ୍ତି ପ୍ରକାରେ ପ୍ରସ୍ତାବିତ ହୋଇଥିବା ଜମି ମଧ୍ୟରୁ ନିମ୍ନଲିଖିତ ପ୍ଲଟଗୁଡିକର କୌଣସି ରକବା ଅଧିଗ୍ରହଣ ହେଉନାହିଁ

| ଖାତା ନଂ | ସତ୍ତ୍ୱ | ପ୍ଲଟ ନଂ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରଯ୍ତଙ୍କ ନାମ |
|---|---|---|---|---|---|---|
| ୨୨ | ରୟତି | ୬୨ | ୦.୦୬୦ | ୦.୦୦୦ | ଧାନ-୨ | ଗୋବିନ୍ଦ ପ୍ରଧାନି, ଘନ ପ୍ରଧାନି, ପି- ଚନ୍ଦ୍ର ପ୍ରଧାନି |
| ୨୮ | ରୟତି | ୨୮୯ | ୦.୨୨୦ | ୦.୦୦୦ | ଧାନ-୩ | ଗୋବିନ୍ଦ ଚଉଧୁରୀ, ପି-ଦିନବନ୍ଧୁ ଚଉଧୁରୀ |
| ୩୨ | ରୟତି | ୩୨୮ | ୦.୩୦୦ | ୦.୦୦୦ | ଧାନ-୧ | ଶାସି ରାଉତ, ପବନ ରାଉତ, ପି-ଲୋକନାଥ ରାଉତ |
| ୧୧୪/୨୮୬ | ରୟତି | ୬୮ | ୧.୦୩୦ | ୦.୦୦୦ | ଧାନ-୨ | ସନ୍ତୋଷ କୁମାର ବେହେରା ପି-ଭଗବାନ ବେହେରା ଜା-କୁହୁମ ବା-ଫାମ୍ପୁଣି |
| ୬୧ | ରୟତି | ୧୬୬ | ୨.୨୫୦ | ୦.୦୦୦ | ଧାନ-୧ | ବିଶ୍ୱନାଥ ପ୍ରଧାନୀ, ରଘୁନାଥ ପ୍ରଧାନୀ,ପି- ମାଧବ ପ୍ରଧାନୀ,ସୁମିତା ପ୍ରଧାନୁଣି ସ୍ୱା-ନାରାୟଣ ପ୍ରଧାନୀ, ତଣ୍ଟସି ପ୍ରଧାନୀ,ପି-ଶ୍ରୀକର ପ୍ରଧାନୀ, କୁନ୍ତଳା ପ୍ରଧାନୁଣି, ସ୍ୱା-ଭାସ୍କର ପ୍ରଧାନୀ |
| ୧୧୪/୨୬୬ | ରୟତି | ୧୬୬/୬୧୫/୬୨୪ | ୧.୧୨୦ | ୦.୦୦୦ | ଧାନ-୧ | ବନବାସି ରାଉତ ପି-ହରି ରାଉତ ଜା-କୁହୁମ ବା-ଆମ୍ବିଲି, ଆମ୍ବାଗୁଡା, ଲକ୍ଷ୍ମୀପୁର |
| ୧୧୪/୨୮୫ | ରୟତି | ୧୬୬/୬୧୫ | ୧.୧୮୦ | ୦.୦୦୦ | ଧାନ-୧ | ସନ୍ତୋଷ ରାଉତ ପି-ହରି ରାଉତ ଜା-କୁହୁମ ବା-ଫାମ୍ପୁଣୀ ଥା-ଜୟପୁର |
| ୧୧୪/୧୪୮ | ରୟତି | ୧୫୯/୬୦୮ | ୦.୬୧୦ | ୦.୦୦୦ | ଧାନ-୧ | ସିମାଚଳ ମଲିକ ପି-ନିଳାମ୍ବର ମଲିକ ଜା-କୁହୁମ ବା-ଫାମ୍ପୁଣି |
| ୧୧୪/୬୯ | ରୟତି | ୧୬୨/୫୫୫ | ୦.୬୪୦ | ୦.୦୦୦ | ଧାନ-୧ | ରାଜେନ୍ଦ୍ର କୁମାର ପାତ୍ର ପି-ସତ୍ୟ ନାରାୟଣ ପାତ୍ର ଜା-ବ୍ରାହ୍ମଣ ବା-ବାର୍ଲାହାଣ୍ଡି |
| ୧୧୪/୧୦୩ | ରୟତି | ୧୬୨/୫୪୬ | ୦.୫୦୦ | ୦.୦୦୦ | ଧାନ-୧ | ସୁଲୋଚନା ଚଉଧୁରି ସ୍ୱା-ଡମ୍ବରୁଧର ଚଉଧୁରି ଜା-କୁହୁମ ବା-ଫାମ୍ପୁଣି |
| ୧୧୪/୧ | ରୟତି | ୩୨୪/୧ | ୦.୪୦୦ | ୦.୦୦୦ | ଧାନ-୧ | ରାଧା ମୋହନ ଚୌଧୁରି,ପି-ଈଶ୍ୱର ଚୌଧୁରି |
| ୧୧୪/୧ | ରୟତି | ୩୨୪/୧/୫୪୩ | ୦.୦୭୦ | ୦.୦୦୦ | ଧାନ-୧ | ରାଧା ମୋହନ ଚୌଧୁରି,ପି-ଈଶ୍ୱର ଚୌଧୁରି |
| ୧୨୦/୨ | | ୩୨୪/୧/୫୧୩ | ୦.୦୭୦ | ୦.୦୦୦ | ଶିଳ୍ପଭୂମି | ଓଡିଶା ଶିଳ୍ପ ଉନ୍ନୟନ ବିଭାଗ, ଭୁବନେଶ୍ୱର |
| ୧୧୪/୨୬୯ | ରୟତି | ୩୨୪/୧/୫୬୬/୬୧୮ | ୧.୦୦୦ | ୦.୦୦୦ | ଧାନ-୧ | ନଳିନୀ ପାତ୍ର ସ୍ୱା-ସନ୍ତୋଷ ପାତ୍ର ଜା-ବ୍ରାହ୍ମଣ ବା-ଜୟନଗର |
| ୧୧୪/୧୧୦ | ରୟତି | ୩୨୪/୧/୫୬୯ | ୩.୬୨୦ | ୦.୦୦୦ | ଧାନ-୧ | ପ୍ରେମ ରଞ୍ଜନ ସାହୁ ପି-ପ୍ରକାଶ ଚନ୍ଦ୍ର ସାହୁ ଜା-ବ୍ରାହ୍ମଣ ବା-ଜୟପୁର |
| ୧୧୪/୧୧୦ | ରୟତି | ୩୨୪/୧/୫୪୩/୫୬୦ | ୦.୦୩୦ | ୦.୦୦୦ | ଧାନ-୧ | |
| ୧୧୪/୧୧୦ | ରୟତି | ୩୨୪/୨/୫୬୮ | ୦.୯୦୦ | ୦.୦୦୦ | ଧାନ-୨ | ପ୍ରେମ ରଞ୍ଜନ ସାହୁ ପି-ପ୍ରକାଶ ଚନ୍ଦ୍ର ସାହୁ ଜା-ବ୍ରାହ୍ମଣ ବା-ଜୟପୁର |
| ୧୧୪/୩୦ | ରୟତି | ୬୫ | ୦.୧୧୦ | ୦.୦୦୦ | ଧାନ-୨ | ରାଧାକୃଷ୍ଣ ନାୟକ, ପି-ଭିମ ନାୟକ |
| ୧୧୪/୧୫୫ | ରୟତି | ୬୫/୬୦୫ | ୦.୦୪୦ | ୦.୦୦୦ | ଧାନ-୨ | ନିରୁପମା ସାହୁ ସ୍ୱା-ଦ୍ୱାରିକାନାଥ ସାହୁ ଜା-ବ୍ରାହ୍ମଣ ବା-ନିଜଗାଁ |
| ୧୧୪/୧୧୪ | ରୟତି | ୨୯୫/୧ | ୦.୪୦୦ | ୦.୦୦୦ | ଧାନ-୧ | ସରସ୍ୱତୀ ପ୍ରଧାନ, ସ୍ୱା-ସହଦେବ ପ୍ରଧାନ ଜା-କୁହୁମ ବା-ଫାମ୍ପୁଣୀ |
| ୧୩/କ | ରୟତି | ୨୯୫/୨ | ୦.୩୪୦ | ୦.୦୦୦ | ଧାନ-୧ | ସରସ୍ୱତୀ ପ୍ରଧାନ, ସ୍ୱା-ସହଦେବ ପ୍ରଧାନ, ଜା-କୁହୁମ, ବା-ଫାମ୍ପୁଣୀ |
| ୫୮/ଖ | ରୟତି | ୧୬୧/୫ | ୦.୨୪୦ | ୦.୦୦୦ | ଧାନ-୧ | ରାମ ବେହେରା ପି-କେଶବ ବେହେରା ଜା-କୁହୁମ ବା-ଫାମ୍ପୁଣି |
| ୫୮/କ | ରୟତି | ୧୬୧/୬ | ୦.୦୫୦ | ୦.୦୦୦ | ଧାନ-୧ | ନାରଣ ବେହେରା ପି-କେଶବ ବେହେରା ଜା-କୁହୁମ ବା-ଫାମ୍ପୁଣି |
| ୧୧୪/୫୫ | ରୟତି | ୧୬୧/୬/୪୬୩ | ୦.୨୦୦ | ୦.୦୦୦ | ଧାନ-୧ | ଭିକାରି ପ୍ରଧାନି, ପି-ମହେଶ୍ୱର ପ୍ରଧାନି, ଜା-କୁହୁମ,ବା-ଫାମ୍ପୁଣୀ |
| ୧୧୪/୨୯୫ | ରୟତି | ୧୬୧/୬/୬୩୫ | ୦.୦୯୦ | ୦.୦୦୦ | ଧାନ-୧ | ଚକ୍ରଧର ବେହେରା ପି-ସିମାଦ୍ରି ବେହେରା ଜା-କୁହୁମ ବା-ଫାମ୍ପୁଣି |
| ୧୧୪/୫୫ | ରୟତି | ୧୬୧/୭ | ୦.୨୦୦ | ୦.୦୦୦ | ଧାନ-୧ | ଭିକାରି ପ୍ରଧାନି, ପି-ମହେଶ୍ୱର ପ୍ରଧାନି, ଜା-କୁହୁମ,ବା-ଫାମ୍ପୁଣୀ |
| ୧୧୪/୫୫ | ରୟତି | ୧୬୧/୮ | ୦.୨୦୦ | ୦.୦୦୦ | ଧାନ-୧ | ଭିକାରି ପ୍ରଧାନି, ପି-ମହେଶ୍ୱର ପ୍ରଧାନି, ଜା-କୁହୁମ,ବା-ଫାମ୍ପୁଣୀ |
| ୧୧୪/୫୫ | ରୟତି | ୧୬୧/୯ | ୦.୨୩୦ | ୦.୦୦୦ | ଧାନ-୧ | ଭିକାରି ପ୍ରଧାନି, ପି-ମହେଶ୍ୱର ପ୍ରଧାନି, ଜା-କୁହୁମ,ବା-ଫାମ୍ପୁଣୀ |
| ୧୧୪/୫୫ | ରୟତି | ୧୬୧/୧୦ | ୦.୨୪୦ | ୦.୦୦୦ | ଧାନ-୧ | ଭିକାରି ପ୍ରଧାନି, ପି-ମହେଶ୍ୱର ପ୍ରଧାନି, ଜା-କୁହୁମ,ବା-ଫାମ୍ପୁଣୀ |
| ୧୧୪/୬୯ | ରୟତି | ୧୬୩ | ୧.୦୦୦ | ୦.୦୦୦ | ଧାନ-୨ | ଗୋବିନ୍ଦ ପ୍ରଧାନୀ,ଘନ ପ୍ରଧାନୀ, ପି-ଚନ୍ଦ୍ର ପ୍ରଧାନୀ, ଜା-କୁହୁମ, ବା-ଫାମ୍ପୁଣୀ |
| ୧୧୪/୬୯. | ରୟତି | ୧୬୩/୫୪୪. | ୧.୦୦୦ | ୦.୦୦୦ | ଧାନ-୨ | ରାଜେନ୍ଦ୍ର କୁମାର ପାତ୍ର ପି-ସତ୍ୟ ନାରାୟଣ ପାତ୍ର ଜା-ବ୍ରାହ୍ମଣ ବା-ବାର୍ଲାହାଣ୍ଡି |
| ୧୧୪/୯୮ | ରୟତି | ୨୩/୨ | ୦.୬୫୦ | ୦.୦୦୦ | ଧାନ-୨ | ବିପ୍ର ଚରଣ ପ୍ରଧାନ ପି-କୃଷ୍ଣ ଚନ୍ଦ୍ର ପ୍ରଧାନ ଜା-କୁହୁମ ବା-ଫାମ୍ପୁଣି |
| ୫୯/ [illegible] | ରୟତି | ୨୩ | ୦.୬୫୦ | ୦.୦୦୦ | ଧାନ-୨ | ରାମ ବେହେରା ପି-କେଶବ ବେହେରା ଜା-କୁହୁମ ବା-ଫାମ୍ପୁଣି |
| ୧୧୪/୯୪ | ରୟତି | ୨୯୬/୫୫୫ | ୦.୩୦୦ | ୦.୦୦୦ | ଧାନ-୧ | ସହଦେବ ପ୍ରଧାନ ପି-ହାଡି ପ୍ରଧାନ ଜା-କୁହୁମ ବା-ଘୋଟାଗୁଡା |
| ୧୧୪/୧୪୮ | ରୟତି | ୧୬୨ | ୧.୦୨୦ | ୦.୦୦୦ | ଧାନ-୧ | ସିମାଚଳ ମଲିକ, ପି-ନିଳାମ୍ବର ମଲିକ |
| ୧୧୪/୩୬ | ରୟତି | ୧୬୨/୪୫୯ | ୧.୦୦୦ | ୦.୦୦୦ | ଧାନ-୧ | ଗୋବିନ୍ଦ ପ୍ରଧାନ, ପି- ଚନ୍ଦ୍ର ପ୍ରଧାନ ନରସିଂହ ପ୍ରଧାନ କ୍ଷେତ୍ର ପ୍ରଧାନ ପି-ଗୋବିନ୍ଦ ପ୍ରଧାନ ଜା-କୁହୁମ ବା-ବାର୍ଲାହାଣ୍ଡି ଫାମ୍ପୁଣି |
| ୫୮/କ | ରୟତି | ୧୬୯ | ୦.୧୫୦ | ୦.୦୦୦ | ଧାନ-୧ | ନାରାଣ ବେହେରା, ପି-କେଶବ ବେହେରା |
| ୧୧୪/୫୬ | ରୟତି | ୧୬୯/୪୬୨ | ୧.୨୦୦ | ୦.୦୦୦ | ଧାନ-୧ | ବୃନ୍ଦାବନ ପ୍ରଧାନ ପି-ଡମ୍ବରୁ ପ୍ରଧାନ ଜା-କୁହୁମ୍ ବା-ଫାମ୍ପୁଣି |
| ୪୮ | ରୟତି | ୧୬୬ | ୦.୫୨୦ | ୦.୦୦୦ | ଧାନ-୧ | |
| | | ମୋଟ | | ୦.୦୦୦ | | |

OIPR-24001/24057/3/26-27/0007

TAHASILDAR JEYPORE CUM SPL LAO JEYPORE
MALKANGIRI NEW BG RAIL LINK PROJECT

## ୨ ନିଖୋଜ ନାବାଳିକା ଉଦ୍ଧାର

ଓଡ଼ଗାଁ,୭।୭(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଆଦର୍ଶ ଥାନା ଅଞ୍ଚଳରୁ ବିଭିନ୍ନ ସମୟରେ ନିଖୋଜ ହୋଇଥିବା ଦୁଇଜଣ ନାବାଳିକାଙ୍କୁ ଓଡ଼ଗାଁ ପୁଲିସ ସଫଳତାର ସହ ଉଦ୍ଧାର କରିଛି। ଆଇନଗତ ଓ ଆବଶ୍ୟକୀୟ ପ୍ରକ୍ରିୟା ସମ୍ପନ୍ନ କରିବା ପରେ ଉଭୟଙ୍କୁ ସେମାନଙ୍କ ପରିବାର ସଦସ୍ୟଙ୍କ ନିକଟରେ ହସ୍ତାନ୍ତର କରାଯାଇଛି। ସାମ୍ପ୍ରତିକ ସମୟରେ ସାମାଜିକ ପରିବର୍ତ୍ତନ, ସୋସିଆଲ ମିଡିଆର ପ୍ରଭାବ ଓ ଅପରିପକ୍ୱ ବୟସର ଆବେଗ ପ୍ରବଣ ମାନସିକତା କାରଣରୁ ଅନେକ ନାବାଳକ ଓ ନାବାଳିକା ଭୁଲ୍ ନିଷ୍ପତ୍ତି ନେଇ ଘର ଛାଡ଼ି ଯାଉଥିବା ଘଟଣା ବଢ଼ିଚାଲିଛି।

## ବୃଦ୍ଧ ବୃଦ୍ଧାଙ୍କୁ ମୃତ ଦର୍ଶାଇ ଭତ୍ତା କାଟିଦେଲେ



ଭାପୁର,୭।୭(ସମିସ): ସମାଜରେ ଏପରି ଅନେକ ବୃଦ୍ଧ ବୃଦ୍ଧା ଅଛନ୍ତି ଯେଉଁମାନଙ୍କର ବଞ୍ଚିବା ପାଇଁ ସରକାରୀ ଭତ୍ତା ହିଁ ମୁଖ୍ୟ ଆଧାର ରହି ଆସିଛି। ମାତ୍ର ବେଳେବେଳେ କିଛି ପଞ୍ଚାୟତ ସ୍ତରୀୟ କର୍ମଚାରୀଙ୍କ ଖାମଖିଆଲ କାର୍ଯ୍ୟ ଯୋଗୁଁ ଅନେକ ବୃଦ୍ଧ ବୃଦ୍ଧା ଭୋକ ଉପାସରେ ରହୁଥିବା ଦେଖିବାକୁ ମିଳୁଛି। ଏପରିକି ଏହି ପରି କିଛି କର୍ମଚାରୀ ବଞ୍ଚି ଥିବା ବ୍ୟକ୍ତିଙ୍କୁ ମୃତ ଦର୍ଶାଇ ବୃଦ୍ଧବୃଦ୍ଧାଙ୍କ ବଞ୍ଚିବା ରାହା ବନ୍ଦ କରିଦେଇଥିବା ଅଭିଯୋଗ ହୋଇଛି। ଏପରି କିଛି ସଂଗୀନ ଅଭିଯୋଗ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରୁ ଆସିଛି। ବ୍ଲକର ବାଇଗୁଣିଆ ପଞ୍ଚାୟତ ବାଇଗୁଣିଆ ଗ୍ରାମ ନୂଆପାଟଣା ସାହିର ଗଦାଧର ବେହେରା(୭୦) ଦୀର୍ଘ ତିନି ଚାରି ବର୍ଷ ହେଲା ବାର୍ଦ୍ଧକ୍ୟ ଭତ୍ତା ପାଉଛନ୍ତି। ମାତ୍ର, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ତାଙ୍କୁ ମୃତ ଦର୍ଶାଇ ଥିବାରୁ ଦୁଇ ମାସ ହେଲା ବ୍ଲକ ପ୍ରଶାସନ ତାଙ୍କୁ ଭତ୍ତା ପ୍ରଦାନ କରୁନାହାନ୍ତି। ଏ ନେଇ ସେ ବ୍ଲକ ଦ୍ୱାରସ୍ଥ ହୋଇଛନ୍ତି ଓ ଦୁଇ ଦିନ ଭିତରେ ଭତ୍ତା ନମିଳିଲେ ସେ ଜିଲ୍ଲାପାଳଙ୍କୁ ଫେରାଦ ହେବେ ବୋଲି କହିଛନ୍ତି। ସେହିପରି ସେହି ପଞ୍ଚାୟତ ବଗେରଗାଁ ଗ୍ରାମର ମହିଳା ତୋଫେଇ ପ୍ରଧାନଙ୍କୁ ମଧ୍ୟ ମୃତ ଦର୍ଶାଇ ଭତ୍ତା ବନ୍ଦ କରି ଦିଆଯାଇଛି।

● ମହାନଦୀରେ ପ୍ରଥମ ବନ୍ୟାଜଳ

## ୱାଲିପୁରଠାରେ ଧୋଇନେଲା ଆପ୍ରୋଚ ରାସ୍ତା

ଗଣିଆ,୭।୭(ସମିସ): ଲଘୁଚାପ ଜନିତ ବର୍ଷା ଯୋଗୁଁ ରାଜ୍ୟର ବିଭିନ୍ନ ନଦୀରେ ବନ୍ୟାଜଳ ପ୍ରବାହିତ ହେଉଛି। ବିଶେଷକରି ମହାନଦୀରେ ଚଳିତବର୍ଷର ପ୍ରଥମ ବନ୍ୟାଜଳ ପ୍ରବେଶ



କରିଛି। ଦୁଇ ଦିନ ତଳେ ଯେଉଁ ମହାନଦୀ ବାଲୁକାମୟ ଥିଲା ମଙ୍ଗଳବାର ସେହି ମହାନଦୀରେ ଜଳ ଭର୍ତ୍ତି ହୋଇଯାଇଛି। ଗଣିଆ ବ୍ଲକ ବେଲପଡାପାଟଣା ପଞ୍ଚାୟତର ୱାଲିପୁରଠାରେ ଥିବା ଛେଳିଆ ନାଳର ଆପ୍ରୋଚ ରାସ୍ତା ମହାନଦୀ ଜଳରେ ସଂପୂର୍ଣ୍ଣ ଧୋଇ ନେଇଛି। ଛେଳିଆ ନାଳ ଉପରେ ଏକ ବ୍ରିଜ ନିର୍ମାଣ କରାଯାଉଥିବାରୁ ତାହାର ପାର୍ଶ୍ୱରେ ଯାତାୟତ ପାଇଁ ଏକ ଆପ୍ରୋଚ ରାସ୍ତା ନିର୍ମାଣ କରାଯାଇଥିଲା। କିନ୍ତୁ ବନ୍ୟା ଜଳ ଯୋଗୁଁ ଆପ୍ରୋଚ ରାସ୍ତା ଜଳାର୍ଣ୍ଣବ ହୋଇଥିବା ବେଳେ ରାଉତପଡାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। ରାଉତପଡା ଲୋକେ ଦଶିପୁର ଦେଇ ପ୍ରାୟ ୫ କିଲୋମିଟରରୁ ଅଧିକ ବୁଲିକରି ଯାତାୟତ କରୁଛନ୍ତି। ଏଣେ ଛେଳିଆ ନାଳରେ ପାଣି ପଶିବା ହେତୁ ନୂତନ ବ୍ରିଜ ନିର୍ମାଣ କାର୍ଯ୍ୟ ଅଧାରୁ ବନ୍ଦ ରହିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଓ୍ୱାଲିପୁର ଠାରୁ ମାଳତିପୁଟ ଭାୟା ରାଉତପଡା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଏହି ରାସ୍ତା ମଝିରେ ପଡୁଛି ଛେଳିଆ ନାଳ। ଠିକାଦାର ବର୍ଷାକୁ ଦୃଷ୍ଟିରେ ରଖି ଆଗ ବ୍ରିଜ ନିର୍ମାଣ କରୁଥିବା ବେଳେ ନାଳରେ ବନ୍ୟାଜଳ ପ୍ରବାହିତ ହେବା ଯୋଗୁଁ ବ୍ରିଜ କାର୍ଯ୍ୟ ବନ୍ଦ ରହିଛି। ତେବେ ହୀରାକୁଦ ଡ୍ୟାମରୁ ଜଳ ନିଷ୍କାସନ ହେବାକୁ ଥିବାରୁ ଏଠାରେ ଜଳସ୍ତର ବଢିବ ଏଥିରେ ସନ୍ଦେହ ନାହିଁ। ମହାନଦୀରେ ବନ୍ୟା ଜଳ ପ୍ରବାହିତ ହେବା ଫଳରେ ନଦୀକୂଳିଆ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଥିବା ପ୍ରକାଶ କରିଛନ୍ତି।

ଡାଳିମ୍ବମଡ଼ା ଗାଁରେ ଯୁବକଙ୍କୁ ହତ୍ୟା ପରେ ନଦୀରେ ଫିଙ୍ଗିବା ଘଟଣା

# ୮ ଜଣଙ୍କୁ ଗିରଫ କଲା ପୁଲିସ

ନୟାଗଡ଼,୭।୭(ସମିସ)

ନୟାଗଡ଼ ସଦରଥାନା ଅନ୍ତର୍ଗତ ଡାଳିମ୍ବମଡ଼ା ଗାଁରେ ଜଣେ ଯୁବକଙ୍କୁ ବିଭତ୍ସ ଭାବେ ହତ୍ୟା ଓ ନଦୀରେ ଫିଙ୍ଗିବା ଘଟଣାକୁ ନେଇ ନୟାଗଡ଼ ପୁଲିସ ତତ୍ପର ହୋଇଯାଇଛି। ଡାଳିମ୍ବମଡ଼ା ଗାଁର ୮ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି। ଗିରଫ ଅଭିଯୁକ୍ତମାନେ ହେଲେ ଦେବରାଜ ମହାପାତ୍ର, ସୁବାଷ କୁମାର ସାହୁ, ରମେଶ କୁମାର ସାହୁ, ବିଶ୍ୱମୋହନ ଜେନା, ଗୋବର୍ଦ୍ଧନ ସାହୁ, ପ୍ରଶାନ୍ତ ନାୟକ, ବସନ୍ତ ସାହୁ, ରଙ୍କ ନାୟକ।

ସୂଚନାନୁସାରେ, ଡାଳିମ୍ବମଡ଼ା ଗାଁରେ ଦୀର୍ଘଦିନଧରିକଙ୍ଗାରୁକୋର୍ଟକରାଯାଉଥିଲା। ଉକ୍ତ ଗାଁର ମୁଷ୍ଟିମେୟ ଲୋକଙ୍କ ଦ୍ୱାରା ଏହା ପରିଚାଳିତ ହେଉଥିଲା। ଉକ୍ତ କଙ୍ଗାରୁକୋର୍ଟ ନିଷ୍ପତ୍ତି ଅନୁସାରେ, ଅଭିମନ୍ୟୁଙ୍କ ପରିବାରକୁ ଦୀର୍ଘଦିନ ଧରି ବାସନ୍ଦ କରି ରଖାଯାଇଥିଲା। ଯାହାକୁ ନେଇ ଅଭିମନ୍ୟୁ ନିଶା ସେବନ ସମୟରେ ଗାଁର ମୁଷ୍ଟିମେୟ ଲୋକଙ୍କୁ ଅଶାବ୍ୟ ଭାଷାରେ ଗାଳିମନ୍ଦ କରୁଥିଲେ। ଅଭିମନ୍ୟୁଙ୍କ ଏଭଳି ଆଚରଣକୁ ନେଇ ଗ୍ରାମର ଯୁବ ଗୋଷ୍ଠୀ ଉତକ୍ଷିପ୍ତ ଅବସ୍ଥାରେ

### ହତ୍ୟାରେ ସାମିଲ ଅନେକ ଏବେ ବି ଫେରାର

ରହିଥିଲେ। ତାଙ୍କୁ ପାନେ ଦେବା ପାଇଁ ଚିନ୍ତା କରିଥିଲେ। ରବିବାର ସନ୍ଧ୍ୟାରେ ଅଭିମନ୍ୟୁ ଗାଁ ଛକକୁ କିଛି ଔଷଧ କିଣିବାକୁ ଯାଇଥିବା ସମୟରେ କିଛି ଯୁବକ ତାଙ୍କ ହାତଗୋଡ଼ ବାନ୍ଧି ଜବରଦସ୍ତ ବାଇକରେ ଉଠାଇ ଆଣିଥିଲେ। ତାଙ୍କୁ ଡାଳିମ୍ବମଡ଼ା ଗାଁ ନୂଆସାହି ସାଂସ୍କୃତିକ ମଣ୍ଡପ ଘରକୁ ନେଇ ସେଠାରେ ଅମାନୁଷିକ ଭାବେ ମାଡ଼ ମରାଯାଇଥିଲା। ନଳକୂପ ଚାବିରେ ମାଡ଼ ମରାଯାଇ ରକ୍ତାକ୍ତ କରାଯାଇଥିଲା। ସାଂସ୍କୃତିକ ମଣ୍ଡପ ଘର ବିଭିନ୍ନ ସ୍ଥାନରେ ରକ୍ତ ଛିଟା ଲାଗିଥିବା ପୁଲିସ ଦେଖିବାକୁ ପାଇଛି। ଅଭିମନ୍ୟୁଙ୍କ ମୃତ୍ୟୁ ପରେ ନିକଟସ୍ଥ ଡାହୁକା ନଦୀକୁ ଫିଙ୍ଗି ଦିଆଯାଇଥିଲା। ଖବରପାଇ ଅଭିମନ୍ୟୁଙ୍କ ବାପା ନୟାଗଡ଼ ସଦରଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ରାତିସାରା ଖୋଜାଖୋଜି କରିଥିଲେ ମଧ୍ୟ ଅଭିଯୁକ୍ତ କିମ୍ବା ଅଭିମନ୍ୟୁଙ୍କ ସମ୍ପର୍କରେ କୌଣସି ସୂଚନା ପାଇନଥିଲା। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜ୍ୟୋତିରଞ୍ଜନ ସାମନ୍ତରାୟ, ଭାରପ୍ରାପ୍ତ ଏସ୍ଡିପିଓ ସୁଦୀପ୍ତ ସାହୁ, ସଦରଥାନା ପୁଲିସ ସାଇଣ୍ଟିଫିକ୍ ଟିମ୍ ଏବଂ ଡଗ ସ୍କ୍ୱାର୍ଡ଼ ଦ୍ୱାରା ଛାନଭିନ୍ ଆରମ୍ଭ କରିଥିଲେ। ହତ୍ୟା ନେଇ ସ୍ୱଷ୍ଟତା ମିଳିବା ପରେ ପୁଲିସ ନୂଆଗାଁ ଅଗ୍ନିଶମ ବିଭାଗର ସହାୟତା ନେଇଥିଲା।ଅଗ୍ନିଶମ କର୍ମଚାରୀମାନେ ଡାହୁକା ନଦୀରେ ଖୋଜାଖୋଜି କରିବା ପରେ ଘଟଣାସ୍ଥଳରୁ ୩ ଶହ ମିଟର ଦୂର ଏକ ବାଲି କୁଦରେ ଶବ ଲାଗିଥିବା ଦେଖାଯାଇଥିଲା। ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ଶବ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ଆଜି ସଦରଥାନା ପୁଲିସ ୮ ଜଣଙ୍କୁ ଗିରଫ କରିଥିବା ବେଳେ ପ୍ରତ୍ୟକ୍ଷ ଭାବେ ହତ୍ୟାକାଣ୍ଡରେ ସାମିଲ ଥିବା ୫ରୁ ଉର୍ଦ୍ଧ୍ୱ ଲୋକଙ୍କୁ ପୁଲିସ ଗିରଫ କରି ପାରିନଥିବା ତଥା ସେମାନେ ଫେରାର ଥିବା ମୃତ ଅଭିମନ୍ୟୁଙ୍କ ବଡ଼ ଭାଇ ବାନାମ୍ବର କହିଛନ୍ତି। ବାନାମ୍ବରଙ୍କ କହିବା ଅନୁସାରେ, ଉକ୍ତ ଗାଁର ମୁଖ୍ୟ ଆସାମୀମାନେ ଏବେ ବି ଫେରାର ରହିଛନ୍ତି। ସେମାନଙ୍କୁ ଗିରଫ କରାଯାଇ ଆମକୁ ନ୍ୟାୟ ପ୍ରଦାନ କରାଯାଉ ବୋଲି ସେ ଦାବି କରିଛନ୍ତି।

### ଗଠନ ହୋଇଛି ଦୁଇଟି ଟିମ୍ ; ଏସ୍ପି

ନୟାଗଡ଼,୭।୭(ସମିସ): ନୟାଗଡ଼ ସଦରଥାନା ଅନ୍ତର୍ଗତ ଡାଳିମ୍ବମଡ଼ା ହତ୍ୟାକାଣ୍ଡ ଘଟଣାରେ ଆହୁରି ଅନେକ ଅଭିଯୁକ୍ତ ରହିଛନ୍ତି। ସେମାନେ ସବୁ ଫେରାର ହୋଇଯାଇଛନ୍ତି। ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଦୁଇଟି ଟିମ୍ ଗଠନ ହୋଇଥିବା ନୟାଗଡ଼ ଏସ୍ପି ଶୁଭେନ୍ଦୁ କୁମାର ପାତ୍ର ଆଜି ବିଭିନ୍ନ ଗଣମାଧ୍ୟମକୁ କହିଛନ୍ତି। ନୟାଗଡ଼ ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କ ନେତୃତ୍ୱରେ ଘଟଣାର ତଦନ୍ତ ଚାଲିଥିବା ଏସ୍ପି ସୂଚନା ଦେଇଛନ୍ତି। ପୁଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନକୁ ତ୍ୱରାନ୍ୱିତ କରାଯିବା ସହ ଘଟଣାକୁ ଗୁରୁତର ସହ ନିଆଯାଇଥିବା ଏସ୍ପି ସୂଚନା ଦେଇଛନ୍ତି ।

## ଜିଲ୍ଲାସ୍ତରୀୟ ବନମହୋତ୍ସବ;୩ ଲକ୍ଷ ଚାରା ରୋପଣ ଲକ୍ଷ

ଭାପୁର/ଖଣ୍ଡପଡ଼ା,୭।୭(ସମିସ): ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ମଙ୍ଗଳବାର ଦିନ ଭାପୁର ବ୍ଲକ ପଠାଣି ସାମନ୍ତ ମହାବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ୭୭ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏ ଉପଲକ୍ଷେ ମହାବିଦ୍ୟାଳୟ ପରିସରରେ ଶତାଧିକ ବୃକ୍ଷ ରୋପଣ କରାଯାଇଛି। ବୃକ୍ଷ ରୋପଣ ପରେ ମହାବିଦ୍ୟାଳୟ ସଭାଗୃହରେ ଛାତ୍ରଛାତ୍ରୀ ଙ୍କୁ ନେଇ ବୃକ୍ଷରୋପଣ ଉପକାରୀତା ଓ ପରିବେଶ ସୁରକ୍ଷା ନେଇ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା। ଅଧ୍ୟାପକ ଭାଗୀରଥି ମହାରଣାଙ୍କ ସଂଯୋଜନାରେରେ ଆୟୋଜିତ ସଭାରେ ସଭାପତିତ୍ୱ କରିଥିଲେ ଜିଲ୍ଲାପାଳ ମଧୁମିତା ରଥ। ଏହି ସଭାରେ ମୁଖ୍ୟଅତିଥି ଭାବେ ନୟାଗଡ଼ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଖଣ୍ଡପଡ଼ା ବିଧାୟକ ଙ୍କ ଦୁଷ୍ମନ୍ତ କୁମାର ସ୍ୱାଇଁ , ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ବନଖଣ୍ଡ ଅଧିକାରୀ ଦେବାର୍ଚ୍ଚନ ବେହେରା, ତିନି ଜଣ ସହକାରୀ ବନ ସଂରକ୍ଷକ, ଖଣ୍ଡପଡ଼ା ରେଞ୍ଜର ଦିଲ୍ଲୀପ କୁମାର ପଟ୍ଟନାୟକ, ଦଶପଲ୍ଲା ରେଞ୍ଜର ଶ୍ରୀନିବାସ ଦାସ, ନୟାଗଡ଼ ରେଞ୍ଜର ଅଶୋକ କୁମାର ବିଶ୍ୱାଳଙ୍କୁ ମିଶାଇ ୭ ଜଣ ରେଞ୍ଜର, ୧୦ ଜଣରୁ ଅଧିକ ଫରେଷ୍ଟର, ଦୁଇ ଜିଲ୍ଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ ଓ ବିଜୟ କୁମାର ସାମନ୍ତରାୟ, ସାଂସଦଙ୍କ ଭାପୁର ବ୍ଲକ ପ୍ରତିନିଧି ତୋଫାନ ପ୍ରଧାନ, ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼. ସ୍ୱଚ୍ଛ ସଲୀଳା ମହାପାତ୍ର, ଫତେଗଡ ଥାନା ଅଧିକାରୀ ଅଜୟ କୁମାର ନାୟକ, ଅବସରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଶ୍ରୀଧର କୁମାର ପଣ୍ଡା ଯୋଗ ଦେଇଥିଲେ। ମହାବିଦ୍ୟାଳୟର +୩ ଛାତ୍ରୀ ଅଭିଲିପସା ଦାଶଙ୍କ ପରିବେଶ ସୁରକ୍ଷା ନେଇ ଦେଇଥିବା ଉଜସ୍ୱନୀ ଭାଷଣ ସମସ୍ତଙ୍କୁ ଚମତକୃତ କରିଥିଲା। ବନଖଣ୍ଡ ଅଧିକାରୀ କହିଥିଲେ ଏ ବର୍ଷ ଜିଲ୍ଲାରେ ୩ ଲକ୍ଷ ଚାରା ରୋପଣ କରାଯିବ। ଆଜି ମହାବିଦ୍ୟାଳୟ ପରିସରରେ ୧୨୦ ଟି ଅଁଳା, ବାହାଡା, ନିମ, ପିଜୁଳି, ବଉଳ, ଜାମୁ ଓ ପେସ୍ତାବାଦାମ ବୃକ୍ଷ ରୋପଣ କରାଯାଇଥିଲା।

## ସର୍ବସାଧାରଣଙ୍କ ପାଇଁ ବନ୍ଦ ହେଲା ପୂର୍ତ୍ତ ଡାକବଙ୍ଗଳା

ନୟାଗଡ଼,୭।୭(ସମିସ): ନୟାଗଡ଼ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ମଦ ଆସର ଜମିବା ଘଟଣା ସାମ୍ନାକୁ ଆସିବା ପରେ ଜିଲ୍ଲା ପ୍ରଶାସନ ତତ୍ପରତା ପ୍ରକାଶ ପାଇଛି। ଆଜିଠାରୁ ପୂର୍ତ୍ତ ଡାକବଙ୍ଗଳା ସର୍ବସାଧାରଣଙ୍କ ପାଇଁ ବନ୍ଦ ହୋଇଛି। କୌଣସି ପରିସ୍ଥିତିରେ ପୂର୍ତ୍ତ ବିଭାଗ ତଳିଆ କର୍ମଚାରୀ, ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ କାହାରିକୁ ରୁମ ପ୍ରଦାନ କରି ପାରିବେ ନାହିଁ। ଏଥିପାଇଁ ଅଧିକ୍ଷଣ ଯନ୍ତ୍ରୀଙ୍କଠାରୁ ଲିଖିତ ଅନୁମତି ସହ ଆବଶ୍ୟକ ଅର୍ଥ ଡିପୋଜିଟ୍ କରିବାକୁ ପଡ଼ିବ ବୋଲି ସୂଚନା ମିଳିଛି। ସରକାରୀ କାର୍ଯ୍ୟ ବ୍ୟତିତ ଅନ୍ୟ କୌଣସି ବେସରକାରୀ କାର୍ଯ୍ୟରେ ବ୍ୟବହାର ପାଇଁ ଏହାକୁ ଅଗ୍ରୀମ ବୁକିଂ ତଥା ଅଧୀକ୍ଷଣ ଯନ୍ତ୍ରୀଙ୍କ ଅନୁମତି କରିବା ପଡ଼ିବ। ପୂର୍ବରୁ ସହରବାସୀ, ଗଣମାଧ୍ୟମ ପ୍ରତିନିଧି, ରାଜନେତାମାନେ ମନଇଚ୍ଛା ତଥା ତଳିଆ କର୍ମଚାରୀଙ୍କୁ କହି ରୁମ ବ୍ୟବହାର କରି ଆସୁଥିଲେ। ଅନେକ ସେଠାରେ ବସି ନିୟମିତ ମଦ୍ୟପାନ କରୁଥିଲେ। ରବିବାର ରାତିରେ ଘଟିଥିବା ଘଟଣା ସାମ୍ନାକୁ ଆସିବା ପରେ ଜିଲ୍ଲା ପ୍ରଶାସନ କଠୋର ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ଶାସକ ଦଳର ଜୈନିକ ନେତା ରବିବାର ମଦ୍ୟପାନ କରିବାକୁ ରୁମ ମାଗିଥିଲେ। ଏହାକୁ ଚୌକିଦାର ବାରଣ କରିବାରୁ ତାଙ୍କୁ ମାଡ଼ ମରାଯାଇଥିଲା।

● ଚକ୍ଷୁଦାନ କଲେ ଅଙ୍ଗନବାଡ଼ି ଜିଲ୍ଲା ସଭାନେତ୍ରୀ ଜ୍ୟୋତ୍ସ୍ନାମୟୀ

## ହଜାର ହଜାର ଲୋକଙ୍କ ଉପସ୍ଥିତିରେ ଶେଷକୃତ୍ୟ

ନୟାଗଡ଼,୭।୭(ସମିସ): ନୟାଗଡ଼ ଜିଲ୍ଲା ଅଙ୍ଗନବାଡ଼ି ସଂଘ ସଭାନେତ୍ରୀ ଜ୍ୟୋତ୍ସ୍ନାମୟୀ ପଣ୍ଡାଙ୍କ ଗତକାଲି ସନ୍ଧ୍ୟାରେ ପରଲୋକ ଘଟିଥିଲା। ଜ୍ୟୋତ୍ସ୍ନାମୟୀଙ୍କ ମୃତ୍ୟୁ ପରେ ପରିବାର ସମ୍ମତିକ୍ରମେ ତାଙ୍କ ଚକ୍ଷୁଦାନ କରାଯାଇଛି। ଆଜି ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଶବ ବ୍ୟବଚ୍ଛେଦ କରାଯିବା ପରେ ନୟାଗଡ଼ ବ୍ଲକ ପରିସରକୁ ଅଣାଯାଇଥିଲା। ସିଡିପିଓ କାର୍ଯ୍ୟାଳୟଠାରେ ବହୁ ଅଙ୍ଗନବାଡ଼ି କର୍ମୀ ଶେଷ ଦର୍ଶନ କରିଥିଲେ। ଏହା ପରେ ତାଙ୍କ କ୍ରିଦାଶପୁର

### ଝିଅ ଅଳକା ଦେଲା ମୁଖାଗ୍ନି

ସ୍ଥିତ ବାସଭବନକୁ ଅଣାଯାଇଥିଲା। ସେଠାରେ ବିଧି ଅନୁସାରେ ସମସ୍ତ କାର୍ଯ୍ୟ କରାଯିବା ସହ ହଜାର ହଜାର ଲୋକ ଶେଷ ଦର୍ଶନ କରିଥିଲେ। ବହୁ ଲୋକଙ୍କ ସହ ଶବ ଶୋଭାଯାତ୍ରା କରାଯାଇ ଗାଁ ସ୍ମଶାନରେ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଛି। ତାଙ୍କର ଏକ ମାତ୍ର ଝିଅ ଅଳକା ପଣ୍ଡା ମୁଖାଗ୍ନି ଦେଇଥିଲେ। ସେ ନୟାଗଡ଼ ସଦରବ୍ଲକ କ୍ରିଦାଶପୁର ଗ୍ରାମର ଅଙ୍ଗନୱାଡ଼ି କର୍ମୀ ଭାବେ କାର୍ଯ୍ୟ କରୁଥିଲେ। ଜ୍ୟୋତ୍ସ୍ନାମୟୀ ନୟାଗଡ଼ର ପ୍ରମୁଖ କୃଷକ ନେତା ସ୍ୱର୍ଗତ ଜଗନ୍ନାଥ ପଣ୍ଡାଙ୍କ କନ୍ୟା ତଥା ପୂର୍ବତନ ଛାତ୍ର ବିଜେଡି ସଭାପତି ନୀଳମାଧବ ପଣ୍ଡାଙ୍କ ଭଉଣୀ। ଏକ ରାଜନୈତିକ ପରିବାରରେ ଜନ୍ମ ଗ୍ରହଣ କରିଥିବା ଜ୍ୟୋତ୍ସ୍ନାମୟୀ ନୟାଗଡ଼ ଜିଲ୍ଲାର ଜଣେ ଜଣାଶୁଣା ବ୍ୟକ୍ତିତ୍ୱ ଥିଲେ। ସୋମବାର ସେ କ୍ରିଦାଶପୁର ସ୍ଥିତି ବାସଭବନରୁ ତାଙ୍କ ସ୍ୱାମୀ ମାନସ କୁମାର ପଣ୍ଡାଙ୍କ ବାଇକରେ ବସି ଏକ ସାମାଜିକ କାର୍ଯ୍ୟରେ ଯୋଗ ଦେବାକୁ ଯାଉଥିଲେ। ଗାଁ ନିକଟରେ ଅସାବଧନତା କାରଣରୁ ବାଇକରୁ ଖସି ପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱର ଏମ୍ସ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଥିଲା। ଜିଲ୍ଲା ପରିଷଦ ସଦସ୍ୟ କ୍ଷୀରୋଦ ମହାପାତ୍ର, ସୁବାସ ଚନ୍ଦ୍ର କହଁର, କ୍ରିଦାଶପୁର ସରପଞ୍ଚ ସଞ୍ଜୁବାଳା ବିଶ୍ୱାଳଙ୍କ ସମେତ ବହୁ ରାଜନୈତିକ ବ୍ୟକ୍ତି ତାଙ୍କୁ ଶେଷ ଦର୍ଶନ କରିଥିଲେ।

## ଶ୍ରୀ ନୀଳମାଧବ ଜୀଉଙ୍କୁ ଦର୍ଶନ କଲେ ମନ୍ତ୍ରୀ

କଣ୍ଟିଲୋ,୭।୭(ସମିସ): କେନ୍ଦ୍ରରାଷ୍ଟ୍ର ମନ୍ତ୍ରୀ ଦୁର୍ଗା ଦାସ ନୟାଗଡ଼ ଜିଲ୍ଲା ଖଣ୍ଡପଡା ବ୍ଲକ କଣ୍ଟିଲୋ ନୀଳମାଧବ ପୀଠରେ ଆଜି ଶ୍ରୀଜିଉଙ୍କୁ ଦର୍ଶନ କରିଥିଲେ। ପୂଜକ ସମାଜ ସଭାପତି ନିହାର ରଞ୍ଜନ ମିଶ୍ର ଓ ଅନ୍ୟ ସେବାୟତମାନଙ୍କ ସହିତ ମନ୍ଦିର ପରିକ୍ରମା କରି ମହାବୀର ହନୁମାନଙ୍କ ମନ୍ଦିର ଉପରୁ ମହାନଦୀର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଲବ୍ଧି କରିଥିଲେ। ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ଅନୁରୋଧ କ୍ରମେ ମନ୍ତ୍ରୀ ଖଣ୍ଡପଡା ଅଂଚଳକୁ ଆସି ଆଦିବାସୀ ସମ୍ପ୍ରଦାୟର ବିକାଶ ଦିଗରେ କି କି ପଦକ୍ଷେପ ନିଆଯାଇ ପାରିବ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳକ୍ଷରେ ଆଲୋଚନା କରିଥିଲେ। ଆଲୋଚନା ସମୟରେ କେନ୍ଦ୍ର ଆଦିବାସୀ ବ୍ୟାପାର ଅତିରିକ୍ତ ଶାସନ ସଚିବ ଦେବାନନ୍ଦ ଓ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସହାୟକ ସାଗର ଶେଷକର, ଖଣ୍ଡପଡା ତହସିଲ ଦାର ବିଶ୍ୱ ବିସ୍ତୃତ ତ୍ରିପାଠୀ, ବିଡ଼ିଓ ଅଙ୍କୁର ଅଭିଳାଷ, ବିଶିଷ୍ଟ ସମାଜସେବୀ ଅଖିଳ କୁମାର ମହାରଣା ଓ କେତେକ ପ୍ରମୁଖ ବ୍ୟକ୍ତି ଉପସ୍ଥିତ ଥିଲେ।

● କଳାଯାଦୁ ପ୍ରଭାବ ସହି ପାରିଲାନି ନାବାଳିକା

## ଗାଧୁଆ ଘରେ ଝୁଲି ଆତ୍ମହତ୍ୟା

ନୟାଗଡ଼,୭।୭(ସମିସ): ନୟାଗଡ଼ ସଦରଥାନା ଅଞ୍ଚଳରେ ଆଜି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଣେ ନାବାଳିକା କଳାଯାଦୁ ତଥା ତନ୍ତ୍ରପାଠର ଅସହ୍ୟ ନିର୍ଯ୍ୟାତନା ସହି ନପାରି ଆତ୍ମହତ୍ୟା କରି ଦେଇଛି। ଗାଧୁଆ ଘରୁ ତା ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ନାବାଳିକାଙ୍କ ବଡ଼ମାଆ ଏହି ଘଟଣାର ମୁଖ୍ୟ ବୋଲି ନିଜେ ନାବାଳିକା ଏକ ସୁଇସାଇଡ୍ ନୋଟ୍ ମଧ୍ୟ ଲେଖିଛି। ଯାହାକୁ ପୁଲିସ ଜବତ କରିଥିଲେ ମଧ୍ୟ ଘଟଣାକୁ ଅତି ହାଲୁକା ଭାବେ ନେଇଛି। ସୂଚନାନୁସାରେ, ନାବାଳିକାଙ୍କ ବଡ଼ମାଆ ତାଙ୍କୁ ଗୁଣି କରି ଅନେକ କଷ୍ଟ ଦେଉଥିଲେ। ନାବାଳିକାଙ୍କ ଗୋଡ଼, ହାତରୁ ମନଇଚ୍ଛା ରକ୍ତ ଝରିବା, ତାଙ୍କ ହାତ ଗୋଡ଼ କାଟି ହୋଇଯିବା ସହ ଅନେକ ଘଟଣା ଘଟୁଥିଲା। ଯାହାକୁ ଦେଖି ପରିବାର ଦୀର୍ଘଦିନ ଧରି ଚାପଗ୍ରସ୍ତ ଅବସ୍ଥାରେ ରହିଥିଲେ। ନାବାଳିକାଙ୍କ ପ୍ରତି ଘଟିଥିବା ପ୍ରତ୍ୟେକ ଘଟଣାର ଫଟୋ ଓ ଭିଡିଓ ମଧ୍ୟ ବାପାମାଆଙ୍କ ପାଖରେ ରହିଛି। ବାରମ୍ବାର ଏଭଳି ଘଟଣାକୁ ସହି ନପାରି ନାବାଳିକା ଜଣଙ୍କ ଆଜି ଗାଧୁଆ ଘରେ ଝୁଲି ପଡ଼ିଥିଲେ। ତାଙ୍କୁ ପରିବାର ଲୋକେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଖବରପାଇ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପରିବାର ପକ୍ଷରୁ ସଦରଥାନାରେ ଏତଲା ଦିଆଯିବା ସହ ସମସ୍ତ ପ୍ରମାଣ ମଧ୍ୟ ପୁଲିସକୁ ପ୍ରଦାନ କରାଯାଇଥିବା ସୂଚନା ମିଳିଛି।

## ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ

ଓଡ଼ଗାଁ,୭।୭(ସମିସ): ନୟାଗଡ଼ ଜିଲ୍ଲାର ଓଡ଼ଗାଁ ବ୍ଲକସ୍ଥିତ ରଘୁନାଥ ମନ୍ଦିର ପରିସରରେ ଥିବା ସରକାରୀ ସୁବିଧା କେନ୍ଦ୍ରରେ ସୋମବାର ସନ୍ଧ୍ୟାରେ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ଜୁନ୍ ୨୩ରୁ ଜୁଲାଇ ୬ ପର୍ଯ୍ୟନ୍ତ ପାଳିତ ହୋଇଥିବା ପାଳନ ପକ୍ଷର ଅନ୍ତିମ ସନ୍ଧ୍ୟାରେ ସୁଶାନ୍ତ କୁମାର ସାହୁ ଓ ଅଚ୍ୟୁତ ପଣ୍ଡାଙ୍କ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡ. ମୁଖାର୍ଜୀଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଲୋକପାତ କରାଯାଇଥିଲା। ଏଥିସହ ଭାରତୀୟ ଜନସଂଘର ପ୍ରତିଷ୍ଠା, ପରବର୍ତ୍ତୀ ସମୟରେ ଜନତା ଦଳ ଏବଂ ଭାରତୀୟ ଜନତା ପାର୍ଟିର ଗଠନ ଇତିହାସ ସମ୍ପର୍କରେ ମଧ୍ୟ ବିସ୍ତୃତ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଜଗନ୍ନାଥ ପାଣିଗ୍ରାହୀ, ରାଜେଶ ସେଠୀ, ହିମାଦ୍ରୀ ମହାରଣା, ସୁଶିଲ ସେନାପତି, କବିରାଜ ପଣ୍ଡା, ସୀମାଞ୍ଚଳ ଆଚାରୀ, ପଞ୍ଚାନନ ବୈଠାରୁ, କାର୍ତ୍ତିକ ପଣ୍ଡା, ସତ୍ୟନାରାୟଣ ପାତ୍ର, ସାମି ସାହୁ ଏବଂ କୃଷ୍ଣଚନ୍ଦ୍ର ବରାଡ ପ୍ରମୁଖ ଉପସ୍ଥିତ ରହି ନିଜ ମତାମତ ରଖିଥିଲେ। ଶେଷରେ କାର୍ତ୍ତିକ ପଣ୍ଡା ଉପସ୍ଥିତ ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ।

GOVERNMENT OF ODISHA
PANCHAYAT SAMITI: NARAYANPATNA
PR & DW DEPARTMENT, ODISHA
E-Mail ID: ori-narayanpatna@nic.in
Letter No.: 1889 /2026/TCN.02/2026-27, Date: 06.07.2026

NOTICE INVITING TENDER

Bid Identification No. 02 of 2026-27 of B.D.O. Narayanpatna

1. Bid documents consisting of specification, the Bill of Quantity and the Tender Call Notice can be seen in the Government website: http://tendersodisha.gov.in/nicgep/app

| Sl. No. | Name of Work | Estimated Cost (Rs.) | Class of Contractor | Cost of Tender Paper (Rs.) | EMD (Rs.) | Time of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Drinking Water and Additional Classroom at Narayanpatna Govt. Girls Higher Secondary | 10,89,277/- | "C" & "D" | 6,000/- | 10,900/- | 6 Months |
| 2 | Construction of Additional Classroom at RK Higher Secondary School at Narayanpatna | 15,23,399/- | "C" & "D" | 6,000/- | 15,300/- | 6 Months |
| 3 | Construction of Drinking Water and Additional Classroom at Bala UGAS | 11,04,753/- | "C" & "D" | 6,000/- | 11,100/- | 6 Months |
| 4 | Construction of Boundary Wall, Drinking Water and Additional Classroom at Kelubadi Primary School | 11,06,336/- | "C" & "D" | 6,000/- | 11,100/- | 6 Months |
| 5 | Construction of Boundary Wall, Drinking Water and Additional Classroom at Laumalo Govt. Primary School | 11,00,049/- | "C" & "D" | 6,000/- | 11,000/- | 6 Months |
| 6 | Construction of Drinking Water and Additional Classroom at Naktipadar Upper Primary School | 11,00,049/- | "C" & "D" | 6,000/- | 11,000/- | 6 Months |
| 7 | Construction of Boundary Wall, Drinking Water and Additional Classroom at Palaput Secondary School | 10,89,277/- | "C" & "D" | 6,000/- | 10,900/- | 6 Months |
| 8 | Construction of Boundary Wall, Drinking Water and Additional Classroom at Sekhram Primary School | 11,14,826/- | "C" & "D" | 6,000/- | 11,200/- | 6 Months |
| 9 | Construction of Boundary Wall, Drinking Water and Additional Classroom at Upperlocha Primary School | 11,14,826/- | "C" & "D" | 6,000/- | 11,200/- | 6 Months |
| 10 | Construction of Boundary Wall, Drinking Water and Additional Classroom at Amblimbaguda Primary School | 15,71,922/- | "C" & "D" | 6,000/- | 15,800/- | 6 Months |
| 11 | Construction of Playground and Additional Classroom at Borigi Secondary School | 13,44,972/- | "C" & "D" | 6,000/- | 13,500/- | 6 Months |
| 12 | Construction of Boundary Wall, Playground and Additional Classroom at Balipeta Secondary School | 15,73,181/- | "C" & "D" | 6,000/- | 15,800/- | 6 Months |
| 13 | Construction of BT Road from Pindamal to Pipalguda | 16,80,690/- | "C" & "D" | 6,000/- | 17,000/- | 6 Months |
| 14 | Construction of Boundary Wall, Drinking Water and Additional Classroom at Chintaguda K Primary School | 14,87,693/- | "C" & "D" | 6,000/- | 14,900/- | 6 Months |
| 15 | Construction of Boundary Wall, Drinking Water and Additional Classroom at JELC Primary School, Gotiguda | 15,73,181/- | "C" & "D" | 6,000/- | 15,800/- | 6 Months |
| 16 | Construction of Boundary Wall, Drinking Water and Additional Classroom at Pindamali Primary School | 14,87,113/- | "C" & "D" | 6,000/- | 14,900/- | 6 Months |
| 17 | Construction of Boundary Wall, Toilet, Playground, Drinking Water and Additional Classroom at Rangapuri Primary School | 14,83,657/- | "C" & "D" | 6,000/- | 14,900/- | 6 Months |
| 18 | Providing facilities like digging of tube well, CWSN Toilet, Kitchen Shed and Electricity Connection to Tala Ullubadi PS | 11,88,208/- | "C" & "D" | 6,000/- | 11,900/- | 6 Months |
| 19 | Construction of Boundary Wall, Drinking Water and Additional Classroom at Pachingi Primary School | 14,87,693/- | "C" & "D" | 6,000/- | 14,900/- | 6 Months |
| 20 | Construction of Additional Classroom at Naktipadar PS | 14,45,788/- | "C" & "D" | 6,000/- | 14,500/- | 6 Months |

20 (Twenty) Nos. of work only

| | |
|---|---|
| Tender documents available on website | Can be downloaded from http://www.tendersodisha.gov.in |
| Bid documents available date and time | **From 10.07.2026 at 11.00 Hours to 31.07.2026 up to 17.30 Hours** |
| Bid clarification start date & closing date | **10.07.2026 to 31.07.2026 during office hours** |
| Offline documents received through Speed Post/Registered Post | **From 10.07.2026 at 17.30 Hours to 04.08.2026 at 11.00 Hours** |
| Date, time and venue of opening of bid online | **05.08.2026 at 11.00 Hours**, Office of the Block Development Officer, Panchayat Samiti, Narayanpatna |
| Offline documents shall be opened in presence of participating bidders | **05.08.2026 at 11.00 Hours onwards**, Chamber of BDO, Narayanpatna |
| If stipulation arises, the tender will be decided through Lottery System | **05.08.2026 at 15.30 Hours**, Office of the Block Development Officer, Panchayat Samiti, Narayanpatna |


**Block Development Officer**
**Narayanpatna**

ଡାଳିମ୍ବମଡ଼ା ନଦୀବନ୍ଧ କାର୍ଯ୍ୟରେ ଅନିୟମିତତା

# ପାଣିରେ ପଡ଼ିଲା ୨୩ ଲକ୍ଷ, ରାସ୍ତା ଫାଟି ଆଁ

ନୟାଗଡ଼,୭।୭(ସମିସ)





ନୟାଗଡ଼ ଜିଲ୍ଲା ସଦରଥାନା ଅନ୍ତର୍ଗତ ଡାଳିମ୍ବମଡ଼ାରେ ଘଟିଥିବା ଜଘନ୍ୟ ହତ୍ୟାକାଣ୍ଡ ଘଟଣା ସାମ୍ନାକୁ ଆସିଥିବା ବେଳେ ସାମ୍ନାକୁ ଆସିଛି ଜଳସମ୍ପଦ ବିଭାଗର ଏକ କେଳେଙ୍କାରୀ। ଯେନତେନ କାମ କରି ୨୩ ଲକ୍ଷ ଟଙ୍କାର ଅପବ୍ୟୟ ହୋଇଥିବା ଦେଖାଯାଇଛି। ଡାଳିମ୍ବମଡ଼ା ନୂଆସାହି ନଦୀବନ୍ଧ ରାସ୍ତା ନିର୍ମାଣରେ ଏଭଳି ଅନିୟମିତତା କରାଯାଇଛି ଯେ, ଦୁଇ ମାସ ମଧ୍ୟରେ ପିଚୁ ରାସ୍ତା ଫାଟି ଆଁ କରିଛି । ଗଣମାଧ୍ୟମ ପ୍ରତିନିଧି ଓ ପୁଲିସ ଅଧିକାରୀମାନେ ଏହି ରାସ୍ତା ଦେଖି ଜଳସମ୍ପଦ ବିଭାଗକୁ ନେଇ ଅଟହାସ୍ୟ କରିଛନ୍ତି। ନୟାଗଡ଼ ଜଳସମ୍ପଦ ବିଭାଗ ସେକ୍ସନ ୩ କନିଷ୍ଠ ଯନ୍ତ୍ରୀ ଧର୍ମେନ୍ଦ୍ର ସ୍ୱାଇଁଙ୍କ ଆଖିବୁଜା ନୀତି ପାଇଁ ଏଭଳି ହେରାଫେରି ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ସୂଚନାନୁସାରେ, ଡାଳିମ୍ବମଡ଼ା ନୂଆସାହିଠାରୁ ରାଇପୁରକୁ ସଂଯୋଗ କରୁଥିବା ଉକ୍ତ ୬ ଶହ ମିଟର ନଦୀ ବନ୍ଧ ରାସ୍ତା ନିର୍ମାଣ ପାଇଁ ୨୩ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିଲା। ଉକ୍ତ କାମ କରିବା ସମୟରେ ନୀତି ନିୟମକୁ ଜଳାଞ୍ଜଳି ଦିଆଯାଇଥିଲା। ଗାଁର ଯୁବକଙ୍କୁ ହାତ କରି ଏହି ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ରାସ୍ତାରେ କମ ପରିମାଣର ମେଟାଲ ଓ ପଥର ଗୁଣ୍ଡ ପକା ଯାଇଥିବା ବେଳେ ଅନେକ ସ୍ଥାନରେ ମାଟି ଉପରେ ପିଚୁ ପକା ଯାଇଛି। ରାସ୍ତା ଦୁଇ ମାସ ମଧ୍ୟରେ ଦବି ଯାଇ ଫାଟ ଆଁ କରିଛି। ଉକ୍ତ ରାସ୍ତା କଡ଼ରେ ରହିଥିବା ସାଂସ୍କୃତିକ ମଣ୍ଡପରେ ଘଟିଥିବା ଜଘନ୍ୟ ହତ୍ୟାକାଣ୍ଡ ଘଟଣାର ଖୋଳତାଡ଼ ସମୟରେ ପୁଲିସ ଓ ଗଣମାଧ୍ୟମ ନଜରକୁ ଏହା ଆସିଛି। ଜଳସମ୍ପଦ ବିଭାଗ ଯନ୍ତ୍ରୀଙ୍କ ସୂଚନାନୁସାରେ, ଉକ୍ତ କାମର କେବଳ ଫାଇନାଲ ବିଲ୍ ବାକି ରହିଛି। ୧୮ ଲକ୍ଷ ଟଙ୍କା ଠିକାଦାରଙ୍କୁ ପୈଠ କରାଯାଇଛି। କେଉଁ ଭଳି ଭାବେ ଏଭଳି ଦୁର୍ବଳ କାମକୁ ବିଲ୍ କରାଯାଇଛି ବୋଲି ପ୍ରଶ୍ନ

● ଦୁଇ ମାସ ଗଲାନି ପିଚୁ ରାସ୍ତା
● ୧୮ ଲକ୍ଷ ବିଲ୍ କରିଛନ୍ତି ଜେଇ

ଉଠିଛି। ଯନ୍ତ୍ରୀଙ୍କ ଉପସ୍ଥିତିରେ ରାସ୍ତା ନିର୍ମାଣ ହୋଇଥିଲା, ନାଁ ମୋଟା ଅଙ୍କର ପିସି ଖାଇ ଯନ୍ତ୍ରୀ ଧର୍ମେନ୍ଦ୍ର ସ୍ୱାଇଁ ଆଖିବୁଜି ଦେଇଥିଲେ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ରାସ୍ତାର ଅବସ୍ଥାକୁ ଲକ୍ଷ କଲେ ଏହା ଚଳିତ ବର୍ଷା ଋତୁରେ ଧୋଇ ଯିବା ନିଶ୍ଚିତ ବୋଲି ଜଣାପଡୁଛି। ନୟାଗଡ଼ ଜିଲ୍ଲାରେ ଏଭଳି ଅନିୟମିତତା ତଥା ନିମ୍ନମାନର କାର୍ଯ୍ୟ କେଉଁଠାରେ ହୋଇଥିବାର ନଜିର ନାହିଁ। ଏ ସମ୍ପର୍କରେ ଜଳସମ୍ପଦ ବିଭାଗ ଏସ୍ଡିଓ ଶିବ ଶଙ୍କର ବେହେରାଙ୍କ ପ୍ରତିକ୍ରିୟା ନେବାରେ, ଯାହା ସମସ୍ୟା ରହିଛି ବର୍ଷା ପରେ ତାକୁ ପୁଣି ଥରେ କରାଯିବ ବୋଲି କହିଛନ୍ତି ।

# ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର



ଟାଙ୍ଗୀ, ୭।୭ (ସମିସ): ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ଟାଙ୍ଗୀ ବ୍ଲକ ସୁନ୍ଦରପୁର ପଞ୍ଚାୟତର ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ଖୋର୍ଦ୍ଧା ଫରେଷ୍ଟ ଡିଭିଜନ ଅଫିସ ତରଫରୁ ଆୟୋଜିତ ୭୭ ତମ ବନ ମହୋତ୍ସବ ପାଳନ ଅବସରରେ ବୃକ୍ଷରୋପଣ ସହିତ ପ୍ରକୃତି ମିତ୍ର ପୁରସ୍କାର ସ୍ୱରୂପ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଲଳିତ ନାରାୟଣ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ବେଗୁନିଆ ବିଧାୟକ ପ୍ରଦୀପ ସାହୁ, ଡିଏଫଓ,ଏସିଏଫ,ରେଞ୍ଜ ଅଫିସରଙ୍କ ସମେତ ଜିଲ୍ଲାର ପ୍ରକୃତି ବନ୍ଧୁ ଏବଂ ପ୍ରକୃତି ମିତ୍ର ପାଇଥିବା ବ୍ୟକ୍ତିଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଶ୍ରୀ ମହାପାତ୍ର ପରିବେଶ ସୁରକ୍ଷା, ବୃକ୍ଷରୋପଣ, କବିତା ମାଧ୍ୟମରେ ସଚେତନତା ବାର୍ତ୍ତା, ପାନୀୟ ଜଳ ସେବା,ପକ୍ଷୀ ସୁରକ୍ଷା ଆଦି ବିଭିନ୍ନ ସମୟରେ ଭିନ୍ନ ଭିନ୍ନ କାମ କରିଥାନ୍ତି। ବିଦ୍ୟାଳୟରେ ମଧ୍ୟ ଦୁଇ ବର୍ଷ ଦାୟିତ୍ୱ ନେବା ପରେ ସମସ୍ତଙ୍କ ସହଯୋଗରେ ଟାଙ୍ଗରା ମାଟିରେ ୫୦ରୁ ଅଧିକ ଗଛ ବଞ୍ଚାଇବା, ଜୈବିକ ଖତ ବ୍ୟବହାର କରି ଫସଲ କରିବା ଇତ୍ୟାଦି କାର୍ଯ୍ୟ କରି ପ୍ରଶଂସିତ ହୋଇଛନ୍ତି।

# ୧୦୬ ବୋତଲ କଫସିରପ୍ ଜବତ, ୨ ଗିରଫ

ଖୋର୍ଦ୍ଧା, ୭।୭(ସମିସ):

ପୁଣି ଶିଳ୍ପାଞ୍ଚଳ ଥାନା ପୁଲିସକୁ ମିଳିଛି ବଡ ସଫଳତା। କଫ୍‌ସିରପ ମୁଖ୍ୟ ବେପାରୀ ସମେତ ୪ଜଣଙ୍କୁ ପୁଲିସ ଧରିବାରେ ସଫଳ ହୋଇଛି। ତନ୍ମଧ୍ୟରେ ଦୁଇଜଣ ୧୭ବର୍ଷର ନାବାଳକ ଥିବାବେଳେ ଅନ୍ୟ ଦୁଇଜଣଙ୍କ ମଧ୍ୟରୁ ମୁଖ୍ୟ ଅଭିଯୁକ୍ତ ହେଲା ଶିଳ୍ପାଂଚଳ ଥାନା ମୁକୁନ୍ଦପ୍ରସାଦର ମୁନା ଦାସ (୨୨) ଓ ଅନ୍ୟଜଣେ ହେଲା ସ୍ଥାନୀୟ ବଉଳସାହି ର ସୋମନାଥ ନିଶଙ୍କ (୨୨)। ଗିରଫ ଦ୍ୱୟଙ୍କୁ କୋର୍ଟ ଚାଲାଣ କରଯାଇଥିବାବେଳେ ନାବାଳକ ଦ୍ୱୟଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ ରେ ଛଡାଯାଇଥିବା ଆଜି ସନ୍ଧ୍ୟାରେ ଏସଡିପିଓଙ୍କ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ପଙ୍କଜ ମାଝି ସୂଚନା ଦେଇଛନ୍ତି। ସେମାନଙ୍କଠାରୁ ୧୦୬ ବୋତଲ (ପ୍ରତି ବୋତଲ ୧୦୦ମିଲି) କଫ୍‌ସିରପ୍ ସମେତ ଏକ କାର (ନଂ-ଓଡି.୦୨-ଡିକେ-୪୮୦୨) ଏବଂ ୪ଟି ମୋବାଇଲ କୁ ପୁଲିସ ଜବତ କରିଥିବା କହିଛନ୍ତି। ଜବତ ସାମଗ୍ରୀର ଆନୁମାନିକ ମୂଲ୍ୟ ପ୍ରାୟ ୪୦ ହଜାର ଟଙ୍କା ହେବ ବୋଲି ପୁଲିସ ଆକଳନ କରିଛି।







ଏସ୍‌ଡିପିଓ ମାଝୀଙ୍କ ସୂଚନା ଅନୁସାରେ, ଖୋର୍ଦ୍ଧା ଭିତରକୁ ପୁରୀ ଦିଗରୁ କିଛି ପିଲା କଫ୍‌ସିରପ୍ ଧରି ଆସୁଥିବା ବିଶେଷ ସୂତ୍ରରୁ ପୁଲିସ ଖବର ପାଇଥିଲା। ସେମାନଙ୍କୁ ଧରିବା ଲାଗି ଏସ୍‌ପି ପରମାର ସ୍ମିଥ୍ ପର୍ଷୋତମ ଦାସଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ଶ୍ରୀ ମାଝୀ ଓ ଥାନା ଅଧିକାରୀ ଉମେଶ ସାହୁଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଆଜି ଦିନ ପୂର୍ବାହ୍ନରେ ପୂର୍ବ ଯୋଜନା ଅନୁସାରେ ଗଡ଼ଚଣ୍ଡୀ ମନ୍ଦିର ନିକଟରେ ନାକାବନ୍ଦୀ କରି ଛପି ରହିଥିଲେ। ତେବେ ପ୍ରାୟ ୧୧ଟାବେଳେ ଗାଡି କୁ ଦେଖି ପୁଲିସ ଅଟକାଇଥିଲା। ଗାଡ଼ିକୁ ଯାଂଚବେଳେ ସେଥିରୁ ବେଆଇନ୍ କଫ୍‌ସରପ୍ ଜବତ କରିଥିଲା। ତେବେ ତଦନ୍ତବେଳେ ପଶ୍ଚିମବଙ୍ଗରୁ ପୁରୀ ଦେଇ ଖୋର୍ଦ୍ଧାକୁ କଫସିରପ୍ ଆସୁଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

> କାର ଓ ୪ ମୋବାଇଲ ଜବତ
> ପଶ୍ଚିମବଙ୍ଗରୁ ଓଡ଼ିଶା ଆସୁଛି କଫ୍‌ସିରପ୍

ତେବେ କିଏ ଏଭଳି ନିଶା ଦ୍ରବ୍ୟ ସେମାନଙ୍କ ପାଖକୁ ଦେଉଛି, ଏବଂ ଏଥିରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି ତାର ତଦନ୍ତ ପୁଲିସ କରୁଛି। ଖୁବ୍‌ଶୀଘ୍ର ଏଥିରେ ସମ୍ପୃକ୍ତ ଅନ୍ୟମାନେ ଗିରଫ ହେବେ। ଅଭିଯୁକ୍ତ ଦ୍ୱୟଙ୍କୁ ପୁଲିସ ୨୦୧/୨୬ରେ ଏକ ମାମଲା ରୁଜୁ କରି ଗିରଫ ପରେ କୋର୍ଟ ଚାଲାଣ କରିଛି ବୋଲି ଏସ୍‌ଡିପିଓ ଶ୍ରୀ ମାଝୀ କହିଛନ୍ତି। ଏହି ମାମଲାର ତଦନ୍ତ ଏସ୍‌ଆଇ ସ୍ୱାଗତିକା ଦାସ କରୁଥିବା କହିଥିଲେ। ଖୋର୍ଦ୍ଧା ପୁଲିସ ଜିଲ୍ଲାରେ ନିଶା କାରବାର ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରିଛି। ଏପରି ବେଆଇନ କାରବାରରେ ସମ୍ପୃକ୍ତ କୌଣସି ବ୍ୟକ୍ତିଙ୍କୁ ଆଇନରୁ ରକ୍ଷା ପାଇବାକୁ ଦିଆଯିବ ନାହିଁ ଏବଂ ଆଗାମୀ ଦିନରେ ମଧ୍ୟ ଏଭଳି ଚଢ଼ାଉ ଓ କଡ଼ା କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ଏସଡିପିଓ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଥାନା ଅଧିକାରୀ ଉମେଶ ସାହୁ, ଏସ୍‌ଆଇ ସ୍ୱାଗତିକା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରକାଶ ଥାଉକି, ପୁଲିସ ପକ୍ଷରୁ ବେଆଇନ କଫ୍ ସିରପ କାରବାର ବିରୋଧରେ ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି। ଗତ ମାର୍ଚ୍ଚ ୧୯ ତାରିଖରେ ଶିଳ୍ପାଂଚଳ ପୁଲିସ ଏକ ଆନ୍ତଃଜିଲ୍ଲା ୪ କଫ୍‌ସିରଫ୍ ବେପାରୀଙ୍କୁ ଗିରଫ କରି ସେମାନଙ୍କ ଠାରୁ ୮୫୦ ବୋତଲ କଫ୍‌ସିରପ୍ ଜବତ କରିଥିଲା। ସେହି ଦିନଠାରୁ ଖୋର୍ଦ୍ଧା ପୁଲିସ ଏହି ବେଆଇନ କଫ୍‌ସିରଫ୍ କାରବାର ସହ ଜଡିତ ବ୍ୟବସାୟୀ ଏବଂ ସହଯୋଗୀମାନଙ୍କୁ ଧରିବା ପାଇଁ ଲଗାତାର ଚଢ଼ାଉ ଓ ତଦନ୍ତ ଜାରି ରଖିଥିବା ଏସ୍‌ଡିପିଓ କହିଛନ୍ତି। ଅନ୍ୟପକ୍ଷରେ ଗିରଫ ମୁନା ଖୋର୍ଦ୍ଧା ଜେଲ ରେଥିବା କେତେକ ବ୍ରାଉନସୁଗର ମାଫିଆଙ୍କ ସମ୍ପର୍କରେ ରହିଥିବା ଜଣାଯାଇଛି। ତେଣୁ ଜେଲ ଭିତରୁ କଫ୍‌ସିରଫ୍ ନେଟୱର୍କକୁ ନିୟନ୍ତ୍ରଣ କରାଯାଉଥିବା ଚର୍ଚ୍ଚା ହେଉଛି।

# ବିଭିନ୍ନ ଶିକ୍ଷାନୁଷ୍ଠାନରେ ବନ ମହୋତ୍ସବ









ଜଟଣୀ, ୭।୭(ସମିସ): ଜଟଣୀ ବ୍ଲକ ଅନ୍ତର୍ଗତ ପଦନପୁର ପଞ୍ଚାୟତସ୍ଥ ବଡ଼ତୋଟା ବେଲପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ଭଗ୍ରେସନ ସୁନ୍ଦରାୟଙ୍କ ଅଧ୍ୟକ୍ଷତାରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦର ସଭାପତି ଡ. ଉମାକାନ୍ତ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ମୂଲ୍ୟବାନ ବୃକ୍ଷ ଯଥା ଆମ୍ବ, ପଣସ, ଅଁଳା, ରବର ଇତ୍ୟାଦି ରୋପଣ କରିଥିଲେ। ଉତ୍ସବରେ ଅନ୍ୟତମ ଅତିଥି ଭାବରେ ପ୍ରତିଷ୍ଠାତା ପ୍ରଧାନଶିକ୍ଷକ ଜବାହରଲାଲ ସୁବୁଦ୍ଧି, ପୂର୍ବତନ ବିଜ୍ଞାନ ଶିକ୍ଷକ/ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ବିଜୟାନନ୍ଦ ପଟ୍ଟନାୟକ, ପୁରାତନ ଛାତ୍ର ତଥା ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଶ୍ରୀ କାର୍ତ୍ତିକ ପୃଷ୍ଟି। ଚିତ୍ତରଞ୍ଜନ ପାଟ୍ଟସାହାଣୀ ଆଦି ବୃକ୍ଷ ରୋପଣ କରିଥିଲେ। ଉକ୍ତ କାର୍ଯ୍ୟକୁ ଜୁନିଅର ରେଡ଼କ୍ରସ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ଯଥା ସନ୍ତୋଷ କୁମାର ପୃଷ୍ଟି, ସବିତା କୁମାରୀ ଦାଶ, ଅଭିଲିପ୍ସା ମହାନ୍ତି, କୀର୍ତ୍ତିରାଣୀ ନାୟକ, ଅମରଜ୍ୟୋତି ପଟ୍ଟନାୟକ, ବାସନ୍ତି ପାଇକରାୟ, ଧନଞ୍ଜୟ ମହାରଣା ସମେତ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପରିଶେଷରେ ଜଟଣୀ ବ୍ଲକର ସମସ୍ତ ସି.ଆର.ସି.ସି. ସମେତ ବି.ଆର.ସି.ସି. ପୂର୍ଣ୍ଣଚନ୍ଦ୍ର ବେହେରା ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ପରିଶେଷରେ କୀର୍ତ୍ତିରାଣୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**ଟାଙ୍ଗୀ:** ସ୍ୱଚ୍ଛ ଭାରତ ଟାଙ୍ଗୀ ଆନୁକୂଲ୍ୟରେ ଅର୍ଜୁନପୁର ଉର୍ଣିତ ଉଚବିଦ୍ୟାଳୟ ପରିସରରେ ୭୭ ବନ ମହୋତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଭାକର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମୀଧର ବେହେରା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ତୁରନ୍ତ କବି ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଉମେଶ ପ୍ରସାଦ ଧଳ, ଅଧ୍ୟାପକ ବଳରାମ ପାଇକରାୟ, ଶିକ୍ଷାବିତ ଗୋପାଳ ଚନ୍ଦ୍ର ମହାରଣା, ବିଶିଷ୍ଟ ଅତିଥି ସଚଳା ମହାନ୍ତି, ବିଦ୍ୟାଳୟ କମିଟି ଉପସଭାପତି ପ୍ରଫୁଲ୍ଲ ଦାସ, ପ୍ରକାଶ ସେଠୀ, ବରିଷ୍ଠ ସାମ୍ବାଦିକ ମନୋଜ କୁମାର ପଟ୍ଟନାୟକ ପ୍ରମୁଖ ଅତିଥୀ ଭାବେ ଯୋଗଦେଇଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବନମହୋତ୍ସବ ଉପଲକ୍ଷେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ରଚନା ଓ ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ପ୍ରଜ୍ଞା ପ୍ରିୟଦର୍ଶିନୀ ପରିଡା,ଶୃତି ସଂରଞ୍ଜନା ଦାସ,ପ୍ରକାଶ ଦାସ,କିର୍ତିଲଗ୍ନା ପରିଡା ପ୍ରମୁଖଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ କ୍ରୀଡା ଶିକ୍ଷୟିତ୍ରୀ ସସ୍ମିତା କୁମାରୀ ମିଶ୍ର କାର୍ଯ୍ୟକ୍ରମରେ ସହାୟତା କରିଥିଲେ ଶିକ୍ଷକ ପ୍ରଦୀପ କୁମାର ସାହୁ,ମୁରଲୀଧର ନାୟକ,ବିଳାସିନି ଦେଇ,ଜ୍ୟୋତିର୍ମୟୀ ବେହେରା,ଶାଶ୍ୱତି ସାହୁ,ସିଲି ମଙ୍ଗରାଜ,ରାଜକିଶୋର ମଲ୍ଲିକ,ପ୍ରଶାନ୍ତ କୁମାର ପ୍ରଧାନ,କୁଳମଣି ବେହେରା,ମମିତା ଦାସ, ପ୍ରଣତି ଭୂଜବଳ।

**ନିରାକାରପୁର :** ସରକାରୀ ଉଚ୍ଚ ବିଦ୍ୟାଳୟ, ଡମଣଭୂମି ପରିସରରେ ଆଜି ବନ ମହୋତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଆଲୁମିନି କମିଟି (ପ୍ରାକ୍ତନ ଛାତ୍ର ସଂସଦ) ସଭାପତି ଚିତ୍ତରଞ୍ଜନ ଭୋଳ ଏବଂ ପ୍ରଧାନ ଶିକ୍ଷୟିତ୍ରୀ ରାଜଶ୍ରୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ବୃକ୍ଷରୋପଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। କୃଷ୍ଣଚନ୍ଦ୍ର ବେହେରା, ବୁଲୁ ସୁନ୍ଦରାୟ ଓ ଟୁକୁନା ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଏହି ପରିବେଶ ଅନୁକୂଳ ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଶଂସା କରାଯାଇଛି।

● କୁକୁର କାମୁଡ଼ାରେ ଲୋକେ ଆକ୍ରାନ୍ତ; ସହର ସାରା ମାଳ ମାଳ କୁକୁର

# କୁକୁର ବନ୍ଧ୍ୟାକରଣ ନୈରାଶ୍ୟଜନକ, ବଢୁଛି ଅସନ୍ତୋଷ

ଖୋର୍ଦ୍ଧା,୭।୭(ସମିସ): ସରକାର କୁକୁର ବନ୍ଧ୍ୟାକରଣ କାର୍ଯ୍ୟକ୍ରମ ପାଇଁ ଅର୍ଥ ମଞ୍ଜୁର କରୁଛନ୍ତି। କିନ୍ତୁ ପ୍ରଶାସନିକ ଅଧିକାରୀଙ୍କ ଅନିଚ୍ଛା ସତ୍ତ୍ୱେ ହେଉ କିମ୍ବା ଆନ୍ତରିକତା ଅଭାବରୁ ଜିଲ୍ଲାରେ କୁକୁର ବନ୍ଧ୍ୟାକରଣ କାର୍ଯ୍ୟକ୍ରମ ହେବାର ନା ଧରୁନି। ଗତ ୫ବର୍ଷ ମଧ୍ୟରେ କେବଳ ବିଏମ୍‌ସିକୁ ବାଦ ଦେଲେ ଜିଲ୍ଲାର ଅନ୍ୟ କୌଣସି ସ୍ଥାନରେ କୁକୁର ବନ୍ଧ୍ୟାକରଣ କାର୍ଯ୍ୟକ୍ରମ ହୋଇନଥିବା ଜଣାଯାଇଛି। ଫଳରେ ଖୋର୍ଦ୍ଧା ସହର ଓ ଏହାର ଅଖା ପାଖ ଉପକଣ୍ଠ ଅଂଚଳରେ ଦିନକୁ ଦିନ ବୁଲା କୁକୁରଙ୍କ ପ୍ରାଦୁର୍ଭାବ ବଢିବାରେ ଲାଗିଛି। ଲୋକେ ବୁଲାକୁକୁର କାମୁଡାର ଶିକାର ହୋଇ ଡାକ୍ତରଖାନାକୁ ଆସୁଛନ୍ତି। ହେଲେ ଯେଉଁ ଯନ୍ତ୍ରଣାରେ ଲୋକେ କୁକୁର କାମୁଡାରେ ଛଟପଟ ହେଉଛନ୍ତି ତାହା ଦିନକୁ ଦିନ ଅସହ୍ୟ ହେବାରେ ଲାଗିଛି।ଏଥିପ୍ରତି ଜିଲ୍ଲା ପ୍ରଶାସନ ହେଉ କି ସ୍ୱାସ୍ଥ୍ୟ ବିଭାଗ ନିଘା ନଥିବା ପରି ମନେ ହେଉଛି। ଜିଲ୍ଲାପ୍ରଶାସନ ବନ୍ଧ୍ୟାକରଣ ପ୍ରତି ଗୁରୁତ୍ୱ ଦେଉନଥିବା ହେତୁ ଜିଲ୍ଲାରେ ପ୍ରତିଦିନ କୁକୁର କାମୁଡା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାବେଳେ ଆକ୍ରାନ୍ତମାନେ ଖୋର୍ଦ୍ଧା ମେଡିକାଲକୁ ଚିକିତ୍ସା ନିମନ୍ତେ ଆସୁଥିବା ଦେଖିବାକୁ ମିଳୁଛି।





ଆନିମଲ ବାର୍ଥ କଂଟ୍ରୋଲ ଆକ୍ଟ ଅନୁଯାୟୀ ପୌରପରିଷଦ ଓ ବିଜ୍ଞାପିତ ଅଂଚଳ ଅଧିକାରୀମାନେ ଆନିମଲ ବାର୍ଥ କଂଟ୍ରୋଲ ପାଇଁ ଏକ ଗୃହର ବ୍ୟବସ୍ଥା କରିବା ସହିତ କୁକୁର ଧରିବାଠାରୁ ଆରମ୍ଭକରି ବନ୍ଧ୍ୟାକରଣର ୭ଦିନ ପର୍ଯ୍ୟନ୍ତ ସେମାନଙ୍କ ଯତ୍ନ ନେବା ଏବଂ ପରବର୍ତୀ ସମୟରେ କୁକୁର ମାନଙ୍କୁ ସୁସ୍ଥ କରି ଯେଉଁ ସ୍ଥାନରୁ ଅଣିଥିବେ ସେହି ସ୍ଥାନରେ ଛାଡ଼ିବା ନିୟମ ରହିଛି। ଏହି ଦାଇତ୍ୱ ପୌରପରିଷଦ କାର୍ଯ୍ୟାଳୟର ରହିଥିବାବେଳେ ଏହା ବାସ୍ତବରେ କିନ୍ତୁ ଭୁବନେଶ୍ୱର ମହାନଗର ନିଗମକୁ ଛାଡିଦେଲେ ଅନ୍ୟ କେଉଁଠାରେ ହେଉନଥିବା ମୁଖ୍ୟ ପ୍ରାଣୀ ଚିକିତ୍ସାଅଧିକାରୀ ଡା. ସଦାଶିବ ମହାପାତ୍ର ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ପୌରପରିଷଦ ବିଭାଗ ଭୁଲିଯାଇଥିବା ପରି ମନେ ହେଉଛି। ପୌରପରିଷଦ ପକ୍ଷରୁ ପ୍ରାଣୀଚିକିତ୍ସା ଅଧିକାରୀଙ୍କୁ ଜଣାଇବା ସହିତ ବନ୍ଧ୍ୟାକରଣ ସର୍ଜରୀ ନିମନ୍ତେ ପ୍ରାଣୀ ଚିକିତ୍ସା ବିଭାଗକୁ ପତ୍ର ଦ୍ୱାରା ଅବଗତ କରାଇ ସର୍ଜରୀ ନିମନ୍ତେ ଅନୁରୋଧ କରିବା କଥା। କିନ୍ତୁ ଦୃଭାଗ୍ୟର ବିଷୟ ଆଜକୁ ୩ବର୍ଷ ମଧ୍ୟରେ ଥରେ ମଧ୍ୟ ପୌରପରିଷଦ ପକ୍ଷରୁ କୌଣସି ପତ୍ର ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ହୋଇନଥିବା ବିଭାଗୀୟ ଅଧିକାରୀ ପ୍ରକାଶ କରିଛନ୍ତି।

ପ୍ରାଣୀ ଚିକିତ୍ସକଙ୍କ କହିବା ଅନୁଯାୟୀ ବିଏମ୍‌ସି ପକ୍ଷରୁ ୨୦୧୯ ମସିହାରେ ୩୧୫୦ କୁକୁର ବନ୍ଧ୍ୟା କାରଣ ହୋଇଥିବା ବେଳେ ୨୦୨୦ ମସିହାରେ ୧୬୫୦, ୨୦୨୧ରେ ୨୨୦୦ ଏବଂ ୨୦୨୩ ମସିହାରେ ୩୫୭୪ କୁକୁରକୁ ବନ୍ଧ୍ୟା କରଣ କରାଯାଇଛି। ମାତ୍ର ଅନ୍ୟ କୌଣସି ପୌରପରିଷଦ ଓ ବିଜ୍ଞପିତ ଅଞ୍ଚଳରେ ଏହି କାର୍ଯ୍ୟକ୍ରମ ହୋଇ ନ ଥିବା ଜଣାପଡିଛି। ଫଳରେ ଜିଲ୍ଲାରେ କୁକୁରଙ୍କ ସଂଖ୍ୟା ଦିନକୁ ଦିନ ସହରରେ ବୃଦ୍ଧି ହେବାରେ ଲାଗିଛି। ସହର ଠାରୁ ଆରମ୍ଭ କରି ଗାଁ ମାନଙ୍କର ମୁଖ୍ୟ ରାସ୍ତା ଓ ବିଭିନ୍ନ ଗଳିକନ୍ଦିରେ ଦେଶୀ କୁକୁରଙ୍କ ବୃଦ୍ଧି ପାଇବାରେ ଲାଗିଛି। ଏପରିକି ଗ୍ରାମାଞ୍ଚଳରେ ମଧ୍ୟ ବୁଲା କୁକୁର ଲୋକଙ୍କୁ କାମୁଡିବା ଦ୍ୱାରା ଲୋକେ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ମିଳିଥିବା ତଥ୍ୟ ଅନୁଯାୟୀ ପ୍ରତିଦିନ ଶତାଧିକ କୁକୁର କାମୁଡା ରୋଗୀ ଡାକ୍ତରଖାନା କୁ ଆସି ଇଞ୍ଜେକସନ ନେଉଛନ୍ତି। କୁକୁରଙ୍କ ବନ୍ଧ୍ୟାକରଣ କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରଶାସନ ଅନିଚ୍ଛା ହେଉ କିମ୍ବା ଆନ୍ତରିକତା ଅଭାବରୁ ବନ୍ଧ୍ୟାକରଣ କାର୍ଯ୍ୟକ୍ରମ ଜିଲ୍ଲାରେ ହେବାର ନା ଧରୁନି। ତେଣୁ ଶୀଘ୍ର କୁକୁର ବନ୍ଧ୍ୟାକରଣ ଲାଗି ପଦକ୍ଷେପ ନିଆଯାଉ ବୋଲି ସାଧାରଣରେ ଦାବି ହେଉଛି।

# ଚକ୍ଷୁ ଚିକିତ୍ସା ଶିବିର

ଟାଙ୍ଗୀ, ୭।୭(ସମିସ) : ଟାଙ୍ଗୀ ବ୍ଲକ କୁହୁଡି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉପକେନ୍ଦ୍ର ପରିସରରେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟଚିକିତ୍ସାଳୟ ପକ୍ଷରୁ ସୁନେତ୍ର ଭ୍ରାମ୍ୟମାଣ ଚକ୍ଷୁ ସମସ୍ୟା ରୋଗୀ ଚିହ୍ନଟ ଓ ନିଃଶୁଳ୍କ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବରିଷ୍ଠ ଚକ୍ଷୁ ଚିକିତ୍ସାଧିକାରୀ ଡାକ୍ତର ଦୁର୍ଗା ପ୍ରସାଦ ମହାପାତ୍ର ଶିବିରରେ ଉପସ୍ଥିତ ରହି ରତନପୁର, କୁହୁଡି, ସମେତ ଆଖିପାଖି ଅଞ୍ଚଳର ଶତାଧିକ ରୋଗୀଙ୍କୁ ଚିକିତ୍ସା, ପରାମର୍ଶ ସହିତ ନିଃଶୁଳ୍କ ଔଷଧ ବଣ୍ଟନ କରିଥିଲେ। ଏଭଳି ଏକ ଜନହିତକର କାର୍ଯ୍ୟକ୍ରମ ଏଠାରେ ଆୟୋଜନ ପାଇଁ ସ୍ଥାନୀୟ ଅଞ୍ଚଳ ପକ୍ଷରୁ ଜିଲ୍ଲା ଓ ବ୍ଲକ ସ୍ୱାସ୍ଥ୍ୟ ବିଭାଗ ଓ ଡାକ୍ତରୀ ଦଳକୁ ସାଧୁବାଦ ଜଣାଇଥିଲେ। କୁହୁଡି ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଏ.ଏନ.ଏମ ସସ୍ମିତା ମହାରଣା, ପୁରୁଷ ସ୍ୱାସ୍ଥ୍ୟ କର୍ମୀ ସମୀର କୁମାର ବେହେରାଙ୍କ ସମେତ ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରଭାକର ବରିସଲ, ରତନପୁର ଓ କୁହୁଡିର ସମସ୍ତ ଆଶାକର୍ମୀ ସକ୍ରିୟ ସହଯୋଗ କରିଥିଲେ।

# ବ୍ଲକସ୍ତରୀୟ ଷ୍ଟାଡିୟମ ସହ ଇନ୍‌ଡୋର ଗୃହର ଭିତ୍ତିପ୍ରସ୍ତର ସ୍ଥାପନ



ବେଗୁନିଆ, ୭।୭ (ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ କୁଶପଲ୍ଲା ଗ୍ରାମରେ ବ୍ଲକସ୍ତରୀୟ ଷ୍ଟାଡିୟମ ସହ ଇନଡୋର ଗୃହର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏଥିରେ ବିଧାୟକ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ସାଂସଦ ଅପରାଜିତା ଷଡ଼ଙ୍ଗୀ ମୁଖ୍ୟଅତିଥି, ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ବିଧାୟକ ପ୍ରାର୍ଥୀ ପ୍ରକାଶ ବିଜୁଳି, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ସରପଞ୍ଚ ସତ୍ୟ ନାରାୟଣ ପ୍ରଧାନ ଓ ସମିତିସଭ୍ୟ ପ୍ରକାଶ ଚନ୍ଦ୍ର ବଳିୟାର ସିଂହ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ୨୦ କୋଟି ଟଙ୍କା ଅନୁଦାନ ରାଶିରେ ଷ୍ଟାଡିୟମ ସହ ଇନ୍‌ଡୋର ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ଖେଳିବା ପାଇଁ ଦେଶ ତଥା ରାଜ୍ୟ ବାହାରୁ ବହୁ ଖେଳାଳୀ ଯୋଗ ଦେଲେ ଖେଳର ବିକଶିତ ହୋଇ ପାରିବ ବୋଲି ମତ ପ୍ରକାଶ କରିଥିଲେ। ଶେଷରେ ପୂର୍ବତନ ଫୁଟବଲ ଖେଳାଳି ଅବଦୁଲ ଦୟାନ ଖାଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଚିଲିକାରେ ଚଳିତବର୍ଷ ବୃଦ୍ଧି ପାଇଛି ଗ୍ରୀଷ୍ମକାଳୀନ ପକ୍ଷୀ ସଂଖ୍ୟା



ବାଲୁଗାଁ, ୭।୭(ସମିସ): ଶୀତଋତୁରେ ପକ୍ଷୀ ତୀର୍ଥ ଚିଲିକାକୁ ବିଦେଶରୁ ଲକ୍ଷ ଲକ୍ଷ ରଙ୍ଗ ବେରଙ୍ଗର ପକ୍ଷୀଙ୍କ ଆଗମନ ହୋଇଥାଏ। ଧରାପୃଷ୍ଠରୁ ଶୀତ ଅପସରି ଯିବା ବେଳେ ଚିଲିକାରୁ ବିଦେଶୀ ପକ୍ଷୀ ଅପସରି ଯାଇଥାନ୍ତି। କିନ୍ତୁ କେତେକ ବିଦେଶୀ ପକ୍ଷୀ ଚିଲିକାର ମୋହକୁ ଛାଡ଼ି ନ ପାରି ରହିଯାଇଥାନ୍ତି। ଶୀତ ଋତୁରେ ଯେପରି ଚିଲିକାରେ ବିଦେଶାଗତ ପକ୍ଷୀ ଗଣନା କରାଯାଇଥାଏ ସେହି ପ୍ରଣାଳୀରେ ଗ୍ରୀଷ୍ମ କାଳୀନ ପକ୍ଷୀ ଗଣନା କରାଯାଇଛି। ତେବେ ଚଳିତ ବର୍ଷ ଖରାଦିନରେ ଚିଲିକାରେ ୯୬ ପ୍ରଜାତିର ବିଦେଶୀ ଓ ସ୍ଥାନୀୟ ୬୫୩୫୫ପକ୍ଷୀ ଥିବା ବିଭାଗିୟ ଗଣନା ସୂତ୍ରରୁ ଜଣାଯାଇଛି।

ସୂତ୍ରରୁ ଜଣାଯାଇଛି ଯେ, ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ତରଫରୁ ଚିଲିକାରେ ଗ୍ରୀଷ୍ମକାଳୀନ ପକ୍ଷୀ ଗଣନା ମେ ମାସ ଶେଷକୁ ସମାପ୍ତ ହୋଇଯାଇଛି। ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଅଧିନ ୫ଟି ରେଞ୍ଜର କର୍ମ.ଚାରୀମାନଙ୍କୁ ନେଇ ଏହି ଗଣନା କାର୍ଯ୍ୟ କରାଯାଇଥିଲା। ଗତବର୍ଷ ତୁଳନାରେ ଚଳିତ ବର୍ଷ ପକ୍ଷୀଙ୍କ ପ୍ରଜାତି ସଂଖ୍ୟା ଏବଂ ପକ୍ଷୀ ସଂଖ୍ୟା ବୃଦ୍ଧି ପାଇଥିବା ଗଣନା ରିପୋର୍ଟରୁ ଜଣାଯାଇଛି। ଗତ ବର୍ଷ ମୋଟ୍ ୯୫ ପ୍ରଜାତିର ପ୍ରାୟ ୬୧୩୫୦ଟି ପକ୍ଷୀ ଚିଲିକାରେ ଥିବା ବେଳେ ଚଳିତ ବର୍ଷ ୯୬ ପ୍ରଜାତିର ୬୫୩୫୫ ବିଦେଶୀ ଓ ଦେଶୀ ପକ୍ଷୀ ଥିବା ବେଳେ ତନ୍ମଧ୍ୟରୁ ବିଦେଶୀ ପକ୍ଷୀ ୪୯୫୫୪ ଓ ସ୍ଥାନୀୟ ପକ୍ଷୀ ୧୫୮୦୧ ଗୋଟି ପକ୍ଷୀ ଦୃଷ୍ଟି ଗୋଚର ହୋଇଛନ୍ତି। ଚଳିତ ବର୍ଷ ଶୀତ ଋତୁରେ ଚିଲିକାକୁ ଆଗମନ କରିଥିବା ବିଦେଶା ଗତ ପକ୍ଷୀ ସଂଖ୍ୟା ବୃଦ୍ଧି ପାଇଥିବା ବେଳେ ଗ୍ରୀଷ୍ମକାଳୀନ ପକ୍ଷୀ ସଂଖ୍ୟା ମଧ୍ୟ ବୃଦ୍ଧି ପାଇ ବର୍ତ୍ତମାନ ୪୦୦୫ ଗୋଟି ପକ୍ଷୀ ବୃଦ୍ଧି ପାଇଥିବା ବନ୍ୟପ୍ରାଣୀ ସୂଚନାରୁ ଜଣାଯାଇଛି। ଚଳିତବର୍ଷ ଗଣନା ଅନୁଯାୟୀ ୫୩ ପ୍ରଜାତିର ୧୦୬୯୨ ଗୋଟି ପକ୍ଷୀ ଅଭୟାରଣ ନଳବଣରେ ଥିବା ବେଳେ ୪୩ ପ୍ରଜାତିର ୫୪୬୬୩ ପକ୍ଷୀ ଚିଲିକାର ଅନ୍ୟ ପ୍ରାନ୍ତରରେ ରହିଥିବା ଜଣାଯାଇଅଛି। ଚଳିତ ବର୍ଷ ସର୍ବାଧିକ ଫ୍ଲେମିଙ୍ଗୋ, ପେଲିକ୍ୟାନ ଓ ଏସିଆନ୍ ଓପନ୍ ବିଲ୍‌ଷ୍ଟର୍କ(ଗେଣ୍ଡାଳିଆ ପ୍ରଜାତି), ଲିଟିଲ୍ କର୍ମୋରା (ପାଣିକୁଆ ପ୍ରଜାତି)ର ପକ୍ଷୀ ଥିବା ବେଳେ ଲିଟିଲ୍ ଇଗ୍ରେଟ୍ (ବତକ ପ୍ରଜାତି) ପକ୍ଷୀ ଓ ବିଦେଶୀ ପକ୍ଷୀ ଅଛନ୍ତି। ତେବେ ଚଳିତ ବର୍ଷ ଚିଲିକାର ମୋହ ଛାଡ଼ି ନ ପାରି ପ୍ରାୟ୪୯ ହଜାରରୁ ଉର୍ଦ୍ଧ ବିଦେଶୀ ପକ୍ଷୀ ରହି ଯାଇଥିବା ଦୃଷ୍ଟିଗୋଚର ହୋଇଛି। ବାଲୁଗାଁ ବନ୍ୟପ୍ରାଣୀ ବିଭାଗର କର୍ମ.ଚାରୀମାନେ ଚିଲିକାରେ ସକାଳ ୭ଟାରେ ପ୍ରବେଶ କରି ଦୀର୍ଘ ୭ଘଣ୍ଟା ଧରି ଏହି ପକ୍ଷୀ ଗଣନା କାର୍ଯ୍ୟ ଜାରି ରଖି ଥିଲେ। ବିଶେଷ କରି ପକ୍ଷୀ ଅଭୟାରଣ୍ୟ ନଳବଣରେ ପକ୍ଷୀଙ୍କ ସଂଖ୍ୟା ହ୍ରାସ ହୋଇଥିବା ବେଳେ ଟାଙ୍ଗୀ ରେଞ୍ଜର ମଙ୍ଗଳାଯୋଡ଼ି, କାଳୁପଡ଼ା, ନଈରୀ ଇତ୍ୟାଦି ଅଞ୍ଚଳରେ ବହୁ ପରିମାଣରେ ପକ୍ଷୀ ଦୃଷ୍ଟି ଗୋଚର ହୋଇଥିଲା। ଚିଲିକାରେ ବିଶେଷ କରି ଗେଣ୍ଡାଳିଆ ପ୍ରଭୃତି ବିଦେଶାଗତ ପକ୍ଷୀ ସମାଗମ ହୋଇଥିବା ଦେଖାଦେଇଛି। ପ୍ରବଳ ଗ୍ରୀଷ୍ମକୁ ଖାତିରି ନ କରି ଏହି ପକ୍ଷୀମାନେ ଏଠାରେ ବସବାସ କରିବାକୁ ନିଜକୁ ଉପଯୋଗୀ ମନେ କରି ରହୁଥିବା କିଛି ପକ୍ଷୀ ବିଶେଷଜ୍ଞ ପ୍ରକାଶ କରିଛନ୍ତି। ଉପଯୁକ୍ତ ଖାଦ୍ୟ, ଅନୁକୂଳ ପରିବେଶ ଯୋଗୁ ପ୍ରଚଣ୍ଡ ରୌଦ୍ରତାପ ସତ୍ତ୍ୱେ ଓ ଜଳସ୍ତର କମ୍ ଯୋଗୁଁ ଚଳିତ ବର୍ଷ ପକ୍ଷୀ ସଂଖ୍ୟା ବୃଦ୍ଧି ପାଇଥିବା ବନ୍ୟପ୍ରାଣୀ ଅଧିକାର ଅମ୍ଳାନ ନାୟକ ସୂଚନା ଦେଇଥିବା ବେଳେ ଅନ୍ୟ ସମସ୍ତ ରେଂଜ ଅଧିକାରୀ ସମେତ ବାଲୁଗାଁ ରେଂଜ ଅଧିକାରୀ ପକ୍ଷୀ ଗଣନାରେ ସାମିଲ ହୋଇଥିଲେ।

# ବର୍ଷାରେ ଭାଙ୍ଗିଲା ଘର, ସାହି ରାସ୍ତାରେ ଜମିଛି ପାଣି

ବେଗୁନିଆ, ୭।୭ (ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ ଗ୍ରାମ ବଣିଆ ସାହିର ଜଗବନ୍ଧୁ ଦାସଙ୍କ ପୁଅ ଆଦିତ୍ୟ ନାରାୟଣଙ୍କ ଘର ଗତ ତିନି ଦିନ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଘର ଭାଙ୍ଗି ଯାଇଛି। ତେବେ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଘଟଣାରେ ତହସିଲଦାର ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀଙ୍କୁ ଯୋଗାଯୋଗ କରିବାରୁ ଆସନ୍ତାକାଲି ରାଜସ୍ୱ ନିରୀକ୍ଷକ ଘଟଣା ସ୍ଥଳକୁ ଯାଇ ଅନୁଧ୍ୟାନ କରିବେ ବୋଲି କହିଛନ୍ତି। ଏପରିକି ସାହିର ମୁଖ୍ୟ ପ୍ରବେଶ ପଥରେ ଡ୍ରେନ ନ ଥିବାରୁ ବର୍ଷା ଜଳ ଜମି ଲହଡ଼ି ମାରୁ ଥିବା ବେଳେ ପ୍ରତ୍ୟେକ ଦିନ ଜନସାଧାରଣଙ୍କ ସମେତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଛାତ୍ର ଛାତ୍ରୀ ଓଦା ସର ସର ହୋଇ ଯାଉଛନ୍ତି। ଏହି ବର୍ଷା ଜଳ ଜମି ମଶା, ମାଛି ଓ ବିଷାକ୍ତ ସରୀସୃପଙ୍କ ବଂଶ ବିସ୍ତାର ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରୁଅଛି। ଏହି ଜଳ ନିଷ୍କାସନ କରିବା ପ୍ରଶାସନିକ ସ୍ତରରେ ତୁରନ୍ତ ଡ୍ରେନ ନିର୍ମାଣ କାର୍ଯ୍ୟ ପାଇଁ ଅନୁଦାନ ରାଶି ଯୋଗାଇ ଦେବା ପାଇଁ ସେବା ସମବାୟ ସମିତିର ସଭାପତି ତଥା ପୂର୍ବତନ ସରପଞ୍ଚ ସୁଦର୍ଶନ ମାଣିକ କହିଛନ୍ତି।



# ବିଜେପି ସରକାରଙ୍କ କଥାରେ ରହୁନି ତାଳମେଳ: ବିଜେଡି



■ ପ୍ରାକ୍ ଶିକ୍ଷା ବ୍ୟବସ୍ଥାକୁ ଭୁଶୁଡ଼ାଇବାକୁ ସରକାରଙ୍କ ଯୋଜନା
■ ଇସ୍ତଫା ଦିଅନ୍ତୁ ଗଣଶିକ୍ଷା ମନ୍ତ୍ରୀ ଓ ବିଭାଗୀୟ ସଚିବ
■ ଜୁଲାଇ ୯ ରୁ ୧୫ ରାଜ୍ୟବ୍ୟାପୀ ଶିକ୍ଷା ବଞ୍ଚାଅ ଅଭିଯାନ

ଭୁବନେଶ୍ୱର,୭।୭(ସମିସ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଠ୍ୟ ପୁସ୍ତକରେ ମାଳ ମାଳ ତ୍ରୁଟି । ଏହାକୁ ସଂଶୋଧନ କରିବା ପରିବର୍ତ୍ତେ ଡବଲ ଇଞ୍ଜିନ ସରକାର ଓଡ଼ିଶାର ପ୍ରାକ୍ ଶିକ୍ଷା ବ୍ୟବସ୍ଥାକୁ ନଷ୍ଟ କରିବାରେ ଲାଗି ପଡିଛନ୍ତି ବୋଲି କ୍ଷୋଭ ପ୍ରକାଶ କରିଛି ବିଜେଡି। ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଚାନ୍ଦବାଲି ବିଧାୟକ ତଥା ବରିଷ୍ଠ ସାଧାରଣ ସମ୍ପାଦକ ବ୍ୟୋମକେଶ ରାୟ, ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାନେତ୍ରୀ ଇପ୍ସିତା ସାହୁ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି।

ବିଧାୟକ ଶ୍ରୀ ରାୟ କହିଛନ୍ତି ଯେ ପାଠ୍ୟ ପୁସ୍ତକରେ ୨୦୦୦ରୁ ଊର୍ଦ୍ଧ୍ୱ ତ୍ରୁଟି ରହିଛି। ତ୍ରୁଟିପୂର୍ଣ୍ଣ ପୁସ୍ତକପ୍ରତ୍ୟାହାର କରିବା ନେଇ ସରକାରୀସ୍ତରରେ ଘୋଷଣା କରାଯାଇଥିଲା । ମାତ୍ର ତାହା ଏଯାଏ ହେଲା ନାହିଁ । ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଓ ସଚିବ କାହାରି କଥାରେ କୌଣସି ତାଳମେଳ ରହୁନାହିଁ । ବିଜେପି ସରକାରରେ ବିଧି ବ୍ୟବସ୍ଥା ସଠିକ୍ ଭାବରେ ରହୁନାହିଁ । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପ୍ରାକ ଶିକ୍ଷାର ସମୟ ଥିବା ବେଳେ ତାହା ଭୁଶୁଡ଼ି ପଡ଼ିଲାଣି । ସରକାର ମୂକ ଓ ବଧୀର ପାଲଟି ଯାଇଛନ୍ତି। ଏହା ବିରୋଧରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ରାଜରାସ୍ତାକୁ ଓହ୍ଲାଇ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ। ଜୁଲାଇ ୯ରୁ ୧୫ ତାରିଖ ପର୍ଯ୍ୟନ୍ତ ଶିକ୍ଷା ବଞ୍ଚାଅ ଅଭିଯାନକୁ ନେଇ ରାଜ୍ୟବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଶିକ୍ଷା ବର୍ଷ ଆରମ୍ଭ ହୋଇଥିବା ବେଳେ ପିଲାଙ୍କ ପାଖରେ ପୁସ୍ତକ ନାହିଁ । ମାସକ ମଧ୍ୟରେ ପୁସ୍ତକ ପ୍ରତ୍ୟାହାର କରି ତ୍ରୁଟି ଶୂନ୍ୟ ନୂତନ ପୁସ୍ତକ ପ୍ରଦାନ କରାଯାଉ । ନଚେତ ପୁରୁଣା ପୁସ୍ତକକୁ ପୁନଃ ପ୍ରଚଳନ କରାଯାଉ। ତ୍ରୁଟିପୂର୍ଣ୍ଣ ପୁସ୍ତକ କରି ରାଜ୍ୟ ସରକାରଙ୍କୁ ବଦନାମ କରିବାକୁ ଷଡ଼ଯନ୍ତ୍ର କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ତେଣୁ କିଏ ଷଡ଼ଯନ୍ତ୍ର କରିଛି, ତାହା ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରନ୍ତୁ ଓ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ସେ ଦାବି କରିଛନ୍ତି । ସେହିପରି ଚିନ୍ମୟ ସାହୁ କହିଥିଲେ ଯେ ତ୍ରୁଟିକୁ ଲୁଚାଇବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଲୋକଙ୍କୁ ଠକିବାରେ ଲାଗିଛନ୍ତି। ତ୍ରୁଟି ପୂର୍ଣ୍ଣ ପୁସ୍ତକ ପ୍ରତ୍ୟାହାର କରି ନୂତନ ପୁସ୍ତକ ପ୍ରକାଶ ପାଇଁ ନୋଟିଫିକେସନ୍ ହେଉନାହିଁ। ନୂତନ ପୁସ୍ତକ ପ୍ରକାଶ କେବଳ ଘୋଷଣାବାଜିରେ ସୀମିତ ରହିଛି। ପୁସ୍ତକ ପ୍ରକାଶରେ ୩୮୦କୋଟି ଟଙ୍କାର ଦୁର୍ନୀତି ହୋଇଛି। ସରକାରୀ ପ୍ରେସରେ ପୁସ୍ତକ ନ ଛାପି ଘରୋଇ ପ୍ରେସରେ ଛାପିବା ସନ୍ଦେହ ସୃଷ୍ଟି କରିଛି । ଏନେଇ ପଦକ୍ଷେପ ଗ୍ରହଣ ନକ ରିବା ପର୍ଯ୍ୟନ୍ତ ବିଜେଡି ଆନ୍ଦୋଳନ ଜାରି ରଖିବ ବୋଲି ସେ କହିଛନ୍ତି। ଇପ୍ସିତା ସାହୁ କହିଥିଲେ ଯେ କୁନି କୁନି ପିଲାଙ୍କୁ ଶିକ୍ଷା ଭଳି ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରାଯାଉଛି। ବିଜେପି ସରକାର ପିଲାଙ୍କ ଭବିଷ୍ୟତକୁ ଦଳି ଚକଟି ନଷ୍ଟ କରିବା ସହ ସାମ୍ବିଧାନିକ ଅଧିକାରକୁ କ୍ଷୁର୍ଣ୍ଣ କରୁଛନ୍ତି । ଜାତୀୟ ସ୍ତରରେ ଓଡ଼ିଶା ଆଜି ନିନ୍ଦିତ ହୋଇଛି। ପିଲାଙ୍କ ଭବିଷ୍ୟତ ନେଇ ବିଜେପି ସରକାରଙ୍କ ଚକ୍ରାନ୍ତ ବିରୁଦ୍ଧରେ ବିଜେଡି ଲଢ଼େଇ ଜାରି ରଖିବ ବୋଲି କହିଛନ୍ତି ।

# ଫାଟିଲା ଗ୍ୟାସ୍ ପାଇପ୍ ଲାଇନ୍; ସାଧାରଣରେ ଆତଙ୍କ



ଅନୁଗୋଳ,୭।୭(ସମିସ): ମଙ୍ଗଳବାର ଅପରାହ୍ନରେ ଗାନ୍ଧୀମାର୍ଗ ମୈତ୍ରୀନଗର ରାସ୍ତାରେ ଟିପିସିଓଡିଏଲ୍‌ର ମାଟି ତଳେ ୩୩ କେଭି ଲାଇନ୍ କାମ ଚାଲିଥିବା ବେଳେ ପିଏନ୍‌ଜି ଗ୍ୟାସ ପାଇପ୍ ଲାଇନ୍ ଫାଟି ଗ୍ୟାସ୍ ଲିକ୍ ହୋଇଥିଲା। ଏହି ଘଟଣା ଜଣାପଡ଼ିବା ପରେ ସ୍ଥାନୀୟ ବାସିନ୍ଦା ଭୟରେ ଏଣେତେଣେ ଦୌଡ଼ିଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଓ ବିପିସିଏଲ୍ ଅଧିକାରୀ ଆସି ଗ୍ୟାସ୍ ଲିକେଜ୍‌କୁ ନିୟନ୍ତ୍ରଣ କରିବାରେ ସହାୟତା କରିଥିଲେ। ପୁଲିସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ସେ ଅଞ୍ଚଳକୁ ସିଲ୍ କରିବା ସହ ଲୋକଙ୍କୁ ଆତଙ୍କିତ ନ ହେବା ପାଇଁ ବୁଝାଇଥିଲେ। ଦୀର୍ଘ ସମୟ ପରେ ଗ୍ୟାସ ଲିକ୍‌କୁ ନିୟନ୍ତ୍ରଣ କରାଯାଇଥିବା ଜଣାପଡ଼ିଛି। ଏହି ଅଘଟଣ ନେଇ ତଦନ୍ତ ଆରମ୍ଭ ହୋଇଛି।

# ଚିକିଟି ପଞ୍ଚାୟତ ସମିତି ଅଧ୍ୟକ୍ଷ ନିର୍ବାଚନରେ ଅନ୍ତରୀଣ ସ୍ଥଗିତାଦେଶ

କଟକ,୭।୭(ସମିସ): ଗଞ୍ଜାମ ଜିଲ୍ଲା ଚିକିଟି ପଞ୍ଚାୟତସମିତିର ଅଧ୍ୟକ୍ଷ ପଦ ପୂରଣ ପାଇଁ ନିର୍ବାଚନ ଉପରେ ହାଇକୋର୍ଟ ଅନ୍ତରୀଣ ସ୍ଥଗିତାଦେଶ ଜାରି କରିଛନ୍ତି। ଆସନ୍ତା ଜୁଲାଇ ୮ ତାରିଖ ପୂର୍ବାହ୍ନ ୧୦ଟାରେ ଚିକିଟି ପଞ୍ଚାୟତସମିତି କାର୍ଯ୍ୟାଳୟରେ ଏହି ନିର୍ବାଚନ ହେବାର ଥିଲା, ଯାହାକୁ ହାଇକୋର୍ଟ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଷୟ କୁମାର ସେଠୀ, ଇପାରି ସୀମାଞ୍ଚଳ ଓ ମୋହନ ସାହୁଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଭି. ନରସିଂହ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅଗଷ୍ଟ ୧୨ରେ ଅନୁଷ୍ଠିତ ହେବ। ଏହି ମାମଲାରେ ରାଜ୍ୟ ସରକାର ଓ ଅନ୍ୟ ପ୍ରତିପକ୍ଷଙ୍କୁ ହାଇକୋର୍ଟ ନୋଟିସ ଜାରି କରିଛନ୍ତି। ମାମଲାରୁ ପ୍ରକାଶ ଯେ ଚିକିଟି ପଞ୍ଚାୟତସମିତିର ପୂର୍ବତନ ଅଧ୍ୟକ୍ଷଙ୍କ ବିୟୋଗ ପରେ ଏହି ପଦ ଖାଲି ପଡ଼ିଥିଲା। ଏହାକୁ ପୂରଣ କରିବା ପାଇଁ ଗତ ଜୁନ ୩୦ରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ବିଜ୍ଞପ୍ତିକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପଞ୍ଚାୟତସମିତି ସଭ୍ୟ ପଦ ଖାଲି ଥିବା ସତ୍ତ୍ୱେ କେବଳ ଅଧ୍ୟକ୍ଷ ପଦ ପୂରଣ ପାଇଁ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ କରିବା ଆଇନଗତ ଭାବେ ତ୍ରୁଟିପୂର୍ଣ୍ଣ। ଏହା ଓଡ଼ିଶା ପଞ୍ଚାୟତ ସମିତି ନିର୍ବାଚନ ନିୟମାବଳୀ, ୧୯୯୧ର ନିୟମ ୪୬କୁ ସମ୍ପୂର୍ଣ୍ଣ ଉଲ୍ଲଙ୍ଘନ କରୁଛି ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ୧୯୯୧ ନିୟମାବଳୀର ଧାରା ୪୬ ଓ ପୂର୍ବର ଏକ ରାୟକୁ ଆଧାର କରି କୋର୍ଟ ଏହି ନିର୍ବାଚନ ପ୍ରକ୍ରିୟା ଉପରେ ଅନ୍ତରୀଣ ସ୍ଥଗିତାଦେଶ ଜାରି କରିଛନ୍ତି।

# ୪ ନାବାଳକ ଚାଲାଣ ଉଦ୍ଧାର; ଦୁଇ ଅଟକ

ଛତ୍ରପୁର,୭।୭(ସମିସ ): ନାବାଳକ ଚାଲାଣ ବେଳେ ଧରିଲା ପ୍ରଶାସନ। ଗଞ୍ଜାମ ଜିଲ୍ଲା ଛତ୍ରପୁର ରେଳ ଷ୍ଟେସନରୁ ୪ ଜଣ ନାବାଳକଙ୍କୁ ସୁରଥ ଚାଲାଣ ବେଳେ ଚଢ଼ଉ କରିଥିଲା ପ୍ରଶାସନ। ଗଞ୍ଜାମ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ, ଛତ୍ରପୁର ଜିଲ୍ଲା ଶ୍ରମ ବିଭାଗ, ଆରପିଏଫ ପୋଲିସ ଓ ଛତ୍ରପୁର ଥାନା ପୋଲିସ ମିଳିତ ଭାବେ ଚଢ଼ାଉ କରି ୪ ଜଣ ନାବାଳକଙ୍କୁ ଧରିଛନ୍ତି। ଛତ୍ରପୁର ଓ ପୁରୁଷୋତ୍ତମପୁର ଅଞ୍ଚଳର ୪ ଜଣଙ୍କୁ ଧରି ଏକ କାର ଯୋଗେ ଛତ୍ରପୁର ରେଳ ଷ୍ଟେସନରେ ପହଞ୍ଚି ସୁରଥକୁ କାମ କରିବାକୁ ନେଉଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଓ ଜିଲ୍ଲା ଶ୍ରମ ବିଭାଗ ଚଢ଼ାଉ କରାଯାଉଥିବା ଜଣା ପଡିଛି। ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା ୨ ଜଣଙ୍କୁ ଅଟକ ରଖି ପଚରା ଉଚରା ଜାରି ରଖାଯାଇଛି। ନାବାଳକ ମାନଙ୍କୁ ଶିଶୁ ମଙ୍ଗଳ ସମିତିକୁ ହସ୍ତାନ୍ତର କରାଯିବ ବୋଲି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ ସୂଚନା ଦେଇଛନ୍ତି। ଏହି ଚଢ଼ାଉ ବେଳେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ, ଛତ୍ରପୁର ଶ୍ରମ କାର୍ଯ୍ୟାଳୟର ଏଡ଼ିଏଲଓ ସୋମନାଥ ପାତ୍ର ଏବଂ ଛତ୍ରପୁର ଥାନା ପୋଲିସ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଅନ୍ୟପଟେ ସେମାନେ ଆଣିଥିବା କାରକୁ ଜବତ କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୭୫ ବର୍ଷ ବୟସରେ...

ସର୍ବାଧିକ ଗୁରୁତ୍ୱ ଦେବା ଉଚିତ। ନିଜ ଦୀର୍ଘ ଶିକ୍ଷାଯାତ୍ରାରେ ପତ୍ନୀ ବିଦ୍ୟା ଦେବୀ ଓ ପରିବାରର ସହଯୋଗକୁ ସେ ମୁଖ୍ୟ ପ୍ରେରଣା ବୋଲି କହିଛନ୍ତି। ତାଙ୍କ ଏହି ଅଦମ୍ୟ ଇଚ୍ଛାଶକ୍ତି ଓ ଜ୍ଞାନ ପ୍ରତି ନିଷ୍ଠା ଆଜି ଯୁବପିଢ଼ି ପାଇଁ ଏକ ଅନନ୍ୟ ପ୍ରେରଣା ପାଲଟିଛି।

### ଆଗକୁ ଭୟଙ୍କର...

ଏହି ରିପୋର୍ଟ ଅନୁସାରେ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଯୋଗୁଁ ହିଟ୍ ଷ୍ଟ୍ରୋକ୍ ଓ ଅନ୍ୟାନ୍ୟ ଉତ୍ତାପଜନିତ ରୋଗରେ ପୀଡ଼ିତ ଲୋକଙ୍କ ସଂଖ୍ୟା ବଢ଼ିପାରେ। ବିଶେଷକରି ବୃଦ୍ଧ, ଶିଶୁ ଓ ବାହାରେ କାମ କରୁଥିବା ଶ୍ରମିକମାନେ ଅଧିକ ବିପଦରେ ପଡ଼ିପାରନ୍ତି। ତେବେ ରିପୋର୍ଟରେ ଏହି ସମସ୍ୟାର ସମାଧାନ ଭାବେ ସୌର ଶକ୍ତି ଓ ବ୍ୟାଟେରି ଏନର୍ଜି ଷ୍ଟୋରେଜ୍ ସିଷ୍ଟମ୍‌ର ବ୍ୟାପକ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ଦିନ ସମୟରେ ସୌର ଶକ୍ତି ଉତ୍ପାଦନ ଓ ବ୍ୟାଟେରିରେ ବିଦ୍ୟୁତ୍ ସଂରକ୍ଷଣ କରି ପ୍ରୟୋଜନ ସମୟରେ ବ୍ୟବହାର କଲେ ବିଦ୍ୟୁତ୍ ନିଅଣ୍ଟ ଅନେକାଂଶ ହ୍ରାସ ପାଇବ ଓ କୋଇଲା ଉପରେ ନିର୍ଭରଶୀଳତା ମଧ୍ୟ କମିବ। ଭାରତରେ ବିଦ୍ୟୁତ୍ ଚାହିଦା ନିରନ୍ତର ବଢ଼ୁଥିବା ବେଳେ ଜଳବାୟୁ ପରିବର୍ତ୍ତନ ନୂଆ ଚ୍ୟାଲେଞ୍ଜ ସୃଷ୍ଟି କରୁଛି। ତେଣୁ ନବୀକରଣଯୋଗ୍ୟ ଶକ୍ତି, ଆଧୁନିକ ବିଦ୍ୟୁତ୍ ଗ୍ରିଡ୍ ଏବଂ ଶକ୍ତି ସଂରକ୍ଷଣ ବ୍ୟବସ୍ଥାରେ ବିନିଯୋଗ ବଢ଼ାଇବା ଉପରେ ଶକ୍ତି ବିଶେଷଜ୍ଞମାନେ ଗୁରୁତ୍ୱ ଦେଇଛନ୍ତି।ବିଶେଷଜ୍ଞମାନଙ୍କ ମତରେ, ବର୍ତ୍ତମାନ ଦିନ ବେଳର ବିଦ୍ୟୁତ ଚାହିଦାର ପ୍ରାୟ ୨୪ ପ୍ରତିଶତ ସୌର ଶକ୍ତି ଯୋଗାଉଛି। ଏଲ୍ ନିନୋର ପ୍ରଭାବ ସୌର ଶକ୍ତି ଉପରେ ତୁଳନାମୂଳକ ଭାବେ କମ୍ ଥିବାରୁ ଅଧିକ ସୌର ପ୍ୟାନେଲ୍ ଓ ବ୍ୟାଟେରି ସଂରକ୍ଷଣ ବ୍ୟବସ୍ଥା ଭବିଷ୍ୟତରେ ଏପରି ଚରମ ପାଣିପାଗ ଜନିତ ବିଦ୍ୟୁତ ସଙ୍କଟକୁ ମୁକାବିଲା କରିବାରେ ଦେଶକୁ ଅଧିକ ସକ୍ଷମ କରିପାରିବ।

### ଇଣ୍ଡୋନେସିଆରେ ବିଜୁଙ୍କ...

ପ୍ରଧାନମନ୍ତ୍ରୀ କହିଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ୧୯୪୭ ମସିହାରେ ଡଚ୍ ଉପନିବେଶବାଦୀ ଶାସନ ବିରୋଧରେ ଇଣ୍ଡୋନେସିଆ ଜାତୀୟ ବିପ୍ଲବରେ ବିଜୁ ପଟ୍ଟନାୟକ ଜୀବନକୁ ବାଜି ଲଗାଇ ଏକ ସାହସିକ ଭୂମିକା ଗ୍ରହଣ କରିଥିଲେ । ଡଚ୍‌ମାନେ ଇଣ୍ଡୋନେସିଆକୁ ପୁନଃ ଉପନିବେଶ କରିବାକୁ ଚେଷ୍ଟା କରିଥିଲେ । ସ୍ୱାଧୀନତା ଆନ୍ଦୋଳନକୁ ଦବାଇ ଦେବା ପାଇଁ ସେମାନେ ଇଣ୍ଡୋନେସିଆର ପ୍ରଧାନମନ୍ତ୍ରୀ ସୁତାନ ସାହାରିୟର ଏବଂ ଉପ-ରାଷ୍ଟ୍ରପତି ମହମ୍ମଦ ହଟ୍ଟାଙ୍କୁ ଜାକର୍ତ୍ତାରେ ଗୃହବନ୍ଦୀ କରିଥିଲେ । ନେହେରୁ ୩୧ ବର୍ଷୀୟ ଦୁର୍ଦ୍ଦଶ ବୈମାନିକ ବିଜୁ ପଟ୍ଟନାୟକଙ୍କୁ ଇଣ୍ଡୋନେସିଆର ନେତାମାନଙ୍କୁ ବାହାର କରିବା ପାଇଁ ଏକ ଗୁପ୍ତ ଅଭିଯାନର ଦାୟିତ୍ୱ ଦେଇଥିଲେ। ଜୁଲାଇ ୧୯୪୭ରେ ବିଜୁ ପଟ୍ଟନାୟକ ଓ ତାଙ୍କ ପତ୍ନୀ ଜ୍ଞାନ ପଟ୍ଟନାୟକ ଭାରତରୁ ସାମରିକ ପରିବହନ ବିମାନ (ଡାକୋଟା ଡିସି-୩)କୁ ଇଣ୍ଡୋନେସିଆର ଆକାଶ ସୀମାରେ ଉଡ଼ାଇଥିଲେ। ବିଜୁ ପଟ୍ଟନାୟକ ସଫଳତାର ସହ ସିଙ୍ଗାପୁର ଦେଇ ସଜାହରିର ଏବଂ ହଟ୍ଟାଙ୍କ ସମେତ ବରିଷ୍ଠ ନେତାଙ୍କୁ ୧୯୪୭ ଜୁଲାଇ ୨୪ ତାରିଖରେ ନିରାପଦରେ ନୂଆଦିଲ୍ଲୀରେ ପହଞ୍ଚାଇଥିଲେ। ନିଜର ଡାକୋଟା ବିମାନକୁ ନେଇ ବିଜୁ ବାବୁ ଯେପରି ଅସୀମ ସାହସ ପ୍ରଦର୍ଶିତ କରିଥିଲେ, ତାହା ସେତେବେଳେ ସମଗ୍ର ବିଶ୍ୱରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଏପରିକି ଏଥିପାଇଁ ବିଜୁ ବାବୁଙ୍କୁ ଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନ ଭୂମିପୁତ୍ର ଉପାଧି ମିଳିଥିଲା।

### ବିକାଶ ଓ ପରିବେଶ...

ପ୍ରାୟ ୯ ଲକ୍ଷ ଚାରା ରୋପଣର ଲକ୍ଷ୍ୟ ରଖାଯାଇଛି। ସେହିପରି "ବର୍ଦ୍ଧିତ ସବୁଜ ବଳୟ ଯୋଜନା' ମାଧ୍ୟମରେ ଚଳିତ ବର୍ଷ ୩.୫୮ ହେକ୍ଟର ଜମିରେ ୧୫ ଲକ୍ଷ ୯୩ ହଜାର ବୃକ୍ଷଚାରା ରୋପଣ କରାଯିବ। ସହରାଞ୍ଚଳରେ ପ୍ରଦୂଷଣ କମାଇବା ପାଇଁ ଚଳିତ ବର୍ଷ ପ୍ରାୟ ୬ ଲକ୍ଷ ୯୫ ହଜାର ଚାରା ରୋପଣର ଲକ୍ଷ୍ୟ ରହିଛି। "ଆମ ଜଙ୍ଗଲ ଯୋଜନା' ଅଧୀନରେ ୧୯,୯୭୫ ହେକ୍ଟର ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର କରାଯାଇ ୪୩.୧୮ ଲକ୍ଷ ସ୍ଥାନୀୟ ହିତାଧିକାରୀଙ୍କୁ ୧,୪୮୮.୫୨ କୋଟି ଟଙ୍କାର ଜୀବିକା ଭିତ୍ତିକ କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ଏହା ସହିତ ବଜ୍ରପାତରୁ ରକ୍ଷା ପାଇବା ପାଇଁ ଗତ ଆର୍ଥିକ ବର୍ଷରେ ୧୭.୯୦ ଲକ୍ଷ ତାଳ ଚାରା ରୋପଣ କରାଯାଇଛି ବୋଲି ସେ କହିଛନ୍ତି । ସମାରୋହରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ବନୀକରଣ କ୍ଷେତ୍ରରେ ଜନଭାଗୀଦାରି ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। ଏହି ଅବସରରେ ଜଙ୍ଗଲ ସୁରକ୍ଷା ଓ ବନୀକରଣ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁଗୁଳର "ଜେରେଙ୍ଗ ବୁଧିପାହାଡ଼ ବନ ସୁରକ୍ଷା ସମିତି' ଏବଂ ମୟୂରଭଞ୍ଜର "ଗୁଡ଼ଗୁଡ଼ିଆ ପରିବେଶ ବିକାଶ ସମିତି (ଇଡିସି)' କୁ ରାଜ୍ୟ ସ୍ତରୀୟ ମୁଖ୍ୟମନ୍ତ୍ରୀ ପୁରସ୍କାର ସ୍ୱରୂପ ୨ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି।

### ୧୦କିମି ଚାଲି ଚାଲି...

ପହଞ୍ଚିଥିଲେ ,ବିଧାୟକ ଜାଣି ଶୁଣି ଦେଖା ନ ଦେବାରୁ ବିଧାୟକ ହାଏ ହାଏ, ସନାତନ ବିଜୁଳି ଛି ଛି, ବିଧାୟକ ତମେ ଲୁଚିଗଲ ଆଦି ନାରା ଦେଇ ଫେରିଆସିଲେ। ବିଧାୟକ ଙ୍କ ଏଭଳି କାର୍ଯ୍ୟ ପାଇଁ ସାଧାରଣରେ ନିନ୍ଦା ପ୍ରକାଶ କରିଛନ୍ତି।


**OFFICE OF THE PANCHAYAT SAMITI: SEMILIGUDA**
**DISTRICT: KORAPUT (ODISHA)**
No.: **1261/2026,** Date: **04/07/2026**
19001/138/2627

**NOTICE INVITING TENDER**
(e-Procurement Notice No. PS/SMG-01/2026-27)

The **Block Development Officer, Panchayat Samiti, Semiliguda, District-Koraput, Pin-764036 (Odisha)** on behalf of the **Governor of Odisha** invites **Percentage Rate Bids** in **Double Cover System** through the electronic tendering system from eligible class contractors for execution of **11 (Eleven) Nos. of Civil Works (Buildings)** under Panchayat Samiti, Semiliguda, District-Koraput (Odisha). The detailed information is available in the e-Procurement portal/website: https://www.tendersodisha.gov.in
**Last date for receipt of online bid: 20.07.2026 (up to 05:30 P.M.)**

OIPR-19001/19066/1/26-27/0001 — Sd/- Block Development Officer, Semiliguda

ରେଜିଷ୍ଟ୍ରି ସଂ. ଡି.ଏଲ. ୩୩୦୦୪/୯୯ — Regd. No. D.L. 33004/99
24001/266/2627

भारत का राजपत्र
The Gazette of India

ସି.ଜି.-ଡି.ଏଲ.-ଅ.-17062026-273545
CG-DL-E-17062026-273545
ଅସାଧାରଣ
(EXTRAORDINARY)
ଭାଗ ୨ - ଖଣ୍ଡ ୩ - ଉପ-ଖଣ୍ଡ (ii)
PART II-Section 3-Sub-section (ii)
ପ୍ରାଧିକାରୀଙ୍କ ଦ୍ୱାରା ପ୍ରକାଶିତ
PUBLISHED BY AUTHORITY

ସଂ.୨୯୬୬] ନୂଆ ଦିଲ୍ଲୀ, ସୋମବାର, ଜୁନ୍ ୧୫, ୨୦୨୬ / ଜ୍ୟେଷ୍ଠ ୨୫, ୧୯୪୮
No.୨୯୬୬] NEW DELHI, MONDAY, JUNE 15, 2026 / JYAISHTA 25, 1948

**ସଡକ ପରିବହନ ଏବଂ ରାଜମାର୍ଗ ମନ୍ତ୍ରଣାଳୟ**
**ଅଧିସୂଚନା**
**ନୂଆ ଦିଲ୍ଲୀ, ୧୨ ଜୁନ୍ ୨୦୨୬**

ଏସ୍.ଓ. ୩୦୮୭ (ଇ) - ଜାତୀୟ ରାଜପଥ ଆଇନ, ୧୯୫୬ (୧୯୫୬ର ୪୮) (ଏଠାରେ ଉକ୍ତ ଆଇନ ଭାବରେ ଉଲ୍ଲେଖିତ)ର ଧାରା ୩କ ର ଉପ-ଧାରା (୧) ଅନ୍ତର୍ଗତ ପ୍ରକାଶିତ ଭାରତ ସରକାରଙ୍କ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟର ବିଜ୍ଞପ୍ତି, ଏସ୍.ଓ. ୧୩୫୭ (ଇ) ତାରିଖ: ୧୬ ମାର୍ଚ୍ଚ ୨୦୨୬ ରେ ପ୍ରକାଶିତ, ଅସାଧାରଣ, ଭାଗ ୨, ଧାରା ୩, ଉପ-ଧାରା (ii) ଅନୁଯାୟୀ, କେନ୍ଦ୍ର ସରକାର ଉକ୍ତ ବିଜ୍ଞପ୍ତି ସହିତ ସଂଲଗ୍ନ ସୂଚୀରେ ନିର୍ଦ୍ଦିଷ୍ଟ ଜମି ଅଧିଗ୍ରହଣ କରିବାକୁ ଏହାର ଉଦ୍ଦେଶ୍ୟ ଘୋଷଣା କରିଛନ୍ତି। NH20 ର ନିର୍ମାଣ (ପ୍ରଶସ୍ତୀକରଣ /ଚାରି-ଲେନ୍ କରିବା, ଇତ୍ୟାଦି), ରକ୍ଷଣାବେକ୍ଷଣ, ପରିଚାଳନା ଏବଂ ପରିଚାଳନା ପାଇଁ କିଲୋମିଟର ୦ ରୁ ୪୯.୨ କିଲୋମିଟର ପର୍ଯ୍ୟନ୍ତ ଜମିରେ | ODISHA ରାଜ୍ୟର ଯାଜପୁର ଜିଲ୍ଲାର ବିଚିତ୍ରପୁର-୧୯୬, କୁସୁନପୁର-୮୧, ମିର୍ଜାପୁର-୧୮୦ ତାଲୁକ ଯାଜପୁର ଏବଂ ବରାଂଶ -୯୬, କୁଆଖୁଆ-୯୮, ସାରଙ୍ଗପୁର-୯୭ ତାଲୁକ- ରସୁଲପୁର ଏବଂ ଧନୀପୁର-୪୦, ବିରଜାପୁର-୨୬୦, ବୋଉଳାଙ୍ଗ -୫୯, କନିକାପଡ଼ା-୩୬୦, ଖାନ ନଗର-୯୫, ତଲିଛା-୨୭୮, ତେନ୍ତୁଲିଦିଅ-୫୮ ଉଦସ୍ତପୁର-୧୨ ତାଲୁକ-ଦଶରଥପୁର।

ଏବଂ ଯେହେତୁ ଉକ୍ତ ବିଜ୍ଞପ୍ତିର ସାରାଂଶ "ଦି ଟାଇମ୍ସ ଅଫ୍ ଇଣ୍ଡିଆ" ତାରିଖରେ ୧୪/୦୪/୨୦୨୬ ରେ ପ୍ରକାଶିତ ହୋଇଛି, ଉକ୍ତ ଆଇନର ଧାରା ୩କ ର ଉପ-ଧାରା (୩) ଅନ୍ତର୍ଗତ "ନିତିଦିନ" ତାରିଖ ୧୪/୦୪/୨୦୨୬

ଏବଂ ଦକ୍ଷ ପ୍ରାଧିକରଣ ଧାରା 3-C ଅନୁଯାୟୀ ଦାଖଲ ହୋଇଥିବା ଆପତ୍ତିଗୁଡ଼ିକୁ ଗ୍ରହଣ କରି ଉପଯୁକ୍ତ ଭାବରେ ବିଚାର ଏବଂ ସମାଧାନ କରିଛନ୍ତି;

ଏବଂ ଦକ୍ଷ ପ୍ରାକରଣ ଉକ୍ତ ଆଇନର ଧାରା 3D ର ଉପ-ଧାରା (1) ଅନୁଯାୟୀ, ଦକ୍ଷ ପ୍ରାକରଣ କେନ୍ଦ୍ର ସରକାରଙ୍କୁ ତାଙ୍କର ରିପୋର୍ଟ ପ୍ରଦାନ କରିଛନ୍ତି;

ତେଣୁ, ବର୍ତ୍ତମାନ ଦକ୍ଷ ପ୍ରାକରଣଙ୍କ ଉକ୍ତ ରିପୋର୍ଟ ପ୍ରାପ୍ତ ହେବା ପରେ ଏବଂ ଦକ୍ଷ ପ୍ରାକରଣ ଧାରା 3D ର ଉପ-ଧାରା (1) ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର କରି, କେନ୍ଦ୍ର ସରକାର ଏହା ଦ୍ୱାରା ଘୋଷଣା କରୁଛନ୍ତି ଯେ ଉକ୍ତ ସୂଚୀରେ ନିର୍ଦ୍ଦିଷ୍ଟ ଜମି ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ଅଧିଗ୍ରହଣ କରାଯିବା ଉଚିତ;

ଏବଂ ଏହା ସହିତ, ଦକ୍ଷ ପ୍ରାକରଣ ଧାରା 3D ର ଉପ-ଧାରା (2) ଅନୁଯାୟୀ, କେନ୍ଦ୍ର ସରକାର ଏହାଦ୍ୱାରା ଘୋଷଣା କରୁଛନ୍ତି ଯେ ସରକାରୀ ଗେଜେଟରେ ଏହି ବିଜ୍ଞପ୍ତି ପ୍ରକାଶନ ପରେ, ଉକ୍ତ ସୂଚୀରେ ନିର୍ଦ୍ଦିଷ୍ଟ ଜମି ସମ୍ପୂର୍ଣ୍ଣ ଭାବରେ କେନ୍ଦ୍ର ସରକାରଙ୍କ ଅଧୀନରେ ରହିବ, ସମସ୍ତ ଭାରରୁ ମୁକ୍ତ।

ଯେହେତୁ ପ୍ରୋକ୍ତ ଆଇନ ର ଧାରା ୩ (G) ଉପଧାରା ୧, ୨, ୩, ୪ ଅନୁସାରେ ଅଧିଗ୍ରହଣ ନିମନ୍ତେ ସ୍ଥିରିକୃତ ହୋଇଥିବା ତଫସିଲ ଭୁକ୍ତ ଅନୁସୂଚୀ ନିର୍ମିତ ସମ୍ଭାବନ ବ୍ୟକ୍ତି, ଭୂମି ମାଲିକ, ସ୍ୱାର୍ଥ ଥିବା ବ୍ୟକ୍ତି ମାନଙ୍କୁ ଜଣାଇଦିଆଯାଉଅଛି ଯେ ସେମାନେ ଆବଶ୍ୟକୀୟ ସମସ୍ତ କାଗଜାତ ସହ (ବିକ୍ରି କବଲା, ଭାଗବଟରା, ଦାଖଲ ଖାରଜ, ଖଜଣା ପାଉତି ଓ କିସମ ପରିବର୍ତ୍ତନ) ନିଜେ କିମ୍ବା ନିଜର ବିଧାପୂର୍ବକ କ୍ଷମତାପ୍ରାପ୍ତ ବ୍ୟକ୍ତି ମାନଙ୍କ ଦ୍ୱାରା ଉପସ୍ଥିତ ରହି ଦାବି ଉପସ୍ଥାପିତ କରିବେ, ନଚେତ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

କାର୍ଯ୍ୟସୂଚୀ

କିମି. ୦ ରୁ ୪୯.୨ କିମି. ପର୍ଯ୍ୟନ୍ତ ଜମିର ବିସ୍ତାରରେ NH20 ପଡ଼ିଥିବା ଗଠନ ସହିତ କିମ୍ବା ବିନା ଅଗ୍ରହଣ ହେବାକୁ ଥିବା ଜମିର ସଂକ୍ଷିପ୍ତ ବର୍ଣ୍ଣନା । ଗାଁ (ଗୁଡିକ) ଯଥା- ବିଚିତ୍ରପୁର -196, କୁସୁନପୁର -81, ମିର୍ଜାପୁର -180 ତାଲୁକ-ଯାଜପୁର ଏବଂ ଗାଁରେ ଯଥା- ବରାଂଶ -96, କୁଆଖୁଆ -98, ସାରଙ୍ଗପୁର -97 ତାଲୁକ-ରସୁଲପୁର ଏବଂ ଧନିପୁର -40, ବିରଜାପୁର -260, ବୋଉଳାଙ୍ଗ -୫୯, ଖାନନଗର-95, ତଲିହା-278, ତେନ୍ତୁଳି ଢିଅ-58, ଉଦସ୍ତପୁର-12 ତାଲୁକ-ଦଶରଥପୁର, ଓଡିଶ, ଯାଜପୁର ।
4307 GI/2026

L.A.O (Civil) & Competent Authority (NH-20 Cell) Collectorate, Jajpur
OIPR-24001/24395/3/26-27/0002

**OFFICE OF THE MUNICIPAL COUNCIL, BHAWANIPATNA**
**DISTRICT – KALAHANDI, PIN – 766001**
**e-Procurement Notice**
**Bid Identification No. BPM/07/2026-27**
Bid Identification No.: **BPM/2542,** Date: **02/07/2026**
13001/1092/2627

The Executive Officer, on behalf of **Bhawanipatna Municipality**, invites tenders in **Single Cover System**. Bid documents consisting of the specification, Schedule of Quantities, and the set of terms and conditions of contract and other necessary documents can be seen on the Govt website: https://tendersodisha.gov.in

1. **Number of Civil Works: 17 (Seventeen) Numbers**
2. **Estimated Cost: ₹2.71 Lakhs to ₹16.94 Lakhs**
3. **Period of Completion: As per NIT**
4. **Date and time of availability of Bid Documents in the portal:** From **02:00 P.M. of 03.07.2026** to **05:00 P.M. of 18.07.2026**
5. **Last Date & Time for Receipt of Bids in the portal : 05:00 P.M. of 18.07.2026**
6. **Bids will be Opened on: 05:30 P.M. on 18.07.2026**
7. **Name and address of the Officer Inviting Bid: Executive Officer, Bhawanipatna Municipality**

Executive Officer, Bhawanipatna Municipality
OIPR-13001/13100/1/26-27/0009

ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ, ମାଲକାନଗିରି ବନଖଣ୍ଡ, ମାଲକାନଗିରି
**OFFICE OF THE DIVISIONAL FOREST OFFICER-CUM-WILDLIFE WARDEN**
**MALKANGIRI FOREST DIVISION, MALKANGIRI**
**E-mail:** dfo.malkangiri@odisha.gov.in
Bid Identification No. 01 DFO, MKG 01/2026-27
**Letter No.:** 118/1F, **Date:** 06.07.2026
8001/197/2627

**NOTICE INVITING TENDER**

| Sl. No. | Name of the Work | Procurement of Different Planting Materials for **Planting Season – 2026-27** |
|---|---|---|
| 1 | Estimated Cost | Depending upon funds availability |
| 2 | Period & Time of Completion | **15 days** from the date of issue of orders |
| 3 | Date & Time of Availability of Bid Documents in the Portal | **07.07.2026 to 17.07.2026** |
| 4 | Last Date & Time for Receipt of Bids in the Portal | **Up to 5.00 PM on 17.07.2026** |
| 5 | Date & Time of Bid Opening | **11.00 AM on 18.07.2026** |
| 6 | Name & Address of the Officer Inviting Bid officer inviting Bid | **Divisional Forest Officer, Malkangiri Forest Division** |

Others can see the details from the **Notice Inviting Tender** available on the website: https://malkangiri.odisha.gov.in, **Corrigendum if any**, shall only be published in the above website.

Divisional Forest Officer, Malkangiri Forest Division
OIPR-8001/8109/1/26-27/0002

**OFFICE OF THE MUNICIPAL COUNCIL: RAYAGADA**
**DISTRICT – RAYAGADA, PIN CODE – 765001, ODISHA**
**E-mail ID:** rayagada.mud@od.gov.in, **Website:** www.rayagadamunicipality.in
**Phone:** 06856-235052
**Letter No.:** 3187, **Date:** 03.07.2026
13001/1096/2627

**REQUEST FOR PROPOSAL NOTICE**

Sealed bids in conformity with the detailed **Request for Proposal (RFP)** (in two bid system) are invited from experienced, financially sound Company / Trust / Society / NGO / Govt. Owned Entity / Individual / Proprietary Firm registered under relevant statute for the work detailed below.

| Sl. No. | Name of the Work | Contract Period | Cost of Bid Document | EMD |
|---|---|---|---|---|
| 1 | Door to door collection and transportation of Municipal Solid Waste from primary sources in Rayagada Municipal area through outsourcing Basics. | 03+01+01 Years | ₹10,000/- | ₹5,00,000/- |

The details of the bid and bid document can be downloaded from the Rayagada Municipality website https://rayagadamunicipality.in from **06.07.2026, 11.00 A.M. to 23.07.2026, 5.00 P.M.** The filled bid document will be received up to **05.00 P.M. of 24.07.2026** by Registered Post/Speed Post. The bid must accompany the cost of bid document and EMD of the required value as specified above in the shape of **Bank Draft/Demand Draft** in favour of **Executive Officer, Rayagada Municipality**, failing which the bid shall be outrightly rejected. The Technical Bid will be opened on **27.07.2026 at 11.00 A.M.** in the presence of the bidder or their authorized representatives only. The opening of the Price Bid will be intimated to the bidders qualifying in the Technical Bid.
The authority reserves the right to reject any or all bids without assigning any reason thereof.

Executive Officer, Rayagada Municipality
OIPR-13001/13150/1/26-27/0007

ବିଜ୍ଞାପିତ ଅଞ୍ଚଳ ପରିଷଦ, କଣ୍ଟାବାଞ୍ଜି — 13001/1103/2627
**NOTIFIED AREA COUNCIL, KANTABANJI**
(Near Kantabanji CHC, At/Po – Kantabanji, Dist – Balangir (Odisha), PIN – 767039)
**E-mail ID:** nackantabanji@gmail.com
**Letter No.:** 1038, **Date:** 04.07.2026

**Expression of Interest (EOI) for Selection of Mission Shakti Groups for O&M of AAHAAR Kendra & Kitchen of Kantabanji NAC**

Kantabanji NAC invites **Expression of Interest (EOI)** in the prescribed formats (**Annexure-I, II & III**) in sealed cover from intending **Mission Shakti Groups** having the credibility and experience for **Operation & Maintenance (O&M) of AAHAAR Kendra with AAHAAR Kitchen** and overall management of the AAHAAR Centre, including cooking of meals and the entire responsibilities of the AAHAAR Programme to ensure better accountability towards the public. The applicants **must be under the jurisdiction of Kantabanji NAC only.**

| | | |
|---|---|---|
| 01 | Availability of EOI documents on website | **08.07.2026** |
| 02 | Last date & time of submission of EOI | **17.07.2026** |
| 03 | Date & time of opening of EOI | **21.07.2026** |
| 04 | For downloading the EOI documents and Terms & Conditions of assignment, Please visit the Balangir District Website | https://balangir.odisha.gov.in/ |

The authority reserves the right to reject any or all the EOIs without assigning any reason thereof. Any change, correction / corrigendum in respect the above shall be placed in **Balangir District Website**.

Executive Officer, NAC, Kantabanji
OIPR-13001/13111/1/26-27/0004

**OFFICE OF THE PRINCIPAL**
**GANDHI MAHAVIDYALAYA, ROURKELA-04**
**No.:** 1057/GM, **Date:** 07.07.2026

**WALK IN INTERVIEW FOR GUEST FACULTY**

A walk-in interview is scheduled to be held on **14.07.2026 (Tuesday) at 11.00 A.M.** in the office of the undersigned for engagement of **Guest Faculties** for the session **2026-27** against vacancy of **Direct Payment (DP) post** & **Maternity Leave (ML)** as per the details noted below.

| Sl. No. | Post(s) | Minimum Qualification | Consolidated Remuneration |
|---|---|---|---|
| 1 | Guest Faculties in different subjects **(Hindi-01, Geology-01, Chemistry-01, Mathematics-01, Physics-01, Education-01, Commerce (DP-01 & ML-01))** | **55% or more marks** at the P.G. level and good academic career. Higher qualification such as **M.Phil / Ph.D. / Experience** will be an added advantage. | **Rs. 280/- per class,** subject to a maximum of **Rs. 14,000/- per month.** |

Interested candidates are requested to come with a **bio-data** along with original certificates and mark sheets along with self-attested photocopies and one photograph. **No TA/DA** shall be paid for attending the interview. The authority reserves the right to cancel the selection process or engagement in whole or part, or the appointment process at any stage without assigning any reason thereof and have the right to fill up / not to fill up the posts as advertised.

Principal, Gandhi Mahavidyalaya, Rourkela-04

ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ କ୍ଷୁଦ୍ର ଜଳସେଚନ ବିଭାଜନ, ଆନନ୍ଦପୁର
**OFFICE OF THE SUPERINTENDING ENGINEER,**
**M.I. DIVISION, ANANDAPUR**
**AT/P.O.:** Salapada, **Dist:** Keonjhar, **Pin Code** – 758020
**E-mail ID:** mianandapur@yahoo.co.in, eemidanandapur@gmail.com
**e-Procurement Notice**
**Bid Identification No. 08 / MIDA / 2026-27**
**E-mail ID:** mianandapur@yahoo.co.in
**No.:** 1650, **Date:** 03.07.2026
32001/506/2627

The Superintending Engineer, Minor Irrigation Division, Anandapur on behalf of the Governor of Odisha invites online percentage rate tender through **"e" procurement** for the works as detailed in the Annexure to this bid notice.

| | |
|---|---|
| **Name of the Work** | Construction of 04 nos of Check Dams under MATY scheme |
| **No. of Works** | 04 Nos only |
| **Estimated Cost** | **₹54.81 lakh to ₹71.32 lakh** (Approximately) |
| **Cost of Tender Paper** | **₹10,000/-** (Non-refundable) |
| **Period of Completion** | **6 (Six) Calendar Months** |
| **Availability of Bid Documents for sale and receipt through on-line** | From **10.07.2026, 10.00 A.M.** to **23.07.2026 up to 5.00 P.M.** |
| **Last Date & Time of Receipt of Bids in the Portal** | **23.07.2026 (5.30 P.M.)** |
| **Date of Technical Bid Opening through on-line** | **23.07.2026 at 5.30 P.M.** in the Office of the **S.E., M.I. Division, Anandapur** |
| **Mode of Payment of Bid Cost** | Online |
| **Digital Signature Certificate of bidder:** | The bidder must possess compatible Digital Signature Certificate (DSC). |
| The detailed tender call notice can also be seen on the **DOWR website:** http://dowrorissa.gov.in | |
| **Name & Address of the OIT** | **Superintending Engineer,** Minor Irrigation Division, Anandapur, At/P.O.: Anandapur, District: Keonjhar, **Email ID:** mianandapur@yahoo.co.in |
| Further details can be seen from the **e-Procurement Market Place:** http://tendersodisha.gov.in | |

Superintending Engineer, M.I. Division, Anandapur
OIPR-32001/32108/1/26-27/0002

## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳି ପାରନ୍ତି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଭଲ। ଆର୍ଥିକ ସମସ୍ୟା ଦେଖାଦେଇ ପାରେ । ବୈବାହିକ ଜୀବନ ସୁଖମୟ ହେବ।

**ବୃଷ:** କୌଣସି ବି ପରିସ୍ଥିତିରେ ହାର୍ ମାନନ୍ତୁନି। କଠିନ ପରିଶ୍ରମ କରି ସଫଳ ହୋଇପାରନ୍ତି। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ବିଦ୍ୟାର୍ଥୀମାନେ ଖେଳକୁଦରେ ଅଧିକ ସମୟ ବିତାଇବେ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିପାରନ୍ତି। ଦୀର୍ଘ ଦିନରୁ ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ। ପାରିବାରିକ ସୁଖ ଶାନ୍ତି ମିଳିବ। ଯାନବାହନ କ୍ରୟ କରିପାରନ୍ତି। ଚକ୍ଷୁ ସମସ୍ୟା ହୋଇପାରେ।

**କର୍କଟ:** ଆଇଟି ଚାକିରିଆଙ୍କ ପାଇଁ ଦିନଟି ଭଲ। ଦିନଟି ମଜାମସ୍ତିରେ ଅତିବାହିତ ହେବ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ବିଦ୍ୟାର୍ଥୀମାନେ କୃତକାର୍ଯ୍ୟ ହୋଇପାରନ୍ତି।

**ସିଂହ:** ଦିନଟି ଶୁଭଫଳ ପ୍ରଦାନ କରିବ। ଅଚାନକ ଧନପ୍ରାପ୍ତି ଯୋଗ ରହିଛି। ମହିଳାମାନେ ସନ୍ତାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି। ଅତିଥି ସତ୍କାର କରିପାରନ୍ତି। ମାନ ସମ୍ମାନ ବୃଦ୍ଧି ପାଇବ।

**କନ୍ୟା:** ଦିନଟି ବ୍ୟସ୍ତରେ ବିତିବ। ଜମି କିଣାବିକା ପାଇଁ ଭଲ ସମୟ। ଆୟ ଅନୁସାରେ ବ୍ୟୟ କମ୍ ହେବ। ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ତୁଳା:** ଯୋଜନା ଅନୁଯାୟୀ କାମ କରିବେ। ଅକସ୍ମାତ ଖୁସି ଖବର ମିଳିପାରେ। ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଧାର୍ମିକ କାର୍ଯ୍ୟ ପ୍ରତି ମନ ବଳାଇବେ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିବ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ। ଜୀବନସାଥିଙ୍କ ସହ ଭ୍ରମଣ ଯୋଗ ରହିଛି।

**ଧନୁ:** ବନ୍ଧୁ ମିଳନ ଯୋଗ ରହିଛି। ଆଣ୍ଠୁଗଣ୍ଠି ସମସ୍ୟା ଭୋଗିପାରନ୍ତି। ନୂତନ ବ୍ୟବସାୟ ଆରମ୍ଭ କରିପାରିବେ। ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ। ମହିଳାମାନେ ଧର୍ମପରାୟଣା ହେବେ।

**ମକର:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ। ପରିବାର ସହିତ କିଛି ସମୟ ବିତାନ୍ତୁ। ମହିଳାମାନେ ଅଳଙ୍କାର କିଣାକିଣିରେ ସମୟ ଦେବେ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁନି। ପିତାଙ୍କ ସ୍ୱାସ୍ଥ୍ୟସମସ୍ୟା ଚିନ୍ତିତ କରିପାରେ । ଜୀବନସାଥିଙ୍କ ପାଇଁ କୌଣସି କାର୍ଯ୍ୟ ଗଡ଼ବଡ଼ ହୋଇପାରେ। ଆଶା କରିଥିବାରୁ ଦିଗରୁ ନିରାଶ ହୋଇପାରନ୍ତି।

**ମୀନ:** ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ। ବୈବାହିକ ଜୀବନ ସୁଖମୟ ହେବ। ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ। କୋର୍ଟ କଚେରୀ ମାମଲାର ଶୁଣାଣି ହୋଇପାରେ।

## ଆଜିର ଇତିହାସ

- ୧୮୮୯- ଆମେରିକୀୟ ଖବରକାଗଜ 'ଦ ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ' ପ୍ରକାଶିତ।
- ୧୯୧୪- ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଜ୍ୟୋତି ବସୁଙ୍କ ଜନ୍ମ।
- ୧୯୪୮- ଆମେରିକା ବାୟୁସେନାରେ ମହିଳାଙ୍କ ଭର୍ତ୍ତି ଆରମ୍ଭ।
- ୧୯୫୪- ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ଦ୍ୱାରା ପଞ୍ଜାବରେ ଭାକ୍ରା ନଙ୍ଗଲ ଜଳ ବିଦ୍ୟୁତ୍ ପରିଯୋଜନା ଆରମ୍ଭ।
- ୨୦୦୩- ସୁଦାନରେ ହୋଇଥିବା ବିମାନ ଦୁର୍ଘଟଣାରେ ୧୧୫ ଲୋକଙ୍କ ପ୍ରାଣହାନି।



## 'ରାମାୟଣ' ଅଙ୍ଗଦ ଭୂମିକାରେ ଜାହିଦ୍

ବଲିଉଡ୍ ଅଭିନେତା ରଣବୀର କପୁରଙ୍କ ଅଭିନୀତ ଫିଲ୍ମ 'ରାମାୟଣ'ଙ୍କୁ ନେଇ ନିତିଦିନ ଖବର ଆସୁଛି। ଚଳଚ୍ଚିତ୍ରର କଳାକାର ଚୟନଠାରୁ ଆରମ୍ଭ କରି ଭିଏଫ୍ଏକ୍ସ, ସୁଟିଂକୁ ନେଇ ନିତିଦିନ ନୂଆ ନୂଆ କଥା ସାମ୍ନାକୁ ଆସୁଛି। ଏହି ଫିଲ୍ମ ପାଇଁ ସାରା ଦେଶରୁ କଳାକାରଙ୍କ ଚୟନ କରାଯାଉଛି। ଏହା ଦୁଇଟି ପାର୍ଟରେ ରିଲିଜ୍ ହେବ। ଏହାର ପ୍ରଥମ ପାର୍ଟ ଆସନ୍ତା ଦୀପାବଳି ଅବସରରେ ରିଲିଜ୍ ହେବ। ଏହାର ପ୍ରଥମ ଭାଗର କାମ ସରିଯାଇଥିବାରୁ, କାଷ୍ଟିଂ ନିର୍ଦ୍ଦେଶକ ମୁକେଶ ଛାବଡ଼ା ଏବେ ଏହାର ଦ୍ୱିତୀୟ ଭାଗ ପାଇଁ କଳାକାର ଚୟନ ଆରମ୍ଭ କରି ଦେଇଛନ୍ତି। ମୁକେଶ ଏବେ ଅଙ୍ଗଦ ଚରିତ୍ରରେ ଅଭିନୟ କରିବା ପାଇଁ ଅଭିନେତା ଜାହିଦ୍ ଖାନଙ୍କୁ ବାଛିଥିବା ଜଣାପଡ଼ିଛି। ଜାହିଦ୍‌ଙ୍କୁ ଏହି ଭୂମିକା କଙ୍ଗନା ରାଣାୱତଙ୍କ ଫିଲ୍ମ 'ଭାରତ ଭାଗ୍ୟ ବିଧାତା'ରେ କାମ କରିବା ପରେ ହିଁ ମିଳିଛି। ସେହି ଫିଲ୍ମରେ ଜାହିଦ୍ ୨୬/୧୧ ମୁମ୍ବାଇ ଆକ୍ରମଣର ଆତଙ୍କବାଦୀ ଅଜମଲ କସାବ ଭୂମିକାରେ ଅଭିନୟ କରିଥିଲେ। ଜାହିଦ୍ ଏହା ପୂର୍ବରୁ 'ଗ୍ୟାରହ ଗ୍ୟାରହ' ସିରିଜ୍‌ରେ ମଧ୍ୟ ନଜର ଆସିଥିଲେ। 'ଭାରତ ଭାଗ୍ୟ ବିଧାତା' ଫିଲ୍ମଟି ଚାଲିଲା ନାହିଁ ସତ, ହେଲେ ତାଙ୍କ ଅଭିନୟକୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ। ଏହାପରେ ହିଁ ତାଙ୍କୁ 'ରାମାୟଣ' ପାଇଁ ଅଫର୍ ମିଳିଛି।

## ୬୬ ବର୍ଷ ଧରି ବଦଳିନି ରନ୍ଧା ତେଲ



ସାଧାରଣରେ ଧାରଣା ଅଛି ରେଷ୍ଟୋରାଁ ତଥା ହୋଟେଲରେ ବ୍ୟବହାର କରାଯାଉଥିବା ତେଲକୁ ବାରମ୍ବାର ବ୍ୟବହାର କରାଯାଏ। ଏହି ପରିପ୍ରେକ୍ଷୀରେ ଜାପାନ ଶିଜୁଓକାରେ ଥିବା ଫ୍ରାଏଡ୍ ଚିକେନ ରେଷ୍ଟୋରାଁ ୱାକାଟୋରିରେ ୬୬ ବର୍ଷ ଧରି ରନ୍ଧା ତେଲକୁ ଆଦୌ ବଦଳା ଯାଇନାହିଁ। ଏହି ରେଷ୍ଟୋରାଁକୁ ଜାପାନ ଫ୍ରାଏଡ୍ ଚିକେନ ଗ୍ରାଣ୍ଡ ପ୍ରିକ୍ସରେ ଗୋଲ୍ଡ ମେଡାଲ ମିଳିଛି। ଏହାର ମାଲିକ କହିଛନ୍ତି ଯେ, "ରେଷ୍ଟୋରାଁର ସଫଳତାର ରହସ୍ୟ ଏକ ଗୁପ୍ତ ଜିନିଷରେ ରହିଛି। ୧୯୬୦ ମସିହାରେ ଦୋକାନ ପ୍ରତିଷ୍ଠା ହେବାପରେ ଛଣା ଯାଇଥିବା ତେଲକୁ କେବେ ବି ଫିଙ୍ଗା ଯାଇ ନାହିଁ। ଆମେ ସେହି ତେଲରେ ଏଯାବତ୍ ଛାଣି ଆସୁଛୁ।" ଏହି ରେଷ୍ଟୋରାଁର ତୃତୀୟ ପିଢ଼ିର ମାଲିକ ୟୋଶିହିରୋ ସୁଚିୟା ଖୋଲାଖୋଲି ଭାବେ ସ୍ୱୀକାର କରିଛନ୍ତି ଯେ, "ବର୍ଷ ବର୍ଷ ଧରି ପୁନଃବ୍ୟବହାର କରାଯାଉଥିବା ତେଲ ହିଁ ତାଙ୍କ ରେଷ୍ଟୋରାଁର ସ୍ୱାଦିଷ୍ଟ ଫ୍ରାଏଡ୍ ଚିକେନର ରହସ୍ୟ। ପୁରୁଣା ତେଲରେ ଫ୍ରାଏଡ୍ ଚିକେନରେ ଏମିତି ଏକ ସୁଗନ୍ଧ ଏବଂ ସ୍ୱାଦ ମିଳେ, ଯାହାକୁ ନୂଆ ତେଲରେ ତିଆରି କରାଯାଇପାରିବ ନାହିଁ। ଏହା ହିଁ ରେଷ୍ଟୋରାଁକୁ ଆଗକୁ ନେବାରେ ସାହାଯ୍ୟ କରିଛି।" ତେବେ ତାଙ୍କର ଏହି ଦାବି ଏବେ ହଇଚଇ ସୃଷ୍ଟି କରିଛି। ୬୬ ବର୍ଷ ପୁରୁଣା ତେଲରେ ଚିକେନ୍ ଛାଣି ଲୋକଙ୍କ ଜୀବନ ବିପଦରେ ପକାଉଥିବା ଅନେକ ଲୋକ ଅଭିଯୋଗ ଆଣିଛନ୍ତି। ଅବଶ୍ୟ ଏହି ରେଷ୍ଟୋରାଁ ତେଲର ଶୁଦ୍ଧତାକୁ ନେଇ ସ୍ପଷ୍ଟୀକରଣ ରଖିଛି। ପ୍ରତିଦିନ ରାତିରେ ରେଷ୍ଟୋରାଁ କର୍ମଚାରୀ ତେଲରୁ ମାଂସ ଖଣ୍ଡ ଏବଂ ପୋଡ଼ା ଅଂଶକୁ ଛାଣି ରଖନ୍ତି। ତେବେ କେବଳ ଅଳ୍ପ ପରିମାଣରେ ସ୍ୱାଦ ଆଧାରରେ ପୁରୁଣା ତେଲ ରଖନ୍ତି ଏବଂ ସେହି ତେଲରେ ନୂଆ ତେଲ ମିଶାଯାଏ। ଏହିପରି ଭାବେ ୬୬ ବର୍ଷ ପୁରୁଣା ତେଲକୁ ସେମିତି ବ୍ୟବହାର କରାଯାଉ ନାହିଁ। କହିବାକୁ ଗଲେ ପୁରୁଣା ତେଲର ଅଣୁ ଏବେ ବି ୱାକାଟୋରି ତେଲ ମିଶ୍ରଣରେ ଅଛି। ଅପରପକ୍ଷରେ ଏହି ମାମଲାକୁ ନେଇ ଖାଦ୍ୟ ବିଶେଷଜ୍ଞ ଚେତାଇ ଦେଇଛନ୍ତି। ବାରମ୍ବାର ଛାଣିବା ତଥା ଭାଜିବା ଦ୍ୱାରା ତେଲରେ ଟ୍ରାନ୍ସ ଫ୍ୟାଟି ଏସିଡ୍ ଏବଂ ଆକ୍ରିଲାମାଇଡ୍ ଭଳି ହାନିକାରକ ଏବଂ କର୍କଟ ରୋଗ ସୃଷ୍ଟିକାରୀ ତତ୍ତ୍ୱ ସୃଷ୍ଟି ହୋଇଥାଏ। ଏପରିକି ଏହାକୁ ପ୍ରତିଦିନ ତାଜା ତେଲରେ ମିଶାଇଲେ ବି ଏହି ହାନିକାରକ ପଦାର୍ଥକୁ ସମ୍ପୂର୍ଣ୍ଣ ଭାବେ ରୋକାଯାଇପାରିବ ନାହିଁ।

## ଗୋଟିଏ ଛାତ ତଳେ ଛଅ ପିଢ଼ି



ଆଧୁନିକ ଯୁଗରେ ଚାକିରି, ସହରୀକରଣ ଏବଂ ବ୍ୟକ୍ତିଗତ ସ୍ୱାଧୀନତା ଚିନ୍ତାଧାରା ଯୋଗୁଁ ଯୌଥ ପରିବାର କମିବାରେ ଲାଗିଛି। ଉନ୍ନତ ଜୀବନଶୈଳୀ ଏବଂ ରୋଜଗାର ଆଶାରେ ଲୋକେ ଗାଁ ଛାଡ଼ି ଏବେ ସହର ମୁହାଁ, ଯାହାଫଳରେ ଗୋଟିଏ ଛାତ ତଳେ ଏକାଠି ରହିବା ସମ୍ଭବ ହେଉ ନାହିଁ। ଆଧୁନିକ ମଣିଷ ନିଜର ଗୋଟିଏ ସୀମିତ ସଂସାର ବା ଏକକ ପରିବାର ଗଢ଼ିବାକୁ ଅଧିକ ପସନ୍ଦ କରୁଛି। ହେଲେ ଏହାରି ଭିତରେ ଆନ୍ଧ୍ରପ୍ରଦେଶ କର୍ଲାପଲ୍ଲି ଗାଁରେ ଗୋଟିଏ ଛାତ ତଳେ ୮୩ ରୁ ଅଧିକ ସଦସ୍ୟ ଏକାଠି ରହୁଥିବା ଘଟଣା ଏବେ ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏହି ପରିବାରର ଲୋକେ ଛଅ ପିଢ଼ି ଧରି ଗୋଟିଏ ଛାତ ତଳେ ରହି ଭାରତୀୟ ପରମ୍ପରାକୁ ବଜାୟ ରଖିଛନ୍ତି। ହନୁମନ୍ତରାୟୁଡୁ ଏବଂ ମୁଥ୍ୟାଲପ୍ପାଙ୍କ ପରିବାରରେ ଛଅଜଣ ଶାଶୁ, ୧୪ ବୋହୁ ଏବଂ ୨୦ ପିଲା ଅଛନ୍ତି। ଘରର ସମସ୍ତ ସଦସ୍ୟ ଏକାଠି ଖିଆପିଆ କରିବା ସହିତ ଆର୍ଥିକ ସହାୟତା ଠୁ ନେଇ ଘରର ପ୍ରତ୍ୟେକ ଛୋଟ ବଡ଼ ଦାୟିତ୍ୱକୁ ମିଳିମିଶି ତୁଲାନ୍ତି। ସେହିପରି ପ୍ରତିଦିନ ସକାଳୁ ବୟସ୍କମାନେ ଏକାଠି କଫି ପିଇ ପୂରା ଦିନର କାର୍ଯ୍ୟସୂଚୀ ଉପରେ ଆଲୋଚନା କରନ୍ତି। ଦିନରେ କ'ଣ ରୋଷେଇ ବାସ ହେବ, ଚାଷ କାର୍ଯ୍ୟ ଠୁ ନେଇ ଘର କାର୍ଯ୍ୟ କିଏ କ'ଣ ସମ୍ଭାଳିବେ ତାହା ଧାର୍ଯ୍ୟ କରି ସମସ୍ତଙ୍କୁ ଦାୟିତ୍ୱ ବାଣ୍ଟିଥାନ୍ତି। ପ୍ରତ୍ୟେକ କାର୍ଯ୍ୟ ବୟସ୍କମାନଙ୍କ ତତ୍ତ୍ୱାବଧାନରେ ଯୋଜନା ଅନୁଯାୟୀ, କରାଯାଉଥିବାରୁ ପରିବାରଟି ସୁରୁଖୁରୁରେ ଚାଲିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପରିବାର ଲୋକଙ୍କ ପାଇଁ ପ୍ରସ୍ତୁତ ହେଉଥିବା ଖାଦ୍ୟ ଗୋଟିଏ ରୋଷେଇ ଘରେ ତିଆରି କରାଯାଏ। ବୟସ୍କମାନେ ଘର ପାଇଁ ରାସନ ଏବଂ ଅନ୍ୟାନ୍ୟ ଜରୁରି ସାମଗ୍ରୀ କିଣିବା କାମ କରନ୍ତି। ଘରର ବୋହୂମାନେ ଏକାଠି ମିଳିମିଶି ସମସ୍ତଙ୍କ ପାଇଁ ରୋଷେଇ କରନ୍ତି। ତେଣୁ ମିଳିମିଶି ସମସ୍ତ କାମ ସୁରୁଖୁରୁରେ ହୋଇଯାଉଥିବାରୁ ଏହା ପରିବାରରେ ସମନ୍ୱୟ ରଖିବାରେ ସାହାଯ୍ୟ କରିଛି। କେବଳ ସେତିକି ନୁହେଁ, ଏହି ପରିବାର ମୁଖ୍ୟତଃ ଚାଷ କାର୍ଯ୍ୟ ଉପରେ ନିର୍ଭର କରି ନିଜର ଗୁଜୁରାଣ ମେଣ୍ଟାନ୍ତି। ପ୍ରାୟ ୧୨୦ ଏକର ଜମିରେ ଚାଷ କାର୍ଯ୍ୟ ହେଉଥିବାବେଳେ ବିଭିନ୍ନ ଋତୁରେ ବ୍ୟବସାୟିକ ଭିତ୍ତିରେ ପନିପରିବା, ଶସ୍ୟ ଆଦି ଚାଷ କରାଯାଏ। ଉତ୍ପାଦନ ଫସଲକୁ ବର୍ଷସାରା ଖାଇବା ଲାଗି ସାଇତି ରଖି ବାକି ଶସ୍ୟକୁ ବିକ୍ରିବଟା କରି ଘର ଚଳାଯାଏ। ତେବେ ଚାଷ କାମକୁ ବାଦ୍ ଦେଲେ, ଏହି ପରିବାର ପାଖରେ ଚାରୋଟି ବସ୍ ରହିଛି। ଯାହାକି କଲ୍ୟାଣଦୁର୍ଗମ ଏବଂ କର୍ଣ୍ଣାଟକର କିଛି ଅଂଶ ମଧ୍ୟରେ ଯାତାୟତ କରିଥାଏ। ବ୍ୟବସାୟରୁ ହେଉଥିବା ରୋଜଗାର ଅର୍ଥକୁ ଏକାଠି ବାଣ୍ଟିକୁଣ୍ଟି ପରିବାର ଚଳାଯାଏ। ଏହା ପରିବାରର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରେ। ପରିବାରର ବୟସ୍କମାନେ କୁହନ୍ତି ଯେ, ପରିବାରରେ ସମସ୍ତେ ପରସ୍ପରକୁ ସାହାଯ୍ୟ କରନ୍ତି। ଏହା ଯୌଥ ପରିବାରରେ ପରସ୍ପର ପ୍ରତି ଥିବା ବିଶ୍ୱାସ, ଶୃଙ୍ଖଳା ଏବଂ ମିଳିତ ଦାୟିତ୍ୱ ପରମ୍ପରାକୁ ପିଢ଼ି ପରେ ପିଢ଼ି ଜୀବିତ ରଖିପାରିବ ବୋଲି ଅନ୍ୟମାନଙ୍କୁ ଏହା ପ୍ରେରଣା ଦେଇଛି।

# ସମ୍ଭାବନା



## ଇନଭେଷ୍ଟମେଣ୍ଟ ବ୍ୟାଙ୍କିଂରେ କ୍ୟାରିୟର୍



**ଫାଇନାନ୍ସ ଏବଂ ବିଜନେସ୍ ସହ ଜଡ଼ିତ ଏମିତି କୋର୍ସ ଅଛି, ଯାହାକୁ କରିବା ଦ୍ୱାରା ଚାକିରି ମିଳିବା ସହଜ ହୋଇଥାଏ। ଏହି କୋର୍ସରୁ ଭଲ ପାରିଶ୍ରମିକ ମିଳିଥାଏ। ଫାଇନାନ୍ସ ଓ ବିଜନେସ୍ ପ୍ରତି ରୁଚି ଥିବା ଲୋକଙ୍କ ପାଇଁ ଇନଭେଷ୍ଟମେଣ୍ଟ ବ୍ୟାଙ୍କିଂ ଏକ ସୁନ୍ଦର କ୍ୟାରିୟର ବିକଳ୍ପ। ବିଦେଶରେ ଏହି ଚାକିରିର ଚାହିଦା ଅଧିକ। ଯୁକ୍ତ ଦୁଇ ପରେ ଏଥିରେ ସହଜରେ କ୍ୟାରିୟର କରି ହେବ।**

ଡିଗ୍ରୀ ବ୍ୟତୀତ ଏମିତି ବି ସ୍କିଲ୍ ଅଛି, ଯାହାକି ଇନଭେଷ୍ଟମେଣ୍ଟ ବ୍ୟାଙ୍କର୍‌ଙ୍କ ଲାଗି ଖୁବ୍ ଜରୁରି। ଇନଭେଷ୍ଟମେଣ୍ଟ ବ୍ୟାଙ୍କର ହେବା ଲାଗି କମ୍ୟୁନିକେସନ ଏବଂ ପ୍ରେଜେନଣ୍ଟେସନ ସ୍କିଲ୍ ଭଲ ହେବା ଦରକାର। ଲୋକ ଯେଭଳି କଥା ବୁଝିବେ, ସେହି କଳା ନିଜ ପାଖରେ ରହିବା ଦରକାର। ଏହାବାଦ୍ ସମସ୍ୟା ସମାଧାନ ଏବଂ ନିର୍ଣ୍ଣୟ ନେବା କ୍ଷମତା ଉନ୍ନତ ହେବା ଦରକାର। ନିଜେ ନେଇଥିବା ନିଷ୍ପତ୍ତି ଉପରେ ନିଜର ବିଶ୍ୱାସ ରହିବା ବହୁତ ଜରୁରି। କୋର୍ସ ପୂରା କରିବା ପରେ ବ୍ୟାଙ୍କ, ମ୍ୟାନେଜମେଣ୍ଟ କମ୍ପାନି, ଫାଇନାନ୍ସିଆଲ କନସଲଟିଂ ଫାର୍ମ, ପ୍ରାଇଭେଟ୍ ଇକ୍ୟୁଟି କମ୍ପାନି ସହିତ ସାମିଲ ହୋଇ କାମ କରିପାରିବେ। ଥରେ ଏଥିରେ ଅଭିଜ୍ଞତା ହାସଲ କରିବା ପରେ ବଡ଼ କର୍ପୋରେଟ୍ କମ୍ପାନିରେ ବି ଆବେଦନ କରିପାରିବେ। ଏ କ୍ଷେତ୍ରରେ ୨ରୁ ୫ ବର୍ଷ ପର୍ଯ୍ୟନ୍ତ ଅଭିଜ୍ଞତା ଥିଲେ ୨୦ ଲକ୍ଷ ପ୍ୟାକେଜ ଦରମା ମିଳିପାରେ। ସେହିପରି ୧୦ ବର୍ଷରୁ ଅଧିକ ଅଭିଜ୍ଞତା ଥିଲେ ୪୦ରୁ କୋଟିଏ ଟଙ୍କା ବାର୍ଷିକ ପ୍ୟାକେଜ ମିଳିପାରେ। ପ୍ୟାକେଜ ବ୍ୟତୀତ କିଛି କମ୍ପାନି ଭଲ ପ୍ରଦର୍ଶନ କରୁଥିବା କର୍ମଚାରୀଙ୍କୁ ବୋନସ ବି ପ୍ରଦାନ କରେ।

## ୪୦ ପରେ ଚାକିରି ଚାଲିଗଲେ...



**୪୦ ବର୍ଷ ବୟସରେ ଚାକିରି କେବଳ ରୋଜଗାରର ମାଧ୍ୟମ ନୁହେଁ, ବରଂ ପୂରା ପରିବାରର ଦାୟିତ୍ୱର ଆଧାର ହୋଇଥାଏ। ପିଲାଙ୍କ ପଢ଼ା, ଘରର ଇଏମ୍ଆଇ, ବୟସ୍କ ବାପାମାଆଙ୍କ ସ୍ୱାସ୍ଥ୍ୟ ଓ ବଢ଼ୁଥିବା ଖର୍ଚ୍ଚ ମଧ୍ୟରେ ଚାକିରି ଚାଲିଗଲେ କ'ଣ ହେବ, ଏକଥା ଭାବି ଅନେକ ମାନସିକ ଚିନ୍ତାରେ ରହିବା ଆରମ୍ଭ କରନ୍ତି। ତେଣୁ ଏହି ବୟସରେ ଚାକିରି ଯିବାର ଭୟ ସ୍ୱାଭାବିକ। ତେବେ ସଞ୍ଚୟ, ନୂଆ ଦକ୍ଷତା, ଅତିରିକ୍ତ ଆୟ ରୋଜଗାରର ଏହି ଭୟକୁ କିଭଳି କମ୍ କରେ, ସେ ସମ୍ପର୍କରେ ଜାଣିବା।**

- ଯଦି ପୂରା ଜୀବନ ମାସିକ ପାରିଶ୍ରମିକ ଉପରେ ନିର୍ଭରଶୀଳ, ତେବେ ୬ ମାସର ଜରୁରୀକାଳୀନ ପରିସ୍ଥିତି ଲାଗି ଟଙ୍କା ସଞ୍ଚୟ ପୂର୍ବରୁ କରିବା ଉଚିତ। ଏଥିରେ ପିଲାଙ୍କ ଖର୍ଚ୍ଚ, ଇଏମ୍ଆଇ ଟଙ୍କା, ଅନ୍ୟ ଦରକାରୀ ଜିନିଷକୁ ସାମିଲ କରନ୍ତୁ। ଏଭଳି ଏକ କଷ୍ଟକର ପରିସ୍ଥିତିରେ ଏହି ଜରୁରିକାଳୀନ ଅର୍ଥ ବହୁ ପରିମାଣରେ ସାହାଯ୍ୟ କରେ।
- ବର୍ତ୍ତମାନ ଜବ୍ ମାର୍କେଟ୍ ଦ୍ରୁତ ଗତିରେ ବଦଳିବାରେ ଲାଗିଛି। ନୂଆ ଟେକ୍ନୋଲୋଜି, ଏଆଇ ଏବଂ କାମ କରିବା ଉପାୟ ଲଗାତାର ବଦଳୁଛି। ତେଣୁ ୪୦ ବର୍ଷ ବୟସରେ ସବୁ ଶିଖିଯାଇଥିବା ଭାବିବା ଭୁଲ। ଏପରି ଚିନ୍ତା ନ କରି ନିଜକୁ ଅପଡେଟ୍ ରଖନ୍ତୁ। ନିଜକ୍ଷେତ୍ର ସହିତ ଜଡ଼ିତ ନୂଆ କୌଶଳ ଶିକ୍ଷାଲାଭ କରିବା ଉଚିତ। ଏହା ଦ୍ୱାରା ନୂଆ ଚାକିରି ଖୋଜିବା ସହଜ ହୋଇପାରେ ଏବଂ ଆତ୍ମବିଶ୍ୱାସ ବୃଦ୍ଧି ପାଏ।
- ଯଦି ସମ୍ଭବ ରୋଜଗାରର ଆଉ ଏକ ବିକଳ୍ପ ପ୍ରସ୍ତୁତ କରିବା ଭଲ। କୌଣସି ବ୍ୟବସାୟ, ଫ୍ରିଲାନ୍ସିଂ, କନସଲଟିଂ, ଅନଲାଇନ୍ କାମରୁ ହେଉଥିବା ଅତିରିକ୍ତ ଆୟ କଠିନ ପରିସ୍ଥିତିରେ ସାହାଯ୍ୟ କରିପାରେ।
- ସେହିପରି ପୁରୁଣା ସାଥୀଙ୍କ ସହ ଯୋଗାଯୋଗରେ ରହିବା ଭଲ। ତା'ସହ ପ୍ରଫେସନାଲ ପ୍ଲାଟଫର୍ମରେ ନିଜର ଉପସ୍ଥିତି ବଜାୟ ରଖନ୍ତୁ। ଏହା ଦ୍ୱାରା ନୂତନ ଅବସର ମିଳିବା ଆଶଙ୍କା ରହିଥାଏ।
- ଚାକିରି ରହିବା ନ ରହିବା ଏହି କଥା କାହା ନିୟନ୍ତ୍ରଣରେ ନ ଥାଏ। ହେଲେ ଏହାର ପ୍ରସ୍ତୁତି ଜରୁରି ହୋଇପାରେ। ସଞ୍ଚୟ, ନୂଆ ସ୍କିଲ, ଉତ୍ତମ ପ୍ରଫେସନାଲ ସମ୍ପର୍କ ଥିଲେ ଆବଶ୍ୟକ ସ୍ଥଳେ ଆୟର ଆଉ ଏକ ମାର୍ଗ ଉନ୍ମୁକ୍ତ ହୋଇପାରିବ। ଏହାସହ ଚାକିରି ଯିବାର ଭୟ ଅନେକ ମାତ୍ରାରେ କମିଯିବ। ତେଣୁ ଚାକିରି ଯିବାର ଭୟକୁ ନେଇ ଚିନ୍ତାରେ ନ ରହି ପ୍ରତ୍ୟେକ ପରିସ୍ଥିତି ଲାଗି ନିଜକୁ ପ୍ରସ୍ତୁତ ରଖିବା ବୁଦ୍ଧିମାନ ଲୋକର କାମ।

## ଗୁଗଲ୍‌ର ନୂଆ ଆପ୍



ଗୁଗଲ ଲଗାତାର ବ୍ୟବହାରକାରୀଙ୍କ ଗୋପନୀୟତାକୁ ଦୃଷ୍ଟିରେ ରଖି ବିଭିନ୍ନ ସମୟରେ ନୂଆ ନୂଆ ଫିଚର୍‌କୁ ପରିଚିତ କରାଇଛି। ଏହି କ୍ରମରେ ଗୁଗଲ ଏକ ନୂଆ ଅପ୍‌କୁ ଖୁବ୍‌ଶୀଘ୍ର ବ୍ୟବହାରକାରୀଙ୍କ ପାଇଁ ପରିଚିତ କରାଇବ। ଏହା ମାଧ୍ୟମରେ ଲୋକେ ଏବେ ଡିଜିଟାଲ ସିଗନେଚରକୁ ଫୋନ୍‌ରେ ସେଭ୍ କରିପାରିବେ। ସେଥିପାଇଁ ଗୁଗଲ୍ ନୂଆ 'ସିଗ୍ନେଚର ଆପ୍'କୁ ପରିଚିତ କରାଇଛି। ବ୍ୟବହାରକାରୀଙ୍କ ସୁବିଧା ଲାଗି ଏହାକୁ ପ୍ରସ୍ତୁତ କରାଯାଉଛି। ଏହି ଆପ୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବ୍ୟବହାରକାରୀଙ୍କ ସୁରକ୍ଷା। ଏହି ଆପ୍ ଡିଜିଟାଲ ସିଗ୍ନେଚରକୁ ସେଭ୍ କରି ରଖିବ। ଏହାସହିତ ଅନେକ ଉପାୟରେ ନିଜର ସିଗ୍‌ନେଚରକୁ ପ୍ରସ୍ତୁତ କରିବାର ବିକଳ୍ପ ମିଳିବ। ଏହାସହିତ ନିଜର ନାଁ ଟାଇପ୍ କରି ଅଲଗା ଅଲଗା ଫଣ୍ଟ ଷ୍ଟାଇଲରେ ଡିଜିଟାଲ ସିଗ୍‌ନେଚର ପ୍ରସ୍ତୁତ କରିପାରିବେ। ଏହା ବ୍ୟତୀତ ଆପ୍‌ରେ ଅଲଗା ଅଲଗା ସିଗ୍‌ନେଚର ସେଭ୍ କରିବାର ବି ବିକଳ୍ପ ମିଳିବ। ଏହା ସାହାଯ୍ୟରେ ନିଜର ଆବଶ୍ୟକତା ଏବଂ ଅଲଗା ଅଲଗା ସ୍ଥାନରେ ସେହି ସିଗ୍‌ନେଚରକୁ ବ୍ୟବହାର କରି ହେବ। ଏହାକୁ ବ୍ୟବହାର କରିବା ଲାଗି ଆକ୍ଟିଭିଟି ଲଞ୍ଚର ଭଳି ଆପ୍‌ର ସାହାଯ୍ୟ ନେବାକୁ ହେବ। ଏବେ ସୁଦ୍ଧା ଏହି ଆପ୍ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇ ନାହିଁ। ଏବେ କେବଳ ବ୍ୟବହାରକାରୀ ସିଗ୍‌ନେଚର ତିଆରି କରି ସର୍ଭେ କରିପାରିବେ। ଏହାକୁ ଏଡିଟ୍ ଏବଂ ଡିଲିଟ୍ କରିପାରିବେ। ସେହିପରି ମ୍ୟାନେଜ ସିଗନେଚର ସେକସନକୁ ଯାଇ ମ୍ୟାନେଜ କରିପାରିବେ। ଏହି ଆପ୍ ଗୁଗଲ ପିକ୍‌ସେଲ, ସାମସଙ୍ଗ ଏବଂ ୱାନ୍‌ପ୍ଲସ୍ ସ୍ମାର୍ଟଫୋନ୍‌ରେ ଦେଖିବାକୁ ମିଳିଛି। ଏହାକୁ ଗୁଗଲ ପ୍ଲେ ସିଷ୍ଟମ ଅପଡେଟ୍ ମାଧ୍ୟମରେ ଉପଲବ୍ଧ କରାଯାଉଛି।

## ବ୍ୟବହାରରୁ ଜଣାପଡ଼େ ପିଲାଙ୍କ ମିଛ



**ଅନେକ ସମୟରେ ଛାତ୍ରଛାତ୍ରୀ ନିଜ ବାପାମାଆ ତଥା ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ମିଛ କହିବାକୁ ଚେଷ୍ଟା କରନ୍ତି। ତେବେ ପିଲା ସତ କି ମିଛ କହୁଛି ଜାଣିବା ବି ସହଜ ନୁହେଁ। ହେଲେ ସେମାନଙ୍କ ବ୍ୟବହାରରେ ଆସୁଥିବା ବାରମ୍ବାର କିଛି ପରିବର୍ତ୍ତନ ସେମାନଙ୍କ ମିଛକୁ ଧରା ପକାଇବାରେ ସାହାଯ୍ୟ କରେ।**

- ପିଲା ଯଦି ମିଛ କହୁଥାଏ, ତେବେ ସେମାନେ ଆଖିରେ ଆଖି ମିଶେଇ କଥା କହି ନ ଥାନ୍ତି। ବାରମ୍ବାର ଏଣେ ତେଣେ ଦେଖନ୍ତି। ଅସହଜ ଅନୁଭବ କରନ୍ତି। ସେମାନଙ୍କର ଏଭଳି ପରିବର୍ତ୍ତନ ଉପରେ ଧ୍ୟାନ ଦେବା ଜରୁରି।
- ସେହିପରି ଶିକ୍ଷକ କିମ୍ବା ଅଭିଭାବକଙ୍କ ସାଧାରଣ କଥାରେ ଯଦି ପିଲାଟିଏ ଲମ୍ବା ତଥା ଅଯଥା ସଫେଇ ଦେବା, ଛୋଟ କଥାରେ ରାଗିଯିବା ଏକପ୍ରକାର ସଙ୍କେତ। ଅନେକ ସମୟରେ ପିଲାଟିଏ ନିଜ କଥାକୁ ସତ ପ୍ରମାଣିତ କରିବା ଲାଗି ଆବଶ୍ୟକତାଠୁ ଅଧିକ କହିଥାଏ।
- ମିଛ କହିବା ବେଳେ ଅନେକ ପିଲାଙ୍କ ଶାରୀରିକ ଅଙ୍ଗଭଙ୍ଗୀରେ ବି ପରିବର୍ତ୍ତନ ଆସିଥାଏ।
- କଥା କହିବା ବେଳେ ବିଚଳିତ ତଥା ଭୟଭୀତ ହେବା ବି ମିଛ କହିବାର ଲକ୍ଷଣ ଭାବେ ଧରାଯାଏ।

# କ୍ରୀଡ଼ା








## ରୋନାଲ୍ଡୋଙ୍କ ଶେଷ ବିଶ୍ୱକପ୍

ଡଲାସ,୭।୭(ଏଜେନ୍ସି): ସ୍ପେନ୍‌ଠାରୁ ପର୍ତ୍ତୁଗାଲ ଫିଫା ବିଶ୍ୱକପ୍ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍ ହାରିଯିବା ପରେ ଏହାର ଅଧିନାୟକ ତଥା ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ ଆଉ ଫୁଟବଲର ଏହି ସର୍ବୋଚ୍ଚ ଟୁର୍ଣ୍ଣାମେଣ୍ଟରେ ଖେଳିବେ ନାହିଁ ବୋଲି ଘୋଷଣା କରିଛନ୍ତି। ପାଞ୍ଚଥର ବିଶ୍ୱର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ମଧ୍ୟ ରୋନାଲ୍ଡୋ ଥରେ ହେଲେ ଫିଫା ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିପାରି ନାହାନ୍ତି। ଏହି ମ୍ୟାଚ୍ ପୂର୍ବରୁ ଚଳିତ ବିଶ୍ୱକପ୍ ତାଙ୍କ ଲାଗି ଶେଷ ବିଶ୍ୱକପ୍ ହେବ ବୋଲି ରୋନାଲ୍ଡୋ ଘୋଷଣା କରିଥିଲେ। ପର୍ତ୍ତୁଗାଲ ହାରିଯିବା ପରେ ମଧ୍ୟ ସେ ପଡ଼ିଆରେ କାନ୍ଦୁଥିବାର ଦେଖାଯାଇଥିଲା। ଦଳକୁ ଆଗକୁ ନେଇ ପାରି ନ ଥିବାରୁ ସେ ସମର୍ଥକ ଓ ଦେଶବାସୀଙ୍କୁ କ୍ଷମା ମାଗିଥିଲେ। ପର୍ତ୍ତୁଗାଲ ପକ୍ଷରୁ ସେ ୨୩୩ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୧୪୬ଟି ଗୋଲ ସ୍କୋର କରିଥିଲାବେଳେ ୪୬ଟି ଗୋଲ ଦେବାରେ ସହାୟତା କରିଥିଲେ। ସେହିପରି ତାଙ୍କ ନେତୃତ୍ୱରେ ଦଳ ୨୦୧୬ ୟୁରୋପୀୟ ଚାମ୍ପିଅନସିପ୍, ୨୦୧୯ ଓ ୨୦୨୫ରେ ନେସନ୍ସ ଲିଗ୍ ଟାଇଟଲ ବିଜୟୀ ହୋଇଥିଲା। କିନ୍ତୁ ବିଶ୍ୱକପ୍‌ରେ ରୋନାଲ୍ଡୋ କ୍ରମାଗତ ୬ଟି ସଂସ୍କରଣରେ ଗୋଲ ସ୍କୋର କରିଥିଲେ ମଧ୍ୟ ଦଳକୁ ଥରେ ହେଲେ ଫାଇନାଲ ଯାଏ ନେଇ ପାରି ନ ଥିଲେ। ରୋନାଲ୍ଡୋ ଅନ୍ତର୍ଜାତୀୟ ଫୁଟବଲରୁ ଅବସର ନେବା ସମ୍ପର୍କରେ ପରେ ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ଏବେ ପରିବାର ସହ ସମୟ କଟାଇବି, ତା ପରେ ନିଷ୍ପତ୍ତି ନେବି ବୋଲି ରୋନାଲ୍ଡୋ କହିଛନ୍ତି।

## ଜନ୍ମଦିନରେ ଧୋନିଙ୍କୁ ଫିଫାର ଶୁଭେଚ୍ଛା

ନୂଆଦିଲ୍ଲୀ, ୭।୭ (ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳର ସବୁଠୁ ସଫଳ ଅଧିନାୟକ ମହେନ୍ଦ୍ର ସିଂ ଧୋନି ମଙ୍ଗଳବାର (ଜୁଲାଇ ୭) ୪୫ ବର୍ଷ ବୟସରେ ପାଦ ଥାପିଛନ୍ତି। ଏହି ଅବସରରେ ଧୋନିଙ୍କୁ ବିଶ୍ୱ କ୍ରୀଡ଼ାଜଗତରୁ ଶୁଭେଚ୍ଛାର ସୁଅ ଛୁଟିଛି। ବିସିସିଆଇ ଓ ପୂର୍ବତନ ସାଥୀ କ୍ରିକେଟରଙ୍କଠାରୁ ଆରମ୍ଭ କରି ବିଶ୍ୱ ଫୁଟବଲର ସର୍ବୋଚ୍ଚ ସଂସ୍ଥା ଫିଫା ମଧ୍ୟ ଧୋନିଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ବର୍ତ୍ତମାନ ଫିଫା ବିଶ୍ୱକପ୍ ଚାଲିଥିବାବେଳେ ଫିଫା ମଧ୍ୟ ଭିନ୍ନ ଢଙ୍ଗରେ ଏକ ଫଟୋ ପୋଷ୍ଟ କରିଛି। 'ଫିଫା ବିଶ୍ୱକପ୍'ର ଇନଷ୍ଟାଗ୍ରାମ ଆକାଉଣ୍ଟରେ ଲିଓନେଲ ମେସି, କିଲିଆନ ଏମବାପ୍ପେ ଓ ଏର୍ଲିଙ୍ଗ ହଲାଣ୍ଡଙ୍କ ଫଟୋ ପୋଷ୍ଟ କରିଛି। ଏହି ଫଟୋରେ ୭ ଲେଖା ଥିବା ଏକ ଛବି ରହିଛି। ଏହାର କ୍ୟାପସନରେ ଫିଫା ଲେଖିଛି, '୭ଟି ଗୋଲ୍। ଏହାର କାରଣ ହେଉଛି ଥାଲା। ଥାଲା ଦିବସର ଶୁଭେଚ୍ଛା।' ଉଲ୍ଲେଖଯୋଗ୍ୟ ଚଳିତ ବିଶ୍ୱକପ୍‌ରେ ବର୍ତ୍ତମାନ ସୁଦ୍ଧା ମେସି, ଏମବାପ୍ପେ ଓ ହଲାଣ୍ଡ ୭ଟି ଲେଖାଏ ଗୋଲ୍ ଦେଇଛନ୍ତି। ସେହିଭଳି ଧୋନିଙ୍କ ଜନ୍ମ ତାରିଖ ଓ ଜର୍ସି ନମ୍ବର ମଧ୍ୟ ୭। ତେଣୁ ଏହି ସମସ୍ତ ବିଷୟ ବସ୍ତୁକୁ ନେଇ ଫିଫା ସ୍ୱତନ୍ତ୍ର ଭାବରେ ଧୋନିଙ୍କୁ ଜନ୍ମଦିବସର ଶୁଭେଚ୍ଛା ଜଣାଇଛି।




## ଓଡ଼ିଶା ବାଳିକା ରଗ୍‌ବୀ ଦଳ ଚାମ୍ପିଅନ




ଭୁବନେଶ୍ୱର,୭।୭(ସମିସ): ହାଇଦ୍ରାବାଦର ଗାଛି ବାଓଲି ଷ୍ଟାଡିୟମରେ ଉଦଯାପିତ ହୋଇଥିବା ଜାତୀୟ ଜୁନିଅର୍ ବାଳିକା ସେଭେନ୍ସ ରଗବୀ ଚାମ୍ପିଅନସିପରେ ଓଡ଼ିଶା ଚାମ୍ପିଅନ ହୋଇଛି। ମଙ୍ଗଳବାର ଅନୁଷ୍ଠିତ ଫାଇନାଲରେ ଓଡ଼ିଶା ବାଳିକା ଦଳ ୧୫-୦ରେ ମହାରାଷ୍ଟ୍ରକୁ ହରାଇ ଟାଇଟଲ୍ ଜିତିଛି। ଓଡ଼ିଶା ସେମିଫାଇନାଲରେ ବିହାରକୁ ୧୦-୫ ରେ ଓ କ୍ୱାର୍ଟରରେ ଆସାମକୁ ୫୬-୦ ରେ ହରାଇଥିଲା। ଏହି ସଫଳତା ଲାଗି ଓଡ଼ିଶା ରଗବୀ ଫୁଟବଲ ଆସୋସିଏସନ୍‌ର ସଭାପତି ପ୍ରିୟଦର୍ଶୀ ମିଶ୍ର, ଉପସଭାପତି ଉପେନ୍ଦ୍ର ମହାନ୍ତି, ସମ୍ପାଦକ ସୁଶାନ୍ତ ସାହୁ, ଯୁଗ୍ମସମ୍ପାଦକ ଭରତ ସାହୁ, କୋଷାଧ୍ୟକ୍ଷ ଶକ୍ତି ପ୍ରସାଦ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

# ଆମେରିକାକୁ ବିଦା କଲା ବେଲ୍‌ଜିୟମ

ସିଆଟଲ,୭।୭(ଏଜେନ୍ସି)



ଚାର୍ଲସ ଡି କେଟଲାୟରଙ୍କ ଡବଲ ଗୋଲ ବଳରେ ଏଠାରେ ମଙ୍ଗଳବାର ସକାଳେ ଖେଳାଯାଇଥିବା ଫିଫା ବିଶ୍ୱକପର ଷଷ୍ଠ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ବେଲଜିୟମ ୪-୧ ଗୋଲରେ ଆୟୋଜକ ଆମେରିକାକୁ ଶୋଚନୀୟ ପରାସ୍ତ କରିଛି। ଫଳରେ ଦୀର୍ଘ ୪୦ ବର୍ଷ ପରେ ବେଲଜିୟମ ବିଶ୍ୱକପ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଅପରପକ୍ଷରେ ଟୁର୍ଣ୍ଣାମେଣ୍ଟର ତୃତୀୟ ତଥା ଶେଷ ଆୟୋଜକ ଭାବେ ଆମେରିକା ଚଳିତ ବିଶ୍ୱକପ୍‌ର ରାଉଣ୍ଡ ଅଫ୍ ୧୬ରୁ ବାଦ୍ ପଡ଼ିଛି। ପୂର୍ବରୁ ଅନ୍ୟ ଦୁଇ ସହ-ଆୟୋଜକ ମେକ୍ସିକୋ ଓ କାନାଡା ଯଥାକ୍ରମେ ଇଂଲଣ୍ଡ ଓ ମରୋକ୍କୋ ନିକଟରୁ ହାରି ବିଦାୟ ନେଇସାରିଥିଲେ। ଶୁକ୍ରବାର ରାତି ୧୨ଟା ୩୦ ମିନିଟ୍‌ରେ ଖେଳାଯିବାକୁ ଥିବା ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ବେଲଜିୟମ ସହ ସ୍ପେନ୍‌ର ମୁକାବିଲା ହେବ। ଆଉ ୨ଟି ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲା ବାକିଥିବା ବେଳେ ଅତିକମରେ ୨ଟି ୟୁରୋପୀୟ ଦଳ ସେମିଫାଇନାଲରେ ପ୍ରବେଶ କରିବା ନିଶ୍ଚିତ ହୋଇଛି। ବିଶ୍ୱକପ୍‌ର ତୃତୀୟ କ୍ୱାର୍ଟର ଫାଇନାଲ ଇଂଲଣ୍ଡ ଓ ନରୱେ ମଧ୍ୟରେ ଖେଳାଯିବ।

ସିଆଟଲ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମୁକାବିଲାରେ ଆମେରିକାର ରକ୍ଷଣଭାଗ ଆଦୌ ପ୍ରଭାବ ବିସ୍ତାର କରିପାରି ନ ଥିଲା। ଦଳର ଏକାଧିକ ତ୍ରୁଟି ହିଁ ପରାଜୟ ମୁଖ୍ୟ କାରଣ ହୋଇଥିଲା। ପ୍ରଥମ ତ୍ରୁଟିରେ ଚାର୍ଲସ ଖେଳର ୯ମ ମିନିଟ୍‌ରେ ଅତି ସହଜ ଗୋଲ ସ୍କୋର କରିଥିଲେ। ଗୋଲବରଣ କରିବା ପରେ ଆମେରିକା କିଛି ଲଢ଼ୁଆ ଖେଳିଥିଲା ଓ ଖେଳର ୩୧ତମ ମିନିଟ୍‌ରେ ମାଲିକ୍ ଟିଲ୍‌ମ୍ୟାନ୍ ଚମତ୍କାର ଗୋଲ ଦେଇ ଘରୋଇ ଦଳର ମନୋବଳ ବଢ଼ାଇଥିଲେ। ଫଳରେ ମ୍ୟାଚ୍ ୧-୧'ର ବରାବର୍‌ସ୍ଥିତିକୁ ଆସିଥିଲା। କିନ୍ତୁ ଏହାର ମାତ୍ର ୨ ମିନିଟ୍ ମଧ୍ୟରେ ଆମେରିକା ରକ୍ଷଣଭାଗର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ତ୍ରୁଟିରୁ ଫାଇଦା ଉଠାଇ ଚାର୍ଲସ ଦ୍ୱିତୀୟ ଗୋଲଟି ସ୍କୋର କରିଥିଲେ। ବେଲଜିୟମ ଏହି ମ୍ୟାଚ୍‌ରେ ୪ଜଣ ଖେଳାଳି ପରିବର୍ତ୍ତନ କରି ଖେଳିଥିଲା। ପରେ ଖେଳର ୫୭ତମ ମିନିଟ୍‌ରେ ୩୩ ବର୍ଷୀୟ ହାନ୍ ଭାନାକେନ୍ ଓ ଷ୍ଟପେଜ ଟାଇମ୍‌ରେ ବଦଳ ଖେଳାଳି ରୋମେଲୁ ଲୁକାକୁ ଗୋଟିଏ ଲେଖାଏଁ ଗୋଲ ଦେଇ ଦଳକୁ ୪-୧ରେ ବିଜୟୀ କରାଇଥିଲେ। ମ୍ୟାଚକୁ ଫେରିବା ଲାଗି ଆମେରିକାର ଉଦ୍ୟମ ବିଫଳ ହୋଇଥିଲା। ବାସନ୍ଦରୁ ଆସିଥିବା ଫରୱାର୍ଡ ଖେଳାଳି ଫୋଲାରିନ୍ ବୋଲୁଗାନ୍ କିଛି ପ୍ରଭାବ ପକାଇ ପାରି ନ ଥିଲାବେଳେ ଅଧିନାୟକ କ୍ରିଷ୍ଟିଆନ୍ ପୁଲିସିକ୍ ଆହତ ହେବା ଦଳକୁ ଶକ୍ତ ଧକ୍କା ଦେଇଥିଲା।

### ଟ୍ରମ୍ପଙ୍କ ନିଷ୍ପତ୍ତି ଆମେରିକା ଲାଗି ଅଭିଶାପ

ସିଆଟଲ,୭।୭(ଏଜେନ୍ସି): ଜଣେ ରେଡ୍‌କାର୍ଡ ପାଇଥିବା ଖେଳାଳିଙ୍କ ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚାପ ପକାଇ ବାସନ୍ଦ ପ୍ରତ୍ୟାହାର କରିନେଇଥିଲେ। ଯାହା ଫଳରେ ଟ୍ରମ୍ପ ତୀବ୍ର ସମାଲୋଚନାର ଶିକାର ହୋଇଥିଲେ। ବିଶେଷ କରି ବେଲଜିୟମ ଓ ୟୁରୋପୀୟ ଫୁଟବଲ ସଂଘ ଫିଫାର ଏପରି ନିଷ୍ପତ୍ତିକୁ ସମାଲୋଚନା କରିଥିଲେ। ବୋସନିଆ ବିପକ୍ଷ ମ୍ୟାଚ୍‌ରେ ଆମେରିକାର ତାରକା ଫରୱାର୍ଡ ଫୋଲାରିନ୍ ବାଲୋଗୁନ୍‌ଙ୍କୁ ରେଡ୍‌କାର୍ଡ ମିଳିଥିଲା। ଫଳରେ ସେ ବେଲଜିୟମ ବିପକ୍ଷ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଖେଳି ପାରି ନ ଥାନ୍ତେ। କିନ୍ତୁ ଟ୍ରମ୍ପ ରାଜନୈତିକ ଚାପ ପକାଇ ଫୋଲାରିନ୍‌ଙ୍କ ବାସନ୍ଦକୁ ପ୍ରତ୍ୟାହାର କରିନେଇଥିଲେ। ସେ ବେଲଜିୟମ ବିପକ୍ଷ ମ୍ୟାଚ୍ ଖେଳିଥିଲେ ମଧ୍ୟ ଆମେରିକା ଶୋଚନୀୟ ପରାଜୟ ବରଣ କରିଥିଲା। ଟ୍ରମ୍ପଙ୍କ ଅନ୍ୟାୟ କର୍ମ ଯୋଗୁ ଆମେରିକା ଶାପଗ୍ରସ୍ତ ହୋଇ ଏହି ମ୍ୟାଚ୍ ହାରିଗଲା ବୋଲି ସବୁଆଡେ ଚର୍ଚ୍ଚା ହେଉଛି।

## ନାଟକୀୟ ବିଜୟ ସହ କ୍ୱାର୍ଟରରେ ଆର୍ଜେଣ୍ଟିନା

ଆଟଲାଣ୍ଟା,୭।୭(ଏଜେନ୍ସି)

### ଫିଫା ବିଶ୍ୱକପ୍ : କ୍ୱାର୍ଟର ଖେଳସୂଚୀ

| ମ୍ୟାଚ୍ | ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ଭାରତୀୟ ସମୟ |
|---|---|---|---|---|
| ୧ | ଜୁଲାଇ ୯ | ଫ୍ରାନ୍ସ-ମରୋକ୍କୋ | ବୋଷ୍ଟନ | ରାତି ୧:୩୦ |
| ୨ | ଜୁଲାଇ ୧୦ | ସ୍ପେନ୍-ବେଲଜିୟମ | ଲସ୍ ଏଞ୍ଜେଲ୍ସ | ରାତି ୧୨:୩୦ |
| ୩ | ଜୁଲାଇ ୧୧ | ଇଂଲଣ୍ଡ-ନରୱେ | ମିଆମି | ରାତି ୨:୩୦ |
| ୪ | ଜୁଲାଇ ୧୨ | ଆର୍ଜେଣ୍ଟିନା-ସ୍ୱିଜରଲାଣ୍ଡ/କଲମ୍ବିଆ | କାନ୍‌ସାସ୍ ସିଟି | ସକାଳ ୬:୩୦ |

ନାଟକୀୟ ବିଜୟ ସହ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ଚଳିତ ଫିଫା ବିଶ୍ୱକପ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ରାତିରେ ଖେଳାଯାଇଥିବା ରୋମାଞ୍ଚକଭରା ୭ମ ପ୍ରି-କ୍ୱାର୍ଟରଫାଇନାଲରେ ଲିଓନେଲ ମେସିଙ୍କ ନେତୃତ୍ୱାଧୀନ ୭୮ ମିନିଟ୍ ପର୍ଯ୍ୟନ୍ତ ୦-୨ ଗୋଲରେ ପଛୁଆ ରହିଥିଲା। ଶେଷ ମୁହୂର୍ତ୍ତରେ ଆର୍ଜେଣ୍ଟିନା ଦମ୍‌ଦାର ପ୍ରଦର୍ଶନ କରି ପ୍ରତ୍ୟାବର୍ତ୍ତନ କରିବା ସହ ୩-୨ ଗୋଲରେ ବିଜୟୀ ହୋଇଛି। ଏହି ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଖେଳରେ ଇଜିପ୍ଟ ୧୫ତମ ମିନିଟ୍‌ରେ ୟସିର ଇବ୍ରାହିମ୍‌ଙ୍କ ଗୋଲରେ ଅଗ୍ରଣୀ ନେଇଥିଲା। ଦ୍ୱିତୀୟାର୍ଦ୍ଧର ୬୭ତମ ମିନିଟ୍‌ରେ ମୁସ୍ତାଫା ଜିକୋ ଆଉ ଏକ ଗୋଲ ଦେଇ ଇଜିପ୍ଟକୁ ୨-୦ରେ ଅଗ୍ରଣୀ କରାଇଥିଲେ। ଏହି ସମୟରେ ଆର୍ଜେଣ୍ଟିନାର ଖେଳରେ ଶିଥିଳତା ଆସିଯାଇଥିଲା। ୭୯ ମିନିଟ୍‌ରେ କ୍ରିଷ୍ଟିଆନୋ ରୋମେରୋ ଗୋଟିଏ ଗୋଲ ଶୁଝାଇବା ପରେ ଆର୍ଜେଣ୍ଟିନାକୁ ଆଉ ଅଟକାଇବା କଷ୍ଟକର ହୋଇଥିଲା। ଏହାର ୪ ମିନିଟ୍ ପରେ ଲିଓନେଲ ମେସି (୮୩ତମ) ଓ ଇଞ୍ଜୁରୀ ଟାଇମ (୯୦+୩ତମ)ରେ ଏଞ୍ଜୋ ଫର୍ଣ୍ଣାଣ୍ଡିଜ୍ ଗୋଟିଏ ଲେଖାଏଁ ଗୋଲ ଦେଇ ଇଜିପ୍ଟ ନିକଟରୁ ବିଜୟ ଛଡ଼ାଇଆଣିଥିଲେ। ବିଜୟ ସହ ଆର୍ଜେଣ୍ଟିନା ୭ମଥର କ୍ୱାର୍ଟରରେ ପ୍ରବେଶ କରିଛି। ମେସି ସର୍ବାଧିକ ୮ଟି ଗୋଲ ଦେଇ ଗୋଲ୍ଡେନ ବୁଟ୍ ରେସ୍‌ରେ ପ୍ରଥମ ସ୍ଥାନରେ ରହିଛନ୍ତି।

## ଫୋଲାରିନ୍‌ଙ୍କୁ ୪୦,୦୦୦ ଡଲାର ଜରିମାନା

ନ୍ୟୁୟର୍କ,୭।୭(ଏଜେନ୍ସି): ବୋସନିଆ ବିପକ୍ଷ ମ୍ୟାଚ୍‌ରେ ରେଡ୍‌କାର୍ଡ ପାଇଥିବା ଆମେରିକାର ଫୋଲାରିନ୍ ବାଲୋଗୁନଙ୍କୁ ଫିଫା ଶୃଙ୍ଖଳାଗତ କମିଟି ୪୦,୦୦୦ ଡଲାର (ପାଖାପାଖି ୩୮ ଲକ୍ଷ ଟଙ୍କା) ଜରିମାନା କରିଛନ୍ତି। ଏହି ମ୍ୟାଚ୍‌ରେ ସେ ଦୁଇଟି ନିୟମ ଉଲ୍ଲଙ୍ଘନ କରିଥିବାରୁ ଏହି ଦଣ୍ଡବିଧାନ କରାଯାଇଥିଲା। ଫୋଲାରିନ୍‌ଙ୍କ ଉପରୁ ବାସନ୍ଦ ବ୍ୟବସ୍ଥା ପ୍ରତ୍ୟାହାର କରାଯିବା ପୂର୍ବରୁ ଏହି ଦଣ୍ଡାଦେଶ କରାଯାଇଥିଲା। ଏହି ମ୍ୟାଚ୍‌ରେ ସେ ପ୍ରଥମ ଭୁଲ କରିଥିଲେ ଫାଉଲ ମାରି। ସେହିପରି ବୋସନିଆକୁ ହରାଇବା ପରେ ଆମେରିକା ବିଜୟ ଉତ୍ସବ ପାଳନ କରୁଥିଲାବେଳେ ସେ ପଡ଼ିଆକୁ ଆସିଥିଲେ। ଯାହା କି ଦ୍ୱିତୀୟ ନିୟମ ଉଲ୍ଲଙ୍ଘନ। କାରଣ ଜଣେ ଖେଳାଳିଙ୍କୁ ରେକଡକାର୍ଡ ଦିଆଯିବା ପରେ ସେ ପରବର୍ତ୍ତୀ ମ୍ୟାଚ୍ ଶେଷ ନ ହେବା ଯାଏ ଦଳର କୌଣସି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରିବେ ନାହିଁ। ଏଣୁ କେଉଁ ନିୟମ ଉଲ୍ଲଙ୍ଘନ ଲାଗି ଏଭଳି ଦଣ୍ଡବିଧାନ କରାଯାଇଛି, ତାହା ସ୍ପଷ୍ଟ ହୋଇନାହିଁ।

## ୱିମ୍ବଲଡନ: ସେମିରେ ସିନ୍ନର, ଗଫ୍

ଲଣ୍ଡନ, ୭।୭ (ଏଜେନ୍ସି)

ଡିଫେଣ୍ଡିଂ ଚାମ୍ପିଅନ ଜାନିକ ସିନ୍ନର ଏଠାରେ ଚାଲିଥିବା ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ମ୍ୟାଚରେ ଟପ୍ ସିଡ୍ ସିନ୍ନର ୭-୫, ୭-୬ (୭/୪), ୬-୩ ସେଟରେ ଜର୍ମାନୀର ଭେଟେରାନ ଖେଳାଳି ଜାନ-ଲିନାର୍ଡ ଷ୍ଟ୍ରଫଙ୍କୁ ପରାସ୍ତ କରିଥିଲେ। ଫଳରେ କ୍ୟାରିୟରର ୧୦ମଥର ଲାଗି ସିନ୍ନର ଗ୍ରାଣ୍ଡସ୍ଲାମ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ନୋଭାକ ଜୋକୋଭିଚ ଓ ଫେଲିକ୍ସ ଆଗର-ଆଲିଆସିମେଙ୍କ ମଧ୍ୟରେ ଖେଳାଯିବାକୁ ଥିବା ଅନ୍ୟ ଏକ କ୍ୱାର୍ଟରର ବିଜେତାଙ୍କ ସହ ସିନ୍ନରଙ୍କ ସେମିଫାଇନାଲ ଲଢ଼େଇ ହେବ। ଅପରପକ୍ଷରେ ନିଜର ୪୭ତମ ଗ୍ରାଣ୍ଡସ୍ଲାମରେ ପ୍ରଥମଥର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ୩୬ ବର୍ଷୀୟ ଲିନାର୍ଡ ପରାଜୟ ସହ ବିଦାୟ ନେଇଛନ୍ତି।

ସେହିଭଳି ମହିଳା ବିଭାଗରେ ଆମେରିକୀୟ ତାରକା ୭ମ ସିଡ୍ କୋକୋ ଗଫ୍ ମଧ୍ୟ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି। କ୍ୱାର୍ଟର ଫାଇନାଲରେ ଗଫ୍ ୪-୬, ୬-୩, ୬-୩ ସେଟରେ ସାଥୀ ଆମେରିକୀୟ ଖେଳାଳି ୪ର୍ଥ ସିଡ୍ ଜେସିକା ପେଗୁଲାଙ୍କୁ ହରାଇଛନ୍ତି। ଫଳରେ ଏବେ ମହିଳା ବିଭାଗରେ ଗଫ୍ ଏକମାତ୍ର ଉଚ୍ଚ ମାନ୍ୟତା ଖେଳାଳି ଭାବେ ଟାଇଟଲ୍ ଦୌଡ଼ରେ ତିଷ୍ଠି ରହିଛନ୍ତି।

### ବିଶ୍ୱ ଭଲିବଲ୍ ଦିବସ ପାଳିଲା କିଟ୍

ଭୁବନେଶ୍ୱର, ୭।୭ (ସମିସ): କିଟ୍ ବିଶ୍ୱବିଦ୍ୟାଳୟରେ ମଙ୍ଗଳବାର 'ବିଶ୍ୱ ଭଲିବଲ୍ ଦିବସ-୨୦୨୬' ଉତ୍ସାହର ସହିତ ପାଳିତ ହୋଇଯାଇଛି। କିଟ୍ ପରିସରରେ ଭଲିବଲ୍ ପାଇଁ ଥିବା ଇଣ୍ଟରନ୍ୟାସନାଲ ଏକ୍ସେଲେନ୍ସ ସେଣ୍ଟରରେ ଭାରତୀୟ ୧୮ ବର୍ଷରୁ କମ୍ ବାଳକ ଦଳକୁ ନେଇ ଏକ ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଆଗାମୀ ଯୁବ ଏସିଆନ ଭଲିବଲ୍ ଚାମ୍ପିଅନସିପ୍ ପାଇଁ ସେଣ୍ଟରରେ ତାଲିମ ନେଉଥିବା ଖେଳାଳିମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କିଟ୍ ଓ କିସ୍'ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଜିମ୍ବାୱେ ସିରିଜ୍ ଓ ଏସିଆନ ଗେମ୍ସ
## ଲକ୍ଷ୍ମଣ ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ



ନୂଆଦିଲ୍ଲୀ, ୭।୭ (ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳର ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ରହିଥିବାରୁ ଟିମ୍ ଓ କୋଚିଂ ବ୍ୟବସ୍ଥାକୁ ଅଲଗା ଅଲଗା କରିବାକୁ ପଡ଼ିଛି। ଚଳିତ ମାସ ତୃତୀୟ ସପ୍ତାହରେ ଭାରତୀୟ କ୍ରିକେଟ ଦଳ ଜିମ୍ବାୱେ ଗସ୍ତରେ ଯିବ। ଏହାପରେ ଜାପାନରେ ଏସିଆନ୍ ଗେମ୍ସରେ ଭାଗନେବ। ଏସିଆନ ଗେମ୍ସ ଚାଲିଥିଲାବେଳେ ୱେଷ୍ଟଇଣ୍ଡିଜ୍ କ୍ରିକେଟ ଦଳ ଭାରତ ଗସ୍ତରେ ଆସିବ। ଏଣୁ ଦୁଇଟି ଦଳ ଭିନ୍ନ ଭିନ୍ନ ସିରିଜ୍‌ରେ ଅଂଶଗ୍ରହଣ କରିବେ। ଏଥିଲାଗି କୋଚିଂ ବ୍ୟବସ୍ଥାକୁ ମଧ୍ୟ ଅଲଗା କରାଯାଇଛି। ଜିମ୍ବାୱେ ଓ ଜାପାନରେ ଖେଳାଯିବାକୁ ଥିବା ଏସିଆନ୍ ଗେମ୍ସରେ ଭିଭିଏସ୍ ଲକ୍ଷ୍ମଣ ଭାରତୀୟ କ୍ରିକେଟ ଦଳର ମୁଖ୍ୟ ପ୍ରଶିକ୍ଷକ ରହିବେ। ସେହିପରି ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଖେଳିବାକୁ ଥିବା ଭାରତୀୟ ସିନିଅର ଦାୟିତ୍ୱରେ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ରହିବେ। ଏଣୁ କୋଚିଂକୁ ନେଇ ଅଡୁଆ ପରିସ୍ଥିତି ସୃଷ୍ଟି ହେବ ନାହିଁ। ପୂର୍ବରୁ ଏଭଳି ବ୍ୟବସ୍ଥାରେ ଲକ୍ଷ୍ମଣ ଏକାଧିକଥର ଭାରତୀୟ ଦଳର କୋଚ ହୋଇଥିବାରୁ ତାଙ୍କୁ ବିଶେଷ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ସୁନୀଲ ଯୋଶି ଓ ହୃଷିକେଶ କାନିତକର ଯଥାକ୍ରମେ ବୋଲିଂ ଓ ବ୍ୟାଟିଂ ପ୍ରଶିକ୍ଷକ ଭାବେ ଉଭୟ ସିରିଜ୍‌ରେ ଲକ୍ଷ୍ମଣଙ୍କୁ ସହାୟତା କରିବେ।

ସକାଳ
THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 10.07.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

## ■ ତୃତୀୟ ଟି-୨୦
## ସଲ୍ଟଙ୍କ ବିସ୍ଫୋରକ ବ୍ୟାଟିଂ

ନଟିଂହାମ, ୭।୭(ଏଜେନ୍ସି): ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ଟି-୨୦ ସିରିଜର ତୃତୀୟ ମୁକାବିଲା ମଙ୍ଗଳବାର ଏଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ ଟସ୍ ଜିତି ଭାରତୀୟ ଦଳର ଅଧିନାୟକ ଶ୍ରେୟସ ଆୟର ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ଓପନର୍ ଫିଲ୍ ସଲ୍ଟଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ଭଲ ଆରମ୍ଭ କରିଛି। ଶେଷ ଖବର ସୁଦ୍ଧା ଇଂଲଣ୍ଡ ୧୬ ଓଭରରେ ୪ ୱିକେଟ୍ ହରାଇ ୧୫୨ ରନ ସଂଗ୍ରହ କରିଛି। ସଲ୍ଟ ୬୪ ରନ କରି ଅପରାଜିତ ରହିଛନ୍ତି। ୪୨ ବଲର ଏହି ପାଳିରେ ସେ ୭ଟି ଚୌକା ଓ ୨ଟି ଛକା ମାରିଛନ୍ତି। ଅନ୍ୟତମ ଓପନର ଜୋଶ ବଟଲର୍ ୪ଟି ଚୌକା ଓ ୨ଟି ଛକା ବଳରେ ୨୧ ବଲରୁ ୩୬ ରନ କରି ଆଉଟ୍ ହୋଇଛନ୍ତି। ପ୍ରିନ୍ସ ଯାଦବ ଏହି ମୂଲ୍ୟବାନ ୱିକେଟଟି ପାଇଥିଲେ ଆଉଟ୍ ହେବା ପୂର୍ବରୁ ଓପନିଂ ଯୋଡ଼ିରେ ସଲ୍ଟଙ୍କ ସହ ବଟଲର ୩୧ ବଲରେ ୪୩ ରନ ସଂଗ୍ରହ କରିଥିଲେ। ତେବେ ମଧ୍ୟକ୍ରମରେ ୩ ଇଂଲିଶ ବ୍ୟାଟର୍ ଅଧିନାୟକ ହ୍ୟାରୀ ବ୍ରୁକ୍ (୧୬ ରନ), ଜ୍ୟାକବ ବେଥେଲ (୧୩) ଓ ଟମ୍ ବାଣ୍ଟନ (୦) ନିରାଶ କରିଥିଲେ। ଯାହା ଫଳରେ ଇଂଲଣ୍ଡ ବ୍ୟାକ୍‌ଫୁଟକୁ ଚାଲିଯାଇଥିଲା। ଭାରତ ପକ୍ଷରୁ ଦୁଇ ଦ୍ରୁତ ବୋଲର ହର୍ଷିତ ରାଣା ଓ ପ୍ରିନ୍ସ ଯାଦବ ୨ଟି ଲେଖାଏ ୱିକେଟ୍ ନେଇଥିଲେ।

ପୂର୍ବରୁ ସିରିଜର ପ୍ରଥମ ମ୍ୟାଚ୍ ବର୍ଷା ଲାଗି ବାତିଲ ହୋଇଥିଲା। ଏହାପରେ ଶନିବାର ଓଲ୍ଡ ଟ୍ରାଫୋର୍ଡରେ ଅନୁଷ୍ଠିତ ଦ୍ୱିତୀୟ ଟି-୨୦କୁ ଇଂଲଣ୍ଡ ୪ ୱିକେଟରେ ଜିତିଥିଲା। ଫଳରେ ଇଂଲଣ୍ଡ ପାଞ୍ଚମ୍ୟାଚ୍ ବିଶିଷ୍ଟ ସିରିଜରେ ୧-୦ରେ ଆଗୁଆ ରହିଛି।

ବୃକ୍ଷରୋପଣ ପାଇଁ ସଚେତନତା ବାର୍ତ୍ତା

ବିଗତ ବର୍ଷମାନଙ୍କ ପରି ଚଳିତ ବର୍ଷ ମଧ ବଲାଙ୍ଗିର ବନଖଣ୍ଡ ତରଫରୁ ବ୍ୟାପକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ବିଭିନ୍ନ ଯୋଜନା ମାଧମରେ ହାତକୁ ନିଆଯାଇଛି। ଚଳିତ ୨୦୨୬-୨୭ ଆର୍ଥିକ ବର୍ଷରେ ଜନସାଧାରଣ, ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ତଥା ବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କୁ ବିତରଣ ନିମନ୍ତେ ୧୦ ଲକ୍ଷ ଚାରା ଉତ୍ପାଦନ କରାଯାଇଛି। ଗୋଟିଏ ଚାରାକୁ ୧ ଟଙ୍କା ମୂଲ୍ୟରେ କୌଣସି ଜନସାଧାରଣ ନିକଟସ୍ଥ ନର୍ସରୀରୁ ନେଇ ପାରିବେ। ଏହା ବ୍ୟତିତ ଚଳିତ ଆର୍ଥିକ ବର୍ଷରେ ବଲାଙ୍ଗିର ବନଖଣ୍ଡ ତରଫରୁ ବିଭିନ୍ନ ଯୋଜନା ମାଧମରେ ୫୬୬୫୦୦ ଗୋଟି ଚାରା ରୋପଣ ପାଇଁ ଯୋଜନା କରାଯାଇଅଛି।

୧- ବଲାଙ୍ଗିର ଜିଲ୍ଲାର ସମସ୍ତ ୧୧ଗୋଟି ରେଞ୍ଜରେ ଚାରା ବିତରଣ କେନ୍ଦ୍ରମାନ ସ୍ଥାପନ କରାଯାଇ ଜନସାଧାରଣଙ୍କୁ ଚାରା ଯୋଗାଇବାର ବ୍ୟବସ୍ଥା କରାଯାଇଅଛି।

୨- ସମସ୍ତ ବନାଂଚଳରେ ଜୁଲାଇ ମାସରେ ବିଭିନ୍ନ ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କରେ ବନମହୋତ୍ସବ ପାଳନ କରି ବ୍ୟାପକ ବୃକ୍ଷରୋପଣ ପାଇଁ ବ୍ୟବସ୍ଥା କରାଯାଇଅଛି।

୩- ଚାରା ବିତରଣ ପାଇଁ ପ୍ରତ୍ୟେକ ବ୍ଲକରେ ଭ୍ରାମ୍ୟମାଣ ସବୁଜ ରଥ ବୁଲାଇ ଜନସାଧାରଣଙ୍କୁ ଚାରା ବିତରଣ କରିବା ପାଇଁ ବ୍ୟବସ୍ଥା କରାଯାଇଅଛି।

୪- ସରକାରଙ୍କ ନିୟମ ମୁତାବକ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଚାରା ପ୍ରତି ୧ ଟଙ୍କା ମୂଲ୍ୟ ଦେଇ ୫ ଗୋଟି (ସହରାଚଂଳ) ଓ ୧୦ ଗୋଟି (ଗ୍ରାମାଞ୍ଚଳ) ବିତରଣ କରିବା ପାଇଁ ବ୍ୟବସ୍ଥା କରାଯାଇଛି।

୫- ବିଦ୍ୟାଳୟ, ମହାବିଦ୍ୟାଳୟ, ସରକାରୀ ଓ ବେସରକାରୀ ଅନୁଷ୍ଠାନମାନଙ୍କୁ ମୋଟ ୧୫୦ ରୁ ୨୦୦ ଗୋଟି ଚାରା ବିନା ମୂଲ୍ୟରେ ବିତରଣ ପାଇଁ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଉକ୍ତ ସଂସ୍ଥାମାନଙ୍କୁ ସ୍ଥାନୀୟ ବନାଂଚଳ ଅଧିକାରୀଙ୍କୁ ଦରଖାସ୍ତ କରି ନିକଟବର୍ତି ଚାରା ଉତ୍ପାଦନ କେନ୍ଦ୍ରରୁ ଚାରା ନେବା ପାଇଁ ବ୍ୟବସ୍ଥା କରିଯାଇଅଛି।

ଆସନ୍ତୁ ସମସ୍ତେ ମିଳିମିଶି ଏହି ବୃକ୍ଷରୋପଣ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ସହ, ତାର ଯତ୍ନ ନେବା ଏବଂ ଆଗାମୀ ପିଢି ପାଇଁ ଏକ ସୁସ୍ଥ ପରିବେଶ ଉପହାର ଦେବା, ଯାହାର ରକ୍ଷଣା ବେକ୍ଷଣ କରି ଆମର ଉତ୍ତର ପିଢୀ ତାଙ୍କର ଉତ୍ତୋରତର ପିଢୀଙ୍କୁ ହସ୍ତାନ୍ତର କରିବା ପାଇଁ ବାଧ୍ୟ ହେବେ।

ସୌଜନ୍ୟ
ବଲାଙ୍ଗିର ବନଖଣ୍ଡ, ବଲାଙ୍ଗିର

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS